ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଫେବୃୟାରୀ ୪/୨୦୨୨ (୮+୮=୧୬ ପୃଷ୍ଠା) | Sambalpur, Friday, February 4/2022 | ★★

୧୮ଶ ଭାଗ ୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-

# ୭ରୁ ଖୋଲିବ ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର, ୩।୨(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ହ୍ରାସକୁ ଦୃଷ୍ଟିରେ ରଖି ସରକାର ଶିକ୍ଷାନୁଷ୍ଠାନରେ ପାଠପଢ଼ା ସ୍ୱାଭାବିକ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୭ତାରିଖରୁ ରାଜ୍ୟରେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ସମସ୍ତ ସରକାରୀ ଓ ଘରୋଇ ସ୍କୁଲ ଖୋଲିବ। ଏଥିସହ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସମେତ ସମସ୍ତ ବୈଷୟିକ ଓ ପ୍ରଫେସନାଲ ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲିବ। ସେହିପରି ୧୪ତାରିଖରୁ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ସ୍କୁଲରେ ପାଠପଢ଼ା ଆରମ୍ଭ ହେବ। ତେବେ ଉଭୟ ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍ ପାଠପଢ଼ା ହେବ। ଏ ନେଇ ଗୁରୁବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଏ ନେଇ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ପକ୍ଷରୁ ମଧ୍ୟ ନିର୍ଦ୍ଦେଶନାମା ଜାରି ହୋଇଛି।

ମୁଖ୍ୟ ଶାସନ ସଚିବ କହିଛନ୍ତି, ଗତ ଏକମାସ ମଧ୍ୟରେ ରାଜ୍ୟରେ କରୋନାର ତୃତୀୟ ଲହର ନିୟନ୍ତ୍ରଣାଧୀନ ଅଛି। କରୋନା ନମୁନା ପରୀକ୍ଷା ଏବଂ ଦୈନିକ ସଂକ୍ରମଣ ହାର କମ୍ ରହିଛି। ଇତିମଧ୍ୟରେ ୧୫ରୁ ୧୮ବର୍ଷ ବୟସର ବହୁସଂଖ୍ୟକ ପିଲାଙ୍କୁ ଟିକା ଦିଆଯାଇଛି। କରୋନା ଯୋଗୁ ଗତ ଦୁଇବର୍ଷରେ ପିଲାଙ୍କ ଶିକ୍ଷା ବହୁ ପରିମାଣରେ ପ୍ରଭାବିତ ହୋଇଥିବାରୁ ବର୍ତ୍ତମାନ କୋଭିଡ୍ ନିୟମ ଅନୁପାଳନ ସହ ଶିକ୍ଷାନୁଷ୍ଠାନ ଖୋଲିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ, କୌଶଳ ବିକାଶ ଏବଂ ବୈଷୟିକ ତାଲିମ୍ ଏବଂ କୃଷି କୃଷକ ସଶକ୍ତୀକରଣ ଆଦି ବିଭାଗ ଅଧୀନ ସମସ୍ତ ଶିକ୍ଷାନୁଷ୍ଠାନ ଖୋଲିବ। ଉଭୟ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍ ମୋଡ୍‌ରେ ☞ ପୃଷ୍ଠା–୪



- ୧୪ରୁ ସ୍କୁଲ ଯିବେ ପ୍ରଥମରୁ ସପ୍ତମ ପିଲା
- ଅଫ୍‌ଲାଇନ୍, ଅନ୍‌ଲାଇନ୍‌ରେ ହେବ ପାଠପଢ଼ା
- ହଷ୍ଟେଲ ଖୋଲିବ, ପରୀକ୍ଷା ହେବ
- କୋଭିଡ୍ ନିୟମ ପାଳନ ନ କଲେ କାର୍ଯ୍ୟାନୁଷ୍ଠାନ

## ସ୍କୁଲ ଖୋଲିବା ପାଇଁ କେନ୍ଦ୍ରର ଗାଇଡ୍‌ଲାଇନ

ନୂଆଦିଲ୍ଲୀ,୩।୨

କୋଭିଡ୍ ସଂକ୍ରମଣ ହ୍ରାସ ପାଉଥିବାରୁ କଡ଼ା କଟକଣା ମଧ୍ୟରେ ସ୍କୁଲ୍ ଖୋଲିବା ଲାଗି କେନ୍ଦ୍ର ସରକାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପ୍ରସ୍ତାବ ଦେଇଛନ୍ତି। ଏଥିପାଇଁ କେନ୍ଦ୍ର ପକ୍ଷରୁ ଗୁରୁବାର ସଂଶୋଧିତ ଗାଇଡ୍‌ଲାଇନ ଜାରି ହୋଇଛି। ସ୍କୁଲ ପରିସରର ଉପଯୁକ୍ତ ପରିଷ୍କାର ଓ ସାନିଟାଇଜ ସୁନିଶ୍ଚିତ କରିବାକୁ ଗାଇଡ୍‌ଲାଇନରେ କୁହାଯାଇଛି। ଶ୍ରେଣୀରେ ପିଲାମାନଙ୍କ ମଧ୍ୟରେ ଅନ୍ୟୂନ ୬ ଫୁଟ ଦୂରତ୍ୱ ବଜାୟ ରଖିବାକୁ ହେବ। ସେହିପରି କର୍ମଚାରୀ ପ୍ରକୋଷ୍ଠ, ଅଫିସ, ସଭାଗୃହ ଓ ସ୍କୁଲରେ ଥିବା ଅନ୍ୟାନ୍ୟ ସାଧାରଣ ସ୍ଥାନରେ ମଧ୍ୟ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ କୁହାଯାଇଛି। ବିଭିନ୍ନ ଶ୍ରେଣୀ ପାଇଁ ପାଠପଢ଼ା ସମୟ କମ୍ କରାଯିବ। ସାମାଜିକ ଦୂରତ୍ୱ ସମ୍ଭବ ନ ଥିଲେ ସ୍କୁଲ୍ କାର୍ଯ୍ୟକ୍ରମ ହେବ ନାହିଁ। ଛାତ୍ରୀଛାତ୍ର ଓ କର୍ମଚାରୀ ମାସ୍କ ପିନ୍ଧିବାକୁ କୁହାଯାଇଛି। ମଧ୍ୟାହ୍ନ ଭୋଜନ ବଣ୍ଟନ ବେଳେ ସାମାଜିକ ଦୂରତ୍ୱ ରକ୍ଷା କରାଯିବ। ନିୟମିତ ବ୍ୟବଧାନରେ ସ୍କୁଲ୍‌କୁ ସାନିଟାଇଜ କରାଯିବ। ସ୍କୁଲ୍ ହଷ୍ଟେଲରେ ବେଡ୍‌ଗୁଡ଼ିକ ମଧ୍ୟରେ ପର୍ଯ୍ୟାପ୍ତ ଦୂରତା ରଖିବାକୁ ☞ ପୃଷ୍ଠା–୪

## ୨ବର୍ଷ ପରେ ପ୍ରାଥମିକ ପିଲା ସ୍କୁଲ ମାଟି ମାଡ଼ିବେ

ଭୁବନେଶ୍ୱର, ୩।୨(ବ୍ୟୁରୋ)

ପ୍ରାୟ ୨ବର୍ଷ ପରେ ବିଦ୍ୟାଳୟ ମାଟି ମାଡ଼ିବେ ପ୍ରାଥମିକ ସ୍କୁଲ ପିଲା। କରୋନା ସଂକ୍ରମଣ ଯୋଗୁ ରାଜ୍ୟରେ ୨୦୨୦ ମାର୍ଚ୍ଚ ୧୫ରୁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ କରିଦିଆଯାଇଥିଲା। ଦ୍ୱିତୀୟ ଲହର ସଂକ୍ରମଣ ହ୍ରାସ ପାଇବା ପରେ ପର୍ଯ୍ୟାୟକ୍ରମେ ଶିକ୍ଷାନୁଷ୍ଠାନ ଖୋଲିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ପ୍ରଥମେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିଥିଲା। ଏହାପରେ ନବମ, ଏକାଦଶ, ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ପିଲାଙ୍କର ସ୍କୁଲ ଖୋଲାଯାଇଥିଲା। ପରେ ପରେ ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲିଥିଲା। ତେବେ ସମସ୍ତ ଶିକ୍ଷାନୁଷ୍ଠାନରେ ଉଭୟ ଅଫ୍‌ଲାଇନ ଓ ଅନ୍‌ଲାଇନ୍ ପାଠପଢ଼ା ଜାରି ରହିଥିଲା। ପ୍ରାଥମିକ ପିଲାଙ୍କ ପାଇଁ ଜାନୁୟାରୀ ୩ରୁ ସ୍କୁଲ ଖୋଲିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। କିନ୍ତୁ କରୋନା ତୃତୀୟ ଲହର ପୁଣି ନିଷ୍ପତ୍ତିକୁ ବଦଳାଇ ଦେଇଥିଲା। ପ୍ରଥମିକ ସ୍କୁଲ ଖୋଲିବା ନିଷ୍ପତ୍ତିକୁ ସ୍ଥଗିତ ରଖିବା ସହିତ ସମସ୍ତ ଶିକ୍ଷାନୁଷ୍ଠାନକୁ ରାଜ୍ୟ ସରକାର ବନ୍ଦ କରିଦେଇଥିଲେ। ତେବେ ବର୍ତ୍ତମାନ କରୋନା ସଂକ୍ରମଣ ହ୍ରାସ ପାଉଥିବାରୁ ☞ ପୃଷ୍ଠା–୪

ଆଜିର ସମ୍ପାଦକୀୟ
ଗଣତନ୍ତ୍ରର ଅଧୋଗତି






# ଶ୍ରେଣୀଗୃହ ପଢ଼ା ଜରୁରୀ

କରୋନା ସଂକ୍ରମଣ ହ୍ରାସକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଶିକ୍ଷାନୁଷ୍ଠାନ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୭ତାରିଖରୁ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ସମେତ କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲିବ। ସେହିପରି ୧୪ ତାରିଖରୁ ପ୍ରଥମରୁ ସପ୍ତମ ଶ୍ରେଣୀ ସ୍କୁଲ ଖୋଲିବ। ଦୀର୍ଘ ଦୁଇବର୍ଷ ପରେ ପ୍ରାଥମିକ ପିଲା ସ୍କୁଲ ଯିବେ। ତେଣୁ ସବୁଠି ସ୍କୁଲ ଖୋଲିବା ନିଷ୍ପତ୍ତିକୁ ସ୍ୱାଗତ କରାଯାଇଛି। ଅନ୍‌ଲାଇନ୍‌ରେ ପାଠ ପଢ଼ା ଯାଉଥିଲେ ମଧ୍ୟ ଶ୍ରେଣୀଗୃହ ପାଠପଢ଼ା ଜରୁରୀ ବୋଲି ଛାତ୍ରୀଛାତ୍ରଙ୍କ ସମେତ ଅଭିଭାବକ ଓ ଶିକ୍ଷାବିତ୍ ମତ ବ୍ୟକ୍ତ କରିଛନ୍ତି। ତେବେ କୋଭିଡ୍ କଟକଣା କଡ଼ାକଡ଼ି ପାଳନ କରାଯିବା ଉଚିତ ବୋଲି ମଧ୍ୟ ମତ ପ୍ରକାଶ ପାଇଛି।



## ଅଫ୍‌ଲାଇନ୍‌ରେ ପରୀକ୍ଷା ହେଉ



ମୋ' ପିଲା ଦୁଇ ଦୁଇବର୍ଷ ହେଲା ସ୍କୁଲ ଯାଇନାହାନ୍ତି। ଅନ୍‌ଲାଇନ୍‌ରେ କ୍ଲାସ୍ ହେଉଥିଲେ ମଧ୍ୟ ଶ୍ରେଣୀଗୃହ ପାଠପଢ଼ାର ଆବଶ୍ୟକତା ରହିଛି। ତେଣୁ ସରକାରଙ୍କ ସ୍କୁଲ ଖୋଲିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ତେବେ ସ୍କୁଲ କର୍ତ୍ତୃପକ୍ଷ କୋଭିଡ୍ ଗାଇଡ୍‌ଲାଇନ କଡ଼ାକଡ଼ି ଭାବେ ପାଳନ କରିବା ଉଚିତ। ପରୀକ୍ଷା ବି ଅଫ୍‌ଲାଇନ୍‌ରେ କରାଯିବା ଆବଶ୍ୟକ।

– ବେବିରାଣୀ ସାହୁ, ଅଭିଭାବକ, ଭୁବନେଶ୍ୱର

## ଅନ୍‌ଲାଇନ୍ ପାଠପଢ଼ାରୁ ମୁକ୍ତ ହେବେ ପିଲା



ସ୍କୁଲ ବନ୍ଦ ଯୋଗୁ ପ୍ରାୟ ଦୁଇବର୍ଷ ହେବ ପିଲା ଅନ୍‌ଲାଇନ୍‌ରେ କ୍ଲାସ୍ କରୁଛନ୍ତି। ନିଜ କାମ ସହ ପିଲାଙ୍କ ପାଖେ ବସି ଅନ୍‌ଲାଇନ୍ ପାଠପଢ଼ାରେ ସାହାଯ୍ୟ କରିବା କଷ୍ଟକର। ତା' ଛଡ଼ା ଏତେ କମ୍ ବୟସରୁ ପିଲାଙ୍କୁ ମୋବାଇଲ ଫୋନ୍ ସହ ଅଭ୍ୟସ୍ତ କରାଇବା ଆଦୌ ଉଚିତ୍ ନୁହେଁ। ତେଣୁ ସରକାର କରୋନା କଟକଣା ସହ ସ୍କୁଲ ଖୋଲିବା ପାଇଁ ନିଷ୍ପତ୍ତି ନେବା ଠିକ୍।

– ଲିପିକା ଦାସ, ଅଭିଭାବକ, ଭୁବନେଶ୍ୱର

## ଶ୍ରେଣୀଗୃହ ପାଠପଢ଼ା ଜରୁରୀ



କରୋନା ପାଇଁ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ିବାକୁ ଲାଗିଲାଣି। ବିଶେଷକରି ଛୋଟ ପିଲାମାନେ ଏଥିରେ ଅଧିକ ପ୍ରଭାବିତ ହୋଇଛନ୍ତି। ଅନ୍‌ଲାଇନ୍‌ରେ ପାଠ ପଢ଼ାଯାଉଥିଲେ ମଧ ଶ୍ରେଣୀଗୃହ ପାଠପଢ଼ା ଛୋଟ ପିଲାଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକ। କରୋନା ସଂକ୍ରମଣ ଧିରେ ଧିରେ କମିବାରେ ଲାଗିଛି। ଏହି ସମୟରେ ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତି ଠିକ୍ ଅଟେ।

– ଶଶିକଳା ସାହୁ, ଅଭିଭାବକ, ଭୁବନେଶ୍ୱର

## କୋଭିଡ୍ କଟକଣା କଡ଼ାକଡ଼ି ପାଳନ ହେବା ଉଚିତ



ଛୋଟ ପିଲାମାନେ ଅନଲାଇନରେ ପାଠ ପଢ଼ିଲେ ବି ଠିକ୍ ଭାବେ ବିଷୟଗୁଡ଼ିକୁ ବୁଝି ପାରୁନାହାନ୍ତି। କରୋନା ମହାମାରୀ ଯୋଗୁ ଦୀର୍ଘ ୨ବର୍ଷ ହେବ ସ୍କୁଲ, କଲେଜ ଠିକ୍ ଭାବେ ଖୋଲିପାରୁନି। ବିଷେଷତଃ ଛୋଟ ପିଲାଙ୍କ ଉପରେ ଏହାର ଅଧିକ ପ୍ରଭାବ ରହୁଛି। ତେଣୁ ସ୍କୁଲ ଓ କଲେଜ ଖୋଲାଯିବା ନିଷ୍ପତ୍ତି ନିହାତି ସ୍ୱାଗତଯୋଗ୍ୟ। କିନ୍ତୁ କୋଭିଡ କଟକଣା ଠିକ୍‌ରେ ପାଳନ ହେଉଛି କି ନାହିଁ ତାହାର ତଦାରଖ କରିବା ଦରକାର।

– ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକ, ଅଭିଭାବକ, ଭୁବନେଶ୍ୱର

## ପିଲାମାନେ ଏବେ ଅଧିକ ସୁବିଧା ପାଇବେ



ଅଧିକାଂଶ ସମୟରେ ଅନ୍‌ଲାଇନ କ୍ଲାସ୍ ବେଳେ ନେଟ୍‌ୱର୍କ ସମସ୍ୟା ରହୁଥିଲା। ସମସ୍ତ ଅଭିଭାବକ ଆର୍ଥିକ ସ୍ୱଚ୍ଛଳ ନୁହନ୍ତି। ତେଣୁ ସେମାନେ ତାଙ୍କ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ଉନ୍ନତଧରଣର ମୋବାଇଲ ଫୋନ୍ ଯୋଗାଇବାରେ ଅସମର୍ଥ ହେଉଥିଲେ। ସେହିପରି ପିଲାମାନେ ପାଠ ପଢ଼ିବା ସମୟରେ ବୁଝିପାରୁ ନ ଥିବା ପାଠଗୁଡିକ ବିଷୟରେ ଶିକ୍ଷକଙ୍କ ସହ ଠିକ୍ ଭାବେ ଆଲୋଚନା କରିପାରୁ ନ ଥିଲେ। ଏବେ ସ୍କୁଲ ଖୋଲିବା ପରେ ପିଲାମାନେ ଅଧିକ ସୁବିଧା ପାଇବା ସହ ଭଲ ପାଠ ପଢ଼ିପାରିବେ।

– ପୁଷ୍ପାରାଣୀ ଜେନା, ଅଭିଭାବକ, ପୁରୀ

## ସ୍କୁଲ ପରିବେଶକୁ ମିସ୍ କରୁଥିଲି



ଅନେକ ଦିନ ପରେ ପୁଣି ସ୍କୁଲ ଖୋଲୁଥିବାରୁ ଖୁସି ଲାଗୁଛି। ସ୍କୁଲ ବନ୍ଦ ହେବା ଯୋଗୁ ଘରେ ରହି ଅନ୍‌ଲାଇନରେ କ୍ଲାସ୍ କରିବାକୁ ପଡୁଥିଲା। ସ୍କୁଲର ପରିବେଶକୁ ମିସ୍ କରୁଥିଲୁ। ସାଙ୍ଗସାଥୀଙ୍କ ସହ ମିଶି ପାରୁ ନ ଥିଲୁ। ତେବେ ସ୍କୁଲ ଖୋଲିବା ଦ୍ୱାରା ପୁଣି ଶ୍ରେଣୀଗୃହରେ ବସି ସାଙ୍ଗସାଥୀଙ୍କ ସହ ପାଠ ପଢ଼ିପାରିବୁ। ଶିକ୍ଷକଙ୍କ ସହ ପଢ଼ା ବିଷୟରେ ଆଲୋଚନା କରିବା ସହ ସଂଶୟଗୁଡ଼ିକ ସମାଧାନ କରିପାରିବୁ।

– ପ୍ରଭାସ କୁମାର ଜେନା, ନବମ ଶ୍ରେଣୀ ଛାତ୍ର, କେନ୍ଦ୍ରୀୟ ବିଦ୍ୟାଳୟ, ପୁରୀ

## କୋଭିଡ୍ କଟକଣା ମାନିବାକୁ ହେବ



ସ୍କୁଲ ଓ କଲେଜ ଖୋଲିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ ପଦକ୍ଷେପ। ସ୍କୁଲ ବନ୍ଦ ଥିବାରୁ ଛାତ୍ରୀଛାତ୍ର ଘରେ ରହି ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ହୋଇଥିଲେ। ଦରବୃଦ୍ଧି କାରଣରୁ ଅନ୍‌ଲାଇନ୍ ପାଠପଢା ସମସ୍ତଙ୍କ ପକ୍ଷେ ସମ୍ଭବ ହେଉ ନ ଥିଲା। ଏଥିପାଇଁ ସ୍କୁଲ ଓ କଲେଜ ଖୋଲିବା ଜରୁରୀ ଆବଶ୍ୟକ ଥିଲା। ତେବେ କୋଭିଡ୍ କଟକଣା ପ୍ରତି ଶିକ୍ଷୟିତ୍ରୀ,ଶିକ୍ଷକ ଓ ଛାତ୍ରୀଛାତ୍ର ସତର୍କ ରହିବାକୁ ପଡିବ।

– ପ୍ରଲ୍ୟୁମ୍ନ ଜେନା, ଅଭିଭାବକ ଯାଜପୁର ରୋଡ୍

## ସ୍ୱାଗତଯୋଗ୍ୟ ପଦକ୍ଷେପ



ଅନ୍‌ଲାଇନ ପାଠପଢାରେ କୌଣସି ବିଷୟରେ ସଂଶୟ ରହିଲେ ଠିକ୍ ଭାବେ ବୁଝି ହେଉ ନ ଥିଲା। ଏହାସହ ଦୀର୍ଘଦିନ ଧରି ସାଙ୍ଗସାଥୀଙ୍କ ସହ ମିଳାମିଶା ହୋଇପାରୁ ନ ଥିଲା। ସ୍କୁଲ ଓ କଲେଜ ଖୋଲିଲେ ପାଠ ପଢାରେ ଉନ୍ନତି ହେବା ସହ ସମସ୍ତ ବିଷୟରେ ଠିକ୍ ଭାବେ ବୁଝିହେବ। ସରକାରଙ୍କ ସ୍କୁଲ କଲେଜ ଖୋଲିବା ନିଷ୍ପତ୍ତି ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ। କରୋନା କଟକଣାକୁ ସମସ୍ତେ ମାନିଲେ କୌଣସି ସମସ୍ୟା ହେବ ନାହିଁ।

– ପ୍ରାର୍ଥ୍ୟା ସାମଲ, ଯୁକ୍ତ ଦୁଇ ବିଜ୍ଞାନ ଛାତ୍ରୀ

## ଶ୍ରେଣୀଗୃହରେ ପଢ଼ିବାକୁ ପିଲାଙ୍କ ଆଗ୍ରହ ବଢ଼ିଛି



ସ୍କୁଲ ଓ କଲେଜ ଖୋଲିବା ନେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ୭ ତାରିଖରୁ ଅଷ୍ଟମ ଶ୍ରେଣୀ ଉପରକୁ ପିଲାମାନେ ଶ୍ରେଣୀଗୃହରେ ପାଠ ପଢ଼ିବେ। ସେହିପରି ଦୁଇ ବର୍ଷ ପରେ ୧୪ ତାରିଖରୁ କେଜିରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଠପଢ଼ା ହେବ। ଶିକ୍ଷା ହେଉଛି ସଫଳତାର ମାପକାଠି। ମିଳିମିଶି ପାଠ ପଢ଼ିବା ପାଇଁ ପିଲାମାନେ ଆଗ୍ରହ ପ୍ରକାଶ କରିଥାନ୍ତି। ଶ୍ରେଣୀ ପାଠପଢ଼ା ପିଲାଙ୍କ ଉପରେ ପ୍ରଭାବ ପକାଇଥାଏ। ତେବେ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ପାଠପଢ଼ା ହେବା ଆବଶ୍ୟକ।

– ଜ୍ଞାନରଞ୍ଜନ ଦାସ, ବୁଦ୍ଧିଜୀବୀ, ଖୋର୍ଦ୍ଧା

## ସ୍କୁଲ ଖୋଲିବା ନିଷ୍ପତ୍ତି ଉଚିତ ପଦକ୍ଷେପ



କରୋନା ଯୋଗୁ ଗତ ଦୁଇ ବର୍ଷ ହେବ ପ୍ରାଥମିକସ୍ତରୀୟ ପାଠପଢ଼ା ବନ୍ଦ ରହିଛି। ପିଲାଙ୍କ ପାଠପଢ଼ାରେ ଡୋରି ବାନ୍ଧି ହୋଇଛି। ଅନ୍‌ଲାଇନ ପାଠପଢ଼ା ପିଲାଙ୍କ ଭବିଷ୍ୟତ ଗଢ଼ିପାରିବ ନାହିଁ। ନେଟ୍‌ୱର୍କ ସମସ୍ୟା ଯୋଗୁ ଗ୍ରାମାଞ୍ଚଳ ପିଲା ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ସ୍କୁଲ ଖୋଲିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଏହା ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ମନରେ ହସ ଫୁଟାଇଛି।

– ଆଶିଷ ବିଭୁରେନ୍ଦ୍ର ଛୋଟରାୟ, ସାମାଜିକ କର୍ମୀ, ଖୋର୍ଦ୍ଧା

## ମାସ୍କ ପରିଧାନ, ସାମାଜିକ ଦୂରତ୍ୱକୁ ଗୁରୁତ୍ୱ



ସ୍କୁଲ ଖୋଲିବା ପାଇଁ ସରକାର ଘୋଷଣା କରିଛନ୍ତି। ପୂର୍ବରୁ ମଧ୍ୟ ୮ମରୁ ୧୦ଶ୍ରେଣୀ ପିଲାଙ୍କ ପାଠପଢ଼ା କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ହେଉଥିଲା। କିନ୍ତୁ ରାଜ୍ୟର ବହୁ ସ୍କୁଲରେ ଛାତ୍ରୀଛାତ୍ର କରୋନାରେ ସଂକ୍ରମିତ ହେଉଥିଲେ। ତେଣୁ ଏବେ ସ୍କୁଲ ଖୋଲିଲେ ମାସ୍କ ପରିଧାନ, ପ୍ରବେଶ ପଥରେ ସାନିଟାଇଜ କରାଯିବା ସହ କ୍ଲାସରୁମ୍‌ରେ ପିଲାଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ପ୍ରତି ଗୁରୁତ୍ୱ ଦିଆଯିବା ଜରୁରୀ।

– ଲିଙ୍ଗରାଜ ମହାନ୍ତି, ପ୍ରଧାନାଚାର୍ଯ୍ୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଖୋର୍ଦ୍ଧା

## ସ୍କୁଲ ଯିବା ପାଇଁ ଆଗ୍ରହ ବଢ଼ିଛି



କୋଭିଡ୍ ଭୟ କାରଣରୁ ଦୀର୍ଘଦିନ ହେବ ମୁଁ ସ୍କୁଲ ଯାଇନାହିଁ। ଶ୍ରେଣୀଗୃହରେ ବସି ପାଠପଢ଼ା, ସାଙ୍ଗସାଥିଙ୍କ ସହ ଭାବ ଆଦାନ ପ୍ରଦାନ ଏବଂ ସ୍କୁଲ ଖେଳପଡ଼ିଆରେ ସାଙ୍ଗସାଥିଙ୍କ ସହ ଖେଳକୁଦ ବହୁତ ମନେପଡୁଛି। ଅନ୍‌ଲାଇନ କ୍ଲାସ ଏବଂ ପରୀକ୍ଷା କାରଣରୁ ସହପାଠୀଙ୍କ ମଧ୍ୟରେ ପୂର୍ବପରି ପ୍ରତିସ୍ପର୍ଦ୍ଧା ରହୁନାହିଁ। ତେବେ ଏବେ ସଂକ୍ରମଣ କମୁଥିବାରୁ ସ୍କୁଲ ଯିବା ପ୍ରତି ଆଗ୍ରହ ବଢ଼ିଲାଣି।

– ପ୍ରୀତିରଞ୍ଜନ ମହନ୍ତ, ଛାତ୍ର, କଟକ

## ଅନ୍‌ଲାଇନ ପାଠପଢ଼ା ଅଧିକ ଫଳପ୍ରଦ ନୁହେଁ



ଅନ୍‌ଲାଇନ ପାଠପଢ଼ା ଅଧିକ ଫଳପ୍ରଦ ନୁହେଁ। ହେଲେ କୋଭିଡ୍ ଭୟ ରହୁଥିବାରୁ ପିଲାଙ୍କୁ ସ୍କୁଲ ଛାଡ଼ିବାକୁ ଡର ଲାଗୁଛି। ମଝିରେ କିଛି ସମୟ ପାଇଁ ସ୍କୁଲ ଖୋଲିଥିଲେ ହେଁ ମୁଁ ମୋ ପିଲାଙ୍କୁ ଶ୍ରେଣୀଗୃହ ପାଠପଢା ପାଇଁ ଛାଡ଼ି ନ ଥିଲି। କାରଣ ସଂକ୍ରମଣ ଭୟ କମି ନ ଥିଲା। ହେଲେ ଏବେ ପରିସ୍ଥିତିରେ ସୁଧାର ଆସିଛି। ପିଲାଙ୍କୁ ସ୍କୁଲ ଛାଡ଼ିଲେ ହି ତାଙ୍କ ଶିକ୍ଷା କ୍ଷେତ୍ରରରେ ଉନ୍ନତି ହୋଇପାରିବ।

– ସଙ୍ଗୀତା ସାହୁ, ଅବିଭାବକ, କଟକ

## ଛାତ୍ରୀଛାତ୍ର ଉପକୃତ ହେବେ



ପିଲାମାନେ ଅନ୍‌ଲାଇନରେ ପଢୁଥିବାରୁ ସେମାନଙ୍କ ପାଠପଢ଼ା ସମ୍ପର୍କିତ ଶଙ୍କା ଦୂର ହୋଇ ପାରୁ ନ ଥିଲା। ଶ୍ରେଣୀଗୃହ ପାଠପଢ଼ାରେ ତାହା ଦୂର ହୋଇପାରିବ। ସ୍କୁଲ ଖୋଲାଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଏବଂ ଶିକ୍ଷା ବ୍ୟବସ୍ଥା ପୁଣି ପୂର୍ବଭଳି ଚଳଚଞ୍ଚଳ ହୋଇପାରିବ। ପୁନଃ ଶ୍ରେଣୀଗୃହ ପାଠପଢ଼ାରେ ଛାତ୍ରୀଛାତ୍ର ଉପକୃତ ହେବେ।

– ଗୋପବନ୍ଧୁ ପୁରୋହିତ, ଶିକ୍ଷକ, ବରଗଡ଼

## ଶ୍ରେଣୀଗୃହ ଶିକ୍ଷାଦାନ ଉପାଦେୟ ହେବ



ସ୍କୁଲ ଖୋଲିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଅନ୍‌ଲାଇନ ପାଠ୍ୟକ୍ରମ ଅପେକ୍ଷା ଶ୍ରେଣୀଗୃହ ଶିକ୍ଷାଦାନ ଅଧିକ ଉପାଦେୟ। ଏହାଦ୍ୱାରା ଦୈନିକ ଶିକ୍ଷକ ଓ ସହପାଠୀଙ୍କ ସହ ଦେଖାହୋଇପାରିବ। ପାଠ୍ୟକ୍ରମ ଉପରେ ସେମାନଙ୍କ ସହ ଆଲୋଚନା କରି ମନରେ ଥିବା ଦ୍ୱନ୍ଦ୍ୱ ଦୂର କରିପାରିବୁ। ସରକାରଙ୍କ ଏହି ନିର୍ଦ୍ଦେଶ ଶୁଣିବା ପରେ ବେଶ୍ ଖୁସି ଲାଗୁଛି।

– ଅଦିତି ପଟ୍ଟନାୟକ, ପଞ୍ଚମ ଶ୍ରେଣୀ ଛାତ୍ରୀ, ସମ୍ବଲପୁର

## ପିଲାମାନେ ଅବସାଦରୁ ମୁକ୍ତ ହେବେ



ଅନ୍‌ଲାଇନ ପାଠପଢ଼ା ଶ୍ରେଣୀଗୃହ ପାଠପଢ଼ାର ବିକଳ୍ପ ନୁହେଁ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଖୋଲିବା ଆବଶ୍ୟକ। ଦୁଇ ବର୍ଷ ହେବ ବହୁ ଛାତ୍ରୀଛାତ୍ର ଅବସାଦରେ ରହିଛନ୍ତି। ଅନ୍‌ଲାଇନରେ ପଢ଼ିବା ଦ୍ୱାରା ଅନେକ ଛୋଟ ପିଲାଙ୍କଠାରେ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ନେଟୱର୍କ ସମସ୍ୟା ମଧ୍ୟ ସୁଧୁରି ପାରିନାହିଁ। ତେଣୁ ସବୁଦୃଷ୍ଟିରୁ ଏହି ନିଷ୍ପତ୍ତି ଭଲ ଅଟେ।

– ମାଳତୀ ଦାଶ, ଶିକ୍ଷୟିତ୍ରୀ, ଭଦ୍ରକ

## କୋଭିଡ୍ ଗାଇଡ୍‌ଲାଇନକୁ ଗୁରୁତ୍ୱ ଦିଆଯାଉ



ଅଷ୍ଟମ ଶ୍ରେଣୀରୁ ଉପର ସମସ୍ତ ଶ୍ରେଣୀ ଖୋଲିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଏହାଦ୍ୱାରା ପିଲାଙ୍କର ସ୍କୁଲ ଶିକ୍ଷା ପୁଣି ଥରେ ଆଗକୁ ବଢ଼ିବ। ସ୍କୁଲ ପରିବେଶକୁ ଯାଇ ପିଲାମାନେ ଚାପମୁକ୍ତ ଅନୁଭବ କରିବେ। ମୋ' ଝିଅ ଅଷ୍ଟମ ଶ୍ରେଣୀରେ ପଢୁଛି। ସ୍କୁଲ ଖୋଲିବା ନିଷ୍ପତ୍ତି ଶୁଣିବା ପରେ ଖୁସି ଅଛି। ଜଣେ ଅଭିଭାବକ ଭାବେ ସରକାରଙ୍କୁ ମୋର ପ୍ରସ୍ତାବ ଯେ, କରୋନା ଭୟ ସମ୍ପୂର୍ଣ୍ଣ ଦୂରୀଭୂତ ହୋଇ ନ ଥିବାରୁ ସ୍କୁଲରେ କୋଭିଡ ଗାଇଡଲାଇନ୍‌କୁ କଡାକଡି ପାଳନ କରାଯାଉ।

– ଦିଲୀପ କୁମାର ସାହୁ, ଅଭିଭାବକ, ବଲାଙ୍ଗୀର

# ଗଣଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଘେରାଉ

## ଯୁକ୍ତ ୨ ବୋର୍ଡ ପରୀକ୍ଷା ବାତିଲ ଦାବି କଲା ଛାତ୍ର କଂଗ୍ରେସ

ଭୁବନେଶ୍ୱର,୩।୨(ବ୍ୟୁରୋ)




ଯୁକ୍ତ୨ ବୋର୍ଡ ପରୀକ୍ଷା ବାତିଲ ଓ ପୂର୍ବ ପରୀକ୍ଷା ମାର୍କ ଆଧାରରେ ଫଳ ପ୍ରକାଶ କରିବା ପାଇଁ ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ଦାବି କରିଛି। ଏହି ଦାବି ନେଇ ଛାତ୍ର କଂଗ୍ରେସ ପକ୍ଷରୁ ଗୁରୁବାର ମାଷ୍ଟରକ୍ୟାଣ୍ଟିନ ଛକଠାରେ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ୟୁନିଟ-୧ସ୍ଥିତ ଗଣଶିକ୍ଷା ମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ କରାଯାଇଛି।

ମଧ୍ୟାହ୍ନରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ଆହ୍ୱାନ କ୍ରମେ ଏବଂ ମୁଖ୍ୟ ମୁଖପାତ୍ର ବିଶ୍ୱଭୂଷଣ ମହାପାତ୍ରଙ୍କ ସମେତ ମନୋରଞ୍ଜନ ନାୟକ, ରାଜଲକ୍ଷ୍ମୀ ସାହୁ, ବାସୁଦେବ ନାଥଶର୍ମା, ଅର୍ପଣ ସେଠୀ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଛାତ୍ର କଂଗ୍ରେସ କର୍ମୀ ମାଷ୍ଟରକ୍ୟାଣ୍ଟିନ ଛକଠାରେ ଏକତ୍ରିତ ହୋଇଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ଶୋଭାଯାତ୍ରାରେ ବାହାରି ୟୁନିଟ-୧ସ୍ଥିତ ଗଣଶିକ୍ଷା ମନ୍ତ୍ରୀଙ୍କ ସରକାରୀ ବାସଭବନ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯାଇଥିଲା। ଏଥିସହ ଏକ ପ୍ରତିନିଧି ମଣ୍ଡଳୀ ଯାଇ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ଏହି ଶୋଭାଯାତ୍ରାରେ ବିଭୂତି ଭୂଷଣ ମହାପାତ୍ର, ଅଖିଲେଶ ଯାଦବ, ଅଭିରାମ ଗୌଡ, ରଞ୍ଜିତ ସେନାପତି, ଅମିତ ନାୟକ, ଶାହାନୱାଜ ମଲ୍ଲିକ, ପ୍ରକାଶ ମିଶ୍ର, ଶାହାରୁଖ ଖାନ ପ୍ରମୁଖ ସାମିଲ ଥିଲେ। ବିଶ୍ୱଭୂଷଣ କହିଛନ୍ତି, ଶିକ୍ଷା ଆମର ମୌଳିକ ଅଧିକାର ହୋଇଥିବାବେଳେ ରାଜ୍ୟ ସରକାରଙ୍କ ଶିକ୍ଷା ଭିତ୍ତିଭୂମି ବିକାଶରେ ଅଭାବ ରହିଛି। ଅନେକ ଗାଁ ଗହଳିରେ ନେଟଓ୍ୱର୍କ ଓ ଇଣ୍ଟରନେଟ୍ ସୁବିଧା ନାହିଁ। ସେଠାରେ ପିଲାମାନେ କିପରି ଅନ୍‌ଲାଇନ୍‌ରେ ପାଠ ପଢିବେ। ସେହିପରି ପିଲାମାନେ ଯେଉଁ ମୋବାଇଲ ଫୋନ୍‌ରେ ପାଠ ପଢିବେ ତାହା କିଣିବା ପାଇଁ ପଇସା କେଉଁଠୁ ଆଣିବେ। ଏପର୍ଯ୍ୟନ୍ତ ୩୦ ପ୍ରତିଶତ ପାଠ୍ୟକ୍ରମ ସରିନାହିଁ। ଏଭଳି ସ୍ଥିତିରେ ଛାତ୍ରୀଛାତ୍ରମାନେ କିପରି ପରୀକ୍ଷା ଦେବେ ବୋଲି ବିଶ୍ୱଭୂଷଣ ପ୍ରଶ୍ନ କରିଛନ୍ତି। ତେଣୁ ପୂର୍ବରୁ ହୋଇଥିବା ୩ଟି କ୍ୱାର୍ଟର ଏଣ୍ଡ ପରୀକ୍ଷାର ମୂଲ୍ୟାଙ୍କନ କରାଯାଇ ବୋର୍ଡ ପରୀକ୍ଷାଫଳ ପ୍ରକାଶ କରିବା ପାଇଁ ଛାତ୍ର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି।

# କିଣ୍ଡୋଙ୍କ ବିରୋଧରେ ଲୁକ୍ ଆଉଟ୍ ସର୍କୁଲାର

ଭୁବନେଶ୍ୱର,୩।୨(ବ୍ୟୁରୋ)

**୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ଘଟଣା**

- ଧରିବାକୁ 'ବିଓଆଇ'ର ସହାୟତା ନେଲା ଇଓଡବ୍ଲ୍ୟୁ
- ବିମାନବନ୍ଦର, ସମୁଦ୍ରକୂଳ, ଚେକ୍ ପୋଷ୍ଟରେ ଆଲର୍ଟ
- ଜାରି ହେଲା ନମ୍ବର, ସୂଚନା ଦେଲେ ମିଳିବ ପୁରସ୍କାର

ଜାଲ୍ କାଗଜପତ୍ର ଦେଇ ବିଭିନ୍ନ ସଂସ୍ଥାରୁ ୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ ମୁଖ୍ୟ ଅଭିଯୁକ୍ତ ଦୀପକ କିଣ୍ଡୋ ଫେରାର ଅଛନ୍ତି। ସେ ଦେଶ ଛାଡ଼ି ପଳାଇଯିବାର ଆଶଙ୍କା ଥିବାରୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) କେନ୍ଦ୍ର ସରକାରଙ୍କ ଆପ୍ରବାସନ ବ୍ୟୁରୋ (ବିଓଆଇ)ର ସହାୟତା ଲୋଡ଼ିଛି। ଇଓଡବ୍ଲ୍ୟୁର ଅନୁରୋଧକ୍ରମେ 'ବିଓଆଇ' ପକ୍ଷରୁ ଦେଶର ସମସ୍ତ ଏୟାରପୋର୍ଟ ଏବଂ ସି ବିଚ୍ ସମେତ ଅନ୍ୟାନ୍ୟ ଚେକ୍ ପୋଷ୍ଟରେ ଆଲର୍ଟ କରିଦିଆଯାଇଛି। ଏଥିସହ ୱାଣ୍ଟେଡ୍ ଦୀପକଙ୍କ ଉପରେ ନଜର ରଖିବାକୁ ଲ' ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ଏବଂ ପୋଲିସକୁ ମଧ କୁହାଯାଇଛି। ଅନ୍ୟପକ୍ଷରେ ଦୀପକଙ୍କ ସମ୍ପର୍କରେ ସୂଚନା ଦେବାକୁ ଜନସାଧାରଣଙ୍କ ପାଇଁ ଇଓଡବ୍ଲ୍ୟୁ ପକ୍ଷରୁ ଏକ ମୋବାଇଲ ନମ୍ବର (୯୪୩୭୪୪୮୭୦) ଜାରି କରାଯାଇଛି। ଯିଏ ଦୀପକଙ୍କ ସମ୍ପର୍କରେ ସୂଚନା ଦେବେ, ତାଙ୍କୁ ଉପଯୁକ୍ତ ପୁରସ୍କାର ଦିଆଯିବା ସହ ସୂଚନାଦାତାଙ୍କ ନାମ ଓ ଠିକଣା ଗୋପନ ରଖାଯିବ ବୋଲି ଇଓଡବ୍ଲ୍ୟୁ ପକ୍ଷରୁ ଗୁରୁବାର ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଏହି ମାମଲାରେ ଦୀପକଙ୍କ ସ୍ତ୍ରୀ ତଥା ଦିବ୍ୟା ଡାଏରି ଆଗ୍ରୋ ପ୍ରୋସେସର ପ୍ରାଇଭେଟ ଲିମିଟେଡ୍‌ର ଏମ୍‌ଡି ଅମ୍ରିତା କିଣ୍ଡୋଙ୍କୁ ଇଓଡବ୍ଲ୍ୟୁ ଗତ ସୋମବାର ଗିରଫ କରି ଜେଲ୍ ପଠାଇଛି।



ଦୀପକ କିଣ୍ଡୋ

ସୂଚନା ଅନୁଯାୟୀ, ଦୀପକ ସମ୍ବନ୍ଧ ଫିନ୍‌ସର୍ଭ ପ୍ରାଇଭେଟ ଲିମିଟେଡ୍ ସଂସ୍ଥା ଦ୍ୱାରା ୨୦୧୫ରୁ ୨୦୨୦ ମଧ୍ୟରେ ବିଭିନ୍ନ ସଂସ୍ଥାଠାରୁ ଋଣ ଆଣି ୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ନିଜେ ଚଳୁ କରିଛନ୍ତି। ଏହି ସମୟ ମଧ୍ୟରେ ସମ୍ବନ୍ଧ ଫିନ୍‌ସର୍ଭର ସହବନ୍ଧିତ ସଂସ୍ଥା ଏଗ୍ରୋ ପ୍ରୋସେସର ପ୍ରାଇଭେଟ ଲିମିଟେଡ୍ ବ୍ୟାଙ୍କ ଆକାଉଣ୍ଟକୁ କୋଟି କୋଟି ଟଙ୍କା ଟ୍ରାନ୍ସଫର ମଧ କରାଯାଇଛି। ସମ୍ବନ୍ଧ ଫିନ୍‌ସର୍ଭ ପ୍ରାଇଭେଟ ଲିମିଟେଡ୍ ଦ୍ୱାରା ଦୀପକ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀକୁ ଋଣ ଦେବାକୁ କହି ଖଣ୍ଡଗିରିସ୍ଥିତ ଅନ୍ନପୂର୍ଣ୍ଣା ଫାଇନାନ୍ସ ପ୍ରାଇଭେଟ ଲିମିଟେଡ୍‌ରୁ ୨୦୨୦ ଡିସେମ୍ବରରେ ଜାଲ୍ କାଗଜପତ୍ର ଦେଇ ୫କୋଟି ଟଙ୍କା ନେଇ ଠକିଥିଲେ। ଦୀପକଙ୍କ ଠକେଇ ସଂକ୍ରାନ୍ତରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଅନ୍ନପୂର୍ଣ୍ଣା ଫାଇନାନ୍ସ କର୍ତ୍ତୃପକ୍ଷ ତାଙ୍କୁ ଟଙ୍କା ଫେରାଇବାକୁ କହିବାରୁ ସେ ୫୦ ଲକ୍ଷ ଟଙ୍କା ଫେରାଇ ଆଉ ଧରାଛୁଆଁ ଦେଇ ନ ଥିଲେ। ଏନେଇ ଅନ୍ନପୂର୍ଣ୍ଣା ଫାଇନାନ୍ସର ଅଭିଯୋଗକୁ ଆଧାର କରି ଇଓଡବ୍ଲ୍ୟୁ ଆଇପିସି ଦଫା ୪୦୬, ୪୨୦, ୪୬୭,୪୬୮, ୪୭୧ ଏବଂ ୧୨୦(ବି)ରେ ଏକ ମାମଲା (ନଂ.୧୭/୩୧।୧୨।୨୦୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ବେକରେ ରଶିଦେଇ ମହିଳାଙ୍କ ଆତ୍ମହତ୍ୟା

ଖପ୍ରାଖୋଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଗମ୍ଭାରୀ ଗାଁରେ ଜଣେ ମହିଳା ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଛନ୍ତି। ମୃତା ହେଲେ ଗମ୍ଭାରୀ ଗାଁର ଗୁରୁବାରୁ ମାହାରଙ୍କ ସ୍ତ୍ରୀ ରୁଦୁନା(୫୫)। ନିଜ ଘରେ ଝୁଲନ୍ତା ଅବସ୍ଥାରେ ଥିବା ତାଙ୍କ ମୃତଦେହକୁ ପୋଲିସ ଗୁରୁବାର ଜବତ କରିଥିଲା । ଏ ନେଇ ଖପ୍ରାଖୋଲ ଥାନାରେ ଏକ ଅପମୃତ୍ୟୁ ମାମଲା (୧/୨୨)ରୁଜୁ କରିଛି। ଖପ୍ରାଖୋଲରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଏସ ଆଇ ଜୟଶଙ୍କର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ମହିଳା ଜଣକ ମାନସିକ ବିକାରଗ୍ରସ୍ତ ଥିବା ପରିବାର ଲୋକଙ୍କ ସୂତ୍ରରୁ ଉଦ୍ଧାର କରି ପୋଲିସ ସୂଚନା ଦେଇଛି।

## ସଂକ୍ଷେପରେ

### ବିଜେଡିରେ ମିଶିଲେ ୨ ପୂର୍ବତନ ସରପଞ୍ଚ

ନୂଆପଡ଼ା ଅଫିସ,୩।୨: ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଘୋଷଣା ହେବା ଦିନଠାରୁ ନୂଆପଡା ଜିଲାରେ ଦଳ ଡିଆଁପର୍ବ ଆରମ୍ଭ ହୋଇଯାଇଛି। ଏହିକ୍ରମରେ ନୂଆପଡା ଜିଲା ପରିଷଦ ୮ ନଂ. ଜୋନ ଅଧୀନ ସାଲିହା ଓ ଆମସେନା ପଞ୍ଚାୟତର ୨ଜଣ ପୁରୁଣା କଂଗ୍ରେସ ନେତା ବିଜୁ ଜନତା ଦଳରେ ଯୋଗଦେଇଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଗୁରୁବାର ସକାଳେ ଖରିଆର ରୋଡସ୍ଥିତ ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ବାସଭବନକୁ ଆସି ବିଧାୟକଙ୍କ ଉପସ୍ଥିତିରେ ସାଲିହା ପଞ୍ଚାୟତ ପୂର୍ବତନ ସରପଞ୍ଚ ଦମନ ମାଝି ଓ ଆମସେନା ପଞ୍ଚାୟତ ପୂର୍ବତନ ସରପଞ୍ଚ ଛବି ହରିଜନ କଂଗ୍ରେସ ଛାଡି ବିଜୁ ଜନତା ଦଳରେ ଯୋଗଦେଇଛନ୍ତି। ନୂଆପଡା ବିଧାୟକଙ୍କ ସେବା ମନୋଭାବ ଓ ନବୀନ ବାବୁଙ୍କ ସ୍ୱଚ୍ଛ ଶାସନରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଇ ଥିବା ଉଭୟ କହିଛନ୍ତି। ବିଧାୟକଙ୍କ ସମେତ କାଞ୍ଚନବେନ ରସିକଲାଲ ଢୋଲକିଆ ଟ୍ରଷ୍ଟର ଅଧ୍ୟକ୍ଷ ଜୟ ଢୋଲକିଆ, ଭାନୁପ୍ରତାପ ସିଂମାଝି ପ୍ରମୁଖ ସହିତ ଅନ୍ୟ କର୍ମୀ ଉପସ୍ଥିତ ଥିଲେ।

### ଗଞ୍ଜେଇ ଜବତ, ବୃଦ୍ଧ ଗିରଫ

ଦେବଗଡ଼,୩।୨(ଡି.ଏନ.ଏ): ଗଞ୍ଜେଇ ଚାଲାଣ ବେଳେ ବାରକୋଟ ଥାନା ପୋଲିସ ଗୋଳାବନ୍ଧ ଖେଳ ପଡିଆରୁ ଜଣେ ବୃଦ୍ଧଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅନୁଗୁଳ ଜିଲା ଖମାର ଥାନା ଅନ୍ତର୍ଗତ ବୈଦ୍ୟନାଥପୁର ଗ୍ରାମର ନାରାୟଣ ଦାସ (୬୨)। ତାଙ୍କଠାରୁ ୧୨ କିଲୋ ୩୫୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ତାଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି।

### ମଣ୍ଡିରୁ ଧାନ ନ ଉଠିବାରୁ ଚାଷୀଙ୍କ ଆନ୍ଦୋଳନ

#### ଭୋଜପୁର ସେବା ସମବାୟ ସମିତି ଘେରାଉ

ଖଡିଆଳ,୩।୨(ଡି.ଏନ.ଏ.): ଟାର୍ଗେଟ ଶେଷ ହୋଇଥିବା ଦର୍ଶାଇ ଗତ ୧୫ ଦିନ ହେଲା ମଣ୍ଡିରୁ ଧାନ ଉଠିନାହିଁ । ଫଳରେ ମଣ୍ଡିରେ ପ୍ରାୟ ୫୦ଜଣ ଚାଷୀଙ୍କ ୪୦୦୦ରୁ ଊର୍ଦ୍ଧ୍ୱ ଧାନ ବସ୍ତା ଖୋଲା ଆକାଶତଳେ ପଡି ରହିଛି। ଚାଷୀମାନେ ଦିନରାତି ଧାନବସ୍ତା ଶୀତକାକରରେ ଜଗି ରହୁଛନ୍ତି। ଏପରିସ୍ଥିତିରେ ଭୋଜପୁର ସେବା ସମବାୟ ସମିତି ପକ୍ଷରୁ ଟାର୍ଗେଟ ଆଜି ଆସିବ, କାଲି ଆସିବ କହି ଦିନ ଗଡାଇ ଚାଲିଥିବା ବେଳେ ୬ଜଣ ଚାଷୀଙ୍କ ଟୋକନ ଲାପ୍ସ ହୋଇଛି। ଯାହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗୁରୁବାର ଉତ୍ତ୍ୟକ୍ତ ଚାଷୀମାନେ ଆନ୍ଦୋଳନ ପନ୍ଥାଗ୍ରହଣ କରି ଭୋଜପୁର ସେବା ସମବାୟ ସମିତି ଘେରାଉ କରିଥିଲେ। ଦୀର୍ଘ ଘଣ୍ଟା ଧରି ଚାଷୀମାନେ ଅଫିସ ଘେରାଉ କରିଥିଲେ। ଉତ୍ତ୍ୟକ୍ତ ଚାଷୀମାନେ ଧାନବସ୍ତା ଧରି ୩୫୩ ନଂ. ଜାତୀୟ ରାଜପଥ ଅବରୋଧ କରିବା ପାଇଁ ସଜବାଜ ହେଉଥିଲେ। ଖବର ପାଇ ଖଡିଆଳ ବ୍ଲକ ଯୋଗାଣ ଅଧିକାରୀ ଦିବ୍ୟ ଭୋଇ ଘଟଣାସ୍ଥଳରେ ପହଞ୍ଚି ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ମଣ୍ଡିରେ ପଡିଥିବା ଧାନବସ୍ତା ଉଠାଇବା ଦିଗରେ ପଦକ୍ଷେପ ନିଆଯିବା ସହ ତୁରନ୍ତ ୨୦୬ କୁଇଣ୍ଟାଲ ଧାନ ମଣ୍ଡିରୁ ଉଠିଥିଲା। ଏଥିସହ ଲାପ୍ସ ହୋଇଥିବା ଟୋକନ ସକ୍ରିୟ କରି ଶୀଘ୍ର ମଣ୍ଡିରୁ ଧାନ ଉଠାଇବା ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରେ ବି ଗଡ଼ିଲାନି ଟ୍ରେନ

ବଲାଙ୍ଗୀର ଅଫିସ,୩।୨

ଚଳିତ ରେଳବଜେଟ୍‌ରେ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ପାଇଁ ୮୯୧ କୋଟି ଟଙ୍କା ବ୍ୟୟବରାଦ ଘୋଷଣା ସତ୍ତ୍ୱେ ପଶ୍ଚିମ ଓଡିଶାରେ ବିଶେଷ ଉତ୍ସାହ ପରିଲକ୍ଷିତ ହୋଇନାହିଁ। ବଜେଟ୍‌ରେ ଏହି ବହୁ ପ୍ରତୀକ୍ଷିତ ରେଳ ପ୍ରକଳ୍ପ ପାଇଁ ବ୍ୟୟବରାଦ କରାଯାଉଥିଲେ ମଧ୍ୟ ରେଳପ୍ରକଳ୍ପର ଅଗ୍ରଗତି ଆଖିଦୃଶିଆ ହେଉ ନ ଥିବାରୁ ବଜେଟ ଘୋଷଣାକୁ ନେଇ ସାଧାରଣରେ ଉତ୍ସାହ ଅପେକ୍ଷା ଭିନ୍ନମତ ଶୁଣାଯାଉଛି।

୨୦୧୯ ଜାନୁୟାରୀ ୧୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଲାଙ୍ଗୀର ଗସ୍ତରେ ଆସି ବଲାଙ୍ଗୀର-ବିଚ୍ଛୁପାଲି ୧୬ କିଲୋମିଟର ରେଳପଥ ଏବଂ ପାସେଞ୍ଜର ଟ୍ରେନ୍ ଚଳାଚଳର ଉଦ୍‌ଘାଟନ କରିଥିଲେ। ଏହାପରେ ଖୋର୍ଦ୍ଧା-ବଲାଙ୍ଗୀର ରେଳପ୍ରକଳ୍ପ କାର୍ଯ୍ୟ ବଲାଙ୍ଗୀର ପଟରୁ ମଧ୍ୟ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଥିଲା। ମାତ୍ର ଏହା ସମ୍ଭବ ହୋଇନାହିଁ। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ତିନିବର୍ଷ ବିତି ଯାଇଥିଲେ ମଧ୍ୟ ବିଚ୍ଛୁପାଲିରୁ ଆଗକୁ ଆଉ ଟ୍ରେନ୍ ଗଡିନାହିଁ। ବିଚ୍ଛୁପାଲିରୁ ଅତିକମ୍‌ରେ ସୋନପୁରକୁ ପାସେଞ୍ଜର ଟ୍ରେନ୍ ଗଡିବ ବୋଲି ଆଶା କରାଯାଉଥିଲା। ମାତ୍ର ବିଚ୍ଛୁପାଲିରୁ ୧୦ କିମି ଦୂର ଝାରତରଭା ଷ୍ଟେଶନ୍‌କୁ ବି ପାସେଞ୍ଜର ଟ୍ରେନ୍ ଚଳାଚଳ ସମ୍ଭବ ହୋଇନାହିଁ। ୨୦୨୨ ମାର୍ଚ୍ଚ ସୁଦ୍ଧା ଝାରତରଭାକୁ ଟ୍ରେନ୍ ଚଳାଚଳ କରାଯିବ ବୋଲି କୁହାଯାଇଥିଲେ ମଧ୍ୟ ଏହା ଧାର୍ଯ୍ୟ ସମୟରେ ଆଉ ସମ୍ଭବ ହେବା ସ୍ଥିତିରେ ନାହିଁ। ସୋନପୁର ଆହୁରି ବହୁଦୂର ରହିଛି। ବଲାଙ୍ଗୀର ଜିଲା ସୀମାରେଖାରୁ ସୋନପୁର ଜିଲା ସୀମାରେଖାକୁ ବି ରେଳପଣ ନିର୍ମାଣ ସରିନାହିଁ। କୋଭିଡ-୧୯ ମହାମାରୀ ପରେ ମାର୍ଚ୍ଚ ୨୦୨୦ ମସିହାରୁ ବଲାଙ୍ଗୀର-ବିଚ୍ଛୁପାଲି ପାସେଞ୍ଜର ଟ୍ରେନ ବନ୍ଦ ରହିଛି।



ବଲାଙ୍ଗୀର ରେଳଷ୍ଟେଶନ।

### ପ୍ରକଳ୍ପ ମଞ୍ଜୁରୀକୁ ବିତିଲାଣି ୨୮ ବର୍ଷ

ଖୋର୍ଦ୍ଧା-ବଲାଙ୍ଗୀର ରେଳ ମଞ୍ଜୁରୀକୁ ଇତିମଧ୍ୟରେ ୨୮ ବର୍ଷ ପୂରିଲାଣି। ୧୯୯୩ ମସିହାରେ ଏହି ରେଳ ପ୍ରକଳ୍ପକୁ କେନ୍ଦ୍ରୀୟ ମଞ୍ଜୁରୀ ମିଳିଥିଲା। ଦୀର୍ଘ ୨୮ ବର୍ଷ ପରେ ବି ଏହି ରେଳ ପ୍ରକଳ୍ପ ଆଶାନୁରୂପକ ଅଗ୍ରଗତି କରିପାରିନାହିଁ। ବଜେଟ୍‌ରେ ବ୍ୟୟବରାଦ ସତ୍ତ୍ୱେ କାର୍ଯ୍ୟ ତ୍ୱରାନ୍ୱିତ ହେଉ ନ ଥିବାରୁ ଏହାକୁ ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ ଜିଲାର ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଖୋର୍ଦ୍ଧା-ବଲାଙ୍ଗୀର ୨୮୯ କିଲୋମିଟର ଦୀର୍ଘ ଏହି ପ୍ରକଳ୍ପର ମାତ୍ର ୯୨ କିଲୋମିଟର ରେଳପଥ ଏପର୍ଯ୍ୟନ୍ତ ନିର୍ମାଣ ସରିଛି। ଏଥିରୁ ଖୋର୍ଦ୍ଧା ପଟରୁ ୭୬ କିଲୋମିଟର ଦୂର ମହୀପୁର ପର୍ଯ୍ୟନ୍ତ ରେଳପଥ ନିର୍ମାଣ କାମ ସରିଥିବାବେଳେ ବଲାଙ୍ଗୀର ପଟରୁ ମାତ୍ର ୧୬ କିଲୋମିଟର ଦୂର ବିଚ୍ଛୁପାଲି ପର୍ଯ୍ୟନ୍ତ ନିର୍ମାଣ କାମ ସରିଛି। ଆହୁରି ୧୯୭ କିଲୋମିଟର ରେଳପଥ ନିର୍ମାଣ ହେବାକୁ ବାକି ରହିଛି। ମିଳିଥିବା ସୂଚନା ମୁତାବକ ୨୮୯ କିଲୋମିଟର ବିଶିଷ୍ଟ ଏହି ରେଳପ୍ରକଳ୍ପ ପ୍ରକଳ୍ପ ପାଇଁ ସମୁଦାୟ ୬୧୬୨ ଏକର ଜମି ଅଧିଗ୍ରହଣ କରିବାର ଆବଶ୍ୟକତା ରହିଥିଲା। ଏପର୍ଯ୍ୟନ୍ତ ୪୯୧୩ ଏକର ଜମି ଅଧିଗ୍ରହଣ ହୋଇସାରିଛି। ଆଉ ପ୍ରାୟ ୧୨୪୯ ଏକର ଜମି ଅଧିଗ୍ରହଣ ହେବାକୁ ବାକି ରହିଛି। ଏହି ସମୁଦାୟ ଜମି ମଧ୍ୟରୁ ୧୮୪୫ ଏକର ଜଙ୍ଗଲ ଜମି ରହିଛି। ଏପର୍ଯ୍ୟନ୍ତ ମାତ୍ର ୧୭୦ ଏକର ଜଙ୍ଗଲ ଜମିର ଅନୁମତି ମିଳିଛି ଓ ୧୬୭୫ ଏକର ଜଙ୍ଗଲ ଜମିର ଅନୁମତି ମିଳିନାହିଁ। ପ୍ରାୟ ୨୭୦ କୋଟିର ମୂଳ ପ୍ରକଳ୍ପ ଏବେ ୩୭୯୨ ହଜାର କୋଟିକୁ ପହଞ୍ଚିଛି। ଏହି ପ୍ରକଳ୍ପରେ ଏ ଯାଏ ୧୫୯୬ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ମାତ୍ର ବଜେଟ୍‌ରେ ବ୍ୟୟବରାଦ ଅନୁସାରେ ଟଙ୍କା ଖର୍ଚ୍ଚ କରାଯାଉ ନ ଥିବାରୁ ଏହି ପ୍ରକଳ୍ପ କେବେ ସରିବ ତାକୁ ନେଇ ସାଧାରଣରେ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି।

**ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ**

# ବୌଦ୍ଧରେ ସରିନି ଜମି ଅଧିଗ୍ରହଣ

ବୌଦ୍ଧ,୩।୨(ସ୍ୱ.ପ୍ର.)

ଗତ ବୁଧବାର ଦିନ କେନ୍ଦ୍ର ସରକାରଙ୍କ ୨୦୨୨-୨୩ ରେଳ ବଜେଟ ଉପସ୍ଥାପନା କରାଯାଇଛି। ଏହି ରେଳ ବଜେଟରେ ରାଜ୍ୟର ଖୋର୍ଦ୍ଧା -ବଲାଙ୍ଗୀର ରେଳ ପ୍ରକଳ୍ପ ନିର୍ମାଣ ପାଇଁ ୮୯୧ କୋଟି ୧୧ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ଏହି ରେଳପଥରେ ଖୋର୍ଦ୍ଧା ରୋଡଠାରୁ ନୟାଗଡର ମହିପୁର ପର୍ଯ୍ୟନ୍ତ ରେଳ ଗଡି ସାରିଥିବା ବେଳେ ବଲାଙ୍ଗୀର ପଟୁ ୧୯ କି.ମି. ଭଁଇସାପାଲି ପର୍ଯ୍ୟନ୍ତ ରେଳ ଗଡିସାରିଛି। କିନ୍ତୁ ଏହି ରେଳପଥ କାର୍ଯ୍ୟ ବୌଦ୍ଧ ଜିଲାରେ ବହୁ ମନ୍ଥର ଗତିରେ ଚାଲୁଥିବା ଦେଖିବାକୁ ମିଳିଛି। ବୌଦ୍ଧ ଜିଲାରେ ରେଳ ବିଭାଗ ପକ୍ଷରୁ କାର୍ଯ୍ୟାଳୟ ଖୋଲାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଜମି ଅଧିଗ୍ରହଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିନାହିଁ । ଏପଟେ ପଡୋଶୀ ଜିଲା ସୁବର୍ଣ୍ଣପୁରରେ ଜମି ଅଧିଗ୍ରହଣ ଶେଷ କରାଯାଇ ରେଳପଥ କାର୍ଯ୍ୟ ଆରମ୍ଭ କରାଯାଇଛି।

ବୌଦ୍ଧ ଜିଲା ଦେଇ ୧୧୦ କି.ମି. ବ୍ୟାପି ଏହି ରେଳପଥ ଯିବାକୁ ଥିବା ବେଳେ ୩୦୬୭.୦୭୫ ଏକର ଜମିର ଆବଶ୍ୟକତା ରହିଛି । ଏହି ରେଳପଥରେ ଜିଲାର ୧୦୨ ଗୋଟି ଗ୍ରାମର ୨୦୫୮.୮୨୫ ଏକର ରୟତି ଜମି ରହିଥିବା ବେଳେ ୧୦୦୮.୨୫୫ଏକର ସରକାରୀ ଜମି ରହିଥିବା ଜଣାପଡିଛି। ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ସରକାରୀ ଜମିକୁ ରେଳ ବିଭାଗକୁ ହସ୍ତାନ୍ତର କରାଯାଇଥିବା ବେଳେ ରୟତି ଜମି ୧୪୪୭.୭୮୫ ଏକର କୁ ମଧ୍ୟ ରେଳ ବିଭାଗକୁ ଦିଆଯାଇଥିବା ଜଣାପଡିଛି। ଏବେ ଆଉ ୬୧୧.୦୪ ଏକର ରୟତି ଜମି ଅଧିଗ୍ରହଣ କରିବାର ବାକି ରହିଛି। ୨୦୨୩ରେ ବୌଦ୍ଧ ଜିଲାରେ ରେଳ ଗଡିବ ବୋଲି କୁହାଯାଉଛି। ତେବେ ପ୍ରକଳ୍ପ କାର୍ଯ୍ୟ ଯେପରି ଚାଲିଛି ତାହା ଦେଖିଲେ କେବେ ସମ୍ପୂର୍ଣ୍ଣ ହେବ କହିବା ମୁସ୍କିଲ ହୋଇପଡିଛି। ଜିଲାର ମନମୁଣ୍ଡାଠାରୁ ପୁରୁଣାକଟକ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଚାଲିଛି। ନୟାଗଡ ଜିଲା ଅଧୀନରେ ଥିବା ୧୧୨ କି.ମି.ରୁ ୧୪୩ କି.ମି. ପର୍ଯ୍ୟନ୍ତ ଏବଂ ବୌଦ୍ଧ ଜିଲା ଅଧୀନରେ ରହିଥିବା ୧୪୩ କି.ମି.ରୁ ୧୮୦ କି.ମି. ପୁରୁଣାକଟକ ପର୍ଯ୍ୟନ୍ତ ଜଙ୍ଗଲ ହୋଇଥିବାରୁ ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ପି.ସି.ସି.ଏଫ୍. କାର୍ଯ୍ୟାଳୟରେ ଏ ସମ୍ପର୍କିତ ଫାଇଲ ପଡିରହିଛି। ବୌଦ୍ଧ ବନ ବିଭାଗର କାର୍ଯ୍ୟ ସରିଥିବା ବେଳେ ନୟାଗଡ ବନ ବିଭାଗର କାର୍ଯ୍ୟ ଶେଷ ହୋଇ ନ ଥିବାରୁ ରାଜ୍ୟ ସରକାରଙ୍କ ଠାରୁ ଅନୁମୋଦନ ମିଳିବାରେ ବିଳମ୍ବ ହେଉଥିବା ବୌଦ୍ଧ ବନଖଣ୍ଡ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି। କାର୍ଯ୍ୟର ଅଗ୍ରଗତି ପାଇଁ ନୟାଗଡ ଓ ବୌଦ୍ଧ ରେଳ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନୟାଗଡ ବନ ବିଭାଗ ଓ ପି.ସି.ସି.ଏଫ୍. ମୁଖ୍ୟଙ୍କୁ ଦାବିପତ୍ର ଦେବା ପାଇଁ ଆଲୋଚନା ହୋଇଥିବା ବୌଦ୍ଧ ଜିଲାର ଆବାହକ ଦେବାଶିଷ ପୁରୋହିତ ଗଣମାଧ୍ୟମକୁ ଜଣାଇଛନ୍ତି ।

# ମୋ ଗାଈ, ବାଛୁରି ଫେରାଇ ଦିଅ

ସୋନପୁର,୩।୨(ନି.ପ୍ର.)

### ତରାସଙ୍କ ଆଖିରେ ଲୁହ

ଭିନ୍ନକ୍ଷମ ତରାସ ବାଘ(୭୦)ଙ୍କ ଆଖିରୁ ଲୁହ ଶୁଖୁନି। ସେ ପାଳିଥିବା ୫ ଗାଈ, ବାଛୁରିକୁ ପ୍ରଶାସନ କାଞ୍ଜିଆହୁଦାକୁ ନେଇଯାଇଛି। ନିଜର ପ୍ରିୟ ଗାଈ, ବାଛୁରିଙ୍କୁ ନ ପାଇ ତରାସ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି। ଗୋରୁଙ୍କୁ ଫେରାଇ ଦେବା ପାଇଁ ସେ ସୁବର୍ଣ୍ଣପୁର ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ସମେତ ଜିଲାପାଳ ଓ ଆରଡିସିଙ୍କୁ ଅନୁରୋଧ କରିଛନ୍ତି। ଗତ ୨ ମାସ ହେବ ମ୍ୟୁନିସିପାଲିଟି ଅଫିସ, ଥାନା ଓ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡୁଛନ୍ତି। ମାତ୍ର ତାଙ୍କ ଗାଈ, ବାଛୁରିକୁ ପାଉ ନାହାନ୍ତି। ମନଦୁଃଖରେ ନିରାଶ୍ରୟା ତରାସ ଭୋକ ଉପାସରେ ରହୁଛନ୍ତି।

ତରାସଙ୍କ ଘର ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକର ଆମପାଲି ଗାଁରେ। ବାପାଙ୍କ ମୃତ୍ୟୁ ପରେ ସେ ସୋନପୁର ସହରକୁ ଚାଲି ଆସିଛନ୍ତି। ଗତ ୯ ବର୍ଷ ହେବ ସେ ଦିନରେ ସୋନପୁର ବସ୍‌ଷ୍ଟାଣ୍ଡର ଯାତ୍ରୀ ବିଶ୍ରାମାଗାର ଓ ରାତିରେ ଡାକ୍ତରଖାନା ବାରଣ୍ଡାରେ ଆଶ୍ରୟ ନେଉଛନ୍ତି। ନିଜର ବୋଲି କେହି ନାହିଁ। ଭିକ୍ଷା ମାଗି ଚଳନ୍ତି। ଆହାର କେନ୍ଦ୍ରରୁ ତାଙ୍କୁ ମାଗଣାରେ ଦୁଇଓଳି ଖାଦ୍ୟ ମିଳେ। ତେବେ ସେ ୫ଟି ଗାଈ, ବାଛୁରିଙ୍କୁ ନିଜର ପୁଅ ଝିଅ ଭଳି ପାଳି ଆସୁଥିଲେ। ସକାଳ ହେବା ମାତ୍ରେ ସେ ଅଖା ବସ୍ତା ଧରି ବାହାରି ପଡନ୍ତି ପରିବା ମାର୍କେଟ୍। ପଚାଶଢା ପନିପରିବା ଓ ଆହାର କେନ୍ଦ୍ରରୁ ବଳକା ଭାତ ଆଣି ବସ୍‌ଷ୍ଟାଣ୍ଡରେ ନିଜର ଗୋରୁ ଓ ବୁଲା କୁକୁରଙ୍କୁ ଖାଇବାକୁ ଦିଅନ୍ତି। ଆହାର କେନ୍ଦ୍ରରୁ ମିଳୁଥିବା ଖାଦ୍ୟ ଅଧା ଖାଇ ଅଧା ଗୋରୁଙ୍କୁ ଦିଅନ୍ତି। ଗାଈ ସାଙ୍ଗରେ ଖୁସିରେ ଭୋଜନ କରନ୍ତି। ଶ୍ରଦ୍ଧାରେ ଗୋରୁଙ୍କୁ ବିଭିନ୍ନ ନାଁ ଧରି ଡାକନ୍ତି। ନିଜ ପେଟକୁ ଦାନା ଯୋଗାଡ କରିବା କଷ୍ଟକର ହୋଇ ପଡୁଥିବା ବେଳେ ପାଞ୍ଚ ଆଶ୍ରିତଙ୍କ ପାଇଁ ସେ ଦାନା ଯୋଗାଡ କରନ୍ତି। ଗୋରୁଙ୍କୁ ଦେଖି ତାଙ୍କୁ ଆତ୍ମସନ୍ତୋଷ ମିଳେ ବୋଲି କୁହନ୍ତି। ତେବେ ଗୋରୁଙ୍କୁ ଫେରାଇ ଦେବା ପାଇଁ ସେ ଜିଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଦ୍ୱାରସ୍ଥ ହେବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।



ତରାସ ବାଘଙ୍କୁ ଜିଲାପାଳ ବୁଝାଶୁଝା କରୁଛନ୍ତି ।

ସୁବର୍ଣ୍ଣପୁର ପୌର ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ଗତ ଅଗଷ୍ଟ ୧୬ ତାରିଖଠାରୁ ସହରରେ ଆରମ୍ଭ ହୋଇଛି ଗୋ ଶ୍ରଦ୍ଧା କାର୍ଯ୍ୟକ୍ରମ। ସହରର ବିଭିନ୍ନ ରାସ୍ତା ଉପରେ ବୁଲି ଟ୍ରାଫିକ୍ ଜାମ କରୁଥିବା ଗୋରୁଙ୍କୁ ଧରା ଯାଇ କାଞ୍ଜିଆହୁଦା ନିଆଯାଇଛି। ତରାସ ପାଳିଥିବା ଗୋରୁ ସେଠାରେ ଥିବା କୁହାଯାଉଛି। କାଞ୍ଜିଆହୁଦାରେ ଏବେ ୧୫୦ରୁ ଊର୍ଦ୍ଧ୍ୱ ଗୋରୁ ଅଛନ୍ତି। ତେବେ ତରାସ ନିଜ ଗୋରୁଙ୍କୁ କାଞ୍ଜିଆହୁଦାରେ ଦେଖିବାକୁ ପାଉ ନାହାନ୍ତି। ସେଠାରେ ୧୫ରୁ ଊର୍ଦ୍ଧ୍ୱ ଗୋରୁ ମରି ଯାଇଥିବାରୁ ତରାସଙ୍କ ଗୋରୁ ମଧ୍ୟ ମରି ଯାଇଥିବା ସନ୍ଦେହ କରାଯାଉଛି। କିନ୍ତୁ ତରାସଙ୍କ ମନ ବୁଝୁନି। ତାଙ୍କ ଗୋରୁ ଫେରାଇ ଦେବାକୁ ସେ ପ୍ରଶାସନକୁ ନେହୁରା ହେଉଛନ୍ତି ।

# କଂସେଇଖାନାରେ ଚଢ଼ାଉ, ୫ ଗିରଫ

ସମ୍ବଲପୁର,୩।୨(ବ୍ୟୁରୋ)

### ଗୋରୁ, ଗୋମାଂସ, ଅନ୍ୟ ସାମଗ୍ରୀ ଜବତ

ସମ୍ବଲପୁର ଜିଲା ଧନୁପାଲି ପୋଲିସ ଗୁରୁବାର ମୋତିଝରନ ଅଞ୍ଚଳରେ ବେଆଇନ ଭାବେ ଚାଲୁଥିବା ୩ କଂସେଇଖାନା ଉପରେ ଚଢାଉ କରି ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏ ନେଇ ଥାନରେ ୩ ଗୋଟି ପୃଥକ୍ ମାମଲା ରୁଜୁ ହୋଇଛି। କେସ୍ ନଂ.୩୩/୨୧ରେ ସରିଫ ଖାନ (୩୦)ଙ୍କୁ ଗିରଫ କରାଯାଇ ୫ ଗୋରୁ, ୧୫କେଜି ଗୋ ମାଂସ ଜବତ କରାଯାଇଛି। ସେହିପରି କେସ୍ ନଂ ୩୪/୨୧ରେ ମହମ୍ମଦ ଅରବାଜ (୨୧), ଅଖିଳ କୁମ୍ଭାର (୪୫)ଙ୍କୁ ଗିରଫ ସହ ୧୧ ଗୋରୁ, ୩୮ କେଜି ଗୋ ମାଂସ ଜବତ ହୋଇଛି। କେସ୍ ନଂ.୩୫/୨୧ରେ ପୋଲିସ ମହମ୍ମଦ ମୌସିମ (୨୪) ଓ ନୂଆଖାଉ ଝରିଆ (୫୫)ଙ୍କୁ ଗିରଫ କରି କଂସେଇଖାନାରୁ ୧୬ ଗୋରୁ, ୧୫ କେଜି ମାଂସ ଓ ମାଂସକଟା ସାମଗ୍ରୀ ଜବତ କରିଛି। ଗିରଫ ଅଭିଯୁକ୍ତମାନଙ୍କ ନାମରେ ଅନେକ ଅପରାଧିକ ମାମଲା ରହିଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ସହ ବେଆଇନ ଭାବେ ଚାଲୁଥିବା କଂସେଇଖାନାରେ ଚଢାଉ ଜାରି ରହିବ ବୋଲି ପୋଲିସ କହିଛି।








# ସାର ଦୋକାନୀଙ୍କୁ କାରଣ ଦର୍ଶାଅ ନୋଟିସ

ବରଗଡ଼ ଅଫିସ୍,୩।୨

ବରଗଡ଼ ଜିଲାରେ ରବି ଧାନଚାଷ କାର୍ଯ୍ୟ ଆରମ୍ଭ ହୋଇଛି। ଚାଷକାର୍ଯ୍ୟ ଆରମ୍ଭରୁ ସାର ଅଭାବ ଓ କଳାବଜାରକୁ ନେଇ ଚାଷୀ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଅସନ୍ତୋଷ ଆନ୍ଦୋଳନ ରୂପ ନେବା ପରେ କୃଷି ବିଭାଗ ସାର କଳାବଜାର ରୋକିବାକୁ ତତ୍ପର ହୋଇ ପଡ଼ିଛି। ଗୁରୁବାର କୃଷି ବିଭାଗ ପକ୍ଷରୁ ଜିଲାର ବରଗଡ଼, ଅମ୍ବାପାଲି, ନାଗେନପାଲି, ରେଙ୍ଗାଲିକ୍ୟାମ୍ପ, ଅତାବିରା, ବିଜେପୁର ଆଦି ଅଞ୍ଚଳର ସାର ଗୋଦାମଗୁଡ଼ିକରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ବିଭିନ୍ନ ସାର ଗୋଦାମରେ ଅନିୟମିତତା ଧରାପଡ଼ିଥିଲା।



ସିଡ଼ିଏଓଙ୍କ ନେତୃତ୍ୱରେ ସାର ଗୋଦାମରେ ଚଢ଼ାଉ ଚାଲିଛି।

ଫଳରେ ପଦ୍ମପୁରର ମାଧବ ବିହନ ଭଣ୍ଡାର, ବିଜେପୁରର ସାଇ ଟ୍ରେଡ଼ର୍ସ ଏବଂ ବରଗଡ଼ର ଶିବଶଙ୍କର ଟ୍ରେଡ଼ର୍ସ ଦୋକାନୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ସାର ବିକ୍ରି ନେଇ ସମ୍ପୃକ୍ତ ଦୋକାନୀଙ୍କ କାଗଜାତ ଠିକ୍ ନ ଥିବାରୁ ସେମାନଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ମୁଖ୍ୟ ଜିଲା କୃଷି ଅଧିକାରୀ (ସିଡ଼ିଏଓ) ସନ୍ତୋଷ କୁମାର ମହାରଣା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଚାଷକାର୍ଯ୍ୟ ଆରମ୍ଭରୁ ଡିଏପି, ୟୁରିଆ ଆଦି ସାର ମିଳୁ ନ ଥିବା ଏବଂ ବ୍ୟବସାୟୀମାନେ ସାର କଳାବଜାର କରୁଥିବା ଅଭିଯୋଗ କରି ଚାଷୀମାନେ

### ଚାଷୀ ଆନ୍ଦୋଳନ ପରେ ଚେତିଲା କୃଷି ବିଭାଗ

ବରଗଡ଼ ସହର ଉପକଣ୍ଠ ଅମ୍ବାପାଲିରେ ରାସ୍ତା ଅବରୋଧ କରିଥିଲେ। ଆନ୍ଦୋଳନର ୩ଘଣ୍ଟା ପରେ ଚାଷୀଙ୍କୁ ସାର ଯୋଗାଇ ଦିଆଯାଇଥିଲା। ସାର ମହଜୁଦ ଥିବା ସତ୍ତ୍ୱେ କେତେକ ଦୋକାନୀ ଚାଷୀଙ୍କୁ ଉଚିତ ଦରରେ ସାର ଦେବା ବଦଳରେ କଳାବଜାର କରୁଥିବା ସନ୍ଦେହ କରି ଗୁରୁବାର ସିଡ଼ିଏଓ ମହାରଣାଙ୍କ ନେତୃତ୍ୱରେ କୃଷି ବିଭାଗର ଟିମ୍ ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଆଗକୁ ମଧ୍ୟ ଏଭଳି ଚଢ଼ାଉ ଜାରି ରହିବ ବୋଲି ସିଡ଼ିଏଓ ମହାରଣା ସୂଚନା ଦେଇଛନ୍ତି।




**ଆଜିର ମନ୍ତବ୍ୟ**

"ଗୈରିକ ଦଳ ଆର୍‌ଏସ୍‌ଏସ୍ ସହ ମିଶି ଦେଶକୁ ବିପଜ୍ଜନକ ଦିଗକୁ ନେଇଯାଉଛି। ସମସ୍ତ ରାଜ୍ୟ, ଭାଷା ଓ ଇତିହାସ ଉପରେ ସେମାନେ କେବଳ ଗୋଟିଏ ନୀତି ଆଦର୍ଶ ଚାପିଦେବାକୁ ଚାହାନ୍ତି, ଯାହା କଦାପି ହୋଇପାରିବ ନାହିଁ।

– ରାହୁଲ ଗାନ୍ଧୀ, କଂଗ୍ରେସ ନେତା


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଫରେନ୍‌ସିକ ଟିମ୍‌ର ତଦନ୍ତ

**ଯୁବକଙ୍କ ଅସ୍ଥି, ଖପୁରି ମିଳିବା ଘଟଣା**

**ଧାମନଗର, ୩।୨ (ଡି.ଏନ.ଏ):** ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ଦିହୁଡ଼ି ଆନନ୍ଦପୁର ପଞ୍ଚାୟତ ହାତୀଡିହ ଗ୍ରାମରେ ବୁଧବାର ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଖପୁରି ଓ ଅସ୍ଥି ମିଳିବା ଘଟଣାରେ ଗୁରୁବାର ବାଲେଶ୍ୱର ଫରେନ୍‌ସିକ ଟିମ୍ ତଦନ୍ତ କରିଛି। ସ୍ଥାନୀୟ ପୋଲିସ ସହ ଏହି ଟିମ୍ ଘଟଣାସ୍ଥଳରେ ପହଞ୍ଚି ଗଛରେ ଓହଳି ରହିଥିବା ଖପୁରି, ତଳେ ପଡ଼ିଥିବା ଅସ୍ଥି, ଜୋତା ଓ ବେକରେ ଫାଶୀ ଦେଇଥିବା ଧୋତିର ନମୁନା ସଂଗ୍ରହ କରିଥିଲା। ପୋଲିସ ଏସବୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଡାକ୍ତରଙ୍କ ପରାମର୍ଶ କ୍ରମେ ଡିଏନ୍‌ଏ ପରୀକ୍ଷା କରାଯିବ ବୋଲି ଧାମନଗର ଥାନାଧିକାରୀ ଶ୍ରୀବଲ୍ଲଭ ସାହୁ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୁଧ ଭାତ ଦେଇ ଶୁଆ
ରଖିଥିଲି ତୋତେ
କେତେବେଳେ ଉଡ଼ିଗଲୁ
ନ କହିଲୁ ମୋତେ।**

କିଛି ବ୍ୟକ୍ତି ଅନ୍ୟକୁ ଆପଣାର କରି ଖୁଆଇପିଆଇ ମଣିଷ କରିଥାନ୍ତି। ପରନ୍ତୁ ସେହି ଉପକୃତ ବ୍ୟକ୍ତି ମୁଣ୍ଡକୁ ହାତ ପାଇଗଲେ ବଣକୁ ଶୁଆ ଉଡିଯିବା ପରି ଛାଡି ଚାଲିଯାଇଥାନ୍ତି। ସ୍ୱାର୍ଥରେ ବନ୍ଧା ଏ ଦୁନିଆ। ଆପଣାର କରି ମାନସ୍ତାପ କରିବସୁଥିବା ବ୍ୟକ୍ତିର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଦେଖ ମୋ ପୁଅର ବଳିଷ୍ଠ ପଣ
ଭାଙ୍ଗି ଆଣିଅଛି ଚାକୁଣ୍ଡା ବଣ।**

ଚାକୁଣ୍ଡା ଡାଳ ଖୁବ ମସକା, ସହଜରେ ଭାଙ୍ଗିଯାଏ। ତାକୁ ଭାଙ୍ଗିବାରେ କି କାଟିବାରେ ବେଶି ଶାରୀରିକ ଶ୍ରମ ଲୋଡ଼ା ପଡ଼ି ନ ଥାଏ। ତେଣୁ ଏଥିରେ ବଳ ବା ସାମର୍ଥ୍ୟକୁ ନେଇ ଗର୍ବ କରିବା ନିରର୍ଥକ। ନିଜର ତୁଚ୍ଛା ଶକ୍ତି ସାମର୍ଥ୍ୟକୁ ନେଇ ଅନ୍ୟ ଆଗରେ ଅଯଥା ବାହାଦୁରି ଦେଖେଇ ହେଉଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ
– ଫ୍ରେଣ୍ଡସ୍ ପବ୍ଲିଶର୍ସ**

# ଇଞ୍ଜିନିୟରିଂ ଛାତ୍ରଙ୍କୁ ହତ୍ୟା ଘଟଣା: ୨ ଭାଇ ଗିରଫ

**ଭଦ୍ରକ ଅଫିସ, ୩।୨**

ଭଦ୍ରକ ଜିଲା ସାବରଙ୍ଗ ଥାନା ଅଧୀନ ବ୍ରହ୍ମପୁର ଗ୍ରାମରେ ରାଜନୈତିକ ହିଂସାରୁ ଇଞ୍ଜିନିୟରିଂ ଛାତ୍ର ସୁବାଶିଷ ଗିରିଙ୍କୁ ହତ୍ୟା ଘଟଣାର ଦୁଇଦିନ ପରେ ଗୁରୁବାର ଦୁଇଭାଇଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଉକ୍ତ ଗ୍ରାମର ଜ୍ୟୋତିରଞ୍ଜନ ସେନାପତି ଓ ପ୍ରିୟରଞ୍ଜନ ସେନାପତି। ହତ୍ୟାକାଣ୍ଡରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୋଜା ଚାଲିଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ ଭଦ୍ରକର ଏକ ଭଡ଼ାଘରୁ ଗିରଫ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଜୟଶ୍ରୀ ଦାସ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ପଡ଼ୋଶୀଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ସମସ୍ୟା ହିଁ ଚିନ୍ତାର ମୁଖ୍ୟ କାରଣ ହୋଇପାରେ। କର୍ମକ୍ଷେତ୍ରର ଅସଜଡ଼ା ପରିସ୍ଥିତି ଆପଣଙ୍କୁ ଅତ୍ୟଧିକ ଦାୟିତ୍ୱ ନେବାକୁ ବାଧ କରିବ। ପରିବାର ମଧ୍ୟରେ ପିଲାମାନଙ୍କ କାର୍ଯ୍ୟକଳାପ ଆପଣଙ୍କୁ ଅସୁବିଧାରେ ପକାଇ ପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଦୂର ହେବ।

**ବୃଷ**
କର୍ମକ୍ଷେତ୍ରରେ ଅସମ୍ପୂର୍ଣ୍ଣ ରହିଯାଇଥିବା କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡିପାରେ। ଆନୁଷ୍ଠାନିକ କ୍ଷେତ୍ରରେ, ସାଂଗଠନିକ କାମରେ, ପ୍ରତିଯୋଗିତାରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କଳା, ସାହିତ୍ୟ, ସଙ୍ଗୀତ ଓ ରଚନାତ୍ମକ କାର୍ଯ୍ୟରେ ସୁନାମ ଅର୍ଜନ କରିବେ। ସ୍ତ୍ରୀ କିମ୍ବା ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି।

**ମିଥୁନ**
ଆଜି ଯାହା କରନ୍ତୁନା କାହିଁକି ସମସ୍ତ କାମରେ ପ୍ରତିବନ୍ଧକ ଲାଗି ରହିବା ହେତୁ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଜଣେ ବିଜାତୀୟ ମିତ୍ର ସାହାଯ୍ୟ କରିବାକୁ ଆଗେଇ ଆସିବେ। ରାଜନୀତି, ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ଜଣାଶୁଣା ବ୍ୟକ୍ତି ସମସ୍ୟା ସୃଷ୍ଟି କରିପାରନ୍ତି। ପରିବାରରେ ଅଶାନ୍ତିର ବାତାବରଣ ଦେଖାଦେଇପାରେ।

**କର୍କଟ**
କର୍ମଚାରୀଙ୍କ ଆନୁଗତ୍ୟ ଓ ପାରିବାରିକ କ୍ଷେତ୍ରରେ ନିଜ ଲୋକଙ୍କ ଅନୁରାଗରୁ ଖୁସି ରହିବେ। ପୁଷ୍ୟା ନକ୍ଷତ୍ରର ଅତ୍ୟଧିକ ଟେନ୍‌ସନ୍ ହେତୁ ମାନସିକସ୍ଥିତି ଠିକ୍ ରହି ନ ପାରେ। ଗୁରୁତ୍ୱପୂର୍ଣ୍ଣ କାମରେ ବନ୍ଧୁଙ୍କ ପରାମର୍ଶରେ ଅବଶ୍ୟ ସାନ୍ତ୍ୱନା ମିଳିବ। କେତେକ କ୍ଷେତ୍ରରେ ବାରମ୍ବାର ଧୋକା ଖାଇବାରୁ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେନାହିଁ।

**ସିଂହ**
ଆପଣ ଅନ୍ୟକୁ ଯେତେ ସାହାଯ୍ୟ କଲେ ମଧ୍ୟ ସେମାନେ ତାହାର ମୂଲ୍ୟ ବୁଝିବେ ନାହିଁ। କର୍ମକ୍ଷେତ୍ରରେ ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ଗତକାଲିର ଅସୁବିଧାଜନକ ପରିସ୍ଥିତି ବଦଳିଯିବ। ଖଳ ଲୋକଙ୍କ କଥାକୁ ବିଶ୍ୱାସ କଲେ ଅସୁବିଧା ଭୋଗିବେ। ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ।

**କନ୍ୟା**
ଆଜି ଶିକ୍ଷା କ୍ଷେତ୍ର ଓ ସନ୍ତାନଙ୍କ ସମସ୍ୟା ଏବଂ ଭଲ ସମ୍ପର୍କରେ ଫାଟ ସୃଷ୍ଟି ବ୍ୟସ୍ତତାର କାରଣ ହୋଇପାରେ। ଅବଶ୍ୟ ଦିନଟି ଅର୍ଥନୈତିକ ଦୃଷ୍ଟିକୋଣରୁ ଭଲ ରହିବ ଏବଂ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରୁ ସନ୍ତୋଷଜନକ ଫଳ ପାଇବେ। କର୍ମକ୍ଷେତ୍ରରେ ଉଚ୍ଚ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ ଓ ଅଟକି ରହିଥିବା କାମଗୁଡ଼ିକୁ ସହଜରେ କରାଇନେବେ।

**ତୁଳା**
ଆଜି ବନ୍ଧୁମାନଙ୍କୁ କର୍ମକ୍ଷେତ୍ରରେ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ, ଯାହାକି କୌଣସି ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ ବରଂ ଲାଭବାନ୍ ହେବେ। ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟକଲେ ଉପକୃତ ହେବେ।

**ବିଛା**
ବହୁତ ଖର୍ଚ୍ଚ କରିବାକୁ ପଡିବାରୁ ମନସ୍ତାପ କରିପାରନ୍ତି। କର୍ମକ୍ଷେତ୍ରରେ ଠିକ୍ ସମୟରେ ଉଚିତ ପଦକ୍ଷେପ ନେବା କାରଣରୁ କାମଗୁଡିକ ସହଜରେ ସମ୍ପନ୍ନ ହୋଇପାରିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ମନକୁ ବିବ୍ରତ କରିପାରେ । ବହୁତ ଦିନରୁ ବାରମ୍ବାର ଚେଷ୍ଟା କରି ମଧ୍ୟ ପାଇ ନ ଥିବା ଅର୍ଥ ଆଦାୟ କରିବାରେ ଆଜି ସକ୍ଷମ ହେବେ।

**ଧନୁ**
ଆଜି ସକାଳୁ ବନ୍ଧୁଙ୍କ ଜରିଆରେ ଖୁସି ଖବରଟିଏ ପାଇବେ। ଅତ୍ୟଧିକ ସ୍ନେହବଶତଃ ନିକଟତମ ବ୍ୟକ୍ତିଟି ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ। ପ୍ରଶାସନିକ କ୍ଷେତ୍ରରେ କିମ୍ବା କଳା, ସାହିତ୍ୟ, ଚଳଚ୍ଚିତ୍ରରେ ଦ୍ୱନ୍ଦ୍ୱ ଦୂର ହେବା ସକାଶେ ଚେଷ୍ଟା କରିପାରନ୍ତି। ଶତ୍ରୁତା କରୁଥିବା ବ୍ୟକ୍ତିମାନେ କୌଣସି ସମସ୍ୟା ସୃଷ୍ଟି କରିପାରନ୍ତି।

**ମକର**
ପାରିବାରିକ ସମସ୍ୟାରେ ଭାରାକ୍ରାନ୍ତ ମନ ବେଶି ସମୟ ତିଷ୍ଠି ରହିବ ନାହିଁ। ମନର କଥାକୁ ଲୁଚାଇ ବନ୍ଧୁଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ୍ ଆଲୋଚନା କରିପାରନ୍ତି। ଆର୍ଥିକ ସ୍ଥିତି ଭଲ ନ ରହିବାରୁ ଅତ୍ୟାବଶ୍ୟକ ଜିନିଷଟି ଆଜି ଆଣି ପାରିବେ ନାହିଁ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବା ଆଶା ନିରର୍ଥକ ହୋଇପାରେ।

**କୁମ୍ଭ**
ଆଜି ଶାରୀରିକ ସୁସ୍ଥତା ଓ ଦୃଢ଼ ମନୋବଳ କାମକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ। ମନ ଚାହୁଁ ନ ଥିଲେ ମଧ୍ୟ କୌଣସି କାମକୁ ବାଧ ବାଧକତାରେ କରିବାକୁ ପଡ଼ିବ। ସାଧାରଣ କଥାରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ। ସାମାଜିକ ଜୀବନରେ ମଧ୍ୟ କାର୍ଯ୍ୟହାନିଜନିତ ଅଶାନ୍ତିରେ ରହିପାରନ୍ତି।

**ମୀନ**
ଅର୍ଥଲାଭ ସହ ଆନୁଷଙ୍ଗିକ ସୁବିଧା ପାଇବା ହେତୁ ନିର୍ମାଣ କାମ ମଧ୍ୟ ତ୍ୱରାନ୍ୱିତ ହେବ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପରିଶ୍ରମଜନିତ କ୍ଳାନ୍ତିବୋଧ କରିପାରନ୍ତି। ପ୍ରିୟଜନଙ୍କ ସାହାଯ୍ୟରୁ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ଆଜି ହଠାତ୍ ସମ୍ପନ୍ନ ହୋଇଯିବ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ହେବ।

# ଜିଲା ମୁଖ୍ୟ ଚିକିତ୍ସାଳୟ ନଳାରୁ ଶିଶୁକନ୍ୟା ଉଦ୍ଧାର

- ଶିଶୁଯତ୍ନ ପ୍ରକୋଷ୍ଠରେ ଚାଲିଛି ଚିକିତ୍ସା
- ଶରୀରର ବିଭିନ୍ନ ସ୍ଥାନରେ କ୍ଷତ

**ପୁରୀ ଅଫିସ,୩।୨**

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଚିକିତ୍ସାଳୟର ଆଉଟ-ଡୋର୍ ଶୌଚାଳୟ ନିକଟ ଏକ ନଳାରେ କେହି ଜଣେ ନବଜାତକ ଶିଶୁକନ୍ୟାଙ୍କୁ ଛାଡ଼ି ଚାଲିଯାଇଛନ୍ତି। ପରେ ଜଣେ ସ୍ୱାସ୍ଥ୍ୟ କର୍ମଚାରୀ ଶିଶୁଟିକୁ ଦେଖି ଉଦ୍ଧାର କରିଛନ୍ତି। ଏହାପରେ ଶିଶୁକନ୍ୟାଙ୍କୁ ଶିଶୁଯତ୍ନ ପ୍ରକୋଷ୍ଠରେ ଭର୍ତ୍ତି କରାଯାଇଥିବା ବେଳେ ତା'ର ଅବସ୍ଥା ଗୁରୁତର ରହିଛି। ତେବେ ଶିଶୁଟିକୁ କିଏ ଏଭଳି ଅବସ୍ଥାରେ ଛାଡ଼ିଲା ଓ ଏହା ପଛର କାରଣ କ'ଣ ତାହାକୁ ନେଇ ଦ୍ୱନ୍ଦ୍ୱ ଲାଗି ରହୁଛି। ଏ ନେଇ ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି, ଶିଶୁର ନିଃଶ୍ୱାସ ପ୍ରଶ୍ୱାସରେ କଷ୍ଟ ଅନୁଭବ ହେଉଥିବା ବେଳେ ଛାତିରେ ମଧ୍ୟ ଯନ୍ତ୍ରଣା ରହିଛି। ଅକ୍ସିଜେନର ସ୍ତର ମଧ୍ୟ କମ୍ ରହିଛି, ଏଭଳି ଶିଶୁଙ୍କଠାରେ ୯୭ରୁ ୯୮ ପର୍ଯ୍ୟନ୍ତ ସାଚୁରେସନ୍ ରହିବା କଥା। ମାତ୍ର ସମ୍ପୃକ୍ତ ଶିଶୁ କ୍ଷେତ୍ରରେ ତାହା ୯୦ ପାଖାପାଖି ରହୁଛି। ଶିଶୁଟିର ଓଜନ ୯ଶହ ଗ୍ରାମ ଥିବାବେଳେ ବୟସ ୨୫ ସପ୍ତାହ ୨ ଦିନ। ଅନ୍ୟପକ୍ଷେ ଖବରପାଇ ଶିଶୁ ଚାଇଲ୍ଡଲାଇନ୍ ଟିମ୍ ହସ୍ପିଟାଲରେ ପହଞ୍ଚି ଡାକ୍ତରୀ ଟିମ୍ ସହ ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ଶିଶୁ ଶରୀରର ଅନେକ ସ୍ଥାନରେ କ୍ଷତ ହୋଇଥିବା ଓ ଗଭୀର ଆଘାତ ଲାଗିଛି। ଚିକିତ୍ସା ନ ସରିବା ପର୍ଯ୍ୟନ୍ତ ଚାଇଲ୍ଡଲାଇନ୍ କୌଣସି କାର୍ଯ୍ୟ ଆରମ୍ଭ କରିପାରିବ ନାହିଁ। ଶିଶୁ ସୁସ୍ଥ ହେବା ପରେ ତାହାକୁ ଶିଶୁ କଲ୍ୟାଣ କମିଟି ନିକଟରେ ଉପସ୍ଥିତ କରାଯିବ। ଥାନାରେ ଏ ନେଇ ଲିଖିତ ଅଭିଯୋଗ ଦିଆଯାଇଛି। ଶିଶୁ ସୁସ୍ଥ ହେବା ପରେ ତାହାର ଦାୟିତ୍ୱ ନିଆଯିବ ବୋଲି ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ କହିଛନ୍ତି। ଏ ନେଇ ସିଡିଏମ୍‌ଓ ପ୍ରଣବ ଶଙ୍କର ଦାଶ କହିଛନ୍ତି, ଶିଶୁଟି ଗୁରୁତର ଅବସ୍ଥାରେ ଉଦ୍ଧାର ହେବା ପରେ ଡାକ୍ତରୀ ଟିମ୍ ସବୁ ପ୍ରକାର ଚିକିତ୍ସା ପାଇଁ ଉଦ୍ୟମ କରୁଛନ୍ତି। ଦରକାର ପଡ଼ିଲେ ଅଧିକ ଡାକ୍ତରୀ ସୁବିଧା ପାଇଁ ଶିଶୁକନ୍ୟାକୁ ସ୍ଥାନାନ୍ତର ମଧ୍ୟ କରିପାରୁ। ଶିଶୁ ଯତ୍ନ ପ୍ରକୋଷ୍ଠ ଦାୟିତ୍ୱରେ ଥିବା ଡାକ୍ତର କହିଛନ୍ତି, ଆଉଟଡୋର୍ ପାଖ ଶୌଚାଳୟରେ ପାଣି ପ୍ରବାହ ହେଉ ନ ଥିବାରୁ ସୁଇପରକୁ ସ୍ଥିତି ଯାଞ୍ଚ କରିବାକୁ ପଠାଇଥିଲି। ସୁଇପର ଶୌଚାଳୟ ପାଇପଲାଇନ୍‌କୁ ଯାଞ୍ଚ କରିବାବେଳେ ଏକ ନାଡ଼ ସଂଯୋଗ ହୋଇ ଶିଶୁକନ୍ୟାଟି ପଡ଼ିଥିବା ଦେଖି ଉଦ୍ଧାର କରିଥିଲେ। ଶିଶୁ କଲ୍ୟାଣ କମିଟି ସଭାପତି ମହାବୀର ରୁଦ୍ର ନାରାୟଣ ସାହୁ କହିଛନ୍ତି, ଏ ସମ୍ପର୍କରେ ପୋଲିସକୁ ଜଣାଇବା ସହ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଶିଶୁ ସୁସ୍ଥ ହେବା ପରେ ଶିଶୁ କଲ୍ୟାଣ କମିଟିକୁ ଦିଆଯିବ।

# ଚୋରି ଶିଶୁପୁତ୍ରକୁ ଉଦ୍ଧାର କଲା ପୋଲିସ

**ନୟାଗଡ଼ ଶିଶୁ ବିକ୍ରି ଘଟଣା**

## ଲେବର ରୁମ୍ ଦାୟିତ୍ୱରୁ ୬ କର୍ମଚାରୀ ବିଦା ହେଲେ

**ନୟାଗଡ଼ ଅଫିସ,୩।୨**

ଗତ ୨୮ ତାରିଖରେ ନୟାଗଡ଼ ଡାକ୍ତରଖାନାରୁ ଚୋରି ଶିଶୁ ପୁତ୍ରକୁ ସ୍ଥାନୀୟ ଟାଉନ ଥାନା ପୋଲିସ ଗୁରୁବାର ରାତିରେ ଉଦ୍ଧାର କରିଛି। ତେବେ ତଦନ୍ତରେ ବାଧା ସୃଷ୍ଟି ହେବ ଦର୍ଶାଇ ପୋଲିସ ଏ ସଂକ୍ରାନ୍ତରେ କୌଣସି ସବିଶେଷ ତଥ୍ୟ ଦେଇନାହିଁ। ଶିଶୁଚୋରି ଅଭିଯୋଗରେ ସମ୍ପୃକ୍ତ ଥିବା ଷ୍ଟାଫନର୍ସଙ୍କୁ ପୋଲିସ ଉଠାଇ ନେଇ ତଦନ୍ତ ଚଳାଇଥିଲା। ତାଙ୍କ ତଥ୍ୟକୁ ଭିତ୍ତିକରି ପୋଲିସ ଶିଶୁପୁତ୍ର ପାଖରେ ପହଞ୍ଚିବା ସୂଚନା ମିଳିଛି। ଅନ୍ୟପକ୍ଷେ ନବଜାତ ଶିଶୁକୁ ମେଡିକାଲ ପଛପାଖରେ ଜଣେ ବ୍ୟକ୍ତିଙ୍କୁ ଦିଆଯାଇଥିଲା ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ତଦନ୍ତରେ ପ୍ରମାଣ ନଷ୍ଟ ହେବାର ଆଶଙ୍କାରେ ୪ ଷ୍ଟାଫ୍‌ନର୍ସ, ଜଣେ ସୁଇପର, ଜଣେ ଆଟେଣ୍ଡାଣ୍ଟ ଏପରି ୬ କର୍ମଚାରୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର ଲେବର ରୁମ ଦାୟିତ୍ୱରୁ ହଟାଇ ଦିଆଯାଇଛି ବୋଲି ସିଡିଏମ୍‌ଓ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୨୮ ତାରିଖରେ ଇଟାମାଟି ଥାନା ନୋଉର ଗାଁର ରବୀନ୍ଦ୍ର ସ୍ୱାଇଁଙ୍କ ସ୍ତ୍ରୀ ଜଳିଙ୍କ ଗର୍ଭ ଯନ୍ତ୍ରଣା ଆରମ୍ଭ ହେବା ପରେ ପରିବାର ଲୋକେ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଦିନ ପୂର୍ବାହ୍ନ ୯ଟାରେ ଜଳି ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ଶିଶୁ ଜନ୍ମ ପରେ ସେଠାରେ ଉପସ୍ଥିତ ଥିବା ଜଣେ ନର୍ସ ଟିକା ଦେବା ଆଳରେ ପିଲାଟିକୁ କୁଆଡ଼େ ନେଇଯାଇଥିଲେ। ବହୁ ସମୟ ଅପେକ୍ଷା କରିବା ପରେ ବି ସେ ଶିଶୁଟିକୁ ଜଳିଙ୍କୁ ଫେରାଇ ନ ଥିଲେ। ଶେଷରେ ପୁଅକୁ ନ ପାଇ ଜଳି ଓ ତାଙ୍କ ସ୍ୱାମୀ ରବୀନ୍ଦ୍ର କାନ୍ଦି କାନ୍ଦି ଘରକୁ ଫେରିଥିଲେ। ହେଲେ ପ୍ରତିଦିନ ଏହି ଦମ୍ପତି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି ସମ୍ପୃକ୍ତା ନର୍ସଙ୍କୁ ଖୋଜି ଥିଲେ ମଧ୍ୟ ପାଇ ନ ଥିଲେ। ସବୁଠି ନିରାଶ ହେବା ପରେ ବୁଧବାର ଜଳି ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିଥିଲେ।

ଏନେଇ ନୟାଗଡ଼ ଟାଉନ ଥାନା ଆଇଆସି ପ୍ରଜ୍ଞା ପରମିତା ଜେନା କୁହନ୍ତି, ଅଭିଯୋଗର ତଦନ୍ତ କରାଯାଉଛି। ମାମଲା ରୁଜୁ ହୋଇନାହିଁ। ସିଡିଏମ୍‌ଓ ମକରନ୍ଦ ବେଉରା କୁହନ୍ତି, ଶିଶୁ ଚୋରି ନେଇ ଆଶାକର୍ମୀଙ୍କ ଅଭିଯୋଗ ମିଳିବା ପରେ ଏହାର ତଦନ୍ତ ହୋଇଥିଲା। କିନ୍ତୁ ସ୍ୱାସ୍ଥ୍ୟ ବିଭାଗରେ ଶିଶୁ ଚୋରି ନେଇ ତାଙ୍କ ମା'ବାପା ଅଭିଯୋଗ କରି ନାହାନ୍ତି। ସେମାନେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଶିଶୁଚୋରି ନେଇ ଆମକୁ ପଚରାଉଚରା କରିଥିଲା। ଆମ ପାଖରେ ଥିବା ତଥ୍ୟ ଆମେ ଜଣାଇଥିଲୁ।

# ପରିବାର ଲୋକଙ୍କୁ ବନ୍ଧୁକ ଦେଖାଇ ସାମ୍ବାଦିକ ଗିରଫ

## ପିସ୍ତଲ, ଖୋକା ଜବତ

**ବାସୁଦେବପୁର, ୩।୨ (ଡି.ଏନ.ଏ.)**

ପରିବାର ଲୋକଙ୍କୁ ବନ୍ଧୁକ ଦେଖାଇ ମାରିଦେବାକୁ ଧମକ ଦେବା ଅଭିଯୋଗରେ ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଅଧୀନ ସାବରପୁର ଗ୍ରାମର ସେକ୍ ତାଜୁଉଦ୍ଦିନ ନାମକ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ଏକ ୟୁଟ୍ୟୁବ୍ ଚ୍ୟାନେଲର ସାମ୍ବାଦିକ ବୋଲି ପୋଲିସ ଜାଣିବାକୁ ପାଇଛି। ଏନେଇ ତାଙ୍କ ବାପା ସେକ୍ ସଲାମୁଦ୍ଦିନଙ୍କ ଅଭିଯୋଗ କ୍ରମେ ବାସୁଦେବପୁର ଥାନାରେ ମାମଲା (ନଂ.୫୨/୨୨) ରୁଜୁ କରାଯାଇଛି। ବୁଧବାର ରାତିରେ ସେକ୍ ତାଜୁଉଦ୍ଦିନ ନିଜ ପାଖରେ ବେଆଇନ ଭାବେ ରଖିଥିବା ବନ୍ଧୁକ ଦେଖାଇ ପରିବାର ଲୋକଙ୍କୁ ଭୟଭୀତ କରାଇଥିଲେ। ତାଙ୍କ ନିକଟରୁ ଏକ ପିସ୍ତଲ ଓ ଖୋକା ଜବତ ହୋଇଛି। ତେବେ ଘରୋଇ କଳିକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଆଇଆଇସି ଅମିତ କୁମାର ଭୂୟାଁ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ୭ରୁ ଖୋଲିବ...

ପାଠପଢ଼ା ହେବ। ବିଦ୍ୟାଳୟ ଶିକ୍ଷାଦାନ ଓ ପରୀକ୍ଷା ଆଦି ବିଷୟରେ ସମ୍ପୃକ୍ତ ବିଭାଗଗୁଡ଼ିକ ଗାଇଡ୍‌ଲାଇନ୍ ଜାରି କରିବେ। ତେବେ ଶ୍ରେଣୀଗୃହ ପାଠପଢ଼ା ଏବଂ ପରୀକ୍ଷା ପ୍ରଭୃତି ସମୟରେ ସମସ୍ତ ଶିକ୍ଷାନୁଷ୍ଠାନ କୋଭିଡ୍ ନିୟମ କଡ଼ାକଡ଼ି ଅନୁପାଳନ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହା ଅନୁପାଳନ ପାଇଁ ସମ୍ପୃକ୍ତ ଅନୁଷ୍ଠାନର କର୍ତ୍ତୃପକ୍ଷ ସମସ୍ତ ବ୍ୟବସ୍ଥା କରିବେ। ପ୍ରଥମରୁ ନବମଶ୍ରେଣୀ ପର୍ଯ୍ୟନ୍ତ ଏବଂ ଏକାଦଶ ପରୀକ୍ଷା ହେବ। ପିଲାମାନେ ଚାହିଁଲେ ଏହି ପରୀକ୍ଷା ଅଫ୍‌ଲାଇନ୍ କିମ୍ବା ଅନ୍‌ଲାଇନ୍‌ରେ ଦେଇପାରିବେ। ତେବେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ବୋର୍ଡ ଏବଂ କାଉନସିଲ୍ ଗାଇଡ୍‌ଲାଇନ ଅନୁସାରେ ଅନୁଷ୍ଠିତ ହେବ। ସେହିଭଳି ଉଚ୍ଚଶିକ୍ଷା ବିଭାଗର ପରୀକ୍ଷା ଜାନୁୟାରୀ ୧୦ ତାରିଖ ପୂର୍ବର ନିୟମ ଓ ଗାଇଡ୍‌ଲାଇନ୍ ଅନୁସାରେ ହେବ। ଆବଶ୍ୟକ ସ୍ଥଳେ ବ୍ରିଜ୍ କୋର୍ସ ଓ ସ୍ୱଳ୍ପ-ଅବଧି, ମଧ୍ୟମ-ଅବଧି ଆଦି କ୍ଲାସ୍ କରି ପିଲାଙ୍କ ପାଠ୍ୟଖସଡ଼ା ଶେଷ କରିବା ପାଇଁ ପରାମର୍ଶ ଦିଆଯାଇଛି। ଆବଶ୍ୟକ ହେଲେ ଖରାଦିନ ଛୁଟିର ଅବଧି ମଧ୍ୟ କମାଇ ଶିକ୍ଷାଦାନ କରିପାରିବେ। ସବୁ ବିଭାଗର ଅନୁଷ୍ଠାନ ପାଇଁ ସରକାରଙ୍କ ଏହି ନିଷ୍ପତ୍ତି ଲାଗୁ ହେବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ତେବେ କେହି ଏସବୁ ନିୟମକୁ ଖିଲାପ କଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ଆର୍‌ସିଙ୍କ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି।

## ସ୍କୁଲ ଖୋଲିବା ପାଇଁ...

ହେବ ବୋଲି ଗାଇଡ୍‌ଲାଇନରେ କୁହାଯାଇଛି। ତେବେ ସ୍କୁଲ୍ ଖୋଲିବା ସମ୍ପର୍କରେ ରାଜ୍ୟ ସରକାର ନିଷ୍ପତ୍ତି ନେବେ। ଅଫ୍‌ଲାଇନ କ୍ଲାସ୍ ଆବଶ୍ୟକତା ସମ୍ପର୍କରେ ରାଜ୍ୟ ସରକାର ଚାହିଁଲେ ଛାତ୍ରୀଛାତ୍ରଙ୍କ ଅଭିଭାବକମାନଙ୍କ ମତାମତ ନେଇପାରିବେ। କୋଭିଡ୍-୧୯କୁ ନେଇ ରାଜ୍ୟଗୁଡ଼ିକ ପକ୍ଷରୁ ଜାରି ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର ଅନୁଯାୟୀ ମ୍ୟୁଜିକ୍, ଗେମ୍ସ, ସ୍ପୋର୍ଟ୍ସ ଓ ଆର୍ଟସ୍‌ରେ ଗ୍ରୁପ୍ ଆକ୍ଟିଭିଟିକୁ ଅନୁମତି ଦିଆଯାଇପାରେ। ବର୍ତ୍ତମାନ ସୁଦ୍ଧା ୧୧ ରାଜ୍ୟରେ ସ୍କୁଲ୍ ସମ୍ପୂର୍ଣ୍ଣ ଖୋଲିଥିବାବେଳେ ୯ଟିରେ ବନ୍ଦ ରହିଥିବା ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ମହାମାରୀକୁ ନେଇ ସ୍କୁଲ୍ ଖୋଲିବା ଚିନ୍ତାର କାରଣ ହୋଇରହିଛି। ଏନେଇ ବିଭିନ୍ନ ସମୟରେ ପରାମର୍ଶ ଦିଆଯାଇଥିଲେ ହେଁ ଚୂଡ଼ାନ୍ତ ନିଷ୍ପତ୍ତି ରାଜ୍ୟଗୁଡ଼ିକ ଉପରେ ଛଡ଼ାଯାଇଛି ବୋଲି କୋଭିଡ୍ ଟାସ୍କଫୋର୍ସ ମୁଖ୍ୟ ଡ. ଭି.କେ. ପଲ୍ କହିଛନ୍ତି। ଏବେ ବି ମହାମାରୀ ରହିଛି, ତେଣୁ ଏସ୍‌ଓପି ଅନୁଯାୟୀ ସ୍କୁଲ୍ ଖୋଲାଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ଏସ୍‌ଓପି ପାଳନ କରିବା ଦ୍ୱାରା ପିଲାଙ୍କ ସୁରକ୍ଷା ସୁନିଶ୍ଚିତ କରାଯାଇପାରିବ। ଦୁଇବର୍ଷ ହେଲା ଶ୍ରେଣୀ ପାଠପଢ଼ା ବନ୍ଦ ରହିଥିବାରୁ ପିଲାମାନେ ଶିକ୍ଷାଗ୍ରହଣରୁ ବଞ୍ଚିତ ହୋଇଛନ୍ତି। ସ୍କୁଲ୍ ଖୋଲିବା ଲାଗି ପୂର୍ବରୁ ସୁଯୋଗ ଥିଲା। ଏବେ ଶିକ୍ଷକମାନେ ଟିକା ନେଇସାରିଛନ୍ତି। ତଥାପି ଆମକୁ ଏସ୍‌ଓପି ପାଳନ କରିବାକୁ ହେବ ବୋଲି ଡ. ପଲ୍ କହିଛନ୍ତି।

## ୨ବର୍ଷ ପରେ...

ଶିକ୍ଷାନୁଷ୍ଠାନ ଖୋଲିବା ପାଇଁ ସବୁଠି ଦାବି ହୋଇଆସୁଥିଲା। ଏପରି କି ଏ ନେଇ ହାଇକୋର୍ଟରେ ମାମଲା ମଧ୍ୟ ରୁଜୁ ହୋଇଥିଲା। ବୁଧବାର ହାଇକୋର୍ଟ ଏହି ମାମଲାର ଶୁଣାଣି କରି ଦୁଇମାସ ମଧ୍ୟରେ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ନେବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।


# classifieds Everyday
0674-2580101, 2549302

real estate

## SALE

ବ୍ରାହ୍ମଣଝରିଲୋ ବଜାରରୁ **1K.M.** ମଧ୍ୟରେ ଘରବାରି, **road,** ଇଲେକ୍ଟ୍ରିସିଟି ସହ ପିଚୁ ରାସ୍ତାକୁ ଲାଗି **plot/simplex** ସୁଲଭ ମୂଲ୍ୟରେ ମିଳୁଛି। **(Bank finance available). 9938163369, 8093053603.** D-71787

ଝିଅ ବାହାଘର ପାଇଁ ସୁନ୍ଦରପଦାର ଖେତ୍ରପାଳ ମୌଜାରେ ୫୦୦୦ବର୍ଗଫୁଟ ପ୍ଲଟ୍ 45,00,000/-, ବେଣାବିଲ ମୌଜାରେ 20,00,000/- ବିକ୍ରି କରିବି। 9853150290. D-71790

ଭୁବନେଶ୍ୱର ହଂସପାଳଛକରୁ **5K.M.** ମଧ୍ୟରେ **(New BDA Planing Area) 30'** ରାସ୍ତା, ଘରବାରି, ଇଲେକ୍ଟ୍ରିସିଟି ଥାଇ **plot** ମିଳୁଛି। **9938014369, 8093053602.** D-71788

**30'** ରାସ୍ତା, ଘରବାରି, **boundary plot** ଗୁଡ଼ିଆପୋଖରୀ **Puri-NH** ଭୁବନେଶ୍ୱର **@8,99lakhs (ready for construction). 9437691481.** D-71783

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.- 280/-, ନଖରା ତ୍ରିନାଥବଜାର sqft.- 220/- (outright). 9556055607. D-22922

**Bhubaneswar Sum Hospitalରୁ 4 K.M. distance** ଘରବାରି ପଟ୍ଟା, ଇଲେକ୍ଟ୍ରିସିଟି ଥାଇ **plot** ମିଳୁଛି। **Immediate registration and possession. 9090963952.** D-71772

ଭୁବନେଶ୍ୱର ଗ୍ୟାରେଜ୍ ଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71937

**Scheduled caste plot for sale in BDA Town planning scheme Phase-1, Bhubaneswar. Contact: 9937446498.** D-71940

**ଘରବାରି ପ୍ଲଟ୍ ବାଉଣ୍ଡାରି ୱାଲ୍ ସହିତ ସୁନ୍ଦରପଦାରେ 480 Sqft., Limited offer available. Mob.: 9437216666.** D-23018

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

to-let

Space available at prime location for Office cum Godown (Ground Floor (2000sqft.) at Unit-9, Bhubaneswar. 9437057789. D-71619

healthcare

**Relax, refresh your body, mind at Lotus SPA with best therapies. 8018891951.** D-71856

Full body massage in homely atmosphere all therapy. Contact: 8114881641. D-60895

Newly open SPA positively health benefits by expert therapist. 7846814019. D-71470

Refreshing your mind and body with the best therapy, 7873794731. D-23024

Newly open full body massage ladies and gents. 8327740003. D-71855

Newly open SPA positively health benefits by expert therapist. 8455987557. D-71471

Newly opening SPA positively health benefits with expert therapist. 8917332216. D-71938

Open full body massage home service ladies, gents available. 9583808247. D-22979

Newly open SPA positively health benefit with Expert. Contact: 7749976301. D-71939

## LOST

I Yamin Ahemad Khan own plot No.- 2248/3448, Mouza: Jajarsingh, P.S.- Bux lane, Village: Nayakothi, Khordha- 752055 the saledeed No.- 397 being lost. Kindly contact if anyone finds it. Adv- NC Pattnaik, M: 9853311189. D-71519

## LEGAL NOTICE

In the Court of Judge, Family Court, Baripada, C.P. No.- 142/20
Mitali Prusti ....Petitioner
Vs
Sri Balakrushna Nayak ....Respondant
Notice U/O-5, Rule-20 (1-A) C.P.C.

Balakrushna Nayak, Kalyani Plaza-1, Hi-Tech, Sundarpada, Air Field, OPD, Bhubaneswar, Dist.- Khurda.

Where as Mitali Prusti has instituted a suit against you for dissolutation judicial separation of marriage U/S- 10 of Hindu marriage Act, 1955.

You are hereby directed to appear in this court in person or by pleader duly instructed & able to answer all material questions relating to the suit or who shall be accompanied by some person able to answer all such question on the 16th day of Feb. 2022 at 10.30 A.M. to answer the claim & further you are hereby directed to file on that day written statement of your defence and to produce on that day all the documents upon which you intend to rely in support of your defence.

Take notice that in default of your appearance on the day before mentioned the suit will be heard and determined in your absence.

Given under my hand & one seal of the court this 28th day of Jan.2022.

Sd./- The Judge, Family Court, Baripada
D- 23032

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# 'ଗୋମୂତ୍ର ପିଅନ୍ତୁ ଭାଜପା ଏମ୍‌ପି'

**ନୂଆଦିଲ୍ଲୀ,୩।୨**

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ର ଗୁରୁବାର ପାର୍ଲାମେଣ୍ଟର ଭାଜପା ସଦସ୍ୟମାନଙ୍କୁ ଗୋମୂତ୍ର ପିଇବାକୁ ପରାମର୍ଶ ଦେଇଛନ୍ତି। ପଶ୍ଚିମବଙ୍ଗର କ୍ରିଷ୍ଣାନଗର ଆସନରୁ ଲୋକ ସଭାରେ ପ୍ରତିନିଧିତ୍ୱ କରୁଥିବା ମହୁଆ ଟୁଇଟ୍ କରିଥିଲେ, ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବକୁ ନେଇ ସନ୍ଧ୍ୟାରେ ଗୃହରେ ବକ୍ତବ୍ୟ ରଖିବାର ଅଛି। ଏହା ପୂର୍ବରୁ ଭାଜପାକୁ ପରାମର୍ଶ ଯେ, ଦଳ ହ୍ୟାକେଲର୍ (ବାରମ୍ବାର କଥା କାଟୁଥିବା) ଟିମ୍‌କୁ ପ୍ରସ୍ତୁତ ରଖୁ। ସେମାନେ ଗୋମୂତ୍ର ଡୋଜ୍ ପିଇ ଆସନ୍ତୁ ବୋଲି ମହୁଆ ମାଇକ୍ରୋବ୍ଲଗିଂ ସାଇଟ୍‌ରେ ଲେଖିଥିଲେ। ପ୍ରକାଶ ଯେ, ଗାଈକୁ ଭାଜପା ମାତା କହୁଥିବାବେଳେ ଗୋବଂଶର ସୁରକ୍ଷା ଏହାର ପ୍ରାଥମିକ ଏଜେଣ୍ଡାରେ ରହିଥାଏ। ତେଣୁ ନିଜ ଭାଷଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଘେରୁଥିବା ଟିଏମ୍‌ସି ସଦସ୍ୟା ବକ୍ତବ୍ୟ ଦେବାବେଳେ ଭାଜପା ଏମ୍‌ପିମାନେ ତାଙ୍କୁ ଯେପରି ହ୍ୟାକେଲିଂ ନ କରିବେ ସେଥିଲାଗି ସେ ଟୁଇଟ୍ କରି ସତର୍କ କରାଇଦେଇଥିଲେ। ପରେ ଲୋକ ସଭାରେ ବକ୍ତବ୍ୟ ରଖି ମହୁଆ କହିଥିଲେ, ମୋଦି ସରକାର ଦେଶର ଇତିହାସ ବଦଳାଇବାକୁ ଚାହାନ୍ତି। ସେମାନେ ଭବିଷ୍ୟତକୁ ଭୟ ଏବଂ ବର୍ତ୍ତମାନକୁ ଅବିଶ୍ୱାସ କରୁଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ନିଜ ଅଭିଭାଷଣରେ ଭାରତର ଅଧିକାରକୁ ସୁରକ୍ଷିତ ରଖିଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କ ସମ୍ପର୍କରେ କହିଥିଲେ। କିନ୍ତୁ ଏହା କେବଳ ଏକ ଜୁମ୍‌ଲା। ୮୦ ବନାମ ୨୦ ସରକାରଙ୍କ ଲଢ଼େଇ ଆମ ଗଣତନ୍ତ୍ରକୁ ଧ୍ୱସ୍ତବିଧ୍ୱସ୍ତ କରିବାକୁ ବସିଲାଣି।

**ମୋଦି ସରକାର ଭବିଷ୍ୟତକୁ ଭୟ ଓ ବର୍ତ୍ତମାନକୁ ଅବିଶ୍ୱାସ କରୁଛନ୍ତି: ମହୁଆ ମୋଇତ୍ର**



# ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କଳାପତାକା

**ଝାରସୁଗୁଡ଼ା ଅଫିସ,୩।୨**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରାଞ୍ଚଳର ଗୁମାଡେରାରେ ଗୁରୁବାର ଏକ କାର୍ଯ୍ୟକ୍ରମ ରହିଥିଲା। ଏଥିରେ ଯୋଗଦେବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଯାଉଥିବାବେଳେ ରାସ୍ତା ପାର୍ଶ୍ୱରେ ପୂର୍ବରୁ ପ୍ରସ୍ତୁତ ହୋଇରହିଥିବା ଯୁବ କଂଗ୍ରେସ କର୍ମୀ ତାଙ୍କୁ କଳାପତାକା ପ୍ରଦର୍ଶନ କରିଥିଲେ। ଏହାସହ ସ୍ୱାସ୍ଥ୍ୟମନ୍ତ୍ରୀ ଗୋବ୍ୟାକ୍ ସ୍ଲୋଗାନ ଦେଇଥିଲେ। ଏ ନେଇ ବେଲପାହାଡ ଯୁବ କଂଗ୍ରେସ କର୍ମୀ ତାହିର ଖାନ କହିଛନ୍ତି, ବେଲପାହାଡ଼ ପୌରାଞ୍ଚଳରେ ଥିବା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାର ଅର୍ବାନ ପିଏଚ୍‌ସି ଘୋଷଣା କରିଛନ୍ତି। ହେଲେ ଏଠାରେ ଆବଶ୍ୟକ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଅଭାବ ରହିଛି । ଫଳରେ ରୋଗୀମାନେ ଅଧିକ ଖର୍ଚ୍ଚାନ୍ତ ହୋଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ଝାରସୁଗୁଡ଼ା ଜିଲାର ହୋଇଥିବାବେଳେ ସେ ନିଜ ଜିଲାରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିପାରିନାହାନ୍ତି। ଏହାକୁ ନେଇ ଆଗାମୀ ଦିନରେ ଯୁବ କଂଗ୍ରେସ ସ୍ୱାସ୍ଥ୍ୟମନ୍ତ୍ରୀ ଦାସଙ୍କୁ ବିରୋଧକରି ରାଜରାସ୍ତାକୁ ଓହ୍ଲାଇବ।



ବେଲପାହାଡ଼ ଯୁବ କଂଗ୍ରେସ କର୍ମୀମାନେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କଳାପତାକା ଦେଖାଉଛନ୍ତି।

# ମୁଖ୍ୟମନ୍ତ୍ରୀ, ବିଧାୟକଙ୍କ ଫଟୋ ଛାପିବା ମହଙ୍ଗା ପଡ଼ିଲା

## ପ୍ରଶାସନର ହସ୍ତକ୍ଷେପ ପରେ ରଙ୍ଗବୋଳି ଲିଭାଗଲା

**କଣ୍ଟାପଡା, ୩।୨(ଡି.ଏନ୍.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୱାର୍ଡସଭ୍ୟ, ସମିତିସଭ୍ୟ ଓ ସରପଞ୍ଚ ପ୍ରାର୍ଥୀମାନେ ଦଳୀୟ ଚିହ୍ନ ସହିତ ମୁଖ୍ୟମନ୍ତ୍ରୀ ଓ ବିଧାୟକଙ୍କ ଫଟୋ ବ୍ୟବହାର ନ କରିବା ପାଇଁ ସରକାରୀ ନିୟମ ରହିଛି। ହେଲେ କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ବଡ ପାଟସୁନ୍ଦରପୁର ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଉକ୍ତ ପଞ୍ଚାୟତରେ ସରପଞ୍ଚ ପଦବୀ ପାଇଁ ମାନସୀ ମଲ୍ଲିକ ଓ ସମିତି ସଭ୍ୟ ପଦବୀ ଲାଗି ମନୋଜ କୁମାର ବେହେରା ନିର୍ବାଚନ ଲଢୁଛନ୍ତି। ସେମାନେ ନିଜ ହୋର୍ଡିଂରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ନିଆଳି ବିଧାୟକ ଡା. ପ୍ରମୋଦ ମଲ୍ଲିକଙ୍କ ଫଟୋ ଛାପି ପ୍ରଚାର କରୁଥିବା ବ୍ଲକ ନିର୍ବାଚନ ଅଧିକାରୀ ସନ୍ତୋଷ କୁମାର ପତିଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏ ନେଇ ପତି ମାଜିଷ୍ଟ୍ରେଟ ମିତାଞ୍ଜଳି ଦାଶଙ୍କୁ ଜଣାଇଥିଲେ। ଗୁରୁବାର ପ୍ରଶାସନର ନିର୍ଦ୍ଦେଶକ୍ରମେ ବ୍ରାହ୍ମଣସାଇଲୋ ରାଜସ୍ୱ ନିରୀକ୍ଷକ ମାନସ ନାୟକଙ୍କ ଉପସ୍ଥିତିରେ ଉକ୍ତ ହୋର୍ଡିଂରେ ରଙ୍ଗ ଲଗାଇ ମୁଖ୍ୟମନ୍ତ୍ରୀ ଓ ବିଧାୟକଙ୍କ ଫଟୋକୁ ଲିଭାଯାଇଥିଲା। ଅନ୍ୟସ୍ଥାନରେ ଲଗାଯାଇଥିବା ହୋର୍ଡିଂରୁ ତୁରନ୍ତ ଫଟୋ ହଟାଇବା ପାଇଁ ପ୍ରଶାସନ ନିର୍ଦ୍ଦେଶ ଦେଇଛି। ଏ ସମ୍ପର୍କରେ ବ୍ଲକ ନିର୍ବାଚନ ଅଧିକାରୀ ପତି କହିଛନ୍ତି, ସରପଞ୍ଚ ଓ ସମିତି ସଭ୍ୟ ପଦବୀ ପାଇଁ ଦଳୀୟ ଚିହ୍ନ ନ ଥିବାରୁ ନେତାଙ୍କ ଫଟୋ ଲଗାଯିବା ନିର୍ବାଚନ ଆଚରଣ ବିଧିକୁ ଉଲ୍ଲଂଘନ କରୁଛି। ତେଣୁ ଅଭିଯୋଗ ହେବାପରେ ଏଭଳି ପଦକ୍ଷେପ ନିଆଯାଇଛି।




ହୋର୍ଡିଂରୁ ମୁଖ୍ୟମନ୍ତ୍ରୀ ଓ ବିଧାୟକଙ୍କ ଫଟୋକୁ ରଙ୍ଗ ଲଗାଇ ଲିଭାଇ ଦିଆଯାଉଛି।

# ଫଟୋ ବଢ଼ାଉଛି ଦ୍ୱନ୍ଦ୍ୱ




- ନେତାଙ୍କ ଭରସାରେ ଜିଲା ପରିଷଦ ପ୍ରାର୍ଥୀ
- ଡିଜିଟାଲ ପ୍ରଚାରରେ ସରପଞ୍ଚ ପ୍ରାର୍ଥୀ ଆଗୁଆ

**ଢେଙ୍କାନାଳ ଅଫିସ, ୩।୨**

ଗ୍ରାମାଞ୍ଚଳରେ ଛାଇଗଲାଣି ବ୍ୟାନର ପୋଷ୍ଟର। ସାଙ୍ଗଠନିକ ମଙ୍ଗୁଆଳଙ୍କୁ ଧରି ଘର ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି ପ୍ରାର୍ଥୀ। ସକାଳ ହେଲେ ଡିଜିଟାଲ ପ୍ଲାଟ୍‌ଫର୍ମରେ ଆରମ୍ଭ ହେଉଛି ପ୍ରଚାର। ଭୋଟରଙ୍କୁ ପ୍ରଭାବିତ କରିବାକୁ ଶାସକ ଦଳର ସମର୍ଥିତ ପ୍ରାର୍ଥୀ ବିକାଶର ଚିତ୍ର ରଖୁଥିବାବେଳେ ସମସ୍ୟାକୁ ନେଇ କାଉଣ୍ଟର ଆଟାକ୍ କରୁଛନ୍ତି ବିରୋଧୀ। ୱାର୍ଡସଭ୍ୟଙ୍କଠାରୁ ଆରମ୍ଭ କରି ସରପଞ୍ଚ ଏବଂ ସମିତିସଭ୍ୟ ପଦବୀରେ ନିର୍ବାଚନ ଲଢୁଥିବା ଆଶାୟୀମାନେ ସୋସିଆଲ ମିଡିଆରେ ଜୋର୍‌ଦାର ପ୍ରଚାର ଜାରି ରଖିଥିବାବେଳେ ଦଳୀୟ ଚିହ୍ନରୁ ନିର୍ବାଚନ ଲଢୁଥିବା ଢେଙ୍କାନାଳ ଜିଲାର ଜିଲା ପରିଷଦ ପ୍ରାର୍ଥୀମାନେ ଏବେ ନେତାଙ୍କ ଭରସାରେ ଅଛନ୍ତି। ଅନ୍ୟପଟେ ଗୋଟିଏ ପଞ୍ଚାୟତର ଏକାଧିକ ପ୍ରାର୍ଥୀ ସମାନ ନେତାଙ୍କ ଫଟୋ ନିଜ ପୋଷ୍ଟରରେ ବ୍ୟବହାର କରୁଥିବାରୁ ଭୋଟରଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ବଢ଼ିବାରେ ଲାଗିଛି। ସମାନ୍ତରାଳ ସଙ୍ଗଠନ ପାଇଁ ଏଭଳି ଅଡୁଆ ପରିସ୍ଥିତି ସୃଷ୍ଟି ହେଉଥିବା ଆଲୋଚନା ହେଉଛି।

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଢେଙ୍କାନାଳରେ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। ଜିଲାର ୮ ବ୍ଲକ ଅଧୀନ ୨୭ ଜିଲା ପରିଷଦ ଜୋନ୍‌ରେ ମୋଟ ୧୦୦ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ୨୧୨ ପଞ୍ଚାୟତରେ ସରପଞ୍ଚ ପଦବୀରେ ୮୯୫ ଏବଂ ସମିତିସଭ୍ୟ ପଦବୀରେ ୮୨୪ଜଣ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି। ବିଜେଡି, ଭାଜପା ଦଳରୁ ପ୍ରତିନିଧିତ୍ୱ କରୁଥିବା ଜିଲା ପରିଷଦ ପ୍ରାର୍ଥୀମାନେ ପ୍ରଚାର ମଇଦାନକୁ ଓହ୍ଲାଇ ସାରିଲେଣି। ଉଭୟ ଦଳର ପ୍ରମୁଖ ନେତୃବୃନ୍ଦ ସେମାନଙ୍କ ଲାଗି ଘର ଘର ବୁଲି ଭୋଟ ମାଗୁଛନ୍ତି। ଏ କ୍ଷେତ୍ରରେ ସାମାନ୍ୟ ପଛୁଆ ରହିଯାଇଛି କଂଗ୍ରେସ। ପ୍ରଥମ ପର୍ଯ୍ୟାୟ ମତଦାନକୁ ମାତ୍ର ୧୨ଦିନ ଥିବାବେଳେ ଦିନେ ଦୁଇଦିନ ଭିତରେ ସବୁ ଦଳ ପ୍ରଚାରକୁ ଆହୁରି ଜୋର୍‌ଦାର ହେବ ବୋଲି ଜଣାପଡ଼ିଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଓଡ଼ାପଡ଼ା ବ୍ଲକ ଗଦାଶିଳା ସରପଞ୍ଚ ପଦବୀ ଲାଗି ସର୍ବାଧିକ ୧୪ଜଣ ପ୍ରାର୍ଥୀ ରହିଛନ୍ତି। ସେହିପରି ସଦର ବ୍ଲକର କାଇମାଟି, କାକୁଡ଼ିଭାଗ ପଞ୍ଚାୟତ ସରପଞ୍ଚ ପଦବୀରେ ୧୦ରୁ ଉର୍ଦ୍ଧ୍ୱ ଦାବିଦାର ରହିଛନ୍ତି। ଅଧିକାଂଶ ପଞ୍ଚାୟତରେ ସରପଞ୍ଚ ପଦବୀ ଲାଗି ପ୍ରମୁଖ ଦଳ ଭିତରେ ଲଢ଼େଇ ଜୋର୍‌ଦାର ହେଉଛି। ତେବେ ବ୍ୟାନର ଏବଂ ପୋଷ୍ଟରକୁ ନେଇ ଭୋଟରଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ବଢ଼ିବାରେ ଲାଗିଛି। କାରଣ ଅନେକ ପଞ୍ଚାୟତରେ ଏକାଧିକ ପ୍ରାର୍ଥୀ ନିଜ ପୋଷ୍ଟରରେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ସ୍ଥାନୀୟ ବିଧାୟକଙ୍କ ଫଟୋ ଛାପିଛନ୍ତି। ଫଳରେ କେଉଁ ପ୍ରାର୍ଥୀ ଶାସକ ଦଳର ଏବଂ କିଏ ବିଦ୍ରୋହୀ ତାହାକୁ ନେଇ ଭୋଟରଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏଭଳି ପୋଷ୍ଟର ଓ ବ୍ୟାନର ରାଜନୀତି ଆଗାମୀ ଦିନରେ ଆହୁରି ତୀବ୍ର ହେବାର ସମ୍ଭାବନା ରହିଛି। ଏ ସମ୍ପର୍କରେ ସ୍ଥାନୀୟ ସଙ୍ଗଠନର ନେତୃତ୍ୱ ନେଇଥିବା ନେତାମାନେ ସ୍ପଷ୍ଟ ସୂଚନା ଦେଉ ନ ଥିବାରୁ ରାଜନୀତି ରୋଚକ ମୋଡରେ ପହଞ୍ଚିଛି। ଅପରପକ୍ଷେ ଓଡ଼ାପଡ଼ା ବ୍ଲକର ଖଡଗପ୍ରସାଦ ଏବଂ କଙ୍କଡ଼ାହାଡ଼ ବ୍ଲକ ଝିଲି ପଞ୍ଚାୟତର ସରପଞ୍ଚ ପଦବୀ ନିର୍ଦ୍ୱନ୍ଦ୍ୱ ହୋଇଛି। ଗଁଦିଆ ବ୍ଲକର ଜଣେ, ଓଡ଼ାପଡ଼ା ବ୍ଲକର ୩ଜଣ ଏବଂ ପରଜଙ୍ଗ ବ୍ଲକର ୨ଜଣ ସମିତିସଭ୍ୟ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ଅଛନ୍ତି। ସେହିପରି ୨,୮୮୧ ୱାର୍ଡସଭ୍ୟ ପଦବୀରେ ୩,୯୧୬ଜଣ ପ୍ରାର୍ଥୀ ହୋଇଥିବାବେଳେ ସେଥିରୁ ୧,୧୬୮ଜଣ ନିର୍ଦ୍ୱନ୍ଦ୍ୱ ହୋଇଛନ୍ତି।

### ଜିଲାରେ ୪୩୩ ବୁଥ୍ ଉତ୍ତେଜନାପ୍ରବଣ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଢେଙ୍କାନାଳ ଜିଲାର ୮ଲକ୍ଷ ୪୭ହଜାର ୬୫୭ ଭୋଟର ମତଦାନ ସାବ୍ୟସ୍ତ କରିବେ। ସେମାନଙ୍କ ଲାଗି ୨,୮୮୧ ବୁଥ୍ କରାଯାଇଛି। ତନ୍ମଧ୍ୟରେ ସଦର ବ୍ଲକରେ ୩୧୯, ଗଁଦିଆ ବ୍ଲକରେ ୪୨୪, ଓଡ଼ାପଡ଼ା ବ୍ଲକରେ ୪୧୯, ହିନ୍ଦୋଳ ବ୍ଲକରେ ୪୪୬, କାମାକ୍ଷାନଗର ବ୍ଲକରେ ୨୯୬, ଭୁବନ ବ୍ଲକରେ ୨୫୮, କଙ୍କଡ଼ାହାଡ଼ ବ୍ଲକରେ ୨୭୬ ଏବଂ ପରଜଙ୍ଗ ବ୍ଲକରେ ୩୬୧ ବୁଥ୍ କରାଯିବ। ମୋଟ୍ ୪୩୩ ବୁଥ୍ ଉତ୍ତେଜନାପ୍ରବଣ ଭାବେ ଚିହ୍ନଟ କରାଯାଇଛି। ନିର୍ବାଚନ ଲାଗି ଆବଶ୍ୟକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜିଲା ପଞ୍ଚାୟତ ଅଧିକାରୀ ଚନ୍ଦ୍ରଶେଖର ମହାରଣା ସୂଚନା ଦେଇଛନ୍ତି।

# କୁଟୁମଡୋଲାରେ ଜମୁଛି ଯାଆ-ଯାଆ ଲଢ଼େଇ

**ବଲାଙ୍ଗୀର ଅଫିସ, ୩।୨**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ କୁଟୁମଡୋଲା ପଞ୍ଚାୟତରେ ସରପଞ୍ଚ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତାକୁ ଓହ୍ଲାଇଛନ୍ତି ଦୁଇ ଯାଆ ସସ୍ମିତା ସିଂଦେଓ ଓ ବନ୍ଦନା ସିଂଦେଓ। ଗୋଟିଏ ପରିବାରର ଏହି ଦୁଇ ବୋହୂ ସରପଞ୍ଚ ପ୍ରାର୍ଥୀ ଭାବେ ପରସ୍ପର ପ୍ରତିଦ୍ୱନ୍ଦ୍ୱିତା କରିବା ଏବେ ପଞ୍ଚାୟତ ନିର୍ବାଚନକୁ ସରଗରମ କରିଦେଇଛି। ସସ୍ମିତା ପଞ୍ଚାୟତର ବିକାଶକୁ ପ୍ରସଙ୍ଗ ଭାବେ ଲୋକଙ୍କ ସମ୍ମୁଖରେ ରଖି ଭୋଟ ମାଗୁଛନ୍ତି। ଅନ୍ୟପକ୍ଷେ ବନ୍ଦନା ଦୁର୍ନୀତି ବିରୋଧରେ ଲଢ଼େଇ କରି ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟ କରିବାକୁ ଆସିଥିବା କହିଛନ୍ତି। ଉଭୟ ଯାଆ ସହ ନିର୍ବାଚନ ମଇଦାନରେ ୫ଟି ପ୍ରାର୍ଥୀ ଅଛନ୍ତି। ପଞ୍ଚାୟତ ନିର୍ବାଚନରେ ପରସ୍ପର ବିରୋଧରେ ଗୋଟିଏ ପରିବାରରୁ ପ୍ରାର୍ଥୀ ହେବା ପରେ ଦୁଇ ଯାଆ ଗ୍ରାମ ପଞ୍ଚାୟତର ୫ଟି ଗାଁ ଓ ୧୨ଟି ୱାର୍ଡରେ ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଛନ୍ତି। ଏହା ସହିତ ଏହି ପରିବାରର ଅନ୍ୟ ଜଣେ ବୋହୂ ରୀତାରାଣୀ ସିଂଦେଓ ୨୨ ନମ୍ବର ଜିଲା ପରିଷଦ ଜୋନ୍‌ରେ ଭାଜପା ଦଳର ପ୍ରାର୍ଥୀ ହୋଇଛନ୍ତି। ତିନି ବୋହୂଙ୍କ ନିର୍ବାଚନୀ ପ୍ରଚାରକୁ ନେଇ କୁଟୁମଡୋଲା ଗ୍ରାମ ପଞ୍ଚାୟତ ଏବେ ଚର୍ଚ୍ଚାରେ ରହିଛି।

**National Insurance Company Limited**
(A GOVT. OF INDIA UNDERTAKING)
**Bhubaneswar Regional Office**
6th Floor, IDCO Towers, Janpath, Bhubaneswar-751022
**Ph: 0674-2540022, 2541305**
नेशनल इन्श्योरेन्स National Insurance
Trusted Since 1906
CIN: U10200WB1906G01001713

**NOTICE**

This notice is for the information to the general public and policy holders that our following offices have been closed **w.e.f. 01.02.2022**. However, the services shall be provided from alternate offices as under.

| S. No. | Offices Non-Functional/ Closed | Services to be provided by office |
|---|---|---|
| 1 | Jaleswar Business Centre (166003) Jhadeswarpur, Jaleswar-756032 | Balasore Branch (163005) Zilla School Road, Balasore-756001 |
| 2 | NALCO Nagar Business Centre (166036) In front of Smelter Plant, NH-55, Nalco Nagar, Angul-759145 | Angul Divisional Office (163800) Main Road, Hanuman Bazar, Angul - 759122 |

Date: 04.02.2022
Place: Bhubaneswar
Sd./-
Chief Regional Manager

# ବିଜେଡ଼ି ଜିଲା ପରିଷଦ ପ୍ରାର୍ଥୀଙ୍କ ମାରାଥନ ପ୍ରଚାର

**କୁଆଁରମୁଣ୍ଡା,୩।୨(ଡି.ଏନ.ଏ.)**

### କୁଆଁରମୁଣ୍ଡା ବ୍ଲକ 'ଖ' ଜୋନ୍

କୁଆଁରମୁଣ୍ଡା ବ୍ଲକର ୨ଟି ଜିଲା ପରିଷଦ ଜୋନ୍ ମଧ୍ୟରୁ 'ଖ' ଜୋନଟି ୯ଟି ପଞ୍ଚାୟତକୁ ନେଇ ଗଠିତ ।ଏହି ଜୋନ୍‌ରେ କୁଆଁରମୁଣ୍ଡା ସଦର ପଞ୍ଚାୟତ ରହୁଥିବାରୁ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ ଜୋନ୍ ବୋଲି ବିବେଚିତ ହୋଇଥାଏ । କୁଆଁରମୁଣ୍ଡା ସଦର ପଞ୍ଚାୟତ ସହ ଅନ୍ୟ ପଞ୍ଚାୟତଗୁଡିକ ହେଉଛି ପଦମପୁର, କଚାରୁ, ଖାରବେଡ଼ା, କାଲୋସିହିରିଆ, ପୁଟ୍ରିଖମଣ, କୁମଝରିଆ, ଖୁଖୁଣ୍ଡୁବାହାଲ ଓ ଡୁମେରଯୋର । ଏହି ଜୋନ୍‌ରେ କୁଆଁରମୁଣ୍ଡା ବ୍ଲକ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଏପରି କି ରାଉରକେଲା ସହର ନିକଟବର୍ତ୍ତୀ ହୋଇଥିବାରୁ ତଫସିଲଭୁକ୍ତ ଜାତି, ଜନଜାତି ବର୍ଗ ଭୋଟର ସଂଖ୍ୟା ଠାରୁ ସାଧାରଣ ବର୍ଗର ଭୋଟରଙ୍କ ସଂଖ୍ୟା ମଧ ଏତେ କମ୍ ନୁହେଁ। ତେଣୁ ସବୁ ବର୍ଗର ଭୋଟରଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଜେଡ଼ି ଜିଲା ପରିଷଦ ପ୍ରାର୍ଥୀ ରାଜେନ୍ଦ୍ର କୁଜୁର ଏବେ ପ୍ରଚାରକୁ ଜୋରଦାର କରିଚାଲିଛନ୍ତି ।ରାଜେନ୍ଦ୍ର ଗୁରୁବାର କଚାରୁ ପଞ୍ଚାୟତର ଘରକୁ ଘର ବୁଲି ମାରାଥନ ପ୍ରଚାର କରୁଥିବା ବେଳେ ସିଆଲଯୋର ପାଡହା ଘର ନିକଟରେ ଏକ କର୍ମୀ ସମ୍ମିଳନୀ କରିଥିଲେ। ଏହି ଅବସରରେ ସେ ବିଭିନ୍ନ ଦାବି ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇ ଭୋଟରଙ୍କ ମନ ଜିଣିବାକୁ ପ୍ରୟାସ କରିଥିଲେ । ସେହିପରି କୁଆଁରମୁଣ୍ଡା ଓ ପଦମପୁର ପଞ୍ଚାୟତରେ ମଧ ବିଜେଡ଼ି ପ୍ରାର୍ଥୀ ରାଜେନ୍ଦ୍ର ଘରକୁ ଘର ବୁଲି ବୃଦ୍ଧାବୃଦ୍ଧମାନଙ୍କୁ ଭୋଟ ଭିକ୍ଷା କରିବା ସହ ସେମାନଙ୍କର ଆର୍ଶୀବାଦ ସାଉଁଟିବାରେ ଲାଗିଛନ୍ତି । ଅନୁରୂପ ଭାବେ ରାଜେନ୍ଦ୍ର କିଭଳି ବିପୁଳ ଭୋଟରେ ବିଜୟୀ ହେବେ ସେ ନେଇ ରାଉରକେଲା ବିଧାୟକ ସାରଦା ନାୟକ କୁଆଁରମୁଣ୍ଡା 'ଖ' ଜୋନ୍ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବା ସହ ଜୋରଦାର ପ୍ରୟାସ ଜାରି ରଖିଛନ୍ତି । ଏହି ଜୋନ୍‌ରେ ମୋଟ ୪୨ ହଜାର ୪୯୭ ଭୋଟର ଥିବା ବେଳେ ବିଜେଡ଼ି, କଂଗ୍ରେସ, ଭାଜପା, ବିଏସ୍‌ପି ଓ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ମୋଟ ୫ ଜଣ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି ।

# ୧୬୯୮ ବୁଥ ଉତ୍ତେଜନା ଓ ୪୨୭ ବୁଥ ଅତି ଉତ୍ତେଜନା ପ୍ରବଣ ଚିହ୍ନଟ

**ସୁନ୍ଦରଗଡ,୩।୨(ଡି.ଏନ.ଏ.)**

### ସୁନ୍ଦରଗଡ ଜିଲା

ସୁନ୍ଦରଗଡ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସକାଶେ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ନିର୍ବାଚନରେ ନିୟୋଜିତ ହେବାକୁ ଥିବା ପୋଲିଂ ଅଫିସର, ପ୍ରିଜାଇଡିଂ ଅଫିସରମାନଙ୍କୁ ଆସନ୍ତା ୫ତାରିଖରୁ ତାଲିମ ପ୍ରଦାନ ଆରମ୍ଭ ହେବ। ଜିଲାର ସୁନ୍ଦରଗଡ, ରାଉରକେଲା, ବଣାଇ, ହେମଗିରି,ଲେଫ୍ରିପଡା, ଟାଙ୍ଗରପାଲି, ସବଡେଗା, ବାଲିଶଙ୍କରା, ବଡଗାଁ, କୁତ୍ରା, ରାଜଗାଙ୍ଗପୁର, କୁଆଁରମୁଣ୍ଡା, ନୂଆଗାଁ, ବିଶ୍ରା, ଲାଠିକଟା, ଲହୁଣୀପଡା, କୋଇଡା, ଗୁରୁଣ୍ଡିଆ ଆଦି ୧୮ଟି ସ୍ଥାନରେ ଏହି ତାଲିମ ପ୍ରଦାନ କରାଯିବ। ଏଥିରେ ୪୭୮୦ ଜଣ ପୋଲିଂ ପର୍ସନାଲ, ୨୩୯୦ ଜଣ ପ୍ରିଜାଇଡିଂ ଅଫିସର, ୨୩୯୦ ଜଣ ଫାଷ୍ଟ ପୋଲିଂ ଅଫିସରଙ୍କୁ ତାଲିମ ପ୍ରଦାନ କରାଯିବ। ସେହିପରି ଜିଲାର ୧୭ଟି ବ୍ଲକର ୨୭୯ଟି ପଞ୍ଚାୟତ ଓ ୩୬୨୩ ୱାର୍ଡ ମଧ୍ୟରୁ ମୋଟ ୧୬୯୮ଟି ବୁଥ ଉତ୍ତେଜନା ପ୍ରବଣ ଏବଂ ୪୨୭ଟି ବୁଥ ଅତି ଉତ୍ତେଜନା ପ୍ରବଣ ବୁଥ ଭାବେ ଚିହ୍ନଟ ହୋଇଛି।

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
ସଂଖ୍ୟା: 1547/IND-II-PH-946 — ତାରିଖ: 1.2.2022

**ବିଜ୍ଞାପନ**

No. CAD-2862: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ଟାଟା ଷ୍ଟିଲ ବିଏସ୍‌ଏଲ୍ ଲିମିଟେଡ, ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ କଳମଙ୍ଗ ଏବଂ ଘୋଡ଼ାବୁଡ଼ାଣି ଗ୍ରାମ ଏବଂ କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଗଣ୍ଡଲପଡ଼ା ଗ୍ରାମରେ ୯୨.୮୭୫ ହେକ୍ଟର ପରିମିତ ଖଣି ଲିଜ୍ ଅଞ୍ଚଳରେ ଅବସ୍ଥିତ ପଶ୍ଚିମ କଳମଙ୍ଗ (ଉତ୍ତର ଭାଗ), ଲୌହ ପଥର ଖଣିରୁ ବାର୍ଷିକ ୨.୯୫ ନିୟୁତ ଟନ (ଆର୍.ଓ.ଏମ୍) (କେନ୍ଦୁଝର ଜିଲ୍ଲା ପାଇଁ) ଉତ୍ପାଦନ କରିବା ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ ''ସର୍ବସାଧାରଣ ଶୁଣାଣି'' ତା୦୭।୦୧।୨୦୨୨ରିଖ ଦିବା ୧୧.୦୦ଘଟିକା ସମୟରେ କେନ୍ଦୁଝର ଜିଲ୍ଲା, ଗୁଆଳି ଗ୍ରାମପଞ୍ଚାୟତ, ରୁଗୁଡ଼ିହି ଥାନା ଅନ୍ତର୍ଗତ ଗଣ୍ଡଲପଡ଼ା ଗ୍ରାମସ୍ଥିତ ଖାତା ନଂ. ୪୮ ଅନ୍ତର୍ଗତ ପ୍ଲଟ ନଂ. ୧୯୪୦ାରେ ହେବାକୁ ଧାର୍ଯ୍ୟ ହୋଇଥିଲା। ଉକ୍ତ ଶୁଣାଣୀର ବିଶେଷ ତଥ୍ୟ ବିଭିନ୍ନ ସମ୍ବାଦପତ୍ର ଯଥା: **"The New Indian Express"** ଏବଂ ''ଧରିତ୍ରୀ''ରେ ତା୨୨।୧୧।୨୦୨୧ରିଖରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା। କିନ୍ତୁ ଅନିବାର୍ଯ୍ୟ କାରଣ ଯୋଗୁଁ ତା୦୭।୦୧।୨୦୨୨ରିଖ ଦିନ ହେବାକୁ ଥିବା ସର୍ବସାଧାରଣ ଶୁଣାଣିକୁ ସ୍ଥଗିତ ରଖାଯାଇଥିଲା। ଉକ୍ତ ସର୍ବସାଧାରଣ ଶୁଣାଣି ତା୦୯।୦୩।୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା, ଗୁଆଳି ଗ୍ରାମପଞ୍ଚାୟତ, ରୁଗୁଡିହି ଥାନା ଅନ୍ତର୍ଗତ ଗଣ୍ଡଲପଡ଼ା ଗ୍ରାମସ୍ଥିତ ଖାତା ନଂ. ୪୮ ଅନ୍ତର୍ଗତ ପ୍ଲଟ ନଂ. ୧୯୪୦ାରେ ହେବାକୁ ପୁନଃ ନିର୍ଦ୍ଧାରିତ ହୋଇଛି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମନ୍ତେ ବୋର୍ଡ଼, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ-ପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୦୯।୦୩।୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା, ଗୁଆଳି ଗ୍ରାମପଞ୍ଚାୟତ, ରୁଗୁଡିହି ଥାନା ଅନ୍ତର୍ଗତ ଗଣ୍ଡଲପଡ଼ା ଗ୍ରାମସ୍ଥିତ ଖାତା ନଂ. ୪୮ ଅନ୍ତର୍ଗତ ପ୍ଲଟ ନଂ. ୧୯୪୦ାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ. ୨୨-୨୫-IA.III, ତା୦୯।୦୬।୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ। ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Enviornmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, କେନ୍ଦୁଝର।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, କେନ୍ଦୁଝର।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର - ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, କେନ୍ଦୁଝର।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ୱେବସାଇଟ୍ **www.ospcboard.org**ରୁ ମଧ ମିଳିପାରିବ।
ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

OIPR-08012/11/0266/2122 — ସ୍ୱା./- ସଦସ୍ୟ ସଚିବ

**NOTICE**
**IN THE DEBT RECOVERY TRIBUNAL, CUTTACK**
C-71, SECTOR-7, CDA, CUTTACK-753014
**O.A. NO. 129 of 2020**

**State Bank of India, Stressed Assets Recovery Branch (SARB),** Madhupatna, Cuttack, Represented through its, Assistant General Manager .....Applicant

AND

**M/s. AADI Powertech Pvt. Ltd. and others** .....Defendants

To,
3. **Sri Sunil Kumar Swain,** S/o- Mahendra Swain, At: Khapuria, Near Balashram, P.O.: Madhupatna, Dist.: Cuttack-753010
4. **Sri Ajit Kumar Swain,** S/o- Mahendra Swain, At: Khapuria, Near Balashram, P.O.: Madhupatna, Dist.: Cuttack-753010

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 129 of 2019** in the Court of Debts Recovery Tribunal at Cuttack for a recovery of **Rs.4,14,02,436.00** only together with current and future interest, costs and other relief's. The above mentioned defendants are therefore hereby directed to appear before this Tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **7th day of March, 2022 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **27th day of December, 2021.**

Sd/- (Manoj Kumar Patnaik)
Registrar
Debts Recovery Tribunal

FORM-13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
C-71, SECTOR-7, CDA, CUTTACK, ODISHA
**O.A. NO. 553/2021**

**Union Bank of India (erstwhile Andhra Bank), Chhatrapur Branch** .....Applicant

AND

**Subash Chandra Sahu and Others** .....Defendants

To,
**Defendants**
1) **Sri Subash Chandra Sahu,** S/o- Late Dandapani Sahu, House No.: 101, Cosmopolis Apartment, Dumduma, Arya Village Road, Khandagiri, Bhubaneswar-751019, Dist.: Khurda.
2) **Smt. Binodini Sahu,** W/o- Sri Subash Chandra Sahu and D/o- Bijay Kumar Panda, At: Ananta Nagar, 5th Lane, Lanjipalli, Tata Benz Square, P.O.: Hill Patna, Berhanpur-760008, Dist.: Ganjam.
3) **Sri Dibya Ranjan Sahu,** S/o- Sri Subash Chandra Sahu, House No.: 101, Cosmopolis Apartment, Dumduma, Arya Village Road, Khandagiri, Bhubaneswar-751019, Dist.: Khurda.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 553/2021** in the Court of the Debt Recovery Tribunal, Cuttack for recovery **Rs.49,72,857.08 (Rupees Forty Nine Lakhs Seventy Two Thousand Eight Hundred Fifty Seven and Eight Paise only)** together with current and future interest, costs and other reliefs. The above-mentioned defendant is therefore, directed to appear before this Tribunal in person or through an Advocate or duly authorized agent, in support of his defence to show cause within **30 days** from the date of publication or on **06.04.2022 at 10.30 AM** as to why reliefs as prayed for in OA should not be granted.

Take notice that in case of default, the Original Application will be heard and determined in your absence.

Given under my hand and seal of this Tribunal on this **2nd day of February, 2022.**

Sd/- (Manoj Kumar Pattanaik)
Registrar

ଯେଉଁମାନେ ସତ୍ୟ ପଥରେ ଚାଲିବା ପାଇଁ ପ୍ରସ୍ତୁତ ହୋଇଛନ୍ତି–ସେମାନେ ଗୋଟିଏ ପରେ ଗୋଟିଏ ଆଘାତକୁ ଅପେକ୍ଷା କରନ୍ତି। କାରଣ ସେମାନେ ଜାଣନ୍ତି ଯେ, ଭଗବାନ ଆଘାତ ମଧ୍ୟରେ ହିଁ ସେମାନଙ୍କୁ ସାହାଯ୍ୟ କରିଥାନ୍ତି। **–ଶ୍ରୀମା**



# ଗଣତନ୍ତ୍ରର ଅଧୋଗତି



ଫେଡେରିକୋ ଫୁବିନି

ପାଶ୍ଚାତ୍ୟର ସବୁ ଦେଶରେ ଏବେ ଅନୁଦାର ବା ନୀଚମନା ରାଜନେତାଙ୍କ ଆବିର୍ଭାବ ଗଣତନ୍ତ୍ରର ଭବିଷ୍ୟତକୁ ଧ୍ୱଂସମୁଖକୁ ଠେଲିଦେଇଛି। ପ୍ରଥମେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଥା ବିଚାରକୁ ନିଆଯାଉ। ୨୦୨୦ ରାଷ୍ଟ୍ରପତି ନିର୍ବାଚନରେ ପରାସ୍ତ ହୋଇ ତାହାକୁ ଓଲଟପାଲଟ କରିବାକୁ ଚେଷ୍ଟାକରି ବିଫଳହେବା ପରେ ସେ କୌଶଳକ୍ରମେ ୨୦୨୪ରେ ହ୍ୱାଇଟ୍ ହାଉସ୍‌କୁ ଫେରିବାକୁ ଚାହୁଁଛନ୍ତି। ଫ୍ରାନ୍ସରେ ଦୁଇଜଣ ଚରମ ଦକ୍ଷିଣପନ୍ଥୀ ନେତା ଏବେ ରାଷ୍ଟ୍ରପତି ଦୌଡରେ ରହିଛନ୍ତି। ସେହିଭଳି ଇଟାଲୀରେ ଲିଗ୍‌ର ମାଟେଓ ସାଲ୍‌ଭିନି ଓ ବ୍ରଦର୍ସ ଅଫ୍ ଇଟାଲୀ ପାର୍ଟିର ଜର୍ଜିଆ ମେଲୋନି ୨୦୨୩ ନିର୍ବାଚନରେ ପ୍ରଧାନମନ୍ତ୍ରୀ ପଦ ପାଇଁ ପ୍ରମୁଖ ପ୍ରତିଯୋଗୀ ହେବାର ସମ୍ଭାବନା ରହିଛି। ଆମେରିକାରେ ଦକ୍ଷିଣପନ୍ଥୀ ରାଜନୈତିକ ଓ ମିଡିଆ କର୍ମୀମାନଙ୍କ ଭଳି ସାଲ୍‌ଭିନି, ମେଲୋନି ଏବଂ ଫ୍ରାନ୍ସର ଦକ୍ଷିଣପନ୍ଥୀ ନ୍ୟାଶନାଲ ରାଲିର ମ୍ୟାରିନି ଲି ପେନ୍ ହଙ୍ଗେରିର ପ୍ରଧାନମନ୍ତ୍ରୀ ଭିକ୍ଟର ଅର୍ବାନଙ୍କୁ ସାଧାରଣରେ ଗଭୀର ସମ୍ମାନ ପ୍ରଦର୍ଶନ କରିଛନ୍ତି। ଏଥିରୁ ସେମାନଙ୍କ ଇଚ୍ଛା କ'ଣ ରହିଛି ତାହା ଜଣାପଡୁଛି। ସେମାନେ ଶୀର୍ଷ ପଦବୀରେ ବସିବାର ସୁଯୋଗ ପାଇଲେ ଭିକ୍ଟରଙ୍କ ଉଦାରତାବିହୀନ ଶାସନ ଗ୍ରହଣ କରିବା ମନୋଭାବ ସ୍ପଷ୍ଟ ହେଉଛି।

ଅତୀତର ବହୁ ଅନୁଭୂତିରୁ ଜଣାପଡେ ଯେ, ଭବିଷ୍ୟତରେ ଗଣତନ୍ତ୍ର ପ୍ରତି ବିପଦ ଘନୀଭୂତ ହେବାକୁ ଯାଉଛି। ଫାସିବାଦର ବିପଦ ସମ୍ପର୍କରେ ଆମେ ପୂର୍ବଜଙ୍କଠାରୁ ଶିକ୍ଷା କରିଛେ ଏବଂ ଗତ କିଛି ବର୍ଷ ମଧ୍ୟରେ ଗଣତାନ୍ତ୍ରିକ ପଦ୍ଧତିରେ ଏକଛତ୍ରବାଦୀ ନେତାମାନେ ହଠାତ୍ କ୍ଷମତାକୁ ଆସିବା ପରେ କିଭଳି ସାମ୍ବିଧାନିକ ନିୟମ ଓ ସଂସ୍ଥାଗୁଡ଼ିକ ଧରାଶାୟୀ ହୋଇଛି ତାହା ଆମେ ଦେଖିଛେ। ଏକଛତ୍ରବାଦ ପ୍ରତିଷ୍ଠା ପାଇଁ ଏବେ ଆପଣାଯାଉଥିବା ନିର୍ବାଚନ ଢାଞ୍ଚା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିବାର ଏକ ଲକ୍ଷଣ ବୋଲି କୁହାଯାଇପାରେ। କିନ୍ତୁ ଆମେ ଗଣତନ୍ତ୍ରର ଅଧଃପତନକୁ ନେଇ ଚିନ୍ତା ପ୍ରକଟ କରୁଛୁ କି? ଅବଶ୍ୟ ଏବେ ଗଣତନ୍ତ୍ରରୁ ଓକ୍ଲୋକ୍ରାସି ବା ମବ୍ ରୁଲ୍ (ଆଇନଗତ କ୍ଷେତ୍ର ବାହାରେ ଲୋକଙ୍କ ମାଧ୍ୟମରେ ହିଂସା ଓ ଧମକ ଦେଇ ଶାସନ କରିବାର ଧାରା)ରେ ଲୋକମାନଙ୍କ ଜୀବନ ଜୀବିକା ପ୍ରତି ଅଧିକ ବିପଦ ରହିଛି। ମବ୍ ରୁଲ୍‌କୁ ଦର୍ଶାଇବା ଲାଗି ଓକ୍ଲୋକ୍ରାସି ଶବ୍ଦ ଗ୍ରୀକ୍ ଐତିହାସିକ ପୋଲିବିୟସ ପ୍ରଥମେ ଲୋକଲୋଚନକୁ ଆଣିଥିଲେ। ରାଜନେତାମାନେ ଶସ୍ତା ଉପହାର ଏବଂ ପ୍ରଲୋଭନକାରୀ କଥା କହି ଭୋଟରମାନଙ୍କୁ ଆକର୍ଷିତ କରିବା ଧାରାରୁ ଓକ୍ଲୋକ୍ରାସିର ଜନ୍ମ। କେବେ ବି ଅଗଣତାନ୍ତ୍ରିକ ଶାସନର ଦମନ ଓ ନିର୍ଯାତନା ଅନୁଭବ କରି ନ ଥିବା ଲୋକମାନଙ୍କୁ ଆକର୍ଷିତ କରିବା ସହଜ ହୋଇଥାଏ ବୋଲି ପୋଲିବିୟସ କହିଛନ୍ତି। ତାଙ୍କ ମତରେ କ୍ଷତିକାରକ ମବ୍ ରୁଲ୍‌ର ଧାରାକୁ ଅନୁଭବ କରିଥିବା ଲୋକମାନଙ୍କ ମଧ୍ୟରୁ ଯେଉଁ କେତେଜଣ ରହନ୍ତି ସେମାନେ ସରକାରଙ୍କ ସମାନତା ଏବଂ ସ୍ୱାଧୀନତାର ଗଣତାନ୍ତ୍ରିକ ଢାଞ୍ଚାରେ ଖୁବ୍ ଖୁସି ହୁଅନ୍ତି। କିନ୍ତୁ ସେମାନଙ୍କ ପରେ ଯଦି ନୂତନ ପିଢିଙ୍କ ହାତରେ ଗଣତନ୍ତ୍ର ରହେ ସେମାନେ ସ୍ୱାଧୀନତା ଏବଂ ସମାନତା ସହ ଅଭ୍ୟସ୍ତ ହେଲେ ମଧ୍ୟ ତାହାର ମହତ୍ତ୍ୱ ଉପରେ ଗୁରୁତ୍ୱ ଦିଅନ୍ତି ନାହିଁ। ଏଣୁ ସେମାନେ କ୍ଷମତା ଆଶା କରି ନ ପାଇଲେ ଦେଶ ଓ ଲୋକଙ୍କର କ୍ଷତି କରନ୍ତି। ଏହାଦ୍ୱାରା ଗଣତନ୍ତ୍ର ଧ୍ୱଂସ ହୋଇ ବଳ ଓ ହିଂସାର ଶାସନରେ ପରିବର୍ତ୍ତନ ହୋଇଥାଏ।

ସାଧାରଣ ମାନସିକତା ସବୁବେଳେ ପରିବର୍ତ୍ତନ ହେବା ଏବଂ ଏହାକୁ ସହଜରେ ନିୟନ୍ତ୍ରଣ କରାଯିବା ଯୋଗୁ ଗଣତନ୍ତ୍ର ପ୍ରତି ଅଧିକ ବିପଦ ଆସେ ବୋଲି ପୋଲିବିୟସ କହିଥିଲେ। ତାଙ୍କ ପୂର୍ବରୁ ପ୍ଲାଟୋ ଏବଂ ଆରିଷ୍ଟୋଟଲ ଏହା ସହ ଏକମତ ଥିଲେ। ଏବେ ଆମ ସମୟରେ ଏହାକୁ ଆମେ ପପୁଲିଜମ୍ (ଲୋକପ୍ରିୟ ନେତା ବା ତାଙ୍କ ନୀତିକୁ ସମର୍ଥନ କରିବା ଧାରା) କହୁଛେ, ଯାହାଦ୍ୱାରା ଆମେ ଗଣତାନ୍ତ୍ରିକ ଅଧୋଗତି ପାଇଁ ସବୁ ଦୋଷକୁ ଟ୍ରମ୍ପ, ଲି ପେନ୍ ଏବଂ ସାଲଭିନିଙ୍କ ଭଳି ଲୋକପ୍ରିୟ ନେତାଙ୍କ ଉପରକୁ ଠେଲି ଦେଉଛେ। ଏହି ରାଜନେତାମାନେ ବିଦେଶରୁ ଆସି ତାଙ୍କ ଦେଶରେ ରହୁଥିବା ଲୋକମାନଙ୍କ ମଧ୍ୟରେ ଭୟସୃଷ୍ଟି କରିବା ଏବଂ ଜନମତର ଧ୍ରୁବୀକରଣ କରିଛନ୍ତି। ମାଗଣାରେ ସେମାନେ ଏହା କରିନାହାନ୍ତି। ସେମାନେ ଭୋଟରମାନଙ୍କୁ ଆକର୍ଷିତ କରି ରାଜନୈତିକ ଫାଇଦା ଲାଗି ଏହା କରିଛନ୍ତି। ଇଂଲଣ୍ଡରେ ପ୍ରଧାନମନ୍ତ୍ରୀ ବୋରିସ ଜନସନ୍‌ଙ୍କ ନେତୃତ୍ୱାଧୀନ କଞ୍ଜରଭେଟିଭ ପାର୍ଟି ପ୍ରଥମେ ବ୍ରେକ୍‌ଜଟ୍ ସମ୍ପର୍କରେ ମିଥ୍ୟା ପ୍ରଚାର କରିବା ପରେ ୟୁରୋପିଅନ ୟୁନିୟନରୁ ବାହାରି ଆସିବା ଲାଭଦାୟକ ବୋଲି ସାଧାରଣରେ ଭ୍ରାନ୍ତ ଧାରଣା ଖେଳାଇଛି।

ଇଟାଲୀରେ ଗଣତନ୍ତ୍ରର ସ୍ଥିତି ସେତେ ଭଲ ନାହିଁ। ସେଠାରେ କୌଣସି ମୁଖ୍ୟଧାରାର ପାର୍ଟିରେ ନୂଆ ନେତା ଚୟନ କରିବା କିମ୍ବା ଏକ ନୀତିଗତ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ପାଇଁ କୌଣସି ବିଶ୍ୱସନୀୟ ଆଭ୍ୟନ୍ତରୀଣ ଗଣତାନ୍ତ୍ରିକ ପଦ୍ଧତି ନାହିଁ। ଏମାନେ ଏତେ ଦୟନୀୟ ସ୍ଥିତିରେ ରହିଛନ୍ତି ଯେ,ଜଟିଳ ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ନିୟମିତ ଟେକ୍ନୋକ୍ରାଟ୍‌ଙ୍କ ସହଯୋଗ ଲୋଡୁଛନ୍ତି। ୨୦୧୧–୧୩ରେ ପ୍ରଧାନମନ୍ତ୍ରୀ ମାରିଓ ମୋଣ୍ଟିଙ୍କ ସମୟରେ ଏଭଳି ହୋଇଥିଲା। ଏବେ ଦେଶର ମୁଖ୍ୟ ଚୟନ କରିବା ଲାଗି ପାର୍ଟି ପାର୍ଟି ମଧ୍ୟରେ ଓ ପାର୍ଟି ଭିତରେ ବାଦବିବାଦ ଲାଗିରହିବା ଏହାର ସଦ୍ୟତମ ଦୃଷ୍ଟାନ୍ତ। ଇଟାଲୀର ରାଜନୈତିକ ବର୍ଗ କେତେ ଅକ୍ଷମ ତାହା ଏଥିରୁ ପ୍ରକାଶ ପାଇଛି। କେବଳ ରାଷ୍ଟ୍ରପତି ସର୍ଜିଓ ମ୍ୟାଟେରେଲାଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କୁ ପୁନର୍ବାର ରାଷ୍ଟ୍ରପତି ଭାବେ ନିର୍ବାଚିତ କରିବା ପାର୍ଟିଗୁଡ଼ିକରେ ଥିବା ବିରୋଧାଭାବକୁ ହଟାଇପାରିବ କି।

ଗଣତାନ୍ତ୍ରିକ ଅଧୋଗତିର ଦ୍ୱିତୀୟ ପ୍ରମୁଖ ଲକ୍ଷଣ ହେଉଛି ମିଡିଆର ଅଧଃପତନ। ମିଡିଆ ସଂସ୍ଥାଗୁଡ଼ିକ ପକ୍ଷପାତି ଓ ଧ୍ରୁବୀକୃତ ହେଲେ କିମ୍ବା ଶେୟାର ମାର୍କେଟ ପାଇବା ଲାଗି ସମ୍ବେଦନବାଦ ଏବଂ ଭୟ ପ୍ରୟୋଗ କଲେ ଗଣତନ୍ତ୍ର ଗଭୀର ଭାବେ ପ୍ରଭାବିତ ହୋଇଥାଏ। ଯେତେବେଳେ ଏକ ସମାଜ ରାଜନୈତିକ ଧ୍ରୁବୀକରଣ ପଞ୍ଝାରେ ରହେ ସେତେବେଳେ ପ୍ରକାଶକ ଏବଂ ସମ୍ପାଦକମାନେ ସମ ଚିନ୍ତାଧାରା ଲୋକମାନଙ୍କ ଠାରୁ ବ୍ୟବସାୟିକ ସୁଯୋଗ ନେବା ପାଇଁ ଆଗକୁ ବଢ଼ନ୍ତି। ଫଳରେ ବ୍ୟାବସାୟିକ ଢାଞ୍ଚାରେ ଏକ ବିସ୍ଫୋରକ ସ୍ଥିତି ସୃଷ୍ଟି ହୋଇଥାଏ। ଧ୍ରୁବୀକରଣ ଉପରେ ନିର୍ଭରଶୀଳ ହୋଇ ମିଡିଆ ସଂସ୍ଥାଗୁଡ଼ିକ ସାଧାରଣ ମତକୁ କମ୍ ଗୁରୁତ୍ୱ ଦେଉଛନ୍ତି।

ସୋସିଆଲ ମିଡିଆର ଉତ୍ଥାନ ଗଣତନ୍ତ୍ର ଅଧୋଗତିର ତୃତୀୟ ସଙ୍କେତ। ରାଜନେତାଙ୍କ ଦୃଷ୍ଟିକୋଣ ଓ ନିଷ୍ପତ୍ତି ଉପରେ ଏହାର ପ୍ରଭାବ ରହିଥିବାରୁ ଏହା ହେଉଛି। ଜଣେ ସାମ୍ବାଦିକ ଭାବେ ମୁଁ ଜାଣିଛି ଯେ, ଯେଉଁ ନେତାମାନେ ଟୁଇଟର ସହ ଆସକ୍ତ ସେମାନେ ଦିନର ବହୁ ସମୟ ଏହା ଉପରେ କଟାଇଥାନ୍ତି। ସେମାନଙ୍କ ନିର୍ବାଚନମଣ୍ଡଳୀ ବାସ୍ତବ ବିଶ୍ୱରେ ରହିଥିବାବେଳେ ଟୁଇଟର ହିଁ ସେମାନଙ୍କ ପାଇଁ ବାସ୍ତବତା ପାଲଟିଛି। ଅନ୍ତସାରଶୂନ୍ୟ ପାର୍ଟିଗୁଡ଼ିକୁ ନେଇ ଏକ ରାଜନୈତିକ ବ୍ୟବସ୍ଥା ଚାପ ସମ୍ମୁଖରେ ମୁଣ୍ଡ ନୂଆଁଇବା ସ୍ୱାଭାବିକ। ଦୀର୍ଘମିଆଦୀ ସମସ୍ୟାଗୁଡ଼ିକୁ ସମାଧାନ କରିବାରେ ବ୍ୟବସ୍ଥା ବିଫଳ ହେବା ଯୋଗୁ ଏହା ଉପରେ ବିଶ୍ୱାସ କମୁଛି ଏବଂ ଜନମତ ଲଗାତର ବଦଳିବାରେ ଲାଗିଛି। ଫଳରେ ଏବେ ହୋହଲ୍ଲା, ପ୍ରଭାବଶୂନ୍ୟ ତଥା ବେପରୁଆ ମିଡିଆ, ଆକ୍ରମଣାତ୍ମକ କଥା କିମ୍ବା ଲେଖା ଏବଂ ଅଦୂରଦର୍ଶୀ ରାଜନୈତିକ କାର୍ଯ୍ୟକ୍ରମଗୁଡ଼ିକ ପ୍ରକାଶ ପାଉଛି। ଏହା ମବ୍ ରୁଲ୍ ଲାଗି ଏକ ବଡ଼ ସୂତ୍ର।

**ଇକୋନୋମିକ୍ସ ଜର୍ନାଲିଷ୍ଟ ଏବଂ ଏଡିଟର ଆଟ୍ ଲାର୍ଜ**
**(କୋରିଏରେ ଡେଲା ସେରା, ଇଟାଲୀ)**

# ବାର୍ଦ୍ଧକ୍ୟର ଗତିରୋଧ



ଡା. ସମ୍ରାଟ କର

ଲୋଳିତ ଚର୍ମ, ହ୍ରାସ ପାଉଥିବା ସ୍ମୃତି ଶକ୍ତି, କର୍କଟ ଓ ହୃଦ୍‌ରୋଗର ଭୟ ସହ ବାର୍ଦ୍ଧକ୍ୟର ସ୍ପର୍ଶ ଆମ ସମସ୍ତଙ୍କ ଜୀବନରେ ଅବଶ୍ୟମ୍ଭାବୀ; ଯେଉଁଥିରୁ ବର୍ତ୍ତିବା ଅସମ୍ଭବ ନିଶ୍ଚୟ। ତଥାପି ହଜାର ହଜାର ବର୍ଷ ଧରି ମାନବ ଚେଷ୍ଟା କରି ଆସୁଛି ଏହି ବାର୍ଦ୍ଧକ୍ୟକୁ ଦୂରେଇ ରଖିବା ପାଇଁ। ଆମ ଦୈନନ୍ଦିନ ଜୀବନରେ ଆହାରର ମାତ୍ରାଧିକ ପ୍ରଭାବ ବାର୍ଦ୍ଧକ୍ୟର ଆଗମନ ଉପରେ ପ୍ରଭାବ ରଖିଛି ବୋଲି ଗବେଷଣାରୁ ଜଣାପଡ଼ିଛି। ଆମ ଖାଦ୍ୟରେ ଥିବା ପୁଷ୍ଟିସାର ବା ପ୍ରୋଟିନ ଆମ ମଧ୍ୟରେ ବୃଦ୍ଧାବସ୍ଥାର ସଙ୍କେତଗୁଡ଼ିକୁ ଆଣିବାରେ ସହାୟକ ହୋଇଥାଏ ବୋଲି କିଛି ଦିନ ତଳେ କୋଲକାତା ବିଶ୍ୱବିଦ୍ୟାଳୟର ବାୟୋକେମେଷ୍ଟ୍ରି ବିଭାଗର ପ୍ରଫେସର ମ୍ରିଣାଳକାନ୍ତି ପୋଦ୍ଦାର ନିଜ ଗବେଷଣାରୁ ଜାଣିପାରିଛନ୍ତି। ପୋଦ୍ଦାର ହେଉଛନ୍ତି ପ୍ରଥମ ବୈଜ୍ଞାନିକ ଯିଏ ହେଉଛନ୍ତି ଆମ ଖାଦ୍ୟରେ ଥିବା ପ୍ରୋଟିନ, ଆମ ହରମୋନ, ସ୍ନାୟୁତନ୍ତୁ ତଥା ରୋଗପ୍ରତିରୋଧକ ଶକ୍ତି ମଧ୍ୟରେ ଥିବା ନିବିଡ଼ ଗୂଢ଼ ସମ୍ପର୍କକୁ ସୂଚାଇ ପାରିଛନ୍ତି ବୈଜ୍ଞାନିକ ଭିତ୍ତିରେ। ତାଙ୍କ ଗବେଷଣାଲବ୍ଧ ତଥ୍ୟ ସୂଚିତ କରୁଛି କି ଯେ ଖାଦ୍ୟରେ ଅତ୍ୟଧିକ ପ୍ରୋଟିନର ଅବସ୍ଥିତି ବାର୍ଦ୍ଧକ୍ୟର ସଙ୍କେତଗୁଡ଼ିକର ଦ୍ରୁତ ଆଗମନରେ ସହାୟକ ହୁଏ। ପୋଦ୍ଦାର କହିଛନ୍ତି, ଦେହର କର୍ଟିକଷ୍ଟେରୋନ ମାତ୍ରା ମସ୍ତିଷ୍କରେ ହେଉଥିବା ପରିବର୍ତ୍ତନକୁ ମଧ୍ୟ ଦର୍ଶାଏ। କର୍ଟିକଷ୍ଟେରୋନର କ୍ଷରଣକୁ ମସ୍ତିଷ୍କର ହାଇପୋଥାଲାମସ ନିୟନ୍ତ୍ରଣ କରେ। ମାନସିକ ଚାପ ଓ ପରିଶ୍ରମ ବୃଦ୍ଧି ପାଇଲେ ହାଇପୋଥାଲାମସ ମସ୍ତିଷ୍କରେ ଅବସ୍ଥିତ ପିଟ୍ୟୁଟାରି ଗ୍ଲାଣ୍ଡକୁ ଏକ ବିଶେଷ ପ୍ରକାରର ହରମୋନ କ୍ଷରଣ କରିବାକୁ ନିର୍ଦ୍ଦେଶ ଦିଏ, ଯାହା ଆମର ଆଡ୍ରେନାଲ ଗ୍ରନ୍ଥିକୁ ପ୍ରଭାବିତ କରେ। ଏହାପରେ ଆଡ୍ରେନାଲ ଗ୍ରନ୍ଥି କର୍ଟିକଷ୍ଟେରୋନ କ୍ଷରଣ କରିବା ଆରମ୍ଭ କରିଦିଏ। ତେଣୁ ଏହା ନିଶ୍ଚିତ ଯେ ବୟସ୍କ ଲୋକମାନେ ମାତ୍ରାଧିକ ପ୍ରୋଟିନ ଖାଇବା ଦ୍ୱାରା ନିଜର ରୋଗ ପ୍ରତିରୋଧକ ଶକ୍ତି କମାଇ ଚାଲନ୍ତି। ପ୍ରଫେସର ପୋଦ୍ଦାର ମସ୍ତିଷ୍କରେ ଥିବା ଅନ୍ୟ ଦୁଇଟି ରସାୟନ ଯଥା ଗାବା ଓ ଗ୍ଲୁଟାମେଟରେ ହେଉଥିବା ପରିବର୍ତ୍ତନକୁ ମଧ୍ୟ ଅନୁଧ୍ୟାନ କରିଥିଲେ। ଏହି ଦୁଇ ରସାୟନର ପରିମାଣ ବୟସ ସହ ପରିବର୍ତ୍ତିତ ହୁଏ ଓ ଏହି ଉପାଦାନଗୁଡ଼ିକ ମସ୍ତିଷ୍କ ମଧ୍ୟରେ ସଞ୍ଚାର ବ୍ୟବସ୍ଥାରେ ସହାୟତା କରନ୍ତି। ସନ୍ତୁଳିତ ଆହାର ଗ୍ରହଣ କରୁଥିବା ବୟସ୍କମାନଙ୍କ କ୍ଷେତ୍ରରେ ମସ୍ତିଷ୍କରେ ଗୋବାର ପରିମାଣ ବୃଦ୍ଧି ପାଏ ଓ ଏହା ସହ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ପାଏ। ସେହିଭଳି କମ୍ ପ୍ରୋଟିନ ଥିବା ଖାଦ୍ୟ ବୟସ୍କ ଜୀବଜନ୍ତୁମାନଙ୍କ ମସ୍ତିଷ୍କରେ ଗ୍ଲୁଟାମେଟର କାର୍ଯ୍ୟକ୍ଷମତା ହ୍ରାସକରେ ଏବଂ ବାର୍ଦ୍ଧକ୍ୟର ସଂକେତଗୁଡ଼ିକୁ ଦୂରେଇବାରେ ସହାୟକ ହୁଏ। ଏଥିରୁ ଏହା ସ୍ପଷ୍ଟ ଯେ ରୋଗ ପ୍ରତିରୋଧକ ଶକ୍ତି, ସ୍ନାୟୁତନ୍ତୁ ଓ ଖାଦ୍ୟରେ ପ୍ରୋଟିନର ମାତ୍ରା ଅଙ୍ଗାଙ୍ଗୀ ଭାବେ ଜଡ଼ିତ କୁହନ୍ତି ପ୍ରଫେସର ପୋଦ୍ଦାର। ବର୍ତ୍ତମାନ ଯାଏ ସେ ଜୀବଜନ୍ତୁମାନଙ୍କ ଉପରେ ନିଜ ପରୀକ୍ଷାଗୁଡ଼ିକୁ କରିଥିଲେ ମଧ୍ୟ ମାନବମାନଙ୍କ କ୍ଷେତ୍ରରେ ମଧ୍ୟ ଠିକ୍ ଏକା ପ୍ରକ୍ରିୟା ଦେଖାଯିବ ବୋଲି ଦୃଢ଼ ନିଶ୍ଚିତ। ଭବିଷ୍ୟତରେ ମଣିଷଙ୍କୁ ନେଇ ସେ ଏହି ଅନୁଧ୍ୟାନ ମଧ୍ୟ କରିବା ପାଇଁ ଯାଉଛନ୍ତି। ପ୍ରଫେସର ପୋଦ୍ଦାର କୁହନ୍ତି, ବୟସ୍କ ଲୋକମାନେ ନିଜ ଖାଦ୍ୟରେ ପ୍ରୋଟିନର ମାତ୍ରାକୁ କମାଇ ବାର୍ଦ୍ଧକ୍ୟର ଆଗମନକୁ କିଛିଟା ଧିମେଇ ଦେଇପାରିବେ।

ପୋଦ୍ଦାରଙ୍କ ମତରେ ଆମିଷରେ ଥିବା ପ୍ରୋଟିନ ବାର୍ଦ୍ଧକ୍ୟର ସଙ୍କେତଗୁଡ଼ିକୁ ଉଜାଗର କରିବାରେ ଅଧିକ ସହାୟକ ହୁଏ ଏବଂ ଏହା ହୁଏତ ବୟସ୍କମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରାଏ। ଆମେ ଆମିଷ ଓ ନିରାମିଷ ଦୁଇଟି ଯାକ ଖାଦ୍ୟ ସ୍ରୋତରୁ ପ୍ରୋଟିନ ପାଉ। ମାଛ, ମାଂସ, ଅଣ୍ଡା, କ୍ଷୀର, ଡାଲି, ସୋୟାବିନ ଇତ୍ୟାଦିରୁ ପ୍ରୋଟିନ ମିଳେ। ବିଜ୍ଞାନୀମାନଙ୍କ ମତରେ ବୟସ୍କମାନଙ୍କ ପାଇଁ ମାଂସ ଓ ଅଣ୍ଡା ସବୁଠାରୁ ଅଧିକ କ୍ଷତିକାରକ। ତେଣୁ ଆମିଷ ପ୍ରତି ଆକୃଷ୍ଟ ହେଉଥିବା ବୟସ୍କମାନେ ମାଂସ ଓ ଅଣ୍ଡା ସ୍ଥାନରେ ମାଛ ଖାଇବା ଉଚିତ। ମାଛରେ ଓମେଗା–ଥ୍ରୀ ଫ୍ୟାଟି ଏସିଡ୍ ଥିବା ହେତୁ ଏହା ହୃଦ୍‌ରୋଗର କାରଣଗୁଡ଼ିକୁ ପ୍ରତିହତ କରିବାରେ ସହାୟକ ହୁଏ ଓ ରୋଗ ପ୍ରତିରୋଧକ ଶକ୍ତିକୁ କିଛି ପରିମାଣରେ ବୃଦ୍ଧି କରିବାରେ ସହାୟକ ହୁଏ। କିନ୍ତୁ କମ୍ ପ୍ରୋଟିନ ଥିବା ଅଧିକା ଶାକ୍‌ସବ୍‌ଜି ଯୁକ୍ତ ଆହାର ବୟସ୍କମାନଙ୍କ ପାଇଁ ସବୁଠାରୁ ଅନୁକୂଳ। ଆମେରିକାର ଇନ୍‌ଷ୍ଟିଚ୍ୟୁଟ ଅଫ ଏଜିଂ ଆଣ୍ଡ ଲଙ୍ଗଜିଭିଟିରେ ଗବେଷଣା ଅନୁଯାୟୀ ବାର୍ଦ୍ଧକ୍ୟ ଉପନୀତ ହେଲେ ଖାଦ୍ୟ ପ୍ରତି ସଜାଗ ନ ହେଲେ ମାନସିକ ଶକ୍ତି ହ୍ରାସ ପାଏ। ଏହି ସଂସ୍ଥାନ ବୟସ୍କ ଲୋକମାନଙ୍କୁ ନିଜ ଖାଦ୍ୟରେ ଆମିଷର ମାତ୍ରା କମାଇ ଅଧିକ ଫଳ ଓ ପରିବା ଖାଇବା ପାଇଁ ଉପଦେଶ ଦିଏ। ପୋର୍ଦ୍ଦାରଙ୍କ ଗବେଷଣା ସମ୍ପୂର୍ଣ୍ଣ ହେଲା ପରେ ହୁଏତ ସାରା ବିଶ୍ୱର ପଥ୍ୟ ବିଜ୍ଞାନୀମାନେ ବୟସ୍କମାନଙ୍କୁ ପ୍ରୋଟିନ ଗ୍ରହଣ କରିବା ସଂକ୍ରାନ୍ତରେ ଉପଦେଶ ଦେବେ।

**ମାନସିକ ରୋଗ ବିଶେଷଜ୍ଞ**
**ମୋ: ୯୧୩୨୪୩୩୩୩୩**

## ଏଇ ଭାରତରେ

ମହାମାରୀ ସମୟରେ ଲକ୍‌ଡାଉନ ଅନେକଙ୍କୁ ନୂଆ ବାଟ ଦେଖାଇଥିବାବେଳେ ଏଥିରୁ ବାଦ୍ ପଡ଼ିନାହାନ୍ତି ଲାଲ୍ ବହାର। ସେ ତାଙ୍କ ସାଙ୍ଗମାନଙ୍କ ସହାୟତାରେ ଲାଇବ୍ରେରି ଖୋଲିଛନ୍ତି। ପ୍ରଥମେ ସେ ତାଙ୍କ ଗାଁରେ ପିଲାମାନେ ପଢିବା ଲାଗି ଲାଇବ୍ରେରି ଖୋଲିଥିଲେ। ପରେ ୨୫୦ ଗାଁରେ ଲାଇବ୍ରେରି ଖୋଲିଛନ୍ତି। ଲାଲ୍ ବହାର ଗାଜିଆବାଦ ନିକଟସ୍ଥ ମନୌଲି ଗାଁରେ ରୁହନ୍ତି। ସେ ନ୍ୟାଶନାଲ ହ୍ୟୁମାନ ରାଇଟ୍‌ସ କମିଶନରେ ଜଣେ ଇନ୍ସପେକ୍ଟର ଭାବେ କାର୍ଯ୍ୟ କରନ୍ତି। ଲକ୍‌ଡାଉନ ସମୟରେ ସେ ସରପଞ୍ଚଙ୍କ ସହ କଥା ହୋଇ ପୁରୁଣା ପଞ୍ଚାୟତ ଭବନରେ ଏକ ଲାଇବ୍ରେରି ଖୋଲିଥିଲେ। ଗାଁରେ ତାଙ୍କ ଭଳି ଅନ୍ୟ ସରକାରୀ ଚାକିରିଆମାନଙ୍କୁ ଏକାଠି କରି ସେମାନଙ୍କ ଆର୍ଥିକ ସହାୟତାରେ ଏହା ସମ୍ଭବ ହୋଇଥିଲା। କେବଳ ଦୁଇ ମାସରେ ସେ ଏଥିପାଇଁ ୫ ଲକ୍ଷ ଟଙ୍କା ଯୋଗାଡ଼ କରିପାରିଥିଲେ। ଏହି ଲାଇବ୍ରେରିରେ ୬୦ ଜଣ ପିଲା ବସିବାର ବ୍ୟବସ୍ଥା ରହିଛି। ପରେ ଲାଇବ୍ରେରି ଖୋଲିବା ଲାଗି ତାଙ୍କୁ ବିଭିନ୍ନ ଗାଁରୁ ଲୋକମାନେ ଅନୁରୋଧ କଲେ। ଏହାକୁ ଲକ୍ଷ୍ୟ କରି ସେ 'ମିଶନ ଗ୍ରାମ ପାଠଶାଳା' ଆରମ୍ଭ କରି ତା'ମାଧ୍ୟମରେ ଦିଲ୍ଲୀ, ରାଜସ୍ଥାନ ଏବଂ ହରିୟାଣାରେ ବିଗତ ଦେଢ଼ବର୍ଷ ମଧ୍ୟରେ ୨୫୦ ଲାଇବ୍ରେରି ଖୋଲି ସାରିଛନ୍ତି। ସବୁ ଲାଇବ୍ରେରିରେ ରହିଥିବା ବହି ଦାନ ସୂତ୍ରରେ ସଂଗ୍ରହ କରାଯାଇଛି। ଏହି ଲାଇବ୍ରେରି ଖୋଲିବା ପରେ ଯୁବକମାନେ ପଢ଼ିବାର ସୁଯୋଗ ପାଉଛନ୍ତି ଓ ବହୁ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହେଉଛନ୍ତି ବୋଲି କହନ୍ତି ବହାର। ଗାଁର ପିଲାମାନେ ଲାଇବ୍ରେରି ସଫା କରିବା ସହ ବହିଗୁଡ଼ିକର ଯତ୍ନ ନେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୪ ଫେବୃୟାରୀ ୧୯୯୭

- ଇଜିପ୍ଟର ପର୍ଯ୍ୟଟନ ସହର ଭାବେ ପରିଚିତ ଅସୱାନ ଏବଂ ଲକ୍‌ସର ସହର ଦ୍ୱୟର ମଧ୍ୟବର୍ତ୍ତୀ ଅଞ୍ଚଳରେ ଦୁଇଟି ଟ୍ରେନ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୩୦ ଯାତ୍ରୀ ମୃତ।
- କଲିକତା ପୁସ୍ତକ ମେଳାରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟି ପ୍ରାୟ ୪୦୦ଟି ବହିଷ୍ଟଲ୍ ପୋଡ଼ି ଛାରଖାର ହୋଇଯାଇଛି।
- ବିଶିଷ୍ଟ ସାହିତ୍ୟିକ ତଥା ଅବସରପ୍ରାପ୍ତ ପୋଲିସ ଜେନେରାଲ ଡାଇରେକ୍ଟର ଦୁର୍ଗାମାଧବ ମିଶ୍ରଙ୍କ ୬୭ ବର୍ଷ ବୟସରେ ପରଲୋକ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | 5 | | | | 2 | 8 |
| | | | | | | | 5 | |
| | 2 | | 3 | | | | 4 | |
| 2 | | | | | | | | |
| 4 | | | | 9 | 3 | | 7 | |
| 8 | | | 4 | | | | 1 | 2 |
| | | 3 | | | 7 | | | 6 |
| | | | | | 8 | | | |
| 1 | 9 | | | | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 8 | 6 | 9 | 4 | 2 | 5 | 7 |
| 7 | 5 | 9 | 2 | 3 | 8 | 6 | 4 | 1 |
| 6 | 4 | 2 | 1 | 7 | 5 | 8 | 3 | 9 |
| 5 | 6 | 3 | 9 | 2 | 7 | 4 | 1 | 8 |
| 2 | 8 | 7 | 4 | 6 | 1 | 3 | 9 | 5 |
| 4 | 9 | 1 | 5 | 8 | 3 | 7 | 2 | 6 |
| 8 | 2 | 5 | 7 | 4 | 9 | 1 | 6 | 3 |
| 1 | 3 | 6 | 8 | 5 | 2 | 9 | 7 | 4 |
| 9 | 7 | 4 | 3 | 1 | 6 | 5 | 8 | 2 |

ଗତକାଲିର ଉତ୍ତର

# ମଧୁବାବୁଙ୍କୁ ଚିଠି

## ତିରୋଧାନ ଦିବସ ଉପଲକ୍ଷେ



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ମହାଶୟ! ଓଡ଼ିଆ ଜାତିର ଭୀଷ୍ମ ପିତାମହ ମଧୁସୂଦନ ଦାସ (ଜନ୍ମ ତା ୨୮।୪।୧୮୪୮ରିଖ ଏବଂ ମୃତ୍ୟୁ ତା ୦୪।୨।୧୯୩୪ ରିଖ)ଙ୍କୁ ଅନ୍ତରର ଭକ୍ତିପୂତ ପ୍ରଣାମ। ଆପଣ ହେଉଛନ୍ତି ଅନେକ କାହାଣୀ ଓ ଉପକଥାର ନାୟକ। ଆପଣଙ୍କୁ ଦେଖିବାର ସୁଯୋଗ ଆମେ ପାଇବାରୁ ବଞ୍ଚିତ। କିନ୍ତୁ ଆପଣଙ୍କର କାର୍ଯ୍ୟଶୈଳୀକୁ ଅନୁଧ୍ୟାନ କଲେ ଆପଣଙ୍କ ନିକଟରେ ଆମର ମୁଣ୍ଡ ଆପେ ଆପେ ନଇଁଯାଏ। ଶ୍ରୀରାମଙ୍କର ପଦରେଣୁ ସ୍ପର୍ଶରେ ପାଷାଣୀ ଅହଲ୍ୟା ଜୀବନ୍ୟାସ ପାଇଲା ପରି ଆପଣଙ୍କ ଆଗମନରେ ସତେ ଯେପରି ଏ ଓଡ଼ିଆ ଜାତି ଚେଇଁ ଉଠିଲା। ଏହାକୁ ତ ତଥ୍ୟ ଦୃଷ୍ଟିରୁ ଅସ୍ୱୀକାର କରିହେବ ନାହିଁ।

ଆଜି ଆପଣଙ୍କ ବିଷୟରେ ଚିନ୍ତାକଲା ବେଳେ କବିବର ରାଧାନାଥ ରାୟଙ୍କର ଏହି ଉକ୍ତିଟି ଖୁବ୍ ମନେପଡୁଛି। ଚିଲିକା କାବ୍ୟରେ କବିବର ରାଧାନାଥ ଯଥାର୍ଥରେ କହିଛନ୍ତି–

''କ୍ଷୁଦ୍ର ଶିପ୍ରା ସ୍ରୋତୋ ବିଖ୍ୟାତ ଜଗତେ
ମହାନଦୀ ନାମ ରହିଲା ଗୁପତେ।
ଦେବୀ ବୀଣାପାଣି କେଉଁ ପାପ ବଳେ
କରୁଣା ତୋହର ଊଣା ଏ ଉତ୍କଳେ।''

ଶିପ୍ରା ନଦୀ ଏକ କ୍ଷୁଦ୍ର ପୟଃପ୍ରଣାଳୀ। ମାତ୍ର ଏହା ମହାକବି କାଳିଦାସଙ୍କର ଅମର ଲେଖନୀ ପ୍ରସାଦରୁ ବିଶ୍ୱବିଖ୍ୟାତ। କିନ୍ତୁ ଓଡ଼ିଶାର ଜୀବନରେଖା କହୁଥିବା ମହାନଦୀକୁ କେତେଲୋକ ବା ଜାଣନ୍ତି। ଠିକ୍ ସେହିପରି ଅନେକ କ୍ଷେତ୍ରରେ ଆପଣ ସମଗ୍ର ଭାରତ ବର୍ଷରେ ପ୍ରଥମ ହୋଇଥିଲେ ହେଁ ଆମେ ଉତ୍କଳଗୌରବ କହି ଆପଣଙ୍କ ବ୍ୟକ୍ତିତ୍ୱକୁ ସଂକୁଚିତ କରିଦେଉଛୁ। ଆପଣ ଥିଲେ ସ୍ୱଦେଶୀ ଶିଳ୍ପାୟନର ଆଦିଉଦ୍‌ଗାତା। ପୁଣି ଥିଲେ ଦଳିତ ଜାତିର ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ସର୍ବପ୍ରଥମ ସଂସ୍ଥାପକ। ଆପଣଙ୍କ ବଳିଷ୍ଠ ଯୁକ୍ତି ଦ୍ୱାରା ଭାରତୀୟ ନାରୀ ଓକିଲାତି କରିବାର ସୁଯୋଗ ଓ ଅଧିକାର ପାଇଥିଲା। ପୁଣି ଆପଣ ଥିଲେ ଭାଷାଭିତ୍ତିକ ପ୍ରଦେଶ ଗଠନରର ମୁଖ୍ୟ ବିଧାନୀ। ପରେ ଏହାକୁ ଭାରତୀୟ ଜାତୀୟ କଂଗ୍ରେସ ନୀତିଗତ ନିଷ୍ପତ୍ତି ଭାବେ ଗ୍ରହଣ କରିନେଇଥିଲା ଏବଂ ଏହାତ ଆଜି ସମ୍ବିଧାନ ସମ୍ମତ। ମହାତ୍ମା ଗାନ୍ଧୀଙ୍କ ବହୁ ପୂର୍ବରୁ ଆପଣ ଲୁଣମରା ଅଭିଯାନ ଆରମ୍ଭ କରିଥିଲେ ଏବଂ ଉତ୍କଳ ସମ୍ମିଳନୀ ମଣ୍ଡପରେ ବସି ଅରଟରେ ସୂତା କାଟିଥିଲେ। ଆପଣ ଥିଲେ ସମବାୟ ଆନ୍ଦୋଳନର ସୂତ୍ରଧର। ଦାଦାଭାଇ ନାରୋଜୀ ଓ ସାର୍ ସୁରେନ୍ଦ୍ରନାଥ ବାନାର୍ଜୀଙ୍କ ପରେ ବ୍ରିଟିଶ ପାର୍ଲାମେଣ୍ଟକୁ ସମ୍ବୋଧିତ କରିବାରେ ଆପଣ ହେଉଛନ୍ତି ତୃତୀୟ ଭାରତୀୟ। ଆପଣଙ୍କ ପରି ଅଦ୍ୟାବଧି କୌଣସି ଓଡ଼ିଆ ବ୍ରିଟିଶ ପାର୍ଲାମେଣ୍ଟକୁ ସମ୍ବୋଧିତ କରିବାର ସୁଯୋଗ ପାଇନାହାନ୍ତି। ଇଂଲିଶ ଭାଷାରେ ଆପଣଙ୍କ ଦଖଲ ଇଂଲଣ୍ଡବାସୀଙ୍କୁ ମଧ୍ୟ ଚମତ୍କୃତ କରିଥିଲା। ସେଦିନ ଭାଷଣ ଶୈଳୀର ପ୍ରଶଂସାରେ ଶତମୁଖ ହୋଇଥିଲା 'ଲଣ୍ଡନ ଟାଇମ୍‌ସ'। ଜୟ ପ୍ରକାଶ ନାରାୟଣଙ୍କ ବହୁ ପୂର୍ବରୁ ଆପଣ ଲୋକପ୍ରତିନିଧିମୂଳକ ବ୍ୟବସ୍ଥାର ପ୍ରତ୍ୟାହାର (ରିକଲ) ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ଆଜିର ଲୋକପ୍ରତିନିଧିମାନଙ୍କୁ ଦେଖିଲେ ଆପଣ ହେଉଛନ୍ତି ଏକ ବ୍ୟତିକ୍ରମ। ଆଜି ତ ବାଧ୍ୟବାଧକତା ନ ପଡ଼ିଲେ ବା ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ନ କହିଲେ କେହି ମନ୍ତ୍ରୀ ପଦ ଛାଡ଼ିବାକୁ ପ୍ରସ୍ତୁତ ନୁହନ୍ତି। ମନ୍ତ୍ରୀ ପଦ ଅବୈତନିକ ହେବା ଉଚିତ ବୋଲି ସେଦିନ ଆପଣ ମତବ୍ୟକ୍ତ କରିଥିଲେ ଏବଂ ବିହାର ଓଡ଼ିଶା ସରକାର ଏଥିରେ ରାଜି ନ ହେବାରୁ ମନ୍ତ୍ରୀ ପଦରୁ ଇସ୍ତଫା ଦେଇ ସମଗ୍ର ଭାରତବର୍ଷରେ ଏକ ନୂତନ ପରମ୍ପରା ସୃଷ୍ଟି କରିଥିଲେ।

ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଚାଲୁଥିବା ଅସହଯୋଗ ଆନ୍ଦୋଳନ ସହିତ ଆପଣ ଏକମତ ହୋଇ ନ ଥିଲେ ମଧ୍ୟ ବ୍ୟକ୍ତିଗତ ଭାବେ ଆପଣଙ୍କ ପ୍ରତି ମହାତ୍ମା ଗାନ୍ଧୀଙ୍କ ଥିଲା ଗଭୀର ଶ୍ରଦ୍ଧା ଓ ସମ୍ମାନ। ମହାତ୍ମା ଗାନ୍ଧୀ ଏକଥା ସ୍ୱୀକାର କରି କହିଛନ୍ତି, ''ସେ (ମଧୁସୂଦନ ଦାସ) ବୁଝାଇଦେଇଥିଲେ ଯେ, ଆମେ ସମାଜର ଗୋଟିଏ ବଡ଼ଭାଇଙ୍କ ପ୍ରତି ଘୋର ଅନ୍ୟାୟ କରିଛୁ। ସେ ନିଜେ ମଧ୍ୟ ଶିଖାଇବା ଉଦ୍ଦେଶ୍ୟରେ ଏକ ଚମଡ଼ା କାରଖାନା ଖୋଲି ନିଜ ଜୀବନରେ ସେହି ଅନ୍ୟାୟର ପ୍ରାୟଶ୍ଚିତ୍ତ କରିବାକୁ ଚେଷ୍ଟା କରିଥିଲେ। ତାଙ୍କରି ଉଦ୍ୟମରେ କଟକର ଶହ ଶହ ମୋଚିଙ୍କ ପେଟ ପୋଷିବାର ବାଟ ଫିଟିଯାଇଥିଲା।'' ଆପଣଙ୍କ ଦ୍ୱାରା ପ୍ରଭାବିତ ହୋଇ ମହାତ୍ମା ଗାନ୍ଧୀ ପରବର୍ତ୍ତୀ ସମୟରେ ସାବରମତୀ ଆଶ୍ରମରେ ଏକ ଚମଡ଼ା କାରଖାନା ପ୍ରସ୍ତୁତ କରିବା ପାଇଁ ଆପଣଙ୍କ ମାର୍ଗଦର୍ଶନ ଚାହିଁଥିଲେ।

ଉତ୍କଳ ସଭାଠାରୁ ଆରମ୍ଭ କରି ଭାରତୀୟ ଜାତୀୟ କଂଗ୍ରେସ ପର୍ଯ୍ୟନ୍ତ ଅନେକ କ୍ଷେତ୍ରରେ ଆପଣ ଥିଲେ ଓଡ଼ିଶାର ଆଦ୍ୟ ପ୍ରବର୍ତ୍ତକ। କିନ୍ତୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନେଇ କଂଗ୍ରେସ ନେତାଙ୍କ ସହ ଆପଣଙ୍କର ମତାନ୍ତର ହେବାରୁ କଂଗ୍ରେସଠାରୁ ଦୂରେଇ ଯାଇ 'ଉତ୍କଳ ସମ୍ମିଳନୀ' ମାଧ୍ୟମରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଦିଗରେ ବ୍ରତୀ ହେଲେ। ଊନବିଂଶ ଶତାବ୍ଦୀର ଲିବରାଲଙ୍କ ପରି ଆପଣ ଜଣେ ଲିବରାଲ ଥିବାରୁ ମହାତ୍ମା ଗାନ୍ଧୀଙ୍କର ଅସହଯୋଗ ଆନ୍ଦୋଳନରେ ନୀତିଗତ କାରଣରୁ ଯୋଗ ନ ଦେବାକୁ ଉଚିତ ମନେକରିଥିଲେ। ଏ ପ୍ରସଙ୍ଗରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରି ସେଦିନ ବ୍ରଜସୁନ୍ଦରଙ୍କୁ କହିଥିଲେ ''କିନ୍ତୁ ବ୍ରଜ ସୁନ୍ଦର! ଓଡ଼ିଶା ଯଦି କେବେ ସ୍ୱତନ୍ତ୍ର ପ୍ରଦେଶ ହୁଏ ତା'ହେଲେ ଅସହଯୋଗ ପନ୍ଥାରେ ନୁହେଁ। ତାହା ହେବ ରିଫର୍ମସ୍ ବୈଧାନିକ ପନ୍ଥାରେ।'' ଆପଣଙ୍କ ଏହି ଭବିଷ୍ୟବାଣୀ ପରବର୍ତ୍ତୀ କାଳରେ ସତ୍ୟ ପ୍ରମାଣିତ ହୋଇଥିଲା।

କଂଗ୍ରେସର ନୀତି ନିର୍ଦ୍ଧାରଣ ଅନୁସାରେ ସାଇମନ କମିଶନକୁ ବିରୋଧ କରାଯାଇଥିଲା ଓ କଳାପତାକା ପ୍ରଦର୍ଶନ କରାଯାଇଥିଲା। ମାତ୍ର ଆପଣ ହିଁ ପ୍ରଥମେ ଏ ସୁଯୋଗକୁ ହାତଛଡ଼ା ନ କରି ସାଇମନ କମିଶନଙ୍କୁ ଅଭ୍ୟର୍ଥନା କରିବା ଏବଂ ତାଙ୍କ ଆଗରେ ସାକ୍ଷ୍ୟ ପ୍ରଦାନ ପାଇଁ ମତପୋଷଣ କଲେ। ଆପଣ ଭଲ ଭାବେ ଏକଥା ଜାଣିଥିଲେ ଯେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସହ ମାନ୍ଦ୍ରାଜ, ବିହାର ଓ ମଧ୍ୟପ୍ରଦେଶ ଜଡ଼ିତ। ସେମାନେ କେହି ଓଡ଼ିଶାର ବୃହତ୍ତର ସ୍ୱାର୍ଥ ପାଇଁ ନିଜ ନିଜର ସ୍ୱାର୍ଥ ତ୍ୟାଗ କରିବାକୁ ପ୍ରସ୍ତୁତ ନ ଥିଲେ। ସେଥିପାଇଁ ଓଡ଼ିଶା ଅଯଥା ମହାଭାରତୀୟ ସ୍ରୋତରେ ଭାବପ୍ରବଣ ହୋଇ ଭାସିଯିବା ଅପେକ୍ଷା ନିଜର ସ୍ୱାର୍ଥସିଦ୍ଧି ଓ ସ୍ୱାର୍ଥ ରକ୍ଷା ପାଇଁ କମିଶନଙ୍କ ସହ ସହଯୋଗ କରିବା ଉଚିତ ବୋଲି ମତପୋଷଣ କରିଥିଲେ। ଏକଥା ମଧ୍ୟ କହୁଥିଲେ ଯେ, ଓଡ଼ିଶାବାସୀ ଅସହଯୋଗ କଲେ କମିଶନ ହୁଏତ ଓଡ଼ିଶାର ଦାବି ବିଷୟରେ ସୁପାରିସ ନ କରିପାରନ୍ତି; ଏହା ଦ୍ୱାରା ଓଡ଼ିଶାବାସୀ ଅନେକ ଦିନ ପର୍ଯ୍ୟନ୍ତ ଅନ୍ଧାରରେ ରହିବେ।

ଆପଣଙ୍କ ଉପଦେଶ ଅନୁସାରେ ଉତ୍କଳ ସମ୍ମିଳନୀର ସଦସ୍ୟମାନେ ଆପଣଙ୍କୁ ପାଟନାଠାରେ ସାକ୍ଷାତ କରି କମିଶନଙ୍କୁ ଓଡ଼ିଶାର ଦାବି ସମ୍ପର୍କରେ ସ୍ମାରକପତ୍ର ଦେବା ପରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିଲା। ଫଳତଃ ଗଠିତ ହେଲା ଅଟ୍‌ଲି ସବ୍ କମିଟି। ଅଟ୍‌ଲି ସବ୍ କମିଟି ୧୯୩୦ ସେପ୍ଟେମ୍ବରରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଅଟ୍‌ଲି ସବ୍‌କମିଟିର ସର୍ବସମ୍ମତ ପ୍ରସ୍ତାବ ଘୋଷିତ ହେଲା। ଏହା ପରେ ଓଡ଼ିଶାର ସୀମା ନିର୍ଦ୍ଧାରଣ ପାଇଁ ୧୯୩୧ ସେପ୍ଟେମ୍ବର ୧୮ରେ ସାର୍ ଏସ୍ ଓଡୋନେଲଙ୍କ ଅଧ୍ୟକ୍ଷତାରେ ଭାରତ ସରକାର ଓଡୋନେଲ ସବ୍‌କମିଟି ନିଯୁକ୍ତ କଲେ। ପରିଶେଷରେ ବହୁ ବିଚାର ବିମର୍ଶ ପରେ ୧୯୩୬ ଏପ୍ରିଲ ୧ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ଭବ ହେଲା।

ଅବସ୍ଥା ଚକ୍ରରେ ପଡ଼ି ଆପଣ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ପ୍ରତି ଆପଣଙ୍କର ଥିଲା ଅତୁଟ ଭକ୍ତି ଏବଂ ନିଷ୍ଠା। ଶ୍ରୀମନ୍ଦିରର ସ୍ୱତ୍ୱ ରକ୍ଷା ପାଇଁ ଆପଣ ସମସ୍ତ ନଥିପତ୍ର ଯୋଗାଡ଼ କରି ଯେଉଁ ସଫଳତା ହାସଲ କଲେ ତାହା ଅବର୍ଣ୍ଣନୀୟ। ସେଦିନ ଓଡ଼ିଶାରୁ ଆଇନ ଶିକ୍ଷା ଉଠିଯାଇଥାନ୍ତା; ମାତ୍ର ଆପଣ ବିନା ବେତନରେ ଆଇନ ଅଧ୍ୟାପନା କରିବା ପାଇଁ ରାଜି ହେବାରୁ ଆଇନ ଶିକ୍ଷା ବଳବତ୍ତର ରହିଲା।

ଏହି ଚିଠି ମାଧ୍ୟମରେ ଆପଣଙ୍କ ବ୍ୟକ୍ତିତ୍ୱର ହୁଏତ ସମ୍ପୂର୍ଣ୍ଣ ଆକଳନ କରାଯାଇ ନ ପାରେ। ମୃତ୍ୟୁର ଦୀର୍ଘ ୮୮ ବର୍ଷ ପରେ ମଧ୍ୟ ଆପଣ ଆଜି ପ୍ରଚଣ୍ଡ ବିସ୍ମୟ ଭାବରେ ପ୍ରତିଭାତ। ଜଣେ ଉତ୍ତର ପୁରୁଷ ଭାବେ ଆପଣଙ୍କୁ ଆମର ଗଭୀର ଶ୍ରଦ୍ଧାଞ୍ଜଳି।

**ସେବାନିବୃତ୍ତ ଅତିରିକ୍ତ ଶାସନ ସଚିବ**
**ଓଡ଼ିଶା ସରକାର, ଚୈତନ୍ୟ ଧାମ, ଶବରସାହି,**
**ଭୁବନେଶ୍ୱର, ମୋ:୯୪୩୮୦୭୨୮୫୦**

## ପାଠକ ଶ୍ରେଷ୍ଠ ବିଚାରକ

### କଟକଣା ତା'ବାଟରେ

ମହାଶୟ,

କରୋନା ମହାମାରୀରେ ଜୀବନ ଓ ଜୀବିକାକୁ ରକ୍ଷାଲାଗି ସରକାରୀ ସ୍ତରରେ ବହୁ କଟକଣା ଲାଗୁ କରାଯାଇଛି। ଓମିକ୍ରନ ଘାତକ ନହେଲେ ମଧ୍ୟ ଡେଲଟା କେସ୍ ମିଳୁଛି। ଏଣୁ କଟକଣା ମାନିବା ଦରକାର। ମାତ୍ର ଏଥିରେ ନାନା ବ୍ୟତିକ୍ରମ ଘଟୁଥିବା ପରିଲକ୍ଷିତ ହେଉଛି। କଟକଣା ତା' ବାଟରେ ଏବଂ ଲୋକେ ତାଙ୍କ ବାଟରେ ଯାଉଥିବା ଦେଖିବାକୁ ମିଳୁଛି। ହାଟ, ବଜାରରେ ପ୍ରବଳ ଗହଳି ଦେଖିବାକୁ ମିଳୁଛି ଓ କେହି ପିନ୍ଧୁନାହାନ୍ତି କି ସାମାଜିକ ଦୂରତା ରକ୍ଷା କରୁନାହାନ୍ତି। ନିର୍ବାଚନ କଥା ଛାଡ। ନିର୍ବଚନ କଟକଣାକୁ ବଡ଼ ନେତାମାନେ ବି ଉଲ୍ଲଂଘନ କରୁଛନ୍ତି। ହେଲେ କଟକଣା ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସେମାନେ କଟକଣା ଭାଙ୍ଗିବାକୁ ଉତ୍ସାହିତ ହେଉଛନ୍ତି। ବହୁ ସ୍ଥାନରେ ଲୋକେ ଭୋଜିଭାତ କରି ଗହଳି ଲଗାଉଛନ୍ତି। କହିବାକୁ କେହି ନାହିଁ କି ଦେଖିବାକୁ କେହି ନାହାନ୍ତି। ପୋଲିସ ପ୍ରଶାସନ ତୁରନ୍ତ ଏ ଦିଗରେ ଧ୍ୟାନ ଦେବା ଦରକାର।

**–ସୁଧାଂଶୁ ଶେଖର ମହାପାତ୍ର, ନୀଳାଦ୍ରିବିହାର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପଥପରେ ଶତ ମାନବର ଶିଶୁ
ଦେଖାଏ କାନି
ଅକାଳେ ଝାଉଁଳି ପଡ଼ଇ କେତେରେ
ଜୀବନ–ଲତା !
ସବୁ ପ୍ରିୟ ସ୍ମୃତି ଅନୁଭୂତିମୟ
ଅତୀତ କାଳ
ତୋତେ ଚାହିଁ ଆଜି ପାସୋରି ଦେଲିରେ
ଶିମୁଳିପାଳ !
–(ପାସୋରି ଦେଲିରେ ଶିମୁଳିପାଳ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଏନ୍ଆଇଟିରୁ କ୍ୟାମ୍ପସ ଚୟନ

**ଭୁବନେଶ୍ୱର, ୩।୨:** ନାଳନ୍ଦା ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଏନ୍ଆଇଟି)ରେ ଗତ ଦୁଇ ଦିନ ଧରି ଟାଟା ଆଡ୍ଭାନ୍ସଡ ସିଷ୍ଟମ ଲିମିଟେଡ୍ (ଟିଏସ୍ଏଲ୍) ପକ୍ଷରୁ କ୍ୟାମ୍ପସ ଚୟନ କରାଯାଇଥିଲା। ଉକ୍ତ କମ୍ପାନୀ ନାଳନ୍ଦାକୁ କ୍ୟାମ୍ପସ ଚୟନ କରିବାକୁ ଆସିଥିବାରୁ ଏହାର ଛାତ୍ରୀଛାତ୍ରମାନେ ବେଶ୍ ଉତ୍ସାହ ପ୍ରକାଶ କରିଛନ୍ତି। ଏହି ଅବସରରେ ନାଳନ୍ଦାର ମେକାନିକାଲ୍ ଏବଂ ଇଲେକ୍ଟ୍ରିକାଲ ବିଭାଗର ଛାତ୍ରୀଛାତ୍ରମାନେ କ୍ୟାମ୍ପସ ଚୟନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିଥିଲେ। ଏହି କ୍ୟାମ୍ପସ ଚୟନକୁ ଟାଟା କମ୍ପାନୀର ମାନବ ସମ୍ବଳ ଅଧିକାରୀ ପ୍ୟାନ୍ସ୍ଲକ୍ ଗୁରୁ ଏବଂ ପ୍ରଭାତ କୁମାର କମ୍ପାନୀର ଟେକ୍ନିକାଲ୍ ହେଡ୍ ପରିଚାଳନା କରିଥିଲେ। ମେକାନିକାଲ ବିଭାଗର ମୁଖ୍ୟ ଶକ୍ତି ଜେନା ଟାଟା ଆଡ୍ଭାନ୍ସଡକୁ କ୍ୟାମ୍ପସ ଚୟନ କରିବା ପାଇଁ ନାଳନ୍ଦାକୁ ଆସିଥିବା ଯୋଗୁ ଧନ୍ୟବାଦ ଜଣାଇଥିଲେ।

### ଜେଏସ୍ଏଲ୍ 'ଇନ୍ଡ ଏଏ-'କୁ ଉନ୍ନୀତ

**ଭୁବନେଶ୍ୱର,୩।୨:** ଇଣ୍ଡିଆ ରେଟିଂସ୍ ଆଣ୍ଡ ରିସର୍ଚ୍ଚ (ଇନ୍ଡ-ଆର୍ଏ) ଜିନ୍ଦଲ ଷ୍ଟେନ୍ଲେସ ଲିମିଟେଡ (ଜେଏସ୍ଏଲ୍) କୁ ପ୍ରଦାନ କରାଯାଇଥିବା ଦୀର୍ଘସୂତ୍ରୀ ଜାରି ରେଟିଂକୁ ଏକ ସ୍ଥିର ଦୃଷ୍ଟିକୋଣ ସହ 'ଇନ୍ଡ ଏଏ-'କୁ ଉନ୍ନୀତ କରିଛି। ଏଥିସହ ରେଟିଂ ୱାଚ୍ ଇଭଲଭିଂ (ଆର୍ଡବ୍ଲୁଇ) ରେ ମଧ ଏହା ସମାଧାନ କରିଛି। ପୂର୍ବରୁ ଏହି ସଂସ୍ଥା ଜେଏସ୍ଏଲ୍ର ଦୀର୍ଘସୂତ୍ରୀ ଋଣ ସୁବିଧାକୁ 'ଇନ୍ଡ ଏ+ ଆର୍ଡବ୍ଲୁଇ' ରେଟିଂ ପ୍ରଦାନ କରିଥିଲା। ଏହି ଉନ୍ନତି ସାଧନ ସମ୍ପର୍କରେ ମତ ଦେଇ ଜେଏସ୍ଏଲ୍ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ରେଟିଂରେ ଏହି ଉନ୍ନତି ସାଧନ ଆମର ଦୃଢ ବ୍ୟବସାୟିକ କୌଶଳର ଅବତାରଣା କରୁଛି। ଆମେ ଆର୍ଥିକ ଏବଂ ପରିଚାଳନାଗତ ଶୃଙ୍ଖଳା ଉପରେ ନିରନ୍ତର ଦୃଷ୍ଟିନିବଦ୍ଧ କରୁଛୁ। ବଜାର ଅସ୍ଥିର ପରିବେଶକୁ ମୁକାବିଲା କରିବାରେ ଆମର ଉତ୍ପାଦ କିସମରେ ପାରଦର୍ଶିତା ଆମକୁ ଏକ ଉତ୍ତମ ସ୍ଥିତିରେ ରଖିଛି। ଆମର ବ୍ରାଉନ୍ଫିଲ୍ଡ ସମ୍ପ୍ରସାରଣ କାର୍ଯ୍ୟ ଠିକ୍ ବାଟରେ ଆଗେଇ ଚାଲିଥିବାବେଳେ ଆମେ ଆମର ଘରୋଇ ଏବଂ ଆନ୍ତର୍ଜାତିକ ଉପସ୍ଥିତିକୁ ଅଧିକ ସୁଦୃଢ଼ କରିବା ନେଇ ଆଶାବାଦୀ ଅଛୁ।

# ଜିଏସ୍ଟି ସଂଗ୍ରହରେ ଓଡ଼ିଶାର ୪୭% ଅଭିବୃଦ୍ଧି

**କଟକ,୩।୨**



ଦେଶର ବିକାଶ ପାଇଁ ଅର୍ଥନୀତିକୁ ସୁଦୃଢ଼ କରିବା ସହ ରାଷ୍ଟ୍ରର ଭିତ୍ତିଭୂମିକୁ ସଜାଡ଼ିବା ଲାଗି ଟିକସ ଆଦାୟକୁ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି ଟିକସ ଆଦାୟର ନୂତନ ନିୟମାବଳୀ ଅନୁସାରେ ଦେଶର ସାମଗ୍ରୀ ଓ ସେବା ଶୁଳ୍କ (ଜିଏସ୍ଟି) ସଂଗ୍ରହ କ୍ଷେତ୍ରରେ ୨୦୨୨ ଜାନୁୟାରୀରେ ଓଡ଼ିଶାର ଆୟ ୪୭% ଅଭିବୃଦ୍ଧି ଘଟିଛି। ୨୦୨୨ ଜାନୁୟାରୀ ଶେଷ ସୁଦ୍ଧା ଓଜିଏସ୍ଟି ଆକାରରେ ଓଡ଼ିଶା ମୋଟ ୧୧୪୩.୧୪ କୋଟି ଟଙ୍କାର ଟିକସ ଆଦାୟ କରିପାରିଛି। ଗତ ଡିସେମ୍ବର ଶେଷ ପର୍ଯ୍ୟନ୍ତ ସମସ୍ତ ପ୍ରମୁଖ ରାଜ୍ୟ ମଧ୍ୟରେ ଓଡ଼ିଶା ସର୍ବାଧିକ ଅଭିବୃଦ୍ଧି ହାର ବଜାୟ ରଖିଛି। ସେହି ସମାନ ଧାରା ୨୦୨୨ ଜାନୁୟାରୀରେ ମଧ ଅବ୍ୟାହତ ରହିଛି। ୨୦୨୧ ସମାନ ମାସରେ ମଧ ଓଡ଼ିଶାର ଜିଏସ୍ଟି ଆଦାୟ ୭୭୭.୭୧ କୋଟି ଟଙ୍କା ହୋଇଥିଲା। ୨୦୨୧ ଜାନୁୟାରୀର ଆଦାୟ ଅପେକ୍ଷା ଚଳିତ ମାସ ୨୦୨୨ରେ ୪୭% ଅଭିବୃଦ୍ଧି ସହ ଜିଏସ୍ଟି ଆଦାୟରେ ଓଜିଏସ୍ଟି ୩ୟ ସର୍ବାଧିକ ସଂଗ୍ରହ ହୋଇଛି। ୨୦୨୨ ଜାନୁୟାରୀରେ ମୋଟ ଏସ୍ଜିଏସ୍ଟି ସଂଗ୍ରହ ୧୦,୨୩୯.୩୯ କୋଟି ଟଙ୍କା ରହିଥିଲା। ଗତ ବର୍ଷ ଏହି ସମୟ ମଧ୍ୟରେ ଆଦାୟ ହୋଇଥିବା ପରିମାଣ ଠାରୁ ୫୬.୧୭% ଅଧିକ ରହିଛି। ୨୦୨୧ ଜାନୁୟାରୀରେ ୬,୫୫୬.୪୭ କୋଟି ଟଙ୍କା ସଂଗୃହୀତ ହୋଇଥିଲା। ସେହିପରି ୨୦୨୦ ଜାନୁୟାରୀରେ ସଂଗ୍ରହ ହୋଇଥିବା ୭୧୩୧.୮୦ କୋଟି ଟଙ୍କା ରହିଥିଲା। ଓଡ଼ିଶାର ମୋଟ ଜିଏସ୍ଟି ସଂଗ୍ରହ ୨୦୨୨ ଜାନୁୟାରୀରେ ୩୯୯୫.୪୦ କୋଟି ଟଙ୍କାର ରେକର୍ଡ କରାଯାଇଛି, ଯାହାକି ଗତ ବର୍ଷର ସମାନ ଅବଧିରେ ହୋଇଥିବା ଟିକସ ଆଦାୟ ୩୧୩୭.୪୫ କୋଟି ଟଙ୍କା ତୁଳନାରେ ୨୭.୩୫% ଅଭିବୃଦ୍ଧି କରିଥିବା ଜଣାପଡିଛି। ସେହିଭଳି ଏକ ପ୍ରଗତିଶୀଳ ଟିକସ ଆଦାୟ ୨୦୨୨ଜାନୁୟାରୀରେ ମୋଟ ଜିଏସ୍ଟି ସଂଗ୍ରହ ୩୬୧୦୮.୫୨ କୋଟି ଟଙ୍କା ରହିଥିଲା। ୨୦୨୧ର ଏହି ସମୟ ମଧ୍ୟରେ ୨୩,୨୨୬.୯୧ କୋଟି ଟଙ୍କା ସଂଗ୍ରହ ହୋଇଥିଲା। ଉକ୍ତ ଅବଧିରେ ଏହାର ପରିମାଣ ୫୫.୪୬% ଅଭିବୃଦ୍ଧି କରିଛି। ୨୦୨୦ ଜାନୁୟାରୀରେ ଅନୁରୂପ ସଂଗ୍ରହ ୨୪୨୫୪.୨୧ କୋଟି ଟଙ୍କା ଥିଲା। ସେହିପରି ସିଜିଏସ୍ଟି ବାବଦକୁ ୯୬୫.୯୨ କୋଟି ଟଙ୍କା, ଆଇଜିଏସ୍ଟି ବାବଦକୁ ୧୧୩୪,୧୫ କୋଟି ଏବଂ ସେସ୍ ଆକାରରେ ୭୫୨.୧୯ କୋଟି ଟଙ୍କା ୨୦୨୨ ଜାନୁୟାରୀ ଶେଷ ସୁଦ୍ଧା ସଂଗ୍ରହ କରାଯାଇଛି। ଟିକସ ସଂଗ୍ରହର ମୋଟ ଭାଟ୍(ପେଟ୍ରୋଲ୍ ଏବଂ ଲିକର)ରୁ ମୋଟ ୮୫୩.୪୩ କୋଟି ଟଙ୍କା ଜାନୁୟାରୀ ଶେଷ ସୁଦ୍ଧା ସଂଗ୍ରହ କରାଯାଇଛି। ୨୦୨୧ ଜାନୁୟାରୀରେ ୮୩୫.୨୩ କୋଟି ଟଙ୍କା ସଂଗ୍ରହ ତୁଳନାରେ ୨୦୨୨ରେ ୨.୧୮% ଅଭିବୃଦ୍ଧି ଉପରୋକ୍ତ ଉତ୍ପାଦରୁ ଆଦାୟ ହୋଇଛି। ସେଥିମଧ୍ୟରୁ ପେଟ୍ରୋଲିୟମ ଉତ୍ପାଦରୁ ୬୫୭.୯୯ କୋଟି ଏବଂ ଲିକରରୁ ୧୯୫.୪୩ କୋଟି ଟଙ୍କା ୨୦୨୨ ଜାନୁୟାରୀ ଶେଷ ସୁଦ୍ଧା ସଂଗ୍ରହ ହୋଇପାରିଛି।

# ଟାଟା ଷ୍ଟିଲ୍ ସିଆଇଆଇ-ଆଇଟିସି ସଷ୍ଟେନେବିଲିଟି ପୁରସ୍କାର ୨୦୨୧ରେ ସମ୍ମାନିତ

**କାଳିଆପାଣି,୩।୨(ଡି.ଏନ.ଏ.)**




ଜୈବ ବିବିଧତା ସଂରକ୍ଷଣ ମାନକ ନିୟାମକ ଢାଞ୍ଚାରୁ ଉପରକୁ ଉଠି ପର୍ଯ୍ୟାବରଣକୁ ପୁନର୍ବାର ସଂସ୍ଥାପିତ ପାଇଁ ନିଜର କାର୍ଯ୍ୟାନ୍ୱୟନର ଦୀର୍ଘସ୍ଥାୟିତ୍ୱ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଗି ଟାଟା ଷ୍ଟିଲ ମାଇନିଂ ଲିମିଟେଡ୍କୁ ସିଆଇଆଇ-ଆଇଟିସି ଦୀର୍ଘସ୍ଥାୟିତ୍ୱ ପୁରସ୍କାର ୨୦୨୧ରେ ସମ୍ମାନିତ କରାଯାଇଛି। କମ୍ପାନୀ ପକ୍ଷରୁ ୨୦୩୦ ଜୈବ ବିବିଧତା ସଂରକ୍ଷଣ ଲକ୍ଷ୍ୟ ପ୍ରସ୍ତୁତ କରାଯାଇଛି। ନିକଟରେ ଭାରତୀୟ ଶିଳ୍ପ ମହାସଂଘ ଦ୍ୱାରା ଆୟୋଜିତ ଏକ ଭର୍ଚୁଆଲ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ରାଓ ଇନ୍ଦରଜିତ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କମ୍ପାନୀ ଖଣି ବିଭାଗ ମହାପ୍ରବନ୍ଧକ ସୁଶାନ୍ତ କୁମାର ମିଶ୍ର କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ସିଂହଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପଙ୍କଜ କୁମାର ସତିଜା ଉପସ୍ଥିତ ଥିଲେ। ଏହି ପୁରସ୍କାର ପାଇବା ପରେ କମ୍ପାନୀ ନିର୍ଦ୍ଦେଶକ ସତିଜା କହିଛନ୍ତି, ପୃଥିବୀ ପାଇଁ ସରକାର ନେଉଥିବା ଆବଶ୍ୟକ ପଦକ୍ଷେପ ପାଳନ କରିବା ସହ ଜୈବ ବିବିଧତା ସଂରକ୍ଷଣ, ସବୁଜ ବଳୟ ସୃଷ୍ଟି ପାଇଁ ପୁନଃ ପ୍ରୟାସ କରିବୁ ବୋଲି ସେ ପ୍ରକାଶ କରିଛନ୍ତି।

# ବେଦାନ୍ତର ବାଲ୍କୋ ମେଡିକାଲ ସେଣ୍ଟର ସହ ଓଡ଼ିଶା ସରକାରଙ୍କ ରାଜିନାମା

**ଭୁବନେଶ୍ୱର,୩।୨**

### ବିକେଏସ୍ୱାଇ ହିତାଧିକାରୀଙ୍କୁ ଗୁଣବତ୍ତାଯୁକ୍ତ କର୍କଟ ଚିକିତ୍ସା




କେନ୍ଦ୍ରୀୟ ଭାରତର ଜଣାଶୁଣା କ୍ୟାନ୍ସର ହସ୍ପିଟାଲ ବେଦାନ୍ତର ବାଲ୍କୋ ମେଡିକାଲ ସେଣ୍ଟର(ବିଏମ୍ସି) ସହ ଓଡ଼ିଶା ସରକାର ନିକଟରେ ଏକ ରାଜିନାମା ସ୍ୱାକ୍ଷର କରିଛନ୍ତି। ଏହି ଅନୁସାରେ ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିକେଏସ୍ୱାଇ)ର କାର୍ଯ୍ୟକାରିତା ଠିକ୍ ଭାବେ କରାଯାଇଛି। ଫଳରେ ବିକେଏସ୍ୱାଇ ହିତାଧିକାରୀଙ୍କୁ ହସ୍ପିଟାଲ ପକ୍ଷରୁ ଗୁଣବତ୍ତାଯୁକ୍ତ କର୍କଟ ଚିକିତ୍ସା ମାଗଣାରେ ଯୋଗାଇ ଦିଆଯିବ। ରାଜ୍ୟର ଗରିବ ପରିବାର ତଥା ମହିଳାମାନଙ୍କୁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟଗତ ସୁବିଧା ଯୋଗାଇଦେବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ଜାନୁୟାରୀରେ ଏହି ଯୋଜନାର ଆରମ୍ଭ କରାଯାଇଥିଲା। ବାଲ୍କୋ ମେଡିକାଲ ସେଣ୍ଟର ଇତିମଧ୍ୟରେ ଲକ୍ଷ ଲକ୍ଷ ରୋଗୀଙ୍କ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଆଣିପାରିଛି।

ଏହି ହସ୍ପିଟାଲରେ ଶ୍ରେଷ୍ଠତମ ଆଧୁନିକ ଲିନିୟର ଆସିଲେଟର,ବୃହତ୍ କେମୋଥେରାପି ଡେ-କେୟାର ୟୁନିଟ୍, ସମ୍ପୂର୍ଣ୍ଣ ନ୍ୟୁକ୍ଲିୟର ମେଡିକାଲ ଡିପାର୍ଟମେଣ୍ଟ ରହିଛି।

ଏହାଦ୍ୱାରା ଶ୍ରେଷ୍ଠତମ ଡାଇଗ୍ନୋଷ୍ଟିକ୍ ଏବଂ ଚିକିତ୍ସା ଉପଲବ୍ଧ ହୋଇଥାଏ। କର୍କଟ ଚିକିତ୍ସା କ୍ଷେତ୍ରରେ ଚାହିଦା ଅନୁସାରେ ଚିକିତ୍ସାରେ ଅଭାବ, କମ୍ ସଚେତନତା, ଆବଶ୍ୟକ ଭିତ୍ତିଭୂମିର ଅଭାବ ଏବଂ କମ୍ ସଂଖ୍ୟକ ଅନ୍କୋଲୋଜିଷ୍ଟ ଯୋଗୁ ସମସ୍ୟା ଦେଖାଦେଉଛି। ତେବେ ଏ କ୍ଷେତ୍ରରେ ପ୍ରଭାବଶାଳୀ ପଦକ୍ଷେପ ମାଧ୍ୟମରେ ବାଲ୍କୋ ହସ୍ପିଟାଲ କର୍କଟ ମୁକ୍ତି ସମାଜ ଗଠନ ମିଶନ ପୂରଣ କରିବାର ପ୍ରୟାସ ଜାରି ରଖିଛି।

ଏ ସମ୍ପର୍କରେ ବାଲ୍କୋ ମେଡିକାଲ ସେଣ୍ଟରର ଅଧ୍ୟକ୍ଷା ଜ୍ୟୋତି ଅଗ୍ରୱାଲ କହିଥିଲେ, ଭାରତରେ ଗତ କିଛି ଦଶନ୍ଧି ମଧ୍ୟରେ କର୍କଟ ଚିକିତ୍ସା ଦକ୍ଷତାରେ ବୃଦ୍ଧି ହୋଇପାରିଛି। ଅଧିକାଂଶ ସୁବିଧା ସହରାଞ୍ଚଳରେ ରହିଛି। ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ସହରରେ କର୍କଟ ରୋଗୀ ସଂଖ୍ୟା ବଢ଼ିବା ସହିତ ଗୁଣବତ୍ତାଯୁକ୍ତ ଚିକିତ୍ସା ଅଭାବରୁ ଏହା ମୁଖ୍ୟ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରୁଛି। ବେଦାନ୍ତ ପକ୍ଷରୁ ବାଲ୍କୋ ମେଡିକାଲ ସେଣ୍ଟର ନୂଆ ରାୟପୁରରେ ସ୍ଥାପିତ ହୋଇଛି। ଏହା ପକେଟକୁ ସୁହାଇଲା ଭଳି ଖର୍ଚ୍ଚରେ କର୍କଟ ଚିକିତ୍ସା ଉପଲବ୍ଧ କରାଉଛି। ଆର୍ଥିକ ଦୁର୍ବଳ ବର୍ଗଙ୍କୁ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇଦେବାର ଉଦ୍ୟମ ଜାରି ରଖିଛି। ବାଲ୍କୋ ମେଡିକାଲ ସେଣ୍ଟର ଏନ୍ଏବିଏଚ୍ ଦ୍ୱାରା ସ୍ୱୀକୃତ। କର୍କଟ ଚିକିତ୍ସା ସହ ଏହା ସାଇକୋଲୋଜିକାଲ୍, ନ୍ୟୁଟ୍ରିଶନାଲ ଏବଂ ଫିଜିକାଲ ଥେରାପି ସୁବିଧା ଯୋଗାଇ ଦେଇଥାଏ।

# ୭୭୦ପଏଣ୍ଟ ଖସିଲା ବଜାର ଶେୟାର

**ମୁମ୍ବାଇ,୩।୨:** କ୍ରମାଗତ ୩ୟ ଦିନ ଲାଗି ଦଲାଲ ଷ୍ଟ୍ରିଟ୍ର ନିବେଶକମାନେ ଉତ୍ସାହରେ ରହିଥିଲେ। ହେଲେ ଗୁରୁବାର ଶେୟାର ବଜାରର କାରବାର ଆରମ୍ଭ ହେବା ମାତ୍ରେ ନିବେଶକଙ୍କ ଶେୟାରଗୁଡିକ ହ୍ରାସ ପାଇବାରେ ଲାଗିଥିଲା। ଶେୟାର ବଜାରର ସୂଚନା ଅନୁସାରେ ସେନ୍ସେକ୍ସ ସୂଚକାଙ୍କ ୭୭୦ ପଏଣ୍ଟ (୧.୩%) ହ୍ରାସପାଇ ୫୮,୭୮୮ସ୍ତରରେ ଶେଷ ହୋଇଥିବାବେଳେ ଏନ୍ଏସ୍ଇ ନିଫ୍ଟି ମଧ ୨୨୦ ପଏଣ୍ଟ ହ୍ରାସ ଘଟି ୧୭,୫୬୦ ଅଙ୍କରେ ରହିଛି। ଗୁରୁବାର ଉଭୟ ସୂଚକାଙ୍କ ଯଥାକ୍ରମେ ୫୮,୬୫୪ ଏବଂ ୧୭,୫୧୧କୁ ଛୁଇଁଥିଲା। ଏହି ପରିପ୍ରେକ୍ଷୀରେ ହାଉସିଂ ବନ୍ଧକ ଋଣ ପ୍ରଦାନକାରୀ ଏଚ୍ଡିଏଫ୍ସି ସର୍ବାଧିକ ୩.୫% କ୍ଷତି ସହିଥିବା ବେଳେ ଏସ୍ବିଆଇ ଲାଇଫ୍, ଇନ୍ଫୋସିସ୍, ଏଲ୍ ଆଣ୍ଡ ଟି, ଗ୍ରାସିମ୍, ଉଭୟ ବଜାଜ କମ୍ପାନୀର ଉଭୟ ନିବେଶକ ସଂସ୍ଥା, କୋଟାକ୍ ବ୍ୟାଙ୍କ, ଇଣ୍ଡସ୍ଇଣ୍ଡ ବ୍ୟାଙ୍କ ଏବଂ ଓଏନ୍ଜିସି ଭଳି ଅନ୍ୟାନ୍ୟ ନିବେଶକମାନେ ମଧ ୨ ରୁ ୩% ମଧ୍ୟରେ ଖସିଥିବା ଜଣାପଡିଛି।

# ଟିପିଏସ୍ଓଡିଏଲ୍ ପକ୍ଷରୁ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା

**ଭୁବନେଶ୍ୱର,୩।୨:** ଦକ୍ଷିଣ ଓଡ଼ିଶାରେ ବିଦ୍ୟୁତ୍ ବିତରଣ ପାଇଁ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏସ୍ଓଡିଏଲ୍) ପକ୍ଷରୁ ଉପଭୋକ୍ତାମାନଙ୍କୁ ସହଜ,ସୁବିଧାଜନକ, ସୁରକ୍ଷିତ ଓ ନିରବଚ୍ଛିନ୍ନ ଅନୁଭୂତି ପ୍ରଦାନ କରିବା ଲାଗି ଡିଜିଟାଲ ପେମେଣ୍ଟ ପଦ୍ଧତି ଗ୍ରହଣ କରାଯାଇଛି।

ଏହାଦ୍ୱାରା ଉପଭୋକ୍ତାମାନେ ମହାମାରୀ ସମୟରେ ଘରେ ରହି ବିଜୁଳି ଦେୟ ପୈଠ କରିପାରିବେ। ଡିଜିଟାଲ ପେମେଣ୍ଟ ବ୍ୟବହାର କରୁଥିବା ଗ୍ରାହକମାନେ ସେମାନଙ୍କ ବିଲ୍ରେ ୨% ରିହାତି ପାଇପାରିବେ। ଏ ସମ୍ପର୍କରେ ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, କମ୍ପାନୀ ବିଭିନ୍ନ ପ୍ରକାର ଅଭିଯାନ ଜରିଆରେ ଉପଭୋକ୍ତାମାନଙ୍କ ଅନୁଭୂତିରେ ଉନ୍ନତି ଆଣିବାକୁ ପ୍ରାଥମିକତା ଦେଇଛି। ଆମେ ଏକ ନଗଦ ବିହୀନ ଅର୍ଥନୀତିର ନିକଟତର ହେଉଥିବା ବେଳେ ଡିଜିଟାଲ ମାଧ୍ୟମ ଲୋକମାନଙ୍କୁ ନିଜ ସୁବିଧା ଅନୁସାରେ ବିଦ୍ୟୁତ୍ ବିଲ୍ ପ୍ରଦାନ କରିବାରେ ସହାୟକ ହେବ। ଏହି ସେବା ଗ୍ରାମୀଣ ଗ୍ରାହକମାନଙ୍କ ଦେୟ ପ୍ରକ୍ରିୟାକୁ ଯଥା ସମ୍ଭବ ସହଜ କରିବ। ପ୍ରଯୁକ୍ତି ଓ ଡିଜିଟାଲ ମାଧ୍ୟମ ଜରିଆରେ ପରିବର୍ତ୍ତନକୁ ଆଗକୁ ବଢ଼ାଇ ଉପଭୋକ୍ତାମାନଙ୍କୁ ଡିଜିଟାଲ ପେମେଣ୍ଟର ସୁବିଧା ପ୍ରଦାନ କରିବୁ।

Happy 1st Marriage Anniversary



ASIT & EZEE
College Sq., Aska
Best wishes to you both on this momentous, occasion.
Congratulation from Santosh & Friends.
D-23031

ନିରୁଦ୍ଦିଷ୍ଟ



ନାମ: ଶାନ୍ତିଲତା ମାଝି, ବୟସ: ୫୧,ଫୋନ୍-7205781448/ 9438689362/ 9668264078/ 8658516702. ନିଖୋଜ ତାରିଖ: ୧ ଫେବୃୟାରୀ ୨୦୨୨ ସମୟ ସକାଳ ୭.୧୬। ନିଖୋଜ ସ୍ଥାନ: ପାହାଳ, ଭୁବନେଶ୍ୱର। ପୋଲିସ ଷ୍ଟେସନ୍: ପାହାଳ ପୋଲିସ୍ ଷ୍ଟେସନ କିମ୍ବା ନିକଟତମ ପୋଲିସ୍ ଷ୍ଟେସନ୍। Phone OIC: 9438411083.
ଧ-୨୩୦୨୮

## ଫୁରସତ୍

# ଅଘୋରୀ ବେଶରେ ଧୋନୀ



**ମୁମ୍ବାଇ:** କ୍ରିକେଟର୍ରୁ ପାଲଟିଲେ ଯୋଦ୍ଧା। ଏବେ ମଇଦାନରେ ଶତ୍ରୁଙ୍କୁ ମାତ୍ ଦେବେ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ। ତାଙ୍କ ଆଗାମୀ ଆନିମେଟେଡ୍ ଗ୍ରାଫିକ୍ ଉପନ୍ୟାସ 'ଅଥର୍ବ: ଦି ଅରିଜିନ୍'ର ଫାଷ୍ଟ ଲୁକ ନିଜେ ଧୋନୀ ବୁଧବାର ଜାରି କରିଛନ୍ତି। ଏଥିରେ ସେ ଅଘୋରୀ 'ଅର୍ଥବ' ଭୂମିକାରେ ନଜରକୁ ଆସିବେ। ଅଘୋରୀ ରାକ୍ଷସ ସୈନ୍ୟମାନଙ୍କ ବିରୁଦ୍ଧରେ ଲଢୁଥିବା ଏଥିରେ ଦେଖିବାକୁ ମିଳିବ। ଏହି ଆନିମେଟେଡ୍ ଗ୍ରାଫିକ୍ ଉପନ୍ୟାସର ଟିଜର ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଉପନ୍ୟାସର ଲେଖକ ରମେଶ ଥାମିଲାନୀ ଏହି ସିରିଜ୍ ଜରିଆରେ ଦର୍ଶକଙ୍କୁ ଏକ ଭିନ୍ନ ଅନୁଭବ ଦେବାକୁ ଚେଷ୍ଟା କରିଛନ୍ତି। 'ଧୋନୀ ଏଣ୍ଟରଟେନମେଣ୍ଟ' ଦ୍ୱାରା ଉପନ୍ୟାସଟି ପ୍ରାୟୋଜିତ ଅଟେ। ଏହି ମିଡିଆ କମ୍ପାନୀ ୨୦୧୯ରେ ଧୋନୀ ଏବଂ ତାଙ୍କ ପତ୍ନୀ ସାକ୍ଷୀ ସିଂ ଧୋନୀଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିଲା। ଏହି ଗ୍ରାଫିକ୍ ଉପନ୍ୟାସ ବିର୍ଜୁ ଷ୍ଟୁଡିଓ ଏବଂ ମିଡାସ୍ ଡିଲ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ନିର୍ମିତ।

# ଚକୋଲେଟ୍ ବାଘ

**ନୂଆଦିଲ୍ଲୀ:** ଚକୋଲେଟ୍ ବାଘ। ଶୁଣିବାକୁ କଥାଟା ହୁଏତ ସମସ୍ତଙ୍କୁ ଅଡୁଆ ଲାଗିପାରେ। କିନ୍ତୁ ବାଘ ଆକୃତିର ଏକ ଭିନ୍ନ ଧରଣର ଚକୋଲେଟ୍ ଏବେ ଦେଖିବାକୁ ମିଳୁଛି ସୋସିଆଲ ମିଡିଆରେ। ଦେଖିବାକୁ ଅବିକଳ ବାଘ ପରି କିନ୍ତୁ ତାହା ପ୍ରକୃତରେ ଏକ ସ୍ୱାଦିଷ୍ଟ ଚକୋଲେଟ୍। ସେଥିପାଇଁ ତ ଏବେ ଏହାକୁ ନେଇ ଖୁବ୍ ଚର୍ଚ୍ଚା ହେଉଛି।



ଚକୋଲେଟ୍ରେ ତିଆରି ହୋଇଛି ବାଘ। ଦେଖିଲେ ମନେହେବ ସତେଯେମିତି ମୂର୍ତ୍ତି ଗଢିବା ପରେ ଏହି ବାଘକୁ କେହି ତିଆରି କରି ରଙ୍ଗ ଦେଇଛନ୍ତି। କିନ୍ତୁ ଏମିତି ଏକ ଭିନ୍ନ କଳାକୁ ରୂପ ଦେଇଛନ୍ତି ସେଲିବ୍ରିଟି ସେଫ ଆମାଉରୀ ଗୁଇଚନ୍। ମାଟିରେ ମୂର୍ତ୍ତି ତିଆରି କରିବା ଭଳି ଗୁଇଚନ୍ ବାଘ ତିଆରି କରିଛନ୍ତି ଚକୋଲେଟ୍ରେ। ଏଥିପାଇଁ ସେ ଚକୋଲେଟ୍ ସହିତ ଖାଇବାଯୋଗ୍ୟ ରଙ୍ଗ ବ୍ୟବହାର କରିଛନ୍ତି। ପ୍ରଥମେ ଚକୋଲେଟ୍ରେ ବାଘର ରୂପ ତିଆରି କରି ତାକୁ ବାସ୍ତବ ରୂପ ଦେବା ପାଇଁ ସେ ହଳଦିଆ ଓ ଧଳା ରଙ୍ଗ ବ୍ୟବହାର କରିଛନ୍ତି। ଏମିତିକି ବାଘର ଆଖି, କାନ, ନାକ, ଲାଞ୍ଜ ଆଦି ସବୁକିଛି ଚକୋଲେଟ୍ରେ ତିଆରି କରି ଏକ ବାସ୍ତବ ରୂପ ଦେବାକୁ ଚେଷ୍ଟା କରିଛନ୍ତି। ଶେଷରେ ସେ ଏକ ବାଘ ଓ ତା ପାଖରେ ଛୁଆ ବାଘ ବସିଥିବାର ଏକ କଳାକୃତି ତିଆରି କରିଛନ୍ତି। ଚକୋଲେଟ୍ରେ ଏଭଳି ଏକ କଳାକୃତି ତିଆରି କରିବାର ଭିଜୁଆଲକୁ ଗୁଇଚନ୍ ତାଙ୍କ ଇନଷ୍ଟାଗ୍ରାମ୍ରେ ହିଁ ପ୍ରଥମେ ଶେୟାର କରିଥିଲେ। ଚାଇନାର ନୂଆବର୍ଷ ଉପଲକ୍ଷେ ସେ ଏଭଳି ଏକ କଳା କରିଥିବା ଭିଜୁଆଲର କ୍ୟାପସନ୍ରେ ମଧ ଲେଖି ଜଣାଇଛନ୍ତି। ଭିଜୁଆଲଟି ଶେୟାର ହେବାର ମାତ୍ର ଗୋଟିଏ ଦିନ ପରେ ଏହାକୁ ପାଖାପାଖି ୫ ଲକ୍ଷ ଲୋକ ଦେଖି ପସନ୍ଦ କରି ସାରିଲେଣି। ଚକୋଲେଟ୍ରେ ଏଭଳି ଏକ କଳାକୃତି କରିପାରିଥିବାରୁ ଗୁଇଚନଙ୍କର ଦକ୍ଷତାକୁ ଲୋକେ ଖୁବ୍ ପ୍ରଶଂସା କରିଛନ୍ତି। ତେବେ ଏହା ପୂର୍ବରୁ ମଧ ଗୁଇଚନ୍ ଚକୋଲେଟ୍ରେ ବିଭିନ୍ନ ପ୍ରକାରର କଳାକୃତି କରି ପ୍ରଶଂସିତ ହୋଇ ପାରିଛନ୍ତି।

CLASSIFIED DISPLAY
MORE SPACE • SAME PRICE
TARIFF

| For Single Day 6x4 | For Single Day 12x4 | For 7 Days 6x4 | For 7 Days 12x4 | For 15 Days 6x4 | For 15 Days 12x4 | For 30 days 6x4 | For 30 days 12x4 |
|---|---|---|---|---|---|---|---|
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
ALL EDITION - B/W (Everyday)
for Booking Contact: 0674-2580385 8637280816, 7894447167, 9338226625

ମନେ ପଡ଼ନ୍ତି
ଶ୍ରଦ୍ଧାଞ୍ଜଳି



୰ବାସନ୍ତୀ ଦାସ୍
ଆବିର୍ଭାବ: ୧୫।୦୪।୧୯୪୫
ତିରୋଧାନ: ୨୫।୦୧।୨୦୨୨
ହତଭାଗ୍ୟ ସ୍ୱାମୀ ବିଶ୍ୱନାଥ ଦାସ୍, ପୁତ୍ର: ଦିଲ୍ଲୀପ୍ ଦାସ୍ (ପୂର୍ବତନ ଓକିଲ ସଂଘ ସଭାପତି), ପୁତ୍ର: ବୈଦ୍ୟନାଥ ଦାସ୍ ଓ ଆଖଣ୍ଡଳ ମଣି ଦାସ୍ ଓ ସମସ୍ତ ବନ୍ଧୁ, ନାତି, ନାତୁଣୀବୃନ୍ଦ।
ଧ-୨୩୦୩୫

# ଶୋ' ଛାଡ଼ିବେ ଅନୀତା



**ମୁମ୍ବାଇ:** ଟେଲି ଧାରାବାହିକ ତଥା ଲୋକପ୍ରିୟ ଶୋ' 'ଭାବିଜୀ ଘର ପର ହେଁ'ର ମୁଖ୍ୟ ଚରିତ୍ର ଅନୀତା ଭୂମିକାରେ ଅଭିନୟ କରୁଛନ୍ତି ନେହା ପେଣ୍ଡସେ। କିନ୍ତୁ ଏବେ ସେ ଶୋ' ଛାଡିବାକୁ ନିଷ୍ପତ୍ତି ନେଇଛନ୍ତି। ନେହାଙ୍କ ଏକ ବର୍ଷର ଏଗ୍ରିମେଣ୍ଟ ଏପ୍ରିଲ୍ ୨୦୨୨ରେ ଶେଷ ହେଉଛି। ହେଲେ ସେ ଏହାକୁ ରିନ୍ୟୁ କରିବାକୁ ଚାହୁଁ ନାହାନ୍ତି। ଶୁଟିଂ ସେଟ୍ରେ ପହଞ୍ଚିବା ପାଇଁ ତାଙ୍କୁ ବହୁତ ଦୂର ଯାତ୍ରା କରିବାକୁ ପଡୁଛି। ଏହା ତାଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି। ତେଣୁ ସେ ଏହି ଶୋ' ଛାଡିବାକୁ ନିଷ୍ପତ୍ତି ନେଇଥିବା ରିପୋର୍ଟରୁ ଜଣାପଡିଛି। ଅଫିସିଆଲି ଭାବେ ନେହା ଏହି ଶୋ'କୁ ଛାଡିନାହାନ୍ତି। କିନ୍ତୁ ନିର୍ମାତା ଏହି ଭୂମିକା ପାଇଁ ଅନେକଙ୍କ ଅଡିସନ୍ ନେଉଥିବା ଜଣାପଡିଛି।

# 'ଗଙ୍ଗୁବାଈ କାଠିଆୱାଡ଼ି'ରେ ଅଜୟ

**ମୁମ୍ବାଇ:** ସିଂଘମ୍ ପରେ ଏବେ ଗୁଣ୍ଡା ଭୂମିକାରେ ନଜରକୁ ଆସିବେ ଅଜୟ ଦେବଗନ୍। ସଞ୍ଜୟ ଲୀଳା ଭଁସାଲୀଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଗଙ୍ଗୁବାଈ କାଠିଆୱାଡ଼ି'ରେ ଅଜୟ ଆଲିଆ ଭଟ୍ଟଙ୍କ ସହ ସ୍କ୍ରିନ ଶେୟାର କରିବେ। ସିନେମାର ଟ୍ରେଲର୍ ଫେବୃୟାରୀ ୪ରେ ରିଲିଜ୍ ହେବ। ଏହା ପୂର୍ବରୁ ଅଜୟ ତାଙ୍କ ଫାଷ୍ଟ ଲୁକ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏକ ସିନେମାର ଶେଷରେ ଅଜୟ ଆଲିଆଙ୍କ ପ୍ରେମରେ ପଡିଛନ୍ତି। ମୁଭିରେ ଶାନ୍ତନୁ ମହେଶ୍ୱାରୀ, ଭିଜୟ ରାଜ୍, ହୁମା କ୍ୟୁରେଶୀ ନଜରକୁ ଆସିବେ। ୨୨ ବର୍ଷ ପରେ ଅଜୟ ଏବଂ ନିର୍ଦ୍ଦେଶକ ସଞ୍ଜୟ ଏକାଠି କାମ କରିବେ। ପୂର୍ବରୁ ଦୁହେଁ ମୁଭି 'ହମ୍ ଦିଲ୍ ଦେ ଚୁକେ ସନମ୍'ରେ ଏକାଠି କାମ କରିଥିଲେ। ଚଳଚ୍ଚିତ୍ର 'ଗଙ୍ଗୁବାଈ କାଠିଆୱାଡ଼ି' ଫେବୃୟାରୀ ୨୫ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। ପୂର୍ବରୁ ଏହା ଫେବୃୟାରୀ ୧୮ରେ ରିଲିଜ୍ ହେବାର ଥିଲା। ପରେ କରୋନା କାରଣରୁ ରିଲିଜ୍ ତାରିଖ ସ୍ଥଗିତ ରଖାଯାଇଥିଲା। ଅଜୟ ମାର୍ଚ୍ଚ ୨୫ରେ ରିଲିଜ୍ ହେବାକୁ ଥିବା ଫିଲ୍ମ 'ଆର୍ଆର୍ଆର୍'ରେ ଅଜୟ ନଜରକୁ ଆସିବେ।



BHARAT FINANCE
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ପାଇଁ
ଲୋନ୍ ଅନ୍ ଲାଇନ୍ ମାଧ୍ୟମରେ କମ ସୁଧରେ ସମସ୍ତ ପ୍ରକାର ଲୋନ୍ ନେବା ପାଇଁ ଆମ ସହ ଯୋଗାଯୋଗ କରନ୍ତୁ
ବାର୍ଷିକ 2% ସୁଧ 25% ଛାଡ
ଅଧିକତମ ମହିଳା, ଛାତ୍ରଛାତ୍ରୀ ଓ ବିଦ୍ୟାର୍ଥୀ ମାନଙ୍କୁ ସୁବିଧା ଯୋଗାଇ ଦିଆଯାଉଛି।
Website: www.bharatpro.in
Dr B Ramarao Street, Suryaraopet, Vijayawada-520002
Call & WhatsApp No: 09015144671

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଆଜମ ଖାନ୍
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଗୁଣିଗାରେଡ଼ି, ଯାଦୁ-ଟୋନା, ପୋଡାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଳବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ
8882703236 9717049785

GALAXY TOWER
ଗୋଲ୍ଡ ମେଟାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

ALL EDITION - B/W (Everyday)
for Booking Contact: 0674-2580385 8637280816, 7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଫେବୃୟାରୀ ୪/୨୦୨୨ Sambalpur, Friday, February 4/ 2022

## ସଂକ୍ଷେପରେ

### ବୋରିସ୍‌ଙ୍କ ଉପରେ ଇସ୍ତଫା ଚାପ



**ଲଣ୍ଡନ,୩।୨:** ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନଙ୍କ ଇସ୍ତଫା ଲାଗି ଚାପ ବଢ଼ିବାରେ ଲାଗିଛି। ମହାମାରୀ ସମୟରେ ଡାଉନିଂ ଷ୍ଟ୍ରିଟ୍‌ରେ ଉତ୍ସବ ମନାଇବାକୁ ନେଇ ବୋରିସ ସମାଲୋଚିତ ହୋଇଛନ୍ତି। ୨୦୨୦ ମାର୍ଚ୍ଚ ୨୮ରୁ ୨୦୨୧ ମେ' ୧୭ ମଧ୍ୟରେ ସେଠାରେ ଏକାଧିକ ଥର ପାର୍ଟିର ଆୟୋଜନ କରାଯାଇଥିବା ଅଭିଯୋଗ ହୋଇଛି। କଞ୍ଜରଭେଟିଭ୍ ପାର୍ଟି ଏମ୍‌ପି ତାଙ୍କ ବିରୋଧରେ ଅନାସ୍ଥା ପତ୍ର ଦେଇଛନ୍ତି। ସଙ୍କଟ ଟାଳିବା ଲାଗି ୧୦ ଡ୍ରାଉନିଂ ଷ୍ଟ୍ରିଟ୍ ପକ୍ଷରୁ ଉଦ୍ୟମ ସତ୍ତ୍ୱେ ବୋରିସ୍‌ଙ୍କ ସ୍ଥିତି ପ୍ରତି ବିପଦ ରହିଛି। ଏମ୍‌ପିମାନେ ଖୋଲାଖୋଲି ଭାବେ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି।

### ଓୱାଇସିଙ୍କ କାର୍‌କୁ ଗୁଳି

**ନୂଆଦିଲ୍ଲୀ,୩।୨:** ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ ତଥା ହାଇଦ୍ରାବାଦ ଏମ୍‌ପି ଅସାଦୁଦ୍ଦିନ ଓୱାଇସିଙ୍କ କାର୍‌କୁ ଗୁରୁବାର ଦିଲ୍ଲୀର ଏକ ଟୋଲ୍‌ପ୍ଲାଜା ନିକଟରେ ୪ ରାଉଣ୍ଡ ଗୁଳିମାଡ଼ କରାଯାଇଛି। ଓୱାଇସି ଉତ୍ତର ପ୍ରଦେଶର ମିରଟରୁ ନିର୍ବାଚନ ପ୍ରଚାର କରି ଫେରୁଥିବାବେଳେ ହାପୁରରେ ତାଙ୍କୁ ଆକ୍ରମଣ ଉଦ୍ୟମ କରାଯାଇଥିବା ସେ ଟୁଇଟ୍ କରିଛନ୍ତି। ତେବେ ଗୁଳିମାଡ଼ରେ ତାଙ୍କ ଏସ୍‌ୟୁଭିର ଟାୟାର ପଂକଚର ହୋଇଯାଇଛି। ତେବେ କାର୍‌ରେ ଥିବା ସମସ୍ତେ ସୁରକ୍ଷିତ ବୋଲି ଜଣାଇଛନ୍ତି।

### ପେଗାସସ୍ ବିବାଦ: ଏମ୍ଇଏ ପାଖରେ ସୂଚନା ନାହିଁ

**ନୂଆଦିଲ୍ଲୀ,୩।୨:** ଇସ୍ରାଏଲର ଏନ୍‌ଏସ୍‌ଓ ଗ୍ରୁପ୍ ପକ୍ଷରୁ ବିକଶିତ ପେଗାସସ୍ ସ୍ପାଏୱେର ଜରିଆରେ ଗୁପ୍ତଚରଗିରିକୁ ନେଇ ଦେଶରେ ବିବାଦ ସୃଷ୍ଟି ହୋଇଥିବାବେଳେ ଏହା ସମ୍ପର୍କରେ ବହିର୍ବ୍ୟାପାର ମନ୍ତ୍ରଣାଳୟ (ଏମ୍ଇଏ) ପାଖରେ କିଛି ସୂଚନା ନାହିଁ। ଏମ୍ଇଏ ମୁଖପାତ୍ର ଅରିନ୍ଦମ ବାଗଚୀ ଗୁରୁବାର କହିଛନ୍ତି, ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ କମିଟି ତଦନ୍ତ କରୁଛି। ଆମ ମନ୍ତ୍ରଣାଳୟରେ ଏନେଇ କିଛି ତଥ୍ୟ ନାହିଁ। ନିକଟରେ ନ୍ୟୁୟର୍କ ଟାଇମ୍ସରେ ପେଗାସସ୍ ସ୍ପାଏୱେର ଉପରେ ପ୍ରକାଶିତ ଏକ ରିପୋର୍ଟକୁ ନେଇ ଖବରଦାତାଙ୍କ ପ୍ରଶ୍ନର ଏଭଳି ଉତ୍ତର ଦେଇଛନ୍ତି ଅରିନ୍ଦମ।

### ରାହୁଲଙ୍କ ମନ୍ତବ୍ୟକୁ ଆମେରିକାର ଅଗ୍ରାହ୍ୟ

**ନୂଆଦିଲ୍ଲୀ,୩।୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅପ୍ରଭାବୀ ବିଦେଶ ନୀତି ଯୋଗୁ ଚାଇନା ଓ ପାକିସ୍ତାନ ମଧ୍ୟରେ ସମ୍ପର୍କ ପୂର୍ବାପେକ୍ଷା ଘନିଷ୍ଠ ହୋଇଛି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟକୁ ଆମେରିକା ଗ୍ରହଣ କରିନାହିଁ। ବୁଧବାର ଲୋକ ସଭାରେ ରାହୁଲ ଉପରୋକ୍ତ ମନ୍ତବ୍ୟ ରଖିଥିଲେ। ଏଥିରେ ଆମେରିକା ସହମତ କି ବୋଲି ପ୍ରଶ୍ନ ହେବାରୁ ସେଠାର ପରରାଷ୍ଟ୍ର ବିଭାଗ ମୁଖପାତ୍ର ନେଡ୍ ପ୍ରାଇସ୍ ଗୁରୁବାର ଏହା କହିଛନ୍ତି। ଚାଇନା ଓ ପାକିସ୍ତାନର ନାଗରିକ ଦୁଇ ଦେଶର ସମ୍ପର୍କ ଉପରେ ମତ ଦେଇପାରିବେ ବୋଲି ପ୍ରାଇସ୍ କହିଥିଲେ।



ମେକ୍ସିକୋର ତାପାଚୁଲାସ୍ଥିତ ନ୍ୟାଶନାଲ ମାଇଗ୍ରେଶନ୍ ଇନ୍‌ଷ୍ଟିଚ୍ୟୁଟ୍ ବାହାରେ ଗୁରୁବାର ଶରଣାର୍ଥୀ ଭାବେ ନିଜ ନାମ ପଞ୍ଜୀକରଣ ପାଇଁ କ୍ୟୁଆର୍ କୋଡ୍‌କୁ ଅପେକ୍ଷା କରିଛନ୍ତି ଜଣେ ଶିଶୁ।

# ମେକ୍ସିକୋ: ବଢ଼ୁଛି ରିଫ୍ୟୁଜି ସଙ୍କଟ

**ନ୍ୟୁୟର୍କ,୩।୨**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଦେଶାନ୍ତରୀ ଶରଣାର୍ଥୀଙ୍କ ଉଦ୍ଦେଶ୍ୟରେ ଜାରି କରିଥିବା ଏକ୍‌ଜିକ୍ୟୁଟିଭ୍ ଅର୍ଡରକୁ ବୁଧବାର ବର୍ଷେ ପୂରିଛି। ଏହି ଅବସରରେ ଓମେନ୍ସ ରିଫ୍ୟୁଜି କମିଶନ (ଡବ୍ଲ୍ୟୁଆର୍‌ସି) ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ଉଭୟ ଆମେରିକା ଓ ମେକ୍ସିକୋ ନିଜ ପ୍ରତିଶ୍ରୁତି ରକ୍ଷାରେ ବିଫଳ ହୋଇଛନ୍ତି। ବାଇଡେନ୍ ଏବଂ ତାଙ୍କ ମେକ୍ସିକୋ ପ୍ରତିପକ୍ଷ ଲୋପେଜ୍ ଓବ୍ରାଡରଙ୍କ ପ୍ରଶାସନର ସୀମା ନୀତି ଯୋଗୁ ଲକ୍ଷାଧିକ ମହିଳା ଓ ଶିଶୁ ବହୁଳ ପ୍ରଭାବିତ ହୋଇଛନ୍ତି। ଏପରି କି ଅନିଶ୍ଚିତତା ମଧ୍ୟରେ ସୀମାରେ ଅପେକ୍ଷା କରିଥିବା ମହିଳାମାନେ ଯୌନ ନିର୍ଯାତନା ଓ ଅପହରଣର ଶିକାର ହୋଇ ନିଜକୁ ଅସୁରକ୍ଷିତ ମଣୁଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଛି।

# ତୁର୍କୀ ସୀମାରେ ୧୯ ଶରଣାର୍ଥୀ ମୃତ

**ଇସ୍ତାନବୁଲ,୩।୨:** ଗ୍ରୀସ୍ ସହ ଥିବା ତୁର୍କୀ ସୀମା ନିକଟରୁ ଗୁରୁବାର ଆଉ ୭ ଜଣ ଶରଣାର୍ଥୀଙ୍କ ମୃତଦେହ ମିଳିଛି। ଏହାକୁ ମିଶାଇ ସୀମାରେ ତୁଷାରପାତରେ ମୃତ ଶରଥାର୍ଥୀଙ୍କ ସଂଖ୍ୟା ୧୯ରେ ପହଞ୍ଚିଛି। ଏହି ମୃତ୍ୟୁ ପାଇଁ ତୁର୍କୀ ଗ୍ରୀସ୍‌କୁ ଦୋଷ ଦେଇଛି। ତୁର୍କୀର ସୀମା ସୁରକ୍ଷା ବଳ ଶରଣାର୍ଥୀମାନଙ୍କୁ ଫ୍ରଣ୍ଟିୟରକୁ ଫେରାଇ ଦେବା ଯୋଗୁ ବରଫରେ ସେମାନଙ୍କର ମୃତ୍ୟୁ ଘଟିଥିବା ତୁର୍କୀ ସରକାର କହିଛନ୍ତି। ସବୁବେଳେ ଗ୍ରୀସ୍ ବେଆଇନ ଭାବେ ଶରଣାର୍ଥୀମାନଙ୍କୁ ସୀମାରୁ ଫେରାଇ ଦେଉଛି ବୋଲି ତୁର୍କୀ ରାଷ୍ଟ୍ରପତି ରିସେପ୍ ତାୟିପ୍ ଏର୍ଡୋଗାନ କହିଛନ୍ତି। ଅନ୍ୟପକ୍ଷରେ ଅଭିଯୋଗକୁ ଗ୍ରୀସ୍ ପକ୍ଷରୁ ଖଣ୍ଡନ କରାଯାଇଛି। ଗ୍ରୀସ୍ ସୈନ୍ୟଙ୍କ କଠୋର ମନୋଭାବ ଯୋଗୁ ୧୨ ଜଣ ଶରଣାର୍ଥୀ ତୁଷାର ଝଡ଼ରେ ପ୍ରାଣ ହରାଇଲେ ବୋଲି ବୁଧବାର ତୁର୍କୀ ଆଭ୍ୟନ୍ତରୀଣ ମନ୍ତ୍ରୀ ଅଭିଯୋଗ କରିଥିଲେ। ଥଣ୍ଡାରୁ ରକ୍ଷା ପାଇବା ପାଇଁ ସେମାନଙ୍କ ପାଖରେ ଜୋତା ଏବଂ ପର୍ଯ୍ୟାପ୍ତ ପୋଷାକ ନ ଥିଲା। ତେବେ ଶରଣାର୍ଥୀମାନେ କେଉଁ ଦେଶର ତାହା ସ୍ପଷ୍ଟ ହୋଇନାହିଁ।

# ବିଧାୟକ, ଏମ୍‌ପିଙ୍କ ନାଁରେ ୪୯୮୪ ମାମଲା

**ନୂଆଦିଲ୍ଲୀ,୩।୨ (ପି.ଟି.)**

ଦେଶର ପାର୍ଲାମେଣ୍ଟ ସଦସ୍ୟ (ଏମ୍‌ପି) ଏବଂ ବିଧାୟକମାନଙ୍କ ବିରୋଧରେ ୪,୯୮୪ ମାମଲା ବିଚାରାଧୀନ ରହିଛି। ସେଥିରୁ ୧,୮୯୯ ମାମଲା ୫ ବର୍ଷରୁ ଉର୍ଦ୍ଧ୍ୱ ହେଲା କୋର୍ଟରେ ପଡ଼ିରହିଥିବା ସୁପ୍ରିମକୋର୍ଟଙ୍କୁ କୁହାଯାଇଛି। ଆମିକସ୍ କ୍ୟୁରି ନିଯୁକ୍ତ ହୋଇଥିବା ବରିଷ୍ଠ ଆଇନଜୀବୀ ବିଜୟ ସଂସରିଆ ସର୍ବୋଚ୍ଚ ଅଦାଲତଙ୍କୁ ଦେଇଥିବା ରିପୋର୍ଟରେ କହିଛନ୍ତି, ୨୦୧୮ ଡିସେମ୍ବର ସୁଦ୍ଧା ୪,୧୧୦ ମାମଲା ରହିଥିଲା। ୨୦୨୦ ଅକ୍ଟୋବରରେ ଏହା ୪,୮୫୯ରେ ପହଞ୍ଚିଛି। ୨୦୧୮ ଡିସେମ୍ବର ୪ ପରେ



୨,୭୭୫ ମାମଲା ଫଇସଲା ହୋଇଥିଲେ ମଧ୍ୟ ଏମ୍‌ପି ଏବଂ ବିଧାୟକଙ୍କ ବିରୋଧରେ ମାମଲା ବଢ଼ିଛି। ତେଣୁ ପାର୍ଲାମେଣ୍ଟ ଓ ରାଜ୍ୟ ବିଧାନସଭାଗୁଡ଼ିକୁ ଅଧିକରୁ ଅଧିକ ଅପରାଧ ପୃଷ୍ଠଭୂମି ଥିବା ଲୋକ ପ୍ରତିନିଧି ଆସୁଛନ୍ତି। ଫୌଜଦାରି ମାମଲାଗୁଡ଼ିକର

**ସୁପ୍ରିମକୋର୍ଟଙ୍କୁ ଜଣାଇଲେ ଆମିକସ୍ କ୍ୟୁରି**

ତୁରନ୍ତ ଫଇସଲା ଲାଗି ଜରୁରୀ ଓ କଠୋର ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ଆଇନଜୀବୀ ସ୍ନେହା କାଳିତାଙ୍କ ଜରିଆରେ ଦାଖଲ ରିପୋର୍ଟରେ କୁହାଯାଇଛି।

ଆଇନ ପ୍ରଣେତାମାନଙ୍କ ବିରୋଧରେ ଥିବା ମାମଲାଗୁଡ଼ିକର ତୁରନ୍ତ ଫଇସଲା କରିବା ଏବଂ ତଦନ୍ତ ଦାୟିତ୍ୱ ସିବିଆଇ ଓ ଅନ୍ୟ ତଦନ୍ତକାରୀ ସଂସ୍ଥାକୁ ଦେବା ଲାଗି ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ଦାଏର କରିଥିବା ପିଟିଶନ ଉପରେ ସର୍ବୋଚ୍ଚ ଅଦାଲତ ବିଭିନ୍ନ ସମୟରେ ଏକାଧିକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ହାଇକୋର୍ଟଗୁଡ଼ିକ ପକ୍ଷରୁ ଦାଖଲ ହୋଇଥିବା ଷ୍ଟାଟସ୍ ରିପୋର୍ଟ ଅନୁଯାୟୀ ଅଳ୍ପ କେତେକ ରାଜ୍ୟ ସ୍ୱତନ୍ତ୍ର କୋର୍ଟ ସ୍ଥାପନ କରିଛନ୍ତି। କୋର୍ଟରେ ବିଚାରାଧୀନ ମାମଲା ସଂଖ୍ୟା ବଢ଼ୁଥିବାବେଳେ ଏହା ଉପରେ ସର୍ବୋଚ୍ଚ ଅଦାଲତ ଗତବର୍ଷ ଅଗଷ୍ଟ ୨୫ରେ ଦେଇଥିବା ନିର୍ଦ୍ଦେଶ ଉପରେ କେନ୍ଦ୍ର ସରକାର ଏପର୍ଯ୍ୟନ୍ତ ଜବାବ ଦାଖଲ କରିନାହାନ୍ତି। ଏମ୍‌ପି/ବିଧାୟକଙ୍କ ମାମଲା ଶୁଣାଣି କରୁଥିବା କୋର୍ଟରେ ଇଣ୍ଟରନେଟ ଆଦି ଭିତ୍ତିଭୂମି ସୁବିଧା ରହିବା ଆବଶ୍ୟକ ବୋଲି ଆମିକସ୍ କ୍ୟୁରି କହିଛନ୍ତି।

# ଅନୁଧ୍ୟାନ କରୁଛନ୍ତି ରାଜ୍ୟ ସଭା ଅଧ୍ୟକ୍ଷ

**ନୂଆଦିଲ୍ଲୀ,୩।୨**

କେନ୍ଦ୍ର ସୂଚନା ପ୍ରଯୁକ୍ତିବିଦ୍ୟା (ଆଇଟି) ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପେଗାସସ୍ ସ୍ପାଏୱେର ପ୍ରସଙ୍ଗରେ ଗୃହକୁ ବିଭ୍ରାନ୍ତ କରିଥିବା ଅଭିଯୋଗରେ ତାଙ୍କ ବିରୋଧରେ ଅଣାଯାଇଥିବା ସ୍ୱାଧିକାର ପ୍ରସ୍ତାବକୁ ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ଅନୁଧ୍ୟାନ କରୁଛନ୍ତି। ସ୍ୱାଧିକାର ଭଙ୍ଗ ନୋଟିସକୁ ଯାଞ୍ଚ କରିବା ପରେ ମନ୍ତ୍ରୀଙ୍କଠାରୁ ଏହା ଉପରେ ସ୍ପଷ୍ଟୀକରଣ ଲୋଡ଼ାଯିବ। ପ୍ରସ୍ତାବ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ ନିଷ୍ପତ୍ତି ସ୍ପଷ୍ଟୀକରଣ ଉପରେ ନିର୍ଭର କରେ ବୋଲି ଗୁରୁବାର ରାଜ୍ୟ ସଭାରେ ନାଇଡୁ ସୂଚନା ଦେଇଛନ୍ତି।

୨୦୧୭ ଜୁଲାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରାଏଲ ଗସ୍ତ ବେଳେ ତତ୍କାଳୀନ ପ୍ରତିପକ୍ଷ ବେଞ୍ଜାମିନ୍ ନେତାନ୍ୟାହୁଙ୍କ

**ଅଶ୍ୱିନୀଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ**

ସହ ୨ ବିଲିୟନ୍ ଡଲାରର ଏକ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର କରିଥିଲେ। ଏନ୍‌ଏସ୍‌ଓ ଗ୍ରୁପ୍ ପକ୍ଷରୁ ବିକଶିତ ପେଗାସସ୍ ସ୍ପାଏୱେର ଏଥିରେ ସାମିଲ ଥିଲା ବୋଲି ନିକଟରେ ନ୍ୟୁୟର୍କ ଟାଇମ୍ସରେ ପ୍ରକାଶ ପାଇଥିଲା। ଏପରି କି ପୂର୍ବ ମୌସୁମୀ ଅଧିବେଶନ ଓ ଶୀତ ଅଧିବେଶନରେ ମଧ୍ୟ ବିରୋଧୀ ଦଳଗୁଡ଼ିକ ପେଗାସସ୍ ଗୁପ୍ତଚରଗିରି ଅଭିଯୋଗ ଆଣି ପାର୍ଲାମେଣ୍ଟରେ ଅଚଳାବସ୍ଥା ସୃଷ୍ଟି କରିଥିଲେ। ଉଚ୍ଚ ସଦନରେ ଅଶ୍ୱିନୀ ଏହାକୁ ଖଣ୍ଡନ କରିଥିଲେ। ଫଳରେ କଂଗ୍ରେସ ସଦସ୍ୟ କେ.ସି. ବେଣୁଗୋପାଳଙ୍କ ସହ ଅନ୍ୟ ୨ ଏମ୍‌ପି ଅଶ୍ୱିନୀଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଦେଇଛନ୍ତି।

# ହିଜାବ ପିନ୍ଧିଥିବା ଛାତ୍ରୀଙ୍କୁ କଲେଜ ପ୍ରବେଶ ଅନୁମତି ମିଳିଲାନି



ହିଜାବ କଟକଣା ନେଇ ଛାତ୍ରୀମାନେ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନାରତ।

**ବେଙ୍ଗାଲୁରୁ,୩।୨:** ହିଜାବ ପିନ୍ଧିଥିବା ଛାତ୍ରୀଙ୍କୁ କଲେଜରେ କ୍ଲାସ କରିବା ଲାଗି କର୍ଣ୍ଣାଟକର ଏକ କଲେଜ ଅନୁମତି ଦେଇନାହିଁ। ଚଳିତ ବର୍ଷ ଏହା ଦ୍ୱିତୀୟ ବିବାଦୀୟ ଘଟଣା। ଉଡୁପି ଜିଲା ଅନ୍ତର୍ଗତ କୁନ୍ଦପୁରସ୍ଥିତ ଏକ ପ୍ରି-ୟୁନିଭର୍ସିଟି କଲେଜର ଛାତ୍ରୀମାନେ ସେମାନଙ୍କୁ ହିଜାବ ପିନ୍ଧି କ୍ଲାସ କରିବାକୁ ଅନୁମତି ଦେବା ପାଇଁ ପ୍ରିନ୍ସିପାଲଙ୍କୁ ଅନୁରୋଧ କରୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପରୀକ୍ଷା ଆଉ ୨ ମାସ ରହିଥିବାବେଳେ କଲେଜ ଏବେ ହିଜାବ ପିନ୍ଧାକୁ ନେଇ ବିବାଦ ସୃଷ୍ଟି କରୁଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ବର୍ତ୍ତମାନର ପ୍ରଚଳିତ ନିୟମ ଅନୁଯାୟୀ ପିଲା ହିଜାବ ପିନ୍ଧି କଲେଜ ଆସିପାରିବେ, କିନ୍ତୁ କ୍ଲାସ୍‌ରେ ସେମାନେ ହିଜାବ ଖୋଲିଦେବେ। ଏନେଇ ଜିଲା ପ୍ରଶାସନ ସହ ଆଲୋଚନା କରାଯାଇ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ବିଭିନ୍ନ କଲେଜ ପାଇଁ ଭିନ୍ନ ଭିନ୍ନ ନିୟମ ରହିବା ଠିକ୍ ନୁହେଁ ବୋଲି ଜିଲା ଦାୟିତ୍ୱରେ ଥିବା ମନ୍ତ୍ରୀ କହିଛନ୍ତି। ଦୁଇମାସ ପୂର୍ବରୁ ଉଡୁପିର ପିୟୁ ମହିଳା କଲେଜରେ ଏଭଳି ନିୟମ ନେଇ ବିବାଦ ଲାଗି ରହିଛି।

# ୟୁପି ନିର୍ବାଚନରେ ଭାଜପାକୁ ଦଣ୍ଡିତ କର: ଏସ୍‌କେଏମ୍

**ନୂଆଦିଲ୍ଲୀ,୩।୨:** କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର କୃଷକମାନଙ୍କ ଦାବି ପୂରଣ ନ କରି ସେମାନଙ୍କୁ ପ୍ରତାରିତ କରିଛନ୍ତି। ତେଣୁ ୟୁପି ନିର୍ବାଚନରେ ଭାଜପାକୁ ଦଣ୍ଡିତ କରିବା ପାଇଁ ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ପକ୍ଷରୁ ଚାଷୀମାନଙ୍କୁ ଅପିଲ କରାଯାଇଛି। ସ୍ୱରାଜ ଇଣ୍ଡିଆ ଅଧ୍ୟକ୍ଷ ଯୋଗେନ୍ଦ୍ର ଯାଦବ କହିଛନ୍ତି, ଏସ୍‌କେଏମ୍ ଆହ୍ୱାନକୁ ୫୭ଟି କୃଷକ ସଂଗଠନ ସମର୍ଥନ କରିଛନ୍ତି। ତେବେ ନିର୍ବାଚନରେ କୌଣସି ଦଳ ପାଇଁ ଭୋଟ ମାଗିବା ନିମନ୍ତେ ଏସ୍‌କେଏମ୍ ପକ୍ଷରୁ ଆଦୌ ପଦକ୍ଷେପ ନିଆଯିବ ନାହିଁ।

କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ବିରୋଧରେ ଚାଷୀ ଆନ୍ଦୋଳନର ନେତୃତ୍ୱ ନେଇଥିଲା ଏସ୍‌କେଏମ୍। ଆନ୍ଦୋଳନକାରୀ ଚାଷୀ କୃଷି ଆଇନ ପ୍ରତ୍ୟାହାର ସାଙ୍ଗକୁ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ପ୍ରଦାନ, ଚାଷୀଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲା ପ୍ରତ୍ୟାହାର କରାଯିବା ଲାଗି ଦାବି କରିଥିଲେ। ବର୍ଷେରୁ ଉର୍ଦ୍ଧ୍ୱ ସମୟ ଆନ୍ଦୋଳନ ପରେ ସରକାର କୃଷି ଆଇନ ପ୍ରତ୍ୟାହାର କରିଥିଲେ ମଧ୍ୟ ଅନ୍ୟାନ୍ୟ ଦାବି ପୂରଣ କରିନାହାନ୍ତି। ଏମ୍‌ଏସ୍‌ପି ଉପରେ ବିଚାର ଲାଗି ସରକାର କମିଟି ଗଠନ କରିନାହାନ୍ତି ବୋଲି ସେ କହିଛନ୍ତି।

# ବୈବାହିକ ବଳାତ୍କାର ମାମଲା ଶୁଣାଣି ଘୁଞ୍ଚାଇବାକୁ କେନ୍ଦ୍ରର ନିବେଦନ

**ନୂଆଦିଲ୍ଲୀ,୩।୨ (ପି.ଟି.):** ବୈବାହିକ ବଳାତ୍କାର ମାମଲାର ଶୁଣାଣି ଘୁଞ୍ଚାଇବାକୁ କେନ୍ଦ୍ର ସରକାର ଗୁରୁବାର ଦିଲ୍ଲୀ ହାଇକୋର୍ଟଙ୍କୁ ନିବେଦନ କରିଛନ୍ତି। ବୈବାହିକ ବଳାତ୍କାରକୁ ଅପରାଧୀକରଣ କରିବା ଲାଗି ହାଇକୋର୍ଟରେ ପିଟିଶନ ଦାଏର ହୋଇଥିଲା। ପ୍ରତ୍ୟେକ ମହିଳାଙ୍କ ସ୍ୱାଧୀନତା, ମର୍ଯ୍ୟାଦା ଓ ଅଧିକାରର ସୁରକ୍ଷା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ଜଷ୍ଟିସ୍ ରାଜୀବ ଶକଧେର ଏବଂ ସି. ହରି ଶଙ୍କରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଦାଖଲ ସତ୍ୟପାଠରେ ଦର୍ଶାଇଛନ୍ତି ଯେ, ଏହି ପ୍ରସଙ୍ଗରେ ଏକ ଫଳପ୍ରଦ ପରାମର୍ଶ ପ୍ରକ୍ରିୟା କାର୍ଯ୍ୟକାରୀ କରିବା ଲାଗି ସମୟ ଦିଆଯାଉ। ମାମଲାର ପରବର୍ତ୍ତୀ ଶୁଣାଣି ଶୁକ୍ରବାର ହେବ।

# ୧୩ ଆତଙ୍କବାଦୀ, ୭ ସୈନ୍ୟ ନିହତ

**କରାଚୀ,୩।୨ (ପି.ଟି.)**

ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ସୁରକ୍ଷା ବଳର ଦୁଇଟି କ୍ୟାମ୍ପ ଉପରେ ଆକ୍ରମଣ ହୋଇଛି। ଏଥିରେ ୧୩ ଆତଙ୍କବାଦୀ ଓ ୭ ସୈନ୍ୟ ନିହତ ହୋଇଥିବା ସେଠାର ଜଣେ ବରିଷ୍ଠ ମନ୍ତ୍ରୀ ଗୁରୁବାର ସୂଚନା ଦେଇଛନ୍ତି। ଆତଙ୍କବାଦ ବିରୋଧରେ ଏହା ଏକ ବଡ଼ ସଫଳତା

**ପାକ୍ ସିକ୍ୟୁରିଟି ପୋଷ୍ଟ ଉପରେ ଆକ୍ରମଣ**



ବୋଲି ସେ କହିଛନ୍ତି। ବୁଧବାର ପଞ୍ଜାଗୁର ଏବଂ ନୋଶକି ଜିଲାରେ ଥିବା ସେନା କ୍ୟାମ୍ପ ଉପରେ ଆକ୍ରମଣ ହୋଇଥିଲା। ପଞ୍ଜାଗୁରରେ ଆତଙ୍କବାଦୀମାନେ ସୁରକ୍ଷା ବଳ କ୍ୟାମ୍ପରେ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ। ସେହିପରି ନୋଶକିରେ ସେମାନେ ଏକ ଫ୍ରଣ୍ଟିୟର କର୍ପସ୍ ପୋଷ୍ଟକୁ ଦଖଲ କରିବାକୁ ଉଦ୍ୟମ କରିଥିଲେ। ବେଆଇନ ଘୋଷିତ ବାଲୋଚ ଲିବରେଶନ ଆର୍ମୀ (ବିଏଲ୍ଏ) ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ସେମାନେ ପାକିସ୍ତାନର ଦୁଇଟି ସେନା କ୍ୟାମ୍ପରେ ୧୦୦ରୁ ଉର୍ଦ୍ଧ୍ୱ ସୈନ୍ୟଙ୍କୁ ମାରିଥିବା ଏକ ପ୍ରେସ୍ ବିବୃତି ଜାରି କରି କହିଛନ୍ତି। ଉଭୟ ପଞ୍ଜାଗୁର ଏବଂ ନୋଶକି ମିଲିଟାରୀ କ୍ୟାମ୍ପର ଅଧିକାଂଶ ଭାଗ ସେମାନଙ୍କ ଅକ୍ତିଆରରେ ଥିବା ବେଲୁଚିସ୍ତାନ ଲିବରେଶନ ଆର୍ମି ଦାବି କରିଛି। ସୁରକ୍ଷା ବଳ ପକ୍ଷରୁ ତୁରନ୍ତ ଏହାର ଠିକଣା ଜବାବ ଦିଆଯାଇଥିଲା। ନୋଶକିରେ ୯ ଆତଙ୍କବାଦୀ ଏବଂ ୪ ସୈନ୍ୟ ନିହତ ହୋଇଥିବାବେଳେ ପଞ୍ଜାଗୁର୍‌ରେ ୬ ଜଣଙ୍କ ମୃତ୍ୟୁ ଘଟିଥିବା ଗୃହମନ୍ତ୍ରୀ ଶେଖ୍ ରଶିଦ ଅହମଦ କହିଛନ୍ତି।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଫେବୃୟାରୀ ୪/୨୦୨୨ (୮+୮=୧୬ ପୃଷ୍ଠା) | Sambalpur, Friday, February 4/2022 | ପୃଷ୍ଠା-୧



### ଟପ୍ସରେ ସାନିଆ ମିର୍ଜା
ଟେନିସ ଷ୍ଟାର ସାନିଆ ମିର୍ଜାଙ୍କ ସମେତ ୪ ଟେନିସ ଖେଳାଳିଙ୍କୁ ଏସିଆନ ଗେମ୍ସ ପର୍ଯ୍ୟନ୍ତ ଟପ୍ସରେ ସାମିଲ କରାଯାଇଛି।

୦୮

୦୫

### ବଚ୍ଚନଙ୍କ ପୈତୃକ ଘର ବିକ୍ରି
ଦକ୍ଷିଣ ଦିଲ୍ଲୀ ଅନ୍ତର୍ଗତ ଗୁଲ୍ମୋହର୍ ପାର୍କରେ ଥିବା ପୈତୃକ ଘର 'ସୋପାନ'କୁ ଅମିତାଭ ବଚ୍ଚନ ବିକ୍ରି କରିଛନ୍ତି।



# ୪୨ ଚାଇନା ସୈନ୍ୟ ନିହତ ହୋଇଥିଲେ

## ଗଲୱାନ ସଂଘର୍ଷ

### ଅଷ୍ଟ୍ରେଲିଆ ଖବରକାଗଜ 'ଦି କ୍ଲାକ୍ସୋନ୍'ର ଦାବି

ନୂଆଦିଲ୍ଲୀ,୩।୨

ଗଲୱାନ ସଂଘର୍ଷରେ ଚାଇନାର ୪ ନୁହେଁ, ବରଂ ୪୨ ସୈନ୍ୟ ନିହତ ହୋଇଥିଲେ। ଅଷ୍ଟ୍ରେଲିଆର 'ଦି କ୍ଲାକ୍ସୋନ୍' ଖବରକାଗଜ ଏଭଳି ଦାବି କରିବା ପରେ ବେଜିଂର ମିଛ ଧରାପଡ଼ିଛି। ତେବେ ଉକ୍ତ ରିପୋର୍ଟକୁ ନେଇ ଭାରତୀୟ ସେନା ପକ୍ଷରୁ ଅଦ୍ୟାବଧି କୌଣସି ପ୍ରତିକ୍ରିୟା ପ୍ରକାଶ ପାଇ ନ ଥିବାବେଳେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ଏହାକୁ ଖଣ୍ଡନ କରିଛି।



୨୦୨୦ ଜୁନ୍ ୧୫ ରାତିରେ ପୂର୍ବ ଲଦାଖର ଗଲୱାନ୍ ଘାଟି ପାଟ୍ରୋଲିଂ ପଏଣ୍ଟ ୧୪ରେ ସୀମା ବିବାଦକୁ ନେଇ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଏହା ରକ୍ତାକ୍ତ ସଂଘର୍ଷର ରୂପ ନେଇଥିଲା। ଉଭୟ ପଟୁ ଟେକାମାଡ଼ ଓ ଲୁହାରଡ଼୍‌ରେ ଆକ୍ରମଣ ହୋଇଥିଲା। ଏଥିରେ ଭାରତୀୟ ସେନାର ବିହାର ରେଜିମେଣ୍ଟ କମାଣ୍ଡିଂ ଅଫିସର କଲୋନେଲ ସନ୍ତୋଷ ବାବୁଙ୍କ ସମେତ ୨୦ ଯବାନ ଶହୀଦ ହୋଇଥିବାବେଳେ ପିଏଲ୍ଏର ୪୩ ସୈନ୍ୟ ନିହତ ହୋଇଥିବା ବିଭିନ୍ନ ଗଣମାଧ୍ୟମରେ ଦାବି କରାଯାଇଥିଲା। ତେବେ ଚାଇନା ପ୍ରଥମେ ଏହାକୁ ଅସ୍ୱୀକାର କରିଥିବାବେଳେ ୫ ସୈନ୍ୟଙ୍କ ଜୀବନ ଯାଇଥିବା ବହୁ ବିଳମ୍ବ (୨୦୨୧ ଫେବୃୟାରୀ)ରେ ମାନିଥିଲା। ୧୯୭୫ ମସିହା ପରେ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି)ରେ ଏହା ଥିଲା ଦୁଇ ପଡ଼ୋଶୀ ମଧ୍ୟରେ ପ୍ରଥମ ବଡ଼ ଲଢ଼େଇ। ଏହି ସଂଘର୍ଷକୁ ନେଇ ବୁଧବାର ଅଷ୍ଟ୍ରେଲିଆର 'ଦି କ୍ଲାକ୍ସୋନ୍'ରେ ଏକ ରିପୋର୍ଟ ପ୍ରକାଶ ପାଇଛି। କେତେଜଣ ସୋସିଆଲ ମିଡିଆ ଗବେଷକଙ୍କ ପକ୍ଷରୁ ପ୍ରସ୍ତୁତ ରିପୋର୍ଟ ଆଧାରରେ ଖବରକାଗଜର ସମ୍ପାଦକ ଆଣ୍ଟୋନି କ୍ଲାନ୍ ଏହାକୁ ସମ୍ପାଦନା କରିଛନ୍ତି। 'ଗଲୱାନ୍ ଡିକୋଡେଡ୍' ଶୀର୍ଷକ ସ୍ତମ୍ଭରେ ସେ ଉଲ୍ଲେଖ କରିଛନ୍ତି, ଗଲୱାନ ସଂଘର୍ଷରେ ପ୍ରାଣ ହରାଇଥିବା ପିଏଲ୍ଏ ସୈନ୍ୟଙ୍କ ସଂଖ୍ୟାକୁ ନେଇ ଚାଇନାର ଦାବି ମିଛ। ପ୍ରକୃତ ମୃତାହତଙ୍କ ସଂଖ୍ୟା ୯ଗୁଣରୁ ବି ଅଧିକ।

ଆଣ୍ଟୋନି ଆହୁରି କହିଛନ୍ତି, ଗଲୱାନ ସଂଘର୍ଷର ସୂତ୍ରପାତ ଏହାର ୩ ସପ୍ତାହ ପୂର୍ବରୁ ହୋଇଥିଲା। ୨୦୨୦ ଏପ୍ରିଲରେ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ହ୍ରାସ ପାଇଁ ଭାରତ ଓ ଚାଇନାର ସାମରିକ ଅଧିକାରୀଙ୍କ ମଧ୍ୟରେ ଏକ 'ବଫର ଜୋନ୍'କୁ ନେଇ ସହମତି ପ୍ରକାଶ ପାଇଥିଲା। 'ବଫର ଜୋନ୍' ତିଆରି କରାଯିବା ପରେ ମଧ ଚାଇନା ବେଆଇନ ଭାବେ ସେଠାରେ ନିର୍ମାଣ କାର୍ଯ୍ୟ ଜାରି ରଖିଥିଲା। ପିଏଲ୍ଏ ସୈନ୍ୟମାନେ ତମ୍ବୁ ପକାଇ ଭାରି ଯାନ ଓ ମେଶିନଗୁଡ଼ିକୁ ଆଣିବାରେ ଲାଗିଥିଲେ। ମେ' ୨୨ରେ ଗଲୱାନ ନଦୀରେ ଚାଇନା ପକ୍ଷରୁ ଏକ ଅସ୍ଥାୟୀ ପୋଲ ନିର୍ମାଣକୁ ନେଇ ଦୁଇଦେଶର ସୈନ୍ୟ ମୁହାଁମୁହିଁ ହୋଇଥିଲେ। ଜୁନ୍ ୧୫ରେ ପିଏଲ୍ଏର କଲୋନେଲ କି ଫବାଓଙ୍କ ନେତୃତ୍ୱରେ ୧୫୦ ସୈନ୍ୟ ସେଠାକୁ ଯାଇଥିବାବେଳେ ଭାରତ ପଟୁ କଲୋନେଲ ସନ୍ତୋଷବାବୁଙ୍କ ସହ ଯବାନମାନେ ଏହାକୁ ବିରୋଧ କରିବାକୁ ଯାଇଥିଲେ। ଉଭୟ ପକ୍ଷ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଏଥିରେ ଚାଇନାର ୪୨ ସୈନ୍ୟ ନିହତ ହୋଇଥିଲେ ବୋଲି ଉକ୍ତ ରିପୋର୍ଟରେ ଦର୍ଶାଯାଇଛି।

# ଓଡ଼ିଶାକୁ ୧୦ଗୁଣ ବଢ଼ିଛି ରେଳ ଅନୁଦାନ: ଅଶ୍ୱିନୀ

### ୩ ରେଳ ଡିଭିଜନ ପ୍ରତିଷ୍ଠା ଦାବି ସମ୍ଭବ ନୁହେଁ

ନୂଆଦିଲ୍ଲୀ,୩।୨

ଓଡ଼ିଶାରେ ରେଳବାଇର ବିକାଶ ପାଇଁ ପାଣ୍ଠିର ଅଭାବ ରହିବ ନାହିଁ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁବାର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। କେନ୍ଦ୍ରରେ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ସମୟରେ ଓଡ଼ିଶାକୁ ଯେତିକି ରେଳ ଅନୁଦାନ ମିଳୁଥିଲା, ଏବେ ତା'ର ୧୦ଗୁଣ ଅଧିକ ଦିଆଯାଉଛି ବୋଲି ଅଶ୍ୱିନୀ କହିଛନ୍ତି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ୨୦୨୨-୨୩ ବର୍ଷ ପାଇଁ ଓଡ଼ିଶାର ରେଳ ଭିତ୍ତିଭୂମି ବିକାଶ ନିମନ୍ତେ ୯,୭୩୪ କୋଟି ଟଙ୍କା ପ୍ରଦାନ କରିଛନ୍ତି, ଯାହାକି ଉପା ସରକାର ସମୟରେ ମିଳିଥିବା ଅନୁଦାନର ୧୦ଗୁଣ ଅଧିକ। ଉପା ସରକାର ୨୦୦୯ରୁ ୨୦୧୪ ମଧ୍ୟରେ ବାର୍ଷିକ ହାରାହାରି ୮୩୮ କୋଟି ଟଙ୍କା ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାରେ ରେଳବାଇର ବିକାଶ ପାଇଁ ୯,୭୩୪ କୋଟି ଟଙ୍କା ପ୍ରଦାନ କରିଛନ୍ତି, ଯାହାକି ଐତିହାସିକ ପଦକ୍ଷେପ।



ରେଳ ମନ୍ତ୍ରୀ କହିଛନ୍ତି, ୨୦୧୪-୧୯ ମଧ୍ୟରେ ଓଡ଼ିଶା ରେଳବାଇ ପାଇଁ ଆବଣ୍ଟନକୁ ବାର୍ଷିକ ୪,୧୨୬ କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିଲା। ସେହିପରି ୨୦୧୯-୨୦ ଆର୍ଥିକ ବର୍ଷରେ ୪,୫୬୮ କୋଟି, ୨୦୨୦-୨୧ରେ ୫,୨୯୬ କୋଟି ଏବଂ ୨୦୨୧-୨୨ରେ ୬,୪୭୧ କୋଟି ଟଙ୍କା ପ୍ରଦାନ କରାଯାଇଛି, ଯାହାକି ୨୦୦୯ରୁ ୧୪ ମଧ୍ୟରେ ବାର୍ଷିକ ମିଳୁଥିବା ହାରାହାରି ବଜେଟ ଅନୁଦାନର ୬୬୦ ପ୍ରତିଶତ । ୨୦୧୮ ଏବଂ ୨୦୧୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାରେ ୩ଟି ନୂତନ ରେଳ ଡିଭିଜନ ପ୍ରତିଷ୍ଠା ନିମନ୍ତେ କରିଥିବା ଦାବି ସମ୍ଭବ ନୁହେଁ ବୋଲି ଅଶ୍ୱିନୀ କହିଛନ୍ତି। ସେହିପରି କଳାହାଣ୍ଡି ଜିଲାରେ ପ୍ରସ୍ତାବିତ ୱାଗନ୍ କାରଖାନା ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ରେଳ ମନ୍ତ୍ରୀ କହିଛନ୍ତି ଯେ, ଜମି ଅଧିଗ୍ରହଣରେ ବିଳମ୍ବ ☞ପୃଷ୍ଠା-୬

# ସଂକ୍ରମଣ ହାର ୫.୪୪%କୁ ଖସିଲା

- ଆଉ ୩,୬୨୯ ଆକ୍ରାନ୍ତ ଚିହ୍ନଟ, ୧୮ ମୃତ

ଭୁବନେଶ୍ୱର, ୩।୨(ବ୍ୟୁରୋ)

ରାଜ୍ୟରେ ଗତ ୨୪ଘଣ୍ଟାରେ ୬୬,୭୦୨ଜଣଙ୍କ କରୋନା ପରୀକ୍ଷା କରାଯାଇଥିବା ବେଳେ ୩,୬୨୯ ଜଣ ପଜିଟିଭ୍ ବାହାରିଛନ୍ତି। ଫଳରେ ଦୈନିକ ସଂକ୍ରମଣ ହାର ୫.୪୪%କୁ ଖସିଛି। ସଂକ୍ରମଣ ହ୍ରାସ ଯୋଗୁ ସୁନ୍ଦରଗଡ଼ ପରେ କଟକ ଜିଲା ରେଡ୍ ଜୋନ୍‌ରୁ ହଟି ୟେଲୋ ଜୋନ୍‌ରେ ସାମିଲ୍ ହୋଇଛି। ବର୍ତ୍ତମାନ କେବଳ ଖୋର୍ଦ୍ଧା ଜିଲା ରେଡ୍ ଜୋନ୍‌ରେ ଥିବାବେଳେ କଟକ ସମେତ ସୁନ୍ଦରଗଡ଼, ଯାଜପୁର, ବାଲେଶ୍ୱର, ମୟୂରଭଞ୍ଜ, ସମ୍ବଲପୁର ଓ ନୂଆପଡ଼ା ଆଦି ୭ଟି ଜିଲା ୟେଲୋ ଜୋନ୍‌ରେ ରହିଛନ୍ତି। ଅବଶିଷ୍ଟ ୨୨ଟି ଜିଲା ଗ୍ରୀନ ଜୋନ୍‌ରେ ଥିବା ଜଣାପଡ଼ିଛି। ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ☞ପୃଷ୍ଠା-୬




# ଭିଜିଲାନ୍ସ ଜାଲରେ ଏସ୍‌ପିସିବିର ମୁଖ୍ୟଯନ୍ତ୍ରୀ

## ଏକକାଳୀନ ୭ ସ୍ଥାନରେ ଚଢ଼ାଉ

ଭୁବନେଶ୍ୱର,୩।୨(ବ୍ୟୁରୋ)

ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ମୁଖ୍ୟଯନ୍ତ୍ରୀ ରବିନାରାୟଣ ପୃଷ୍ଟିଙ୍କ ଘରେ ଗୁରୁବାର ଭିଜିଲାନ୍ସ ଚଢ଼ାଉ ହୋଇଛି। ଭିଜିଲାନ୍ସ କୋର୍ଟ ସ୍ପେସାଲ ଜଜ୍‌ଙ୍କ ନିର୍ଦ୍ଦେଶକ୍ରମେ ରବିଙ୍କ ଭୁବନେଶ୍ୱର ପଟିଆରେ ଥିବା ରେସିଡେନ୍‌ସିଆଲ୍ ଫ୍ଲାଟ, ଜାଗମରାସ୍ଥିତ ଗଜପତି ପ୍ୟାଲେସ୍‌ରେ ଥିବା ଫ୍ଲାଟ, ଖଣ୍ଡଗିରି ବାରଭୁଜା ମାର୍କେଟ କମ୍ପ୍ଲେକ୍ସରେ ଥିବା ଏକ ଶପ୍, ଶ୍ରୀରାମ ବିହାରସ୍ଥିତ ସମ୍ପର୍କୀୟଙ୍କ ଘର, ଶ୍ରୀକ୍ଷେତ୍ର ଭକ୍ତ ନିବାସରେ ଥିବା ଫ୍ଲାଟ, ଗଞ୍ଜାମ ନୂଆଗାଁ ଥାନା ନୂଆପଡ଼ାରେ ଥିବା ପୈତୃକ ଘର ଏବଂ ଭୁବନେଶ୍ୱରସ୍ଥିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟରେ ଥିବା ତାଙ୍କ ଚ୍ୟାମ୍ବର ସମେତ ଏକକାଳୀନ ୭ଟି ସ୍ଥାନରେ ଚଢ଼ାଉ କରାଯାଇଛି। ଚଢ଼ାଉବେଳେ ବିପୁଳ ପରିମାଣର ଅଳଙ୍କାର ସମେତ ଅନ୍ୟ ସାମଗ୍ରୀ ଭିଜିଲାନ୍ସ ପକ୍ଷରୁ ଠାବ କରାଯାଇଛି। ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ଏଯାବତ୍ ପଟିଆରେ ଗୋଟିଏ ଫ୍ଲାଟ, ପୁରୀରେ ଗୋଟିଏ ଫ୍ଲାଟ, ନଖରାସ୍ଥିତ ଗ୍ରାଣ୍ଡ ବଜାରରେ ଗୋଟିଏ ଫ୍ଲାଟ, ଖଣ୍ଡଗିରିରେ ଥିବା ଶପ୍, ଖୋର୍ଦ୍ଧାରେ ଥିବା ୩ଟି ପ୍ଲଟ୍ ଯାଞ୍ଚ ସମୟରେ ଠାବ ହୋଇଛି। ଏଥିସହ ୭୦ଲକ୍ଷ ଟଙ୍କାର ବ୍ୟାଙ୍କ ଡିପୋଜିଟ୍, ଗୋଟିଏ ଚାରିଚକିଆ ଯାନ, ଦୁଇଟି ବାଇକ୍ ସମେତ ଆନୁମାନିକ ୩୫୫ ଗ୍ରାମର ସୁନା ଅଳଙ୍କାର ମଧ ଜବତ କରାଯାଇଛି। ଏହି ଚଢ଼ାଉରେ ଭିଜିଲାନ୍ସର ୮ଜଣ ଡିଏସ୍‌ପି, ୪ ଇନ୍‌ସ୍ପେକ୍ଟର, ୫ ଏସ୍ଆଇ ଓ ଅନ୍ୟ କର୍ମଚାରୀମାନେ ନିୟୋଜିତ ହୋଇଛନ୍ତି। ଚଢ଼ାଉ ଜାରି ରହିଥିବାରୁ ଆୟ ବହିର୍ଭୁତ ସମ୍ପତ୍ତିର ପରିମାଣ ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।


ରବି ନାରାୟଣ ପୃଷ୍ଟି

# ପକ୍ଷୀ ରାଜାଙ୍କ ପରଲୋକ

### ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୋକ

ଦିଗପହଣ୍ଡି/ପାରଳାଖେମୁଣ୍ଡି, ୩।୨(ଡି.ଏନ.ଏ.)

ଗଞ୍ଜାମ ଜିଲା ସାନଖେମୁଣ୍ଡି ରାଜା, ପୂର୍ବତନ ବିଧାୟକ ତଥା ପକ୍ଷୀ ବିଶାରଦ ଭାବେ ପରିଚିତ ଡ. ଉଦୟ ନାରାୟଣ ଦେବ(୮୭)ଙ୍କର ବୁଧବାର ବିଳମ୍ବିତ ରାତିରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ସେ ମୋହନା ନିର୍ବାଚନମଣ୍ଡଳୀର ବିଧାୟକ ଭାବେ ଓଡ଼ିଶା ବିଧାନସଭାକୁ ୧୯୭୪, ୧୯୭୭ ଏବଂ ୧୯୮୦ରେ ୩ ଥର ନିର୍ବାଚିତ ହୋଇଥିଲେ। ଏହା ପୂର୍ବରୁ ସେ ସାନଖେମୁଣ୍ଡି ବ୍ଲକ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ତେବେ ବିଧାୟକ ଥିବା ସମୟରେ ନିଜ ଅଞ୍ଚଳର ଲୋକଙ୍କ ପାଇଁ ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଯାଇଛନ୍ତି। ସେ ଜଣେ ଜାତୀୟସ୍ତରର ପକ୍ଷୀ ବିଶାରଦ ଭାବେ ମଧ୍ୟ ଖ୍ୟାତିଅର୍ଜନ କରିଥିଲେ। ପକ୍ଷୀରାଜା ଭାବେ ଓଡ଼ିଶାରେ ଜଣାଶୁଣା ଉଦୟ ନାରାୟଣଙ୍କ ନିକଟକୁ ବିଶ୍ୱର ଅନେକ ପକ୍ଷୀ ବିଶାରଦ ଆସି ବିଭିନ୍ନ ସମୟରେ ଆଲୋଚନା କରୁଥିଲେ। ଉଲ୍ଲେଖଯୋଗ୍ୟ ପକ୍ଷୀଙ୍କ ଗବେଷଣାକୁ ନେଇ ରଚିତ 'ବିହଙ୍ଗ ସଂହିତା' ପୁସ୍ତକକୁ ଗତ ୨୧ରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉନ୍ମୋଚନ କରିଥିଲେ।


ଡ. ଉଦୟ ନାରାୟଣ ଦେବ

୧୯୩୫ ଅକ୍ଟୋବର ୨୦ରେ ମାତା ହୀରାମାଳା ଦେବୀ, ପିତା ନନ୍ଦ କିଶୋରଙ୍କ ଔରସରୁ ଉଦୟନାରାୟଣ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ବିୟୋଗ ପରେ ସେ ମାତ୍ର ୪ ବର୍ଷ ୬ ମାସ ବୟସରେ ସାନଖେମୁଣ୍ଡି ରାଜା ଭାବେ ଅଭିଷିକ୍ତ ହୋଇଥିଲେ । ☞ପୃଷ୍ଠା-୬

# ଖର୍ଚ୍ଚ ହେଉଛି, ମିଳୁନି ପାଣି

## ଓଏମ୍‌ବିଏଡିସିରେ ମେଗା ଜଳଯୋଗାଣ ପ୍ରକଳ୍ପ

- ୨୦ ପ୍ରକଳ୍ପ ପାଇଁ ୪୪୨୩.୩୭ କୋଟି ମଞ୍ଜୁର
- ପ୍ରକଳ୍ପର ଅଗ୍ରଗତି ଅତି ନୈରାଶ୍ୟଜନକ

ହର୍ଷବର୍ଦ୍ଧନ ବେହେରା
ଯାଜପୁର ଅଫିସ,୩।୨

ରାଜ୍ୟର ଖଣି ପ୍ରଭାବିତ ୬ ଜିଲାରେ ଓଏମ୍‌ବିଏଡିସି (ଓଡ଼ିଶା ମିନେରାଲ ବିଅରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ) ପାଣ୍ଠିରେ ୨୦ଟି ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏଥିରେ ୪୪୨୩.୩୭ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ଗତ ଜାନୁୟାରୀ ୩୧ ସୁଦ୍ଧା ୩୧୦୦.୫୯ କୋଟି ଟଙ୍କା ପ୍ରଦାନ କରାଯାଇଛି । ତେବେ ସେଥିରୁ ୨୬୯୧.୩୮ କୋଟି(୮୭%) ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଏଯାଏ ସମ୍ପୃକ୍ତ ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କୁ ସ୍ୱଚ୍ଛ ପାଣି ଟିକେ ମିଳି ପାରିନାହିଁ। ଏହିସବୁ ମେଗା ପ୍ରକଳ୍ପରେ ନିୟୋଜିତ ଅଣଓଡ଼ିଆ ଠିକାସଂସ୍ଥା ଏନ୍‌ସିସି(ନାଗାର୍ଜୁନ କନ୍‌ଷ୍ଟ୍ରକ୍ସନ କମ୍ପାନୀ), ଏଲଆଣ୍ଡଟି, ଭୋଲ୍‌ଟାସ ଏବଂ ମେଘା ଇଞ୍ଜିନିୟର ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିଃ(ମେଲ) ସଂସ୍ଥା କର୍ତ୍ତୃପକ୍ଷ କାହାରି କଥାକୁ ଶୁଣୁ ନ ଥିବାରୁ ପ୍ରକଳ୍ପର ଅଗ୍ରଗତି ଅତି ନୈରାଶ୍ୟଜନକ ସହ ନିମ୍ନମାନର କାମ ହେଉଥିବା ଅଭିଯୋଗ ହେଉଛି।

୨୦୧୭ରେ ସୁପ୍ରିମକୋର୍ଟ ଖଣିଜ ପଦାର୍ଥ ଲୁଟିଥିବା ଲିଜ୍‌ଧାରୀଙ୍କଠାରୁ କ୍ଷତିପୂରଣ ବାବଦକୁ ୧୮ ହଜାର କୋଟି ଆଦାୟ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅର୍ଥରେ ଓଏମ୍‌ବିଏଡିସି ଗଠିତ ହୋଇଛି। ଓଏମ୍‌ବିଏଡିସି ଅର୍ଥକୁ ମୁଖ୍ୟତଃ ବୋର୍ଡ ଅଫ୍ ଡାଇରେକ୍ଟର ଏବଂ ଓଭରସାଇଟ ଅଥରିଟିଙ୍କ ଅନୁମୋଦନ ନେଇ ୭ଟି କ୍ଷେତ୍ରରେ ବ୍ୟୟ କରାଯିବା ପାଇଁ ସ୍ଥିର କରାଯାଇଛି। ଏଥିରେ ପାନୀୟ ଜଳ ଯୋଗାଣ, ଶିକ୍ଷା (ପ୍ରଶିକ୍ଷଣ ଏବଂ କୌଶଳ ବିକାଶ), ସ୍ୱାସ୍ଥ୍ୟ (ଅଙ୍ଗନୱାଡି କେନ୍ଦ୍ର ସମେତ), ଜୀବନ ଜୀବିକା, ଗ୍ରାମ୍ୟ ସଂଯୋଗୀକରଣ, ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ, ଜଳ ସଂରକ୍ଷଣ ଓ ଭୂତଳ ଜଳ ରିଚାର୍ଜ ରହିଛି। ଏହିକ୍ରମରେ ଖଣି ପ୍ରଭାବିତ ଅନୁଗୋଳ, ମୟୂରଭଞ୍ଜ, କୋରାପୁଟ, ଯାଜପୁର, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲାରେ ୨୦୧୮ରୁ ପର୍ଯ୍ୟାୟକ୍ରମେ ୨୦ଟି ମେଗା ଜଳଯୋଗାଣ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ☞ପୃଷ୍ଠା-୬


ସୁକିନ୍ଦା ମେଗା ଜଳ ପ୍ରକଳ୍ପ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୪ ଫେବୃୟାରୀ, ୨୦୨୨

## ସଂସ୍କାର କେନ୍ଦ୍ରରେ ପ୍ରବନ୍ଧ ଲିଖନ ପ୍ରତିଯୋଗିତା

ସମ୍ବଲପୁର,(ବ୍ୟୁରୋ): ସିଦ୍ଧେଶ୍ୱର ବେର୍ଣ୍ଣାସ୍ଥିତ ସରସ୍ୱତୀ ସଂସ୍କାର କେନ୍ଦ୍ରଠାରେ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଆମର କର୍ତ୍ତବ୍ୟ ବିଷୟରେ ମହିଳାମାନେ ପ୍ରବନ୍ଧ ଲେଖିଥିଲେ। ଏଥିରେ ମମତା ଶୁକ୍ଲା ପ୍ରଥମ, ଲଳିତା ଶତପଥି ଦ୍ୱିତୀୟ ଓ ପୂର୍ଣ୍ଣିମା ଦଳାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସ୍କୁଲ ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ସଂକ୍ଷେପରେ

### ବାଇକ୍ ଜବତ, ଯୁବକ ଗିରଫ

**ରାଉରକେଲା ଅଫିସ,୩।୨:** ବାଇକ୍ ଚୋରି ଅଭିଯୋଗରେ ବ୍ରାହ୍ମଣୀତରଙ୍ଗ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରାଜଗାଙ୍ଗପୁର କୁକୁଡାମୁଣ୍ଡା ଗ୍ରାମର ବିକାଶ ଏକ୍କା(୨୧)। ଗତ ୧ ତାରିଖରେ କୁଲୁଙ୍ଗା ଜାମବାହାଲ ଅଞ୍ଚଳର ବିକାଶ ମହନ୍ତ ଜାମବାହାଲ ହାଟରେ ବାଇକ୍ (ନଂ.ଓଡ଼ି୧୪ଏଫ/୦୬୨୫) ରଖିଥିଲେ। ଏହି ସମୟରେ ତାଙ୍କ ବାଇକ୍ ଚୋରି ହୋଇଥିଲା। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୦।୨୨) ରୁଜୁ କରି ତଦନ୍ତ କରିଥିଲା। ପୋଲିସ ଗୁରୁବାର ଅଭିଯୁକ୍ତଙ୍କୁ ରାଜଗାଙ୍ଗପୁରରୁ ଗିରଫ କରି କୋର୍ଟଚାଲାଣ କରିବା ସହ ବାଇକ୍ ଜବତ କରିଛି।

### ଚୋରି ଅଭିଯୋଗରେ ୩ ଗିରଫ

**ରାଉରକେଲା ଅଫିସ,୩।୨:** ଗୋପବନ୍ଧୁପାଲ୍ଲୀରେ ଜଣଙ୍କ ଘରୁ ଚୋରି ଅଭିଯୋଗରେ ପ୍ଲାଣ୍ଟସାଇଟ ପୋଲିସ ୨ ନାବାଳକଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରେଲୱେ କଲୋନୀର ଶ୍ୟାମସୁନ୍ଦର ଦାସ(୨୪) ଏବଂ ଦୁଇ ନାବାଳକ। ଗତ ଡିସେମ୍ବର ୨୧ ତାରିଖ ବିଳମ୍ବିତ ରାତିରେ ଗୋପବନ୍ଧୁପାଲୀର ପାର୍ବତୀ ମାଝୀଙ୍କ ଘର କବାଟ ଭାଙ୍ଗି ସୁନାଗହଣା ସହ ଅନ୍ୟ ଆସବାବପତ୍ର ଚୋରି ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୩୮।୨୨) ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ପୋଲଇସ ଗୁରୁବାର ଉକ୍ତ ଚୋରି ଘଟଣାରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଥିଲା।

### ସାଇ ମନ୍ଦିର ପ୍ରତିଷ୍ଠା ଦିବସ

**ରାଉରକେଲା ଅଫିସ,୩।୨:** ରାଉରକେଲା ବାସନ୍ତୀ କଲୋନୀ ଦୁର୍ଗାପୁର ପାହାଡ ଉପରେ ଥିବା ସାଇ ମନ୍ଦିରର ୧୧ତମ ପ୍ରତିଷ୍ଠା ଦିବସ ସଭାପତି କମଳାକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଛି। ଏଥିରେ ମନ୍ଦିରର ମୁଖ୍ୟ ପୂଜକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିଲେ। ଅପରାହ୍ନ ସାଢ଼େ ୩ଟାରେ ସାଇବାବାଙ୍କୁ ପୁଷ୍ପମାଲ୍ୟରେ ସଜ୍ଜିତ କରି ପାଲିଙ୍କି ଯାତ୍ରା କରାଯାଇଥିଲା। ସାଇ ଶ୍ରଦ୍ଧା ଟ୍ରଷ୍ଟ ଉପସଭାପତି ବସନ୍ତ ଧଳ, କୁଳଜିତ ଦାସ, ପ୍ରଦୀପ ଶତପଥୀ, ସୁକାନ୍ତ ସ୍ୱାଇଁ, ସତ୍ୟ ଶର୍ମା, ସମୀର ମହାରଣା ପ୍ରମୁଖ ସହଯୋଗ କରିଥିଲେ।

### ଛାତ୍ରୀଙ୍କଠାରୁ ମୋବାଇଲ ଲୁଟ୍

**ରାଜଗାଙ୍ଗପୁର,୩।୨(ଡି.ଏନ.ଏ.):** ରାଜଗାଙ୍ଗପୁର ସହର ଓ ଏହାର ଆଖପାଖ ଅଞ୍ଚଳରେ ଏବେ ପୁଣି ମୋବାଇଲ ଲୁଟେରାଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ଗୁରୁବାର ଦିବାଲୋକରେ ସହରର ରାଷ୍ଟ୍ରୀୟ ବିଦ୍ୟାଳୟ ନିକଟରେ ଜଣେ +୩ ପ୍ରଥମ ବର୍ଷ ଛାତ୍ରୀଙ୍କ ଠାରୁ ଲୁଟେରାମାନେ ମୋବାଇଲ ଛଡାଇ ନେଇଛନ୍ତି। ଛାତ୍ରୀ ଜଣକ ନିଜ ଘର ରାଇକାକଛର ଗ୍ରାମ ଅଭିମୁଖେ ଯାଉଥିବା ସମୟରେ ୨ଜଣ ଲୁଟେରା ମୋଟର ସାଇକେଲରେ ଆସି ତାଙ୍କଠାରୁ ମୋବାଇଲ ଲୁଟ କରି ଫେରାର ହୋଇ ଯାଇଥିଲେ। ଏ ନେଇ ସମ୍ପୃକ୍ତ ଛାତ୍ରୀ ରାଜଗାଙ୍ଗପୁର ଥାନାର ଦ୍ୱାରସ୍ଥ ହୋଇଥିଲେ ହେଁ ଲୁଟେରାଙ୍କ ପତ୍ତା ମିଳି ପାରିନାହିଁ। ସ୍ଥାନୀୟ ପୋଲିସ ଏହାକୁ ରୋକିବା ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ସାଧାରଣରେ ଦାବି ହେଉଛି।

### ହନୁମାନ ମନ୍ଦିର ପ୍ରତିଷ୍ଠା



**ଲହୁଣୀପଡ଼ା,୩।୨(ଡି.ଏନ.ଏ.):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଛକସ୍ଥିତ ଶ୍ରୀ ଶ୍ରୀ ଜୟ ହନୁମାନ ଶିବ ସାଇ ମନ୍ଦିରର ଦଶମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଓ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ଡୁମକଲା ବ୍ରାହ୍ମଣୀ ନଦୀରୁ ମହିଳାମାନେ ପୂର୍ଣ୍ଣ କଳସ ଧରି ଲହୁଣୀପଡ଼ା ମୁଖ୍ୟ ବଜାର ପରିକ୍ରମା କରି ମନ୍ଦିରରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ଦ୍ୱିତୀୟ ଦିନରେ ହୋମଯଜ୍ଞ ଓ ନାମଯଜ୍ଞ ହୋଇଥିବା ବେଳେ ଗୁରୁବାର ପୂର୍ଣ୍ଣାହୁତି ଯଜ୍ଞ ଅନୁଷ୍ଠିତ ହୋଇଥିଲା। ହୋମଯଜ୍ଞରେ ମୁନୁ ମାହାନ୍ତ ଓ ତାଙ୍କ ସ୍ତ୍ରୀ ସଞ୍ଜୁଲତା ମାହାନ୍ତ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ନାମଯଜ୍ଞରେ ରିଙ୍କୁ ଚୌଧୁରୀ ଓ ତାଙ୍କ ସ୍ତ୍ରୀ ରୁବି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଗୋପାଳ ଝା,ସୀତାରାମ ଝା, ଜଗଦୀଶ ବାବା ଯଜ୍ଞ ସଞ୍ଚାଳନ କରିଥିଲେ। ସୁନ୍ଦରମଣି ଦାଶ ନାମଯଜ୍ଞ ସଞ୍ଚାଳନ କରିଥିଲେ। ଲହୁଣୀପଡ଼ା, ଉଲୁସୁରେଇ, କରିଆଡ଼ିହି କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ଅରବିନ୍ଦ ରାୟ, ଗଙ୍ଗା ମାହାନ୍ତ, ଉମେଶ ରାୟ, ହୃଦାନନ୍ଦ ମାହାନ୍ତ, ସନ୍ତୋଷ ସାହୁ,ବିଶ୍ୱନାଥ ରାୟ, ରଣଜିତ ପାତ୍ରଙ୍କ ସମେତ ମନ୍ଦିର କମିଟିର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗାଁ ଦାଣ୍ଡରେ ଗଣ୍ଡଗୋଳ ଭିଡିଓ ଭାଇରାଲ

## ଭିଡିଓରେ ପ୍ରାର୍ଥିନୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ

**ସମ୍ବଲପୁର,୩।୨(ବ୍ୟୁରୋ)**

ପଞ୍ଚାୟତ ନିର୍ବାଚନ ପାଇଁ ସମ୍ବଲପୁର ଜିଲାରେ ପ୍ରଚାର ଜମିବାରେ ଲାଗିଲାଣି। ବିଭିନ୍ନ ଗାଁରେ ନେତା ଓ କର୍ମୀ ଭିଡ଼ ଲଗାଇଲେଣି। ଏପରିସ୍ଥଳେ ଯୁଯୁମୁରା ବ୍ଲକ ଜୋନ ୨ର ନୀଳଡୁଙ୍ଗୁରି ଗ୍ରାମରେ ଗଣ୍ଡଗୋଳ ହେଉଥିବା ଭିଡିଓ ଭାଇରାଲ ହୋଇଛି। ଷ୍ଟ୍ରିଟ ଲାଇଟ୍ ମରାମତିକୁ ନେଇ ଗାଁ ଦାଣ୍ଡରେ ଗଣ୍ଡଗୋଳ ହେଉଥିବା ଭିଡ଼ିଓରେ ଦେଖାଦେଇଛି। ଏଥିରେ କଂଗ୍ରେସ ପ୍ରାର୍ଥିନୀ ସସ୍ମିତା ଦେହୁରି ଓ ତାଙ୍କ ସ୍ୱାମୀ ପରକ୍ଷିତ ନାଏକଙ୍କ ସମର୍ଥକ ଏବଂ ବିଜେଡି ପ୍ରାର୍ଥିନୀ କବିତା ସାହୁଙ୍କ ସ୍ୱାମୀ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ



ଭାଇରାଲ ହୋଇଥିବା ଭିଡ଼ିଓ।

ସାହୁ ଓ ତାଙ୍କ ସମର୍ଥକ ରହିଛନ୍ତି। ନିର୍ବାଚନ ଆଚରଣ ବିଧି ଉଲଂଘନ କରି ଷ୍ଟ୍ରିଟ ଲାଇଟ୍ କିଭଳି ଲଗାଯାଉଛି କହି କଂଗ୍ରେସ କର୍ମକର୍ତ୍ତା ହୋ ହଲ୍ଲା କରୁଛନ୍ତି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାହୁ ହାତୀ ଦାଉରୁ ରକ୍ଷା ପାଇଁ ଗ୍ରାମବାସୀ ଟଙ୍କା ଆଦାୟ କରି ଲାଇଟ୍ ମରାମତି କରୁଥିବା କହିଥିଲେ। ଉଭୟ ପକ୍ଷଙ୍କ ମଧ୍ୟରେ କଥା କଟାକଟି ଓ ଗାଳିଗୁଲଜ ହେଉଥିବା ଭିଡିଓରେ ଦେଖାଯାଇଛି। ଏ ସମ୍ପର୍କରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାହୁ କହିଛନ୍ତି, ନୀଳଡୁଙ୍ଗୁରୀ ଗ୍ରାମବାସୀ ଗ୍ରାମରେ ଥିବା ଷ୍ଟ୍ରିଟ୍ ଲାଇଟ୍ ମରାମତି କରୁଥିଲେ। ଏଥିପାଇଁ କୌଣସି ସରକାରୀ ଅନୁଦାନ ଦିଆଯାଇ ନ ଥିଲା। ହେଲେ କେତେଜଣ କଂଗ୍ରେସ କର୍ମକର୍ତ୍ତା ପହଞ୍ଚି ବିରୋଧ କରିଥିଲେ। ଏ ନେଇ ଗ୍ରାମବାସୀ ଷ୍ଟ୍ରିଟଲାଇଟ୍ କିଣିଥିବା ବିଲ୍ ସହ ବିଡିଓ ଓ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥିନୀ ଦେହୁରି କହିଛନ୍ତି, ନିର୍ବାଚନ ସମୟରେ ସାମୂହିକ ଭାବେ ବିଜୁଳି, ପାଣି, ରାସ୍ତା ମରାମତି ଭଳି କାମ କରାଯାଉଛି। ଏହି ଖବର ପାଇ କଂଗ୍ରେସର ଏକ ଟିମ୍ ଗ୍ରାମରେ ପହଞ୍ଚି ବିରୋଧ କରିଥିଲେ। ସେ ସମୟରେ ଅପରପକ୍ଷ ଯୁବକମାନେ ଗାଳିଗୁଲଜ କରିଥିଲେ। ଏ ନେଇ ଜିଲାପାଳ ଓ ଥାନାରେ ଅଭିଯୋଗ କରାଯାଇଛି।

# ରୁଙ୍ଗଟା ପକ୍ଷରୁ କରୋନା ସଚେତନତା




ଜୟ ହନୁମାନ ବୀର ଯୁବକ ସଂଘର କର୍ମକର୍ତ୍ତାମାନଙ୍କୁ ମାଦଳ ଓ ନାଗରା ପ୍ରଦାନ କରାଯାଉଛି।

**ଟେନସା,୩।୨(ଡି.ଏନ.ଏ.)**

ସୁନ୍ଦରଗଡ଼ କୋଇଡା ଖଣି ଅଞ୍ଚଳ ଅନ୍ତର୍ଗତ ଓରାଘାଟ ଲୌହ ଖଣି ରୁଙ୍ଗଟା ସନ୍ସ ପ୍ରା ଲିଃର ସିଏସଆର ବିଭାଗ ତରଫରୁ ବୁଧବାର ସ୍ଥାନୀୟ ଜୟ ହନୁମାନ ବୀର ଯୁବକ ସଂଘର ସଭାପତି ମହନା ମୁଣ୍ଡା, ସମ୍ପାଦକ ରାଉତ ମୁଣ୍ଡା ,ସଦସ୍ୟ ସୁନୀଲ ମୁଣ୍ଡା, ଜେଟା ମୁଣ୍ଡା, ପାଇକି ଗାଗରାଏଙ୍କୁ ଓରାଘାଟ ଲୌହ ଖଣି ପରିଚାଳକ ସୁଭାଷ ଚନ୍ଦ୍ର ପ୍ରଧାନ ମାଦଳ ଏବଂ ନାଗରା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କାର୍ମିକ ବିଭାଗର ବରିଷ୍ଠ ଅଧିକାରୀ ଅଜୟ କୁମାର କର, ସମୀର ରଞ୍ଜନ ଦାଶ, ସିଏସଆର ବିଭାଗର ଅଞ୍ଜନ କୁମାର ଲେଙ୍କା ଉପସ୍ଥିତ ଥିଲେ। ଫର୍ମାସିଷ୍ଟ ଅରୁଣ କୁମାର ବଳ ସମସ୍ତଙ୍କୁ କରୋନା କଟକଣା ମାନି ସବୁବେଳେ ମାସ୍କ ପରିଧାନ କରିବା, ସାମାଜିକ ଦୂରତା ରକ୍ଷା କରିବା, ନିୟମିତ ସାବୁନରେ ହାତ ଧୋଇବାକୁ ପରାମର୍ଶ ଦେଇଥିଲେ।

# କାଠ ଜବତ କରି ବନ ବିଭାଗକୁ ହସ୍ତାନ୍ତର କଲେ

## ଚେତିଲେ ସିରିଗିଡା ଗ୍ରାମବାସୀ

**ଦେବଗଡ଼,୩।୨(ଡି.ଏନ.ଏ)**

ବାରମ୍ବାର ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉ ନ ଥିଲା। ଫଳରେ କଟା ଚାଲିଥିଲା ଶହ ଶହ ମୂଲ୍ୟବାନ ଶାଳଗଛ। ଏଭଳି ପରିସ୍ଥିତିରେ ଗୁରୁବାର ଗ୍ରାମବାସୀ ଏକାଠି ହୋଇ ଅସାଧୁ ଗଛକଟାଳିଙ୍କ ଘର ଅଗଣାରୁ ୫୦ରୁ ଉର୍ଦ୍ଧ୍ୱ ଶାଳ ସେଣୀ ଜବତ କରି ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ବାରକୋଟ ଫରେଷ୍ଟ ରେଞ୍ଜ ଦନ୍ତାରିବାହାଲ ସେକ୍ସନ ଅଧୀନ ସିରିଗିଡା ଗ୍ରାମରେ।

ସୂଚନା ଅନୁସାରେ, ସିରିଗିଡା ଗ୍ରାମବାସୀ ଦୀର୍ଘ ପ୍ରାୟ ୩୦/୪୦ ବର୍ଷ ହେଲା ପାଳି କରି ଖସଡା ଓ ସଂରକ୍ଷିତ ଜଙ୍ଗଲର ସୁରକ୍ଷା କରିଆସୁଥିଲେ। ଫଳରେ ସମ୍ପୃକ୍ତ ଜଙ୍ଗଲରେ ବହୁ ମୂଲ୍ୟବାନ ଗଛ ବଢ଼ିବାରେ ଲାଗିଥିଲା। ମାତ୍ର କୋଭିଡ ଯୋଗୁ ପ୍ରାୟ ୨ ବର୍ଷ ହେଲା ଠିକ ଭାବେ ଜଙ୍ଗଲ ଜଗିବା ସମ୍ଭବ ହୋଇ ନ ଥିଲା। ଏହାର ସୁଯୋଗରେ ସମ୍ପୃକ୍ତ ଅଞ୍ଚଳର କେତେକ ଅସାଧୁ ବ୍ୟକ୍ତି ଉକ୍ତ ଜଙ୍ଗଲରୁ ବହୁ ମୂଲ୍ୟବାନ ଗଛ କାଟିବା ସହ ଚଢା ଦରରେ ବିକ୍ରି କରୁଥିଲେ। ଏ ନେଇ ଗ୍ରାମବାସୀ ଦନ୍ତାରିବାହାଲ ଫରେଷ୍ଟର ଏବଂ ଫରେଷ୍ଟଗାର୍ଡଙ୍କୁ ବାରମ୍ବାର ଅଭିଯୋଗ କରିବା ସହ ଗଛକଟା ରୋକିବା ପାଇଁ ଗୁହାରି କରିଥିଲେ ହେଁ କୌଣସି ସୁଫଳ ମିଳୁ ନ ଥିଲା। ଫଳରେ ଗଛକଟା ଦିନକୁ ଦିନ ବୃଦ୍ଧି ପାଇବା ସହ ବେଆଇନ କାଠ କାରବାର ମଧ୍ୟ ବଢ଼ିବାରେ ଲାଗିଥିଲା। ଗତ ଦୁଇ ଦିନ ତଳେ କେତେକ ଅସାଧୁ ବ୍ୟକ୍ତି ଉକ୍ତ ଗ୍ରାମ୍ୟ ଜଙ୍ଗଲରୁ ବହୁ ସଂଖ୍ୟକ ଶାଳ ଏବଂ ମହୁଲ ଗଛ କାଟିଦେଇଥିଲେ। ଫଳରେ ଏହାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଘଟଣାରେ ଫରେଷ୍ଟଗାର୍ଡ ନର୍ମଦା ନାୟକ ବୁଧବାର ୯ଜଣ ମହିଳାଙ୍କୁ ବିଭାଗୀୟ କାର୍ଯ୍ୟାଳୟକୁ ଡାକି ସେମାନଙ୍କ ବିରୁଦ୍ଧରେ ମାମଲା ରୁଜୁ କରିବା ସହ ନୋଟିସ ଦେଇ ଛାଡି ଦେଇଥିଲେ। ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ସହ ଆଲୋଚନା ପରେ କଟାଯାଇଥିବା ଗଛଗୁଡ଼ିକୁ ବ୍ୟବହାର କରାଯିବ ବୋଲି ପ୍ରତିଶ୍ରୁତି ଦେଥିଲେ। ମାତ୍ର ଗୁରୁବାର ସକାଳେ ଫରେଷ୍ଟ ଗାର୍ଡ କଟାଯାଇଥିବା ଗଛଗୁଡ଼ିକୁ ଟ୍ରାକ୍ଟର ଯୋଗେ ସେକ୍ସନ କାର୍ଯ୍ୟାଳୟକୁ ନେଇଯାଉଥିବା ବେଳେ ଗଛମୂଳରେ ନିଆଁ ଜଳୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଫଳରେ ସେମାନଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରମାଣ ନଷ୍ଟ ପାଇଁ ଗଛମୂଳରେ ନିଆଁ ଲଗାଯାଇଥିବା ସେମାନେ ଅଭିଯୋଗ କରିଥିଲେ। ଖବର ପାଇ ଦାୟିତ୍ୱରେ ଥିବା ବଳମ ସେକ୍ସନର ଫରେଷ୍ଟର ଶ୍ୟାମସୁନ୍ଦର ବେହେରା ସେଠାରେ ପହଞ୍ଚି ଗ୍ରାମବାସୀ ବୁଝାଶୁଝା କରିଥିଲେ। ଏହାପରେ ଗ୍ରାମବାସୀ ଜଙ୍ଗଲ ସୁରକ୍ଷା କମିଟି ସମ୍ପାଦକ ହୀରାଧର ସାହୁଙ୍କ ଉପସ୍ଥିତିରେ କାଠ କଟାଳି ଲୁଚାଇ ରଖିଥିବା ଶାଳ ସେଣୀଗୁଡ଼ିକୁ ଜବତ କରି ବନ ବିଭାଗକୁ ହସ୍ତାନ୍ତର କରିଥିଲେ। ଦେବଗଡ ବନଖଣ୍ଡ ଅଧିକାରୀ ଗ୍ରାମବାସୀଙ୍କ ଅଭିଯୋଗର ନିରପେକ୍ଷ ତଦନ୍ତ କରି ବିଭାଗୀୟ କର୍ମଚାରୀଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।

# ବ୍ୟୟ ପର୍ଯ୍ୟବେକ୍ଷକଙ୍କ ରାଜଗାଙ୍ଗପୁର ଗସ୍ତ

**ରାଜଗାଙ୍ଗପୁର,୩।୨(ଡିଏନଏ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ବୁଧବାର ଦିନ ନିର୍ବାଚନ କମିଶନ ପକ୍ଷରୁ ରାଜଗାଙ୍ଗପୁର ବ୍ଲକ ପାଇଁ ନିଯୁକ୍ତ ସମ୍ବଲପୁରର ବ୍ୟୟ ପର୍ଯ୍ୟବେକ୍ଷକ ରାଜେନ୍ଦ୍ର ନାରାୟଣ ଜେନା ଏହି ବ୍ଲକ ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀମାନଙ୍କୁ ନେଇ ବ୍ଲକ ସଭାଗୃହରେ ଏକ ବୈଠକ କରାଇଥିଲେ। ଏଥିରେ ପ୍ରାର୍ଥୀମାନଙ୍କୁ କିପରି ଭାବରେ ନିଜର ବ୍ୟୟକୁ ଲିପିବଦ୍ଧ କରିବେ ସେ ସଂପର୍କରେ ଆଲୋଚନା ମାଧ୍ୟମରେ କହିଥିଲେ। ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀମାନେ ୨ ଲକ୍ଷ ପର୍ଯ୍ୟନ୍ତ ବ୍ୟୟ କରିପାରିବା ସହ ୫ଟି ମୋଟର ସାଇକେଲ ଓ ୨ଟି ୪ ଚକିଆ ଗାଡି ନିର୍ବାଚନରେ ବ୍ୟବହୃତ କରିପାରିବେ ବୋଲି ସୂଚନା ଦେଇଥିଲେ। ବୈଠକରେ ରାଜଗାଙ୍ଗପୁର ବିଡିଓ ପିୟୁସ ଲୁହାର, ଜିପିଓ ଲିଲି ସଞ୍ଜିତା ମିଞ୍ଜ, ବିନୋଦ ଲାକ୍ରାଙ୍କ ସହ ଅନ୍ୟମାନେ ଉପସ୍ଥିତ ରହିଥିଲେ।

# ହୋଟେଲରେ ଡେରା ପକାଇଛନ୍ତି ନେତା

**ସମ୍ବଲପୁର,୩।୨(ବ୍ୟୁରେ)**

ପଞ୍ଚାୟତ ନିର୍ବାଚନ ପାଇଁ ସମ୍ବଲପୁର ଜିଲାରେ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା, କଂଗ୍ରେସ ପକ୍ଷରୁ ପ୍ରଚାରକୁ ଜୋରଦାର କରାଯାଇଛି। ହେଲେ ନିର୍ବାଚନ କମିଶନଙ୍କ ଭୟରେ ନେତାମାନେ ନିଜ ଅଫିସରେ କାମ କରୁନାହାନ୍ତି। ଜିଲାର ବିଭିନ୍ନ ପ୍ରତିଷ୍ଠିତ ହୋଟେଲରେ ରହି ନିୟନ୍ତ୍ରଣ କରୁଛନ୍ତି। ଜିଲାର ନେତୃତ୍ୱ ଉପରେ ଭରସା ନ କରି ରାଜଧାନୀ ଓ ପଡ଼ୋଶୀ ଜିଲାରୁ ନେତାମାନେ ଆସି ହୋଟେଲରେ ଡେରା ପକାଇଥିବା କୁହାଯାଉଛି। ସେମାନେ ଅସନ୍ତୁଷ୍ଟ କର୍ମୀମାନଙ୍କୁ ପର୍ଯ୍ୟାୟକ୍ରମେ ଡାକି ବୁଝାଉଛନ୍ତି। ଆବଶ୍ୟକ ପଡିଲେ ମୋଟା ଅଙ୍କର ଟଙ୍କା ଦିଆଯାଉଥିବା ଏଠାରେ ଆଲୋଚନା ହେଉଛି। ଏଥିରେ ଦଳର ନେତା ଓ ବ୍ୟବସାୟୀଙ୍କ ସମ୍ପୃକ୍ତି ରହିଥିବାରୁ ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଶଙ୍ଖ ଧରିଲେ ପୂର୍ବତନ ବ୍ଲକ ଅଧ୍ୟକ୍ଷ

**ବଡ଼ଗାଁ,୩।୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଚିନ୍ମୟ ମାଝୀ ହାତ ଛାଡ଼ି ଶଙ୍ଖ ଧରିଛନ୍ତି। ବୁଧବାର ଭୋଇପାଲି ପଞ୍ଚାୟତ ର ଚେମଠାପଡା ଗ୍ରାମରେ ବିଜେଡ଼ିର ସକ୍ରିୟ କର୍ମୀଙ୍କୁ ନେଇ ନିର୍ବାଚନ ସମ୍ବନ୍ଧୀୟ ସଭା ହୋଇଥିଲା। ଏହି ସଭାରେ ଜିଲା ପର୍ଯ୍ୟବେକ୍ଷକ ପ୍ରୀତିରଞ୍ଜନ ଘଡାଇ, ଦଳର ଜିଲା ସଭାପତି ବିନୟ ଟପୋ, ବରିଷ୍ଠ କର୍ମକର୍ତ୍ତା ବୈକୁଣ୍ଠ ନାଏକ, ପ୍ରଫୁଲ୍ଲ ମାଝୀ, ହରଜେନ୍ଦର ସିଂ, ସୁନୀତା ବିଶାଳ, ରଶ୍ମିବାଲା ମିଶ୍ର, ଅରୁଣ ଦୀକ୍ଷିତ, କବିତା ହୋତା, ସାରଥି ପାଣ୍ଡେ, ପୂର୍ଣ୍ଣଚନ୍ଦ୍ର ନାଏକ, କୁମରମଣି ସା, ତ୍ରିନାଥ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଜିଲା ପର୍ଯ୍ୟବେକ୍ଷକ ଘଡାଇ ପ୍ରତିୱାର୍ଡରେ କର୍ମୀମାନେ କିପରି ରଣନୀତି ପ୍ରସ୍ତୁତ କରି ପ୍ରତ୍ୟେକ ପରିବାର ପାଖରେ ପହଞ୍ଚିବେ ସେ ନେଇ ଆଲୋଚନା କରିଥିଲେ। ଏହାଛଡା ବିଭିନ୍ନ ଜନହିତକର ଯୋଜନା ତଥା ସୁନ୍ଦରଗଡ଼ ଜିଲାରେ ଖେଳର ବିକାଶ ପାଇଁ ଖେଳପଡିଆର ଉନ୍ନତୀକରଣ କରାଯାଉଥିବା କହିଥିଲେ। ଏହି ଅବସରରେ ଆୟୋଜିତ ମିଶ୍ରଣ ପର୍ବରେ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଚିନ୍ମୟ ମାଝୀ ବିଜେଡ଼ିରେ ଯୋଗ ଦେଇଥିଲେ।

# ଉତ୍ତମ ବସ୍ତିରେ ଆଇନ ସଚେତନତା

**ରାଉରକେଲା ଅଫିସ,୩।୨**

ସେକ୍ଟର-୨୧ ସ୍ଥିତ ଭବାନୀପୁର ଉତ୍ତମ ବସ୍ତିରେ ରାଉରକେଲା ଆଇନ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂଘ ପକ୍ଷରୁ ସଭାପତି ଡ. ସୁମନ ଦତ୍ତଙ୍କ ଅଧ୍ୟକ୍ଷତାରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆଲୁମିନି ଆସୋସିଏଶନ ଉପସଭାପତି ବବିତା ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରି ବସ୍ତି ବାସିନ୍ଦାଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପଶୁପତିନାଥ ଚାଟାର୍ଜୀ ଉପସ୍ଥିତ ଥିଲେ। ତନ୍ମୟରାଜ ପାଢ଼ୀ, ପ୍ରଜ୍ଞା ପରମିତା ପଣ୍ଡା, ନିତ୍ୟାନନ୍ଦ ବିଶୋଇ, ହୃଦୟ ରଞ୍ଜନ ମହାନ୍ତି, ନନ୍ଦ କିଶୋର ମହନ୍ତ ପ୍ରମୁଖ ସହଯୋଗ କରିଥିଲେ।

# ଏସ୍‌ପିଙ୍କ ବିରୋଧରେ ପୋଲିସ ଡିଜିଙ୍କୁ ଅଭିଯୋଗ




ପୋଲିସ ଡିଜି ଅଫିସ ସମ୍ମୁଖରେ ଆଦିବାସୀ ସମାଜର କର୍ମକର୍ତ୍ତା।

**ଝାରସୁଗୁଡ଼ା ଅଫିସ,୩।୨**

ସମ୍ମିଳିତ ଆଦିବାସୀ ସମାଜ ତରଫରୁ ଝାରସୁଗୁଡ଼ା ଏସ୍‌ପି ବିକାଶ ଚନ୍ଦ୍ର ଦାସଙ୍କ ବିରୋଧରେ ଗୁରୁବାର ପୋଲିସ୍ ମହାନିର୍ଦ୍ଦେଶକ (ଡିଜି)ଙ୍କ ନିକଟରେ ଅଭିଯୋଗ ହୋଇଛି। ଏଥିରେ ଉଲ୍ଲେଖ ରହିଛି ଗତ ନଭେମ୍ବର ୩ରେ ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଆୟୋଗ ସଭ୍ୟ ଅନନ୍ତ ଚରଣ ନାୟକ ଜିଲା ଗସ୍ତରେ ଆସିଥିଲେ। ପରେ ସର୍କିଟ ହାଉସରେ ଜିଲା ପ୍ରଶାସନ ଓ ପୋଲିସ ସହ ଏକ ସମୀକ୍ଷା ବୈଠକ କରିଥିଲେ। ଏଥିରେ ଜିଲାରେ ଏଫ୍‌ଆଇଆର୍ ହୋଇଥିବା ଆଟ୍ରୋସିଟି କେସ ଉପରେ ସମୀକ୍ଷା ହୋଇଥିଲା। ଏଥିରୁ ଜଣାପଡିଥିଲା ଜିଲାରେ ଶତାଧିକ ଆଟ୍ରୋସିଟି କେସ ବିଚାର ନ ହୋଇ ପଡିରହିଛି। ଏ ସମ୍ପର୍କରେ ସେ ବୈଠକରେ ଉପସ୍ଥିତ ଏସ୍‌ପିଙ୍କୁ ପଚାରିଥିଲେ। ଏସ୍‌ପି ଦାସ ପଇସା ପାଇଁ ମହିଳାମାନେ ଆଟ୍ରୋସିଟି କେସ କରୁଥିବା ଉତ୍ତର ରଖିଥିଲେ। ଏସ୍‌ପିଙ୍କ ଏଭଳି ମନ୍ତବ୍ୟ ଆଦିବାସୀ ମହିଳାଙ୍କ ସମ୍ମାନ ଓ ସ୍ୱାଭିମାନକୁ ଆଘାତ କରିଛି। ଏ ନେଇ ବିଭିନ୍ନ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇନାହିଁ। ଅଭିଯୋଗ ପତ୍ର ପ୍ରଦାନ ସମୟରେ ଆଦିବାସୀ ସମାଜର ମହେନ୍ଦ୍ର ନାୟକ, ପ୍ରଭାକର ଓରାମ, ମାଧବ ସିଂହ ନାୟକ, ତ୍ରିଲୋଚନ ଡନସେନା ଉପସ୍ଥିତ ଥିଲେ। ଏ ନେଇ ଏସ୍‌ପି ଦାସ କହିଛନ୍ତି, ସମୀକ୍ଷା ବୈଠକରେ ଏଭଳି ମନ୍ତବ୍ୟ ଦେଇନାହିଁ। ଯଦି ଅଭିଯୋଗ କରୁଛନ୍ତି ସେମାନେ ଏହାର ପ୍ରାମାଣ କରାନ୍ତୁ।

# ଯୋଗ୍ୟ ପ୍ରାର୍ଥୀଙ୍କୁ ମତଦାନ ନେଇ ସଚେତନତା

**ସମ୍ବଲପୁର,୩।୨(ବ୍ୟୁରୋ)**

ଏବେ ନିର୍ବାଚନ ପ୍ରଚାର ପାଇଁ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀ ଓ କର୍ମକର୍ତ୍ତା ଗ୍ରାମକୁ ଆସୁଛନ୍ତି। ସେମାନେ ଭୋଟ ପାଇବା ପାଇଁ ଭୋଟରଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଉଛନ୍ତି। ହେଲେ ଏହାକୁ ବିରୋଧ କରି ଉଚିତ ପ୍ରାର୍ଥୀଙ୍କୁ ମତଦାନ କରିବାକୁ ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ବରଗାଁ ଗ୍ରାମରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ ପରାମର୍ଶ ଦେଇଥିଲେ। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ କ୍ଷେତ୍ର ଜନ ସମ୍ପର୍କ ବିଭାଗ ପକ୍ଷରୁ ଭୋଟର ସଚେତନତା ଓ କୋଭିଡ୍ ଅନୁରୂପ ବ୍ୟବହାର ଉପରେ ମାତୃଶକ୍ତିଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ମାନେଶ୍ୱର ବ୍ଲକ ସହକାରୀ ଯନ୍ତ୍ରୀ ଚନ୍ଦ୍ରଶେଖର ମିଶ୍ର, ଖବରଦାତା ପ୍ରଫୁଲ୍ଲ ଦାଶ, ଜିଲା ନିର୍ବାଚନ ୱାର୍ଡ ଫୋରମ ସଂଯୋଜକ ପ୍ରଦୀପ ବେହେରା, ଅବସରପ୍ରାପ୍ତ ଶିକ୍ଷକ ଶ୍ୟାମସୁନ୍ଦର ଧର ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ମହିଳାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଦିଆଯାଇଥିଲା। ସମ୍ବଲପୁର ଅଦୃଶ୍ୟ ନାଟ୍ୟ ଆଶ୍ରମ ପକ୍ଷରୁ ମତଦାନ ଓ ପ୍ରାର୍ଥୀ ଚୟନକୁ ନେଇ ନାଟକ ପରିବେଷଣ କରାଯାଇଥିଲା।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ସଇଡା ଚାମ୍ପିୟନ

**କୁଚିଣ୍ଡା, ୩।୨(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ବାଙ୍କେ ପଞ୍ଚାୟତର ଫଲସାଚୁଆଁଠାରେ ଏକ ଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫଲସାଚୁଆଁ ବାପୁଜୀ ଯୁବ କ୍ଲବ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟରେ ମୋଟ ୮ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ସଇଡା (ବଡ କିସାନପଡା) ଓ ପଣ୍ଡରିପଥର ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ୧-୦ ଗୋଲରେ ସଇଡା ଚାମ୍ପିୟନ ହୋଇଥିଲା। ରେଫରି ଭାବେ ମୁନୁ କିସାନ, ସମୀର ବାଘ, ଟଙ୍କଧର ଲୁହୁରା ଓ ଭବାନୀ ଶଙ୍କର କିସାନ ଖେଳ ପରିଚାଳନା କରିଥିଲେ। କ୍ଲବ ସଭାପତି ଗଜିନ କିସାନଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣୀ ସଭାରେ ଭାଜପା ଜିଲା ପରିଷଦ ପ୍ରାର୍ଥୀ ଦିବ୍ୟରାଜ କିସାନ, ସମିତିସଭ୍ୟା ସବିତା ନାଏକ ଓ ସମିତିସଭ୍ୟ ପ୍ରାର୍ଥୀ ସମୀର କଉଡି ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ସିଲ୍ଡ ସହ ୫୦୦୦ ଟଙ୍କା ଓ ରନର୍ସଅପ ଦଳକୁ କପ ସହ ୩୫୦୦ଟଙ୍କା ପ୍ରଦାନ କରିଥିଲେ।



ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି ଅତିଥି।

# ଶୀତବସ୍ତ୍ର ବୋଝେଇ ପିକ୍‌ଅପ ଜବତ : ୨ ଗିରଫ

**ଲହୁଣୀପଡ଼ା,୩।୨(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲହୁଣୀପଡାରୁ ଚୋରି ହୋଇଥିବା ଶୀତବସ୍ତ୍ର ବୋଝେଇ ଏକ ପିକ୍ ଭ୍ୟାନକୁ ହାତୀବାରୀ ଅଞ୍ଚଳରୁ ଜବତ କରାଯାଇଛି। ଏହି ଘଟଣାରେ ଗଣେଶ ସା(୩୨) ଓ ଏମଡ଼ି ସୁଫିଆନା ଓ୍ୱାହିଦ(୨୪)ଙ୍କୁ ଗିରଫ କରାଯାଇ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଏହାଛଡା ଚୋରି ଶୀତବସ୍ତ୍ର ଉଦ୍ଧାର ହୋଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଗୁରୁବାର ଥାନା ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ବଣେଇ ଏସଡିପି ସୌରଭ ଓତା ଓ ଲହୁଣୀପଡା ଥାନା ଅଧିକାରୀ ବିଜୟ କୁମାର ବିହାରୀ ସୂଚନା ଦେଇଛନ୍ତି।

ସୂଚନାରୁ ପ୍ରକାଶ ଯେ, ଲହୁଣୀପଡ଼ା ବ୍ଲକ ଛକରେ ରହୁଥିବା ନଗେନ୍ଦ୍ର ସାହାଙ୍କ ପୁଅ ମୁକେଶ (୩୭) ଗତ ୨୦ ତାରିଖ ରାତିରେ ନିଜ ଘର ଆଗରୁ ପ୍ରାୟ ତିନି



ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଉଛି।

ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଶୀତବସ୍ତ୍ର ବୋଝେଇ ପିକ୍‌ଅପ ଭ୍ୟାନଟି ଚୋରି ହୋଇଯାଇଛି ବୋଲି ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲହୁଣୀପଡ଼ା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ୧୦ ଦିନ ପରେ ରହସ୍ୟକୁ ଉନ୍ମୋଚିତ କରିବାରେ ସକ୍ଷମ ହୋଇଥିଲେ। ବ୍ଲକ ଛକସ୍ଥିତ ମୁକେଶ ସାହା ଓଡି-୧୪-ଇ-୨୨୩୦ ନମ୍ବର ବିଶିଷ୍ଟ ପିକ୍‌ଅପ ଭ୍ୟାନ ଯୋଗେ ବିଭିନ୍ନ ସାପ୍ତାହିକ ହାଟକୁ ଯାଇ ଶୀତ ବସ୍ତ୍ର ବିକ୍ରି କରିଥାନ୍ତି। ଗତ ୨୦ ତାରିଖ ଦିନ ବିମଳାଗଡ଼ ସାପ୍ତାହିକ ହାଟରେ ଦୋକାନ ବନ୍ଦ କରି ସମସ୍ତ ସାମଗ୍ରୀକୁ ଉକ୍ତ ପିକ୍‌ଅପ ଭ୍ୟାନରେ ଲୋଡ଼ କରି ଅନ୍ୟଦିନ ଭଳି ସେଦିନ ମଧ୍ୟ ନିଜ ଘର ଆଗରେ ରଖିଥିଲେ। କିନ୍ତୁ ପରଦିନ ସକାଳୁ ଉଠି ଦେଖିଲା ବେଳକୁ ଶୀତବସ୍ତ୍ର ବୋଝେଇ ଉକ୍ତ ଭ୍ୟାନ ଚୋରି ହୋଇଯାଇଥିବା ଦେଖିବାକୁ ପାଇଥିଲେ। ଏନେଇ ଲହୁଣୀପଡ଼ା ଥାନାରେ ଅଭିଯୋଗ ପରେ ବଣେଇ ଏସଡିପିଓ ଓତା ଓ ଲହୁଣୀପଡ଼ା ଥାନା ଅଧିକାରୀ ବିହାରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇ ବିଭିନ୍ନ ଅଞ୍ଚଳରେ ଖୋଜାଖୋଜି ଜାରି ରହିଥିଲା। କୌଣସି ସୂତ୍ରରୁ ଖବର ମିଳିଥିଲା ହାତୀବାରି ଥାନା ନୂଆଗାଁ ଫାଣ୍ଡି ପୋଲିସ ଏକ ପିକ୍‌ଅପ ଭ୍ୟାନ ଜବତ କରିଛି। ସେହି ଭ୍ୟାନଟି ବେନିୟମ ସ୍କ୍ରାପ ବୋଝେଇ କାର୍ଯ୍ୟରେ ନିୟୋଜିତ ହୋଇଥିଲା। ସ୍ୱତନ୍ତ୍ର ପୋଲିସ ଟିମ୍ ସେଠାକୁ ଯାଇ ବିଭିନ୍ନ ଦିଗରୁ ତଦନ୍ତ କରିଥିଲା। ଏହାଛଡା ଅଭିଯୋଗକାରୀ ମୁକେଶଙ୍କୁ ସାଙ୍ଗରେ ନେଇ ସେହି ଅଞ୍ଚଳର ସାପ୍ତାହିକ ହାଟଗୁଡ଼ିକରେ ବୁଲି ଜାଣିବାକୁ ପାଇଥିଲେ ଯେ ଚୋରି ହୋଇଥିବା ଶୀତବସ୍ତ୍ରଗୁଡ଼ିକ ହାଟରେ ବିକ୍ରି ହେଉଛି। ପୋଲିସ ଚୋରି ଶୀତବସ୍ତ୍ର ଉଦ୍ଧାର କରିବା ସହିତ ଘଟଣାରେ ୨ ଜଣଙ୍କୁ ଗିରଫ କରିଥିଲେ।

# ଫୁସ୍‌ଫୁସ୍ କର୍କଟ

ଆମେରିକା ପ୍ରଭୃତି ପାଶ୍ଚାତ୍ୟ ଦେଶରେ ପୁରୁଷଙ୍କୁ ହେଉଥିବା ପ୍ରମୁଖ କ୍ୟାନସର ବା କର୍କଟ ମଧ୍ୟରେ ଅନ୍ୟତମ ଫୁସଫୁସ କର୍କଟ। କେବଳ ଆମେରିକାରେ ବର୍ଷକୁ ପ୍ରାୟ ୬୫ ହଜାର ଲୋକ ଏଥିରେ ମୃତ୍ୟୁ ବରଣ କରୁଥିବା ଏକ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି।

**କାରଣ:** ସିଗାରେଟ, ବିଡ଼ି, ଧୂଆଁପତ୍ର ଓ ପିକା ପ୍ରଭୃତି ବ୍ୟବହାର ଫୁସ୍‌ଫୁସ୍ କର୍କଟର ପ୍ରଧାନ କାରଣ। ବିଭିନ୍ନ ପରିସଂଖ୍ୟାନ, ପରୀକ୍ଷାଗାରରେ ପରୀକ୍ଷା ଓ ଧୂଆଁ ଟାଣୁଥିବା ଲୋକଙ୍କୁ ପରୀକ୍ଷା କରି ଏହା ପ୍ରମାଣିତ ହୋଇଛି ଯେ- ଫୁସ୍‌ଫୁସ୍ କର୍କଟ ଧୂମପାନ କରୁଥିବା ଲୋକଙ୍କର ବେଶୀ ହୁଏ। ଯେଉଁ ଲୋକ ଦିନକୁ ୮୦ରୁ ବେଶୀ ସିଗାରେଟ ବା ବିଡ଼ି ୧୦ବର୍ଷରୁ ଟାଣିଥାନ୍ତି, ସେମାନଙ୍କ ମଧ୍ୟରୁ ୧ଲକ୍ଷ ବ୍ୟକ୍ତିଙ୍କ ମଧ୍ୟରୁ ୨୬୨ ଜଣ ଫୁସ୍‌ଫୁସ୍ କର୍କଟରେ ଆକ୍ରାନ୍ତ ହୋଇଥାନ୍ତି। ପରୀକ୍ଷାଗାରରେ କୁକୁରଙ୍କୁ ଧୂମପାନରେ ଅଭ୍ୟସ୍ତ କରାଯାଇ ଦେଖାଯାଇଛି ଯେ, ଫୁସ୍‌ଫୁସ୍‌ରେ ଧୂଆଁପତ୍ର ନିକୋଟିନ୍ ବସି ଯାଇ ଶ୍ୱାସନଳୀ ଓ ଫୁସ୍‌ଫୁସ୍ ଝିଲ୍ଲୀ ମଧ୍ୟରେ ନାନା ରାସାୟନିକ ପ୍ରକ୍ରିୟା ଦ୍ୱାରା କର୍କଟର ପୂର୍ବାବସ୍ଥା ପ୍ୟାକେଟ ଉପରେ ଲେଖାଯାଇଛି ଧୂମପାନ ସ୍ୱାସ୍ଥ୍ୟ ପକ୍ଷରେ କ୍ଷତିକାରକ। ଏବେ ସମୀକ୍ଷାରୁ ଜଣାପଡ଼ିଛି ଯେ, ଧୂମପାନ ନିଷିଦ୍ଧ ବା କେତେକ ସିଗାରେଟ୍ ପ୍ରଭୃତି ଛାଡ଼ି ଦେବା ଦ୍ୱାରା ଆମେରିକାରେ ପୂର୍ବ ବର୍ଷ ଅପେକ୍ଷା ଫୁସ୍‌ଫୁସ୍ କର୍କଟ ରୋଗୀଙ୍କ ସଂଖ୍ୟା ଧୀରେ ଧୀରେ କମିଯାଉଛି।

ଆମ ଦେଶରେ ମୁଖ ଗହ୍ୱର କର୍କଟ ପ୍ରଧାନ ସମସ୍ୟା ହୋଇଥିଲେ ମଧ୍ୟ ଫୁସ୍‌ଫୁସ୍ କର୍କଟ ରୋଗୀ ବହୁତ ଦେଖାଯାଆନ୍ତି। ତା'ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ କ୍ୟାନ୍‌ସର ହେଲେ ତାହା ଫୁସ୍‌ଫୁସ୍‌କୁ ମାଡ଼ିଯାଏ ଏବଂ ଶେଷରେ ରୋଗୀ ଏସବୁର ଶିକାର ହୁଏ। କୋଇଲା କାରଖାନା, କପାକଳ ଓ ଆଜବେଷ୍ଟସ୍ କାରଖାନାରେ କାମ କରୁଥିବା ଲୋକଙ୍କର ଏହି କର୍କଟ ରୋଗ ବେଶୀ ହୁଏ।

**ନିଦାନ:** ଫୁସ୍‌ଫୁସ୍ ମଧ୍ୟରେ କର୍କଟ ବିଭିନ୍ନ ପ୍ରକାରର ହୋଇପାରେ କିନ୍ତୁ ପ୍ରଧାନତଃ ୪ ପ୍ରକାର ଦେଖାଯାଏ। (୧) Squamous Cell Cancer ୪୦ରୁ ୫୦ ଭାଗ। ଶ୍ୱାସନଳୀକାରୁ ଏ କର୍କଟ ହୁଏ। (୨)Undiffereciated type ୩୦ ରୁ ୫୦ ଭାଗ- ବହୁତ ଶୀଘ୍ର ମାଡ଼ିଯାଏ। (୩) Adenocarcinoma ସାଧାରଣତଃ ଫୁସ୍‌ଫୁସ୍‌ର ବହିଃ ଅଂଶରେ ଦେଖାଯାଏ, ୧୦ରୁ ୨୦ ଭାଗ- ବାୟୁକୋଷର ପ୍ରକୋଷ୍ଠରୁ ବାହାରିଯାଏ। (୪) ) Alveolar Carcinoma ସାଧାରଣତଃ ଏକା ସାଙ୍ଗରେ ଲାଗି ଲାଗି ବହୁ ଜାଗାରେ ଦେଖାଯାଏ। ୫-୧୦ ଭାଗ।

ଆଉ କେତେକ ଅସାଧାରଣ ଟ୍ୟୁମର ଯଥା : କୌଣସି ଲକ୍ଷଣ ନଥାଇ ଅନ୍ୟ କୌଣସି ଉଦ୍ଦେଶ୍ୟରେ ବା ଛାତି ଏକ୍ସରେ ନେଲାବେଳକୁ ବେଳେ ବେଳେ କର୍କଟ ଜଣାପଡ଼େ। ଏହା ସାଧାରଣତଃ ଫୁସ୍‌ଫୁସ୍‌ର ବାହାର ଅଂଶରେ ହୁଏ ଏବଂ ଅପରେସନ୍ ଦ୍ୱାରା ସହଜରେ ଆୟତ କରାଯାଇପାରେ। ଆମ ଦେଶରେ ବହୁତ ସଂଖ୍ୟାରେ ଯକ୍ଷ୍ମା ରୋଗୀ ହେଉଥିବାରୁ ବେଳେ ବେଳେ ଏ ରୋଗୀମାନଙ୍କୁ ଯକ୍ଷ୍ମା ଚିକିତ୍ସା ଦିଆଯାଏ ଏବଂ ଅସଲ ରୋଗ ଚିହ୍ନିବା ବେଳକୁ ଡେରି ହୋଇଯାଏ।

**କାଶ, କଫ, ଜ୍ୱର :** ଫୁସ୍‌ଫୁସ୍ ମଧ୍ୟରେ ଶ୍ୱାସନଳୀ ସବୁ ବନ୍ଦ ହେବା ଦ୍ୱାରା ଜୀବାଣୁ ବୃଦ୍ଧି ହେତୁ ଜ୍ୱର, କଫ, କାଶ ପ୍ରଭୃତି ହୋଇପାରେ। ନିମୋନିଆ ପରି ଜଣାପଡ଼େ। ଚିକିତ୍ସା ନ କଲେ ଅବସ୍ଥା ଶୋଚନୀୟ ହୋଇଉଠେ। ବେଳେ ବେଳେ କଫରେ ରକ୍ତ ପଡ଼ିପାରେ।

-କର୍କଟ ଫୁସ୍‌ଫୁସ୍ ନିକଟବର୍ତ୍ତୀ ଅନ୍ୟାନ୍ୟ ତନ୍ତୁକୁ ମାଡ଼ିଯିବା ଦ୍ୱାରା ବହୁତ ପ୍ରକାର ଲକ୍ଷଣ ଦେଖାଯାଇପାରେ। ଛାତିରେ କଷ୍ଟ ହୁଏ। ଫୁସ୍‌ଫୁସ୍‌ର ଅଗ୍ରଅଂଶରେ ରୋଗ ହେଲେ ହାତରେ ସ୍ନାୟୁ ସବୁ ଚାପି ହୋଇ କଷ୍ଟ ହୁଏ। ତା'ପରେ ଛାତି ହାଡ଼ ଖାଇଯାଇ ପାରେ। ଛାତିର ଉର୍ଦ୍ଧ୍ୱଶିରା ଗ୍ରନ୍ଥି ଦ୍ୱାରା ଚାପ ଖାଇ ବନ୍ଦ ହୋଇଯାଏ। ମୁଣ୍ଡ, ବେକ ଓ ହାତରୁ ରକ୍ତ ହୃତ୍‌ପିଣ୍ଡ ମଧ୍ୟକୁ ଯାଇ ନପାରି ଫୁଲି ଯାଏ। ଛାତି ଉପର ଭାଗରେ ଶିରା ପ୍ରଶିରା ବାହାରି ପଡ଼େ। ବେଳେ ବେଳେ ଛାତିରେ ପାଣି ଓ ରକ୍ତ କମିଯାଇ ନିଃଶ୍ୱାସ ନେବାରେ କଷ୍ଟ ହୁଏ।

- ରୋଗ ଦୂର ଯାଗାକୁ ମାଡ଼ିଗଲେ ସେ ସବୁ ତନ୍ତୁ ବା କୋଷର ଲକ୍ଷଣ ଜଣାପଡ଼େ। ଯକୃତ ବୃଦ୍ଧି ପାଏ। ହାଡ଼ରେ ଫୁଲା ଦେଖାଯାଇପାରେ। ଆଡ୍ରିନାଲ ଗ୍ଲାଣ୍ଡ ନଷ୍ଟ ହୋଇ ବିଭିନ୍ନ ଆନୁଷଙ୍ଗିକ ଲକ୍ଷଣ ଦେଖା ଯାଇପାରେ। ଆମ ଦେଶରେ ଶତକଡ଼ା ୬୦-୭୦ ଭାଗ ରୋଗୀ ସାଧାରଣତଃ ଏ ସବୁ ଲକ୍ଷଣ ନେଇ ରୋଗର ଶେଷ ଅବସ୍ଥାରେ ଆସି ପହଞ୍ଚନ୍ତି। ତେବେ ବିଭିନ୍ନ ପରୀକ୍ଷା ଦ୍ୱାରା କର୍କଟ ନିରୂପଣ ଆଜିକାଲି ସହଜ ହେଲାଣି।

ଆଜିକାଲି କର୍କଟର ଚିକିତ୍ସା ଲାଗି ବହୁ ଭେଷଜୀୟ ପଦ୍ଧତି ଅବଲମ୍ବନ କରାଯାଉଛି। ଏଥିସହ ବହୁତ ନୂତନ ଔଷଧ ବ୍ୟବହାର ହେଉଛି। ତେବେ କର୍କଟ ଚିକିତ୍ସା ସହିତ ରୋଗୀର ମାନସିକ, ଶାରୀରିକ ଓ ସାମାଜିକ ଯତ୍ନ ନେବା ଜରୁରୀ।



ଆମ ଦେଶରେ ମୁଖ ଗହ୍ୱର କର୍କଟ ପ୍ରଧାନ ସମସ୍ୟା ହୋଇଥିଲେ ମଧ ଫୁସ୍‌ଫୁସ୍ କର୍କଟ ରୋଗୀ ବହୁତ ଦେଖାଯାଆନ୍ତି। ତା'ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ କ୍ୟାନ୍‌ସର ହେଲେ ତାହା ଫୁସ୍‌ଫୁସ୍‌କୁ ମାଡ଼ିଯାଏ ଏବଂ ଶେଷରେ ରୋଗୀ ଏସବୁର ଶିକାର ହୁଏ।

**-ଡା. ରଣଜିତ୍ କର**
**ବରିଷ୍ଠ କ୍ୟାନ୍‌ସରବିଶେଷଜ୍ଞ, ଏଚ.ସି.ଜି. ପଣ୍ଡା କ୍ୟାନ୍‌ସର ହସ୍‌ପିଟାଲ, କଟକ**

## ବୟସ୍କ ବ୍ୟକ୍ତି ଓ କର୍କଟ

କଥାରେ ଅଛି-କ୍ୟାନ୍‌ସର ନୋ ଆନ୍‌ସର। ବର୍ତ୍ତମାନ ଆମେ ସମ୍ମୁଖୀନ ହେଉଥିବା ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ମଧ୍ୟରୁ କ୍ୟାନ୍‌ସର ଅନ୍ୟତମ। ପ୍ରାରମ୍ଭିକ ସ୍ତରରେ ଏହାର ଚିକିତ୍ସା କରାଯାଇପାରିଲେ ଏଥିରୁ ଆରୋଗ୍ୟ ଲାଭର ସମ୍ଭାବନା ରହିଛି। ତେଣୁ ଏହାର ଲକ୍ଷଣ ବିଷୟରେ ଅବଗତ ହେବା ଜରୁରୀ। ଏକ ସର୍ଭେରୁ ଜଣାପଡିଛି, ଅଧିକାଂଶ ବୟସ୍କ ବ୍ୟକ୍ତି କ୍ୟାନ୍‌ସର ଦ୍ୱାରା ଆକ୍ରାନ୍ତ ହେଉଛନ୍ତି। କାଲିଫର୍ନିଆ ୟୁନିଭର୍ସିଟି ପକ୍ଷରୁ ହୋଇଥିବା ଏହି ସର୍ଭେ ପରିସରଭୁକ୍ତ ବୟସ୍କ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ସମସ୍ୟାଗୁଡିକୁ ତନ୍ନ ତନ୍ନ କରି ନିରୀକ୍ଷଣ କରାଯିବା ପରେ ଏଭଳି କଥା ସେମାନେ ଜାଣିପାରିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୩୦ ପ୍ରତିଶତ ବୟସ୍କ ବ୍ୟକ୍ତିଙ୍କଠାରେ କ୍ୟାନ୍‌ସର୍‌ର ପ୍ରାକ୍ ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଇତିହାସରେ...

ବର୍ତ୍ତମାନ ଚିକିତ୍ସା ବିଜ୍ଞାନରେ ଚିନ୍ତାର କାରଣ ସାଜିଥିବା ପ୍ରମୁଖ ରୋଗଗୁଡ଼ିକ ମଧ୍ୟରେ କ୍ୟାନ୍‌ସର ବା କର୍କଟ ଅନ୍ୟତମ। ତେବେ ଏହି ରୋଗର କାରଣ ଏବଂ ନିରାକରଣ ବିଷୟରେ ଜନସାଧାରଣମାନଙ୍କୁ ସଚେତନ କରାଇବା ଲାଗି ପ୍ରତିବର୍ଷ ଫେବୃୟାରୀ ୪ରେ 'ବିଶ୍ୱ କର୍କଟ ଦିବସ' ପାଳନ କରାଯାଇଥାଏ। ୨000 ମସିହାରେ କ୍ୟାନ୍‌ସର ପାଇଁ ଏକ ବିଶ୍ୱସ୍ତରୀୟ ସମ୍ମିଳନୀ ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ଅନୁଷ୍ଠିତ ହୋଇଥିଲା। ଏପରି ଆଲୋଚନାରେ ଅଂଶଗ୍ରହଣ କରି କ୍ୟାନ୍‌ସର ବିଶେଷଜ୍ଞମାନେ ଏହି ରୋଗ ଉପରେ ଚିନ୍ତା ପ୍ରକଟ କରିଥିଲେ। ତା'ସହ ଏହି ରୋଗ ବିଷୟରେ କିପରି ଜନସାଧାରଣ ସଚେତନ ହୋଇପାରିବେ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ସମ୍ମିଳନୀରେ ପ୍ରତିବର୍ଷ ଫେବୃୟାରୀ ୪ ତାରିଖକୁ 'ବିଶ୍ୱ କର୍କଟ ଦିବସ' ଭାବରେ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା।

## ଏ ବର୍ଷର ସ୍ଲୋଗାନ୍




ପ୍ରତିବର୍ଷ ଫେବୃୟାରୀ ୪ ତାରିଖକୁ ବିଶ୍ୱ କର୍କଟ ଦିବସ (ୱାର୍ଲ୍ଡ କ୍ୟାନ୍‌ସର ଡେ) ଭାବରେ ପାଳନ କରାଯାଇ ଆସୁଅଛି। ଚଳିତବର୍ଷ ଏହି ଦିବସ ଲାଗି ସ୍ଲୋଗାନ୍ ରହିଛି 'କ୍ଲୋଜ୍ ଦ କେୟାର ଗ୍ୟାପ୍' ଯତ୍ନରେ କୌଣସି ଅବହେଳା କରନ୍ତୁ ନାହିଁ । ଅର୍ଥାତ କ୍ୟାନ୍‌ସର ରୋଗୀ ପ୍ରତି ଯଥେଷ୍ଟ ଯତ୍ନବାନ୍ ହେବା ଜରୁରୀ। ଏହାର ଲକ୍ଷଣ ବିଷୟରେ ଜାଣିବା ପରେ ବିଳମ୍ବ ନ କରି ଅଭିଜ୍ଞ କ୍ୟାନ୍‌ସର ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ ଚିକିତ୍ସା କରାଇବା ଉଚିତ। ତା' ସହ ଡାକ୍ତରଙ୍କ ପରାମର୍ଶକୁ ଠିକ୍ ଭାବରେ ପାଳନ କରିବା ଦରକାର। ତେବେ ଜଣେ କ୍ୟାନ୍‌ସର ରୋଗୀର ଉପଯୁକ୍ତ ଚିକିତ୍ସା ହୋଇପାରିବ। ତେଣୁ ଏ ବର୍ଷ ସ୍ଲୋଗାନରେ ଜଣେ କ୍ୟାନ୍‌ସର ରୋଗୀର ଯତ୍ନକୁ ଆହୁରି ନିବିଡ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। କ୍ୟାନ୍‌ସର ପରି ମାରାତ୍ମକ ରୋଗ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ।






କ୍ୟାନ୍‌ସର ଏପରି ଏକ ରୋଗ, ଏହାର କବଳିତ ହେଲେ ତା'ର ଉପଯୁକ୍ତ ଚିକିତ୍ସା କରାଇବା ଦରକାର। ସାମାନ୍ୟ ଅବହେଳା ହେଲେ ତାହା ଗୁରୁତର ଆକାର ଧାରଣ କରିବା ସହ ଅକାଳ ମୃତ୍ୟୁକୁ ଡାକି ଆଣିଥାଏ। ବର୍ତ୍ତମାନ ପ୍ରାୟ ୧୦୦ ପ୍ରକାର କ୍ୟାନ୍‌ସର ରହିଛି ଏବଂ ଏହି ରୋଗ ଜଣଙ୍କ ଶରୀରର ଯେ କୌଣସି ଅଙ୍ଗକୁ ପ୍ରଭାବିତ କରିପାରେ। ପୁରୁଷଙ୍କଠାରେ ପ୍ରମୁଖ ଭାବରେ ପ୍ରୋଷ୍ଟେଟ କ୍ୟାନ୍‌ସର, ଲଙ୍ଗସ କ୍ୟାନ୍‌ସର ଏବଂ କୋଲୋରେକ୍ଟାଲ କ୍ୟାନ୍‌ସର ଦେଖାଯାଇଥାଏ। ଅନ୍ୟପକ୍ଷରେ ମହିଳାଙ୍କଠାରେ ବ୍ରେଷ୍ଟ କ୍ୟାନ୍‌ସର, ଲଙ୍ଗସ କ୍ୟାନ୍‌ସର ଏବଂ କୋଲୋରେକ୍ଟାଲ କ୍ୟାନ୍‌ସର ଅଧିକ ଦେଖିବାକୁ ମିଳିଥାଏ। ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ, କେବଳ ଆମେରିକାରେ ପାଖାପାଖି ୫୫ ପ୍ରତିଶତ ବୟସ୍କ ବ୍ୟକ୍ତି ଏହି ରୋଗ ଦ୍ୱାରା ପ୍ରତିବର୍ଷ ଆକ୍ରାନ୍ତ ହୋଇଥାଆନ୍ତି। ଆଉ ଏକ ଖାସ୍ କଥା ହେଲା ଯେ ବର୍ତ୍ତମାନ ସମଗ୍ର ବିଶ୍ୱରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଅନେକ ଲୋକ ମୃତ୍ୟୁବରଣ କରୁଛନ୍ତି। କିନ୍ତୁ ଏ କ୍ଷେତ୍ରରେ କ୍ୟାନ୍‌ସର ଆକ୍ରାନ୍ତଙ୍କ ମୃତ୍ୟୁ ସଂଖ୍ୟା ଦ୍ୱିତୀୟରେ ରହିଛି। ନିଶାଦ୍ରବ୍ୟ ସେବନ ଏହି ରୋଗର ପ୍ରମୁଖ କାରଣ। ତେଣୁ ଏଭଳି ଅଭ୍ୟାସକୁ ଯେତେ ସମ୍ଭବ ପରିତ୍ୟାଗ କରିବା ଦରକାର।

# ଭାରତରେ କର୍କଟ

ଭାରତରେ ପ୍ରତି ବର୍ଷ ୧୦ ଲକ୍ଷ ଲୋକ କର୍କଟ ରୋଗ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଏବଂ କେବଳ ସେତିକି ନୁହେଁ ୭ ଲକ୍ଷ କର୍କଟ ରୋଗୀ ରୋଗ ନିରୂପଣରେ ବିଳମ୍ବ ହେତୁ ଅକାଳ ମୃତ୍ୟୁବରଣ କରୁଛନ୍ତି । ଏହି ଉଦ୍‌ବେଗଜନକ ତଥ୍ୟଟି ପ୍ରକାଶ ପାଇଛି ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ମେଡିକାଲ ଜର୍ନାଲ ଲାନ୍‌ସେଟ୍‌ରେ । ଲାନ୍‌ସେଟର ଚଳିତ ସଂଖ୍ୟାଟି କ୍ୟାନ୍‌ସର ବା କର୍କଟ ରୋଗ ଉପରେ ଆଧାରିତ ଏବଂ ତହିଁରେ ଭାରତ, ଚାଇନା ଏବଂ ରୁଷିଆରେ କର୍କଟ ରୋଗର ସ୍ଥିତି ଉପରେ ଆଲୋଚନା କରାଯାଇଛି । ଭାରତରେ କର୍କଟ ରୋଗୀଙ୍କ ଉପରେ ପ୍ରକାଶିତ



ନିବନ୍ଧର ଲେଖକ ଦ୍ୱୟ ହେଉଛନ୍ତି ମୁମ୍ବାଇସ୍ଥିତ ଟାଟା ମେମୋରିଆଲ୍ ହସ୍‌ପିଟାଲର କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ପରମେଶ ଏବଂ ଲଣ୍ଡନର କିଙ୍ଗସ କଲେଜର ବିଶେଷଜ୍ଞ ଡାକ୍ତର ରିଚାର୍ଡ । ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି ଯେ, ଭାରତରେ କର୍କଟ ରୋଗର ନିରୂପଣ ଓ ନିରାକରଣ ଲାଗି ଯଦି ପର୍ଯ୍ୟାପ୍ତ ସଚେତନତାର ପ୍ରସାର କରା ନ ଯାଏ ଏବଂ ପଦକ୍ଷେପ ନିଆ ନ ଯାଏ, ତେବେ ୨୦୩୫ ସୁଦ୍ଧା ଏହି ସଂଖ୍ୟା ପ୍ରାୟ ଦୁଇ ଗୁଣିତ ହେବ ଏବଂ କର୍କଟ ରୋଗାକ୍ରାନ୍ତଙ୍କ ସଂଖ୍ୟା ୧୭ ଲକ୍ଷରେ ପହଞ୍ଚିବ । ସେଇ ସମୟରେ କର୍କଟ ରୋଗରେ ଅକାଳ ମୃତ୍ୟୁବରଣ କରୁଥିବା ଲୋକଙ୍କ ସଂଖ୍ୟା ୧୨ ଲକ୍ଷ ହୋଇଯିବ । ସେଇ ପତ୍ରିକାରେ ପୃଥିବୀର ୪୦ଜଣ କର୍କଟ ରୋଗ ବିଶେଷଜ୍ଞ ଭାରତ ସରକାରଙ୍କୁ ଅନୁରୋଧ କରି କହିଛନ୍ତି ଯେ, କର୍କଟ ରୋଗ ହେତୁ ଭାରତର ଅର୍ଥନୀତି ତଥା ସାମାଜିକ ଜୀବନ ଉପରେ ସୃଷ୍ଟି ହେଉଥିବା ଚାପର ମୁକାବିଲା ଲାଗି ଅଧିକରୁ ଅଧିକ ସଂଖ୍ୟକ କର୍କଟ ରୋଗ ଗବେଷଣା ପ୍ରତିଷ୍ଠାନ ଖୋଲାଯିବା ଦରକାର ।

ଅତ୍ୟଧିକ ଆମିଷ ଖାଦ୍ୟ, ଶାରୀରିକ ଶ୍ରମ ବିମୁଖତା ଓ ମୋଟାପଣ ଯୋଗୁ (୩୦-୩୫%) ମଧ୍ୟ କ୍ୟାନ୍‌ସର ହୋଇଥାଏ। ଅତ୍ୟଧିକ ଲୁଣ ସେବନ କଲେ ପାକସ୍ଥଳୀ କ୍ୟାନ୍‌ସର ହୁଏ। ଜାପାନରେ ପାକସ୍ଥଳୀ କ୍ୟାନ୍‌ସର ଓ ଯୁକ୍ତରାଷ୍ଟ୍ର ଆମେରିକାରେ ଖାଦ୍ୟନଳୀ (ବୃହଦାନ୍ତ୍ର) କ୍ୟାନ୍‌ସର ଅତ୍ୟଧିକ ଲୁଣ ସେବନ ଯୋଗୁ ହୋଇଥାଏ। ଖାଦ୍ୟ ପଦାର୍ଥ ଆଫ୍‌ଲାଟକ୍ସିନ୍ ଦ୍ୱାରା ଆକ୍ରାନ୍ତ ହେଲେ ଲିଭର କ୍ୟାନ୍‌ସର ହୁଏ ଓ ପାନ ଖାଇଲେ ମୁଖଗହ୍ୱର କ୍ୟାନ୍‌ସର ହୁଏ। ବିଭିନ୍ନ ଭୂତାଣୁ ଦ୍ୱାରା ମଧ୍ୟ କ୍ୟାନ୍‌ସର ହୋଇଥାଏ। ମହିଳାମାନଙ୍କର ହ୍ୟୁମାନ୍ ପେପିଲୋମା ଭୂତାଣୁ ଜନନେନ୍ଦ୍ରିୟ କ୍ୟାନ୍‌ସରର କାରଣ। ଏବଷ୍ଟିନ୍ ବାର ଭୂତାଣୁ ଲିମ୍ଫୋମା ଓ ନାକ ଏବଂ ଖାଦ୍ୟନଳୀ କ୍ୟାନ୍‌ସର କରେ। ହେପାଟାଇଟିସ୍ ବି ଭୂତାଣୁ ଲିଭର କ୍ୟାନ୍‌ସରର ମୁଖ୍ୟ କାରଣ। ହେପାଟାଇଟିସ୍ ସି ମଧ୍ୟ ଯକୃତ କ୍ୟାନ୍‌ସର କରେ। ହେଲିକୋ ବ୍ୟାକ୍ଟର ପାଇଲୋରି ଜୀବାଣୁ ପାକସ୍ଥଳୀ କ୍ୟାନ୍‌ସର କରେ। ସିଷ୍ଟୋସୋମା ଓ ଯକୃତ ଫ୍ଲୁକ୍ ଯଥାକ୍ରମେ ପରିସ୍ରା ଥଳି କ୍ୟାନ୍‌ସର ଓ କୋଲାଞ୍ଜିଓକାର୍ସିନୋମା କରନ୍ତି। ଆଣବିକ ବିକୀରଣ (୧୦%) ମଧ୍ୟ କ୍ୟାନ୍‌ସର ରୋଗର ଅନ୍ୟ ଏକ କାରଣ।

ଏକ ଅନୁଧ୍ୟାନରୁ ଜଣାଯାଏ ଯେ, ଏ ପର୍ଯ୍ୟନ୍ତ ଭାରତର କର୍କଟ ରୋଗାକ୍ରାନ୍ତଙ୍କ ସଂଖ୍ୟା ଯୁକ୍ତରାଷ୍ଟ୍ର ଆମେରିକା ବା ପାଶ୍ଚାତ୍ୟ ଦେଶଗୁଡ଼ିକ ତୁଳନାରେ କମ୍ ରହିଛି, କିନ୍ତୁ ଏହି ରୋଗ ଦ୍ୱାରା ଅକାଳରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ସଂଖ୍ୟାକୁ ବିଚାର କଲେ ଭାରତ ପଛରେ ନାହିଁ । ଯୁକ୍ତରାଷ୍ଟ୍ର ଆମେରିକାରେ କର୍କଟ ରୋଗୀମାନଙ୍କ ଭିତରୁ ୬୦ ପ୍ରତିଶତ ରୋଗ ନିରୂପଣ ହେବା ପରେ ହାରାହାରି ପାଞ୍ଚବର୍ଷ ବଞ୍ଚିପାରୁଥିବା ବେଳେ ଭାରତରେ କେବଳ ୩୦ ପ୍ରତିଶତ ରୋଗ ନିରୂପରଣ ହେବା ପରେ ଆଉ ଅଧିକ ୫ ବର୍ଷ ବଞ୍ଚିବାର ସୁଯୋଗ ପାଉଛନ୍ତି । ଭାରତରେ ରୋଗ ନିରୂପଣରେ ବିଳମ୍ବର ମୁଖ୍ୟ କାରଣ ହେଲା, ଏଠାରେ ୯୨ ପ୍ରତିଶତ ରୋଗୀ ପ୍ରାଥମିକ ଅବସ୍ଥାରେ ଯେଉଁ ଡାକ୍ତର ବା ଚିକିତ୍ସକମାନଙ୍କ ପାଖକୁ ଯାଆନ୍ତି, ସେମାନେ କ୍ୟାନ୍‌ସର ରୋଗ ଚିହ୍ନିବାକୁ ଅକ୍ଷମ । ସେଥିପାଇଁ ଗ୍ରାମାଞ୍ଚଳର କର୍କଟ ରୋଗୀଙ୍କ ଭିତରୁ ୯୦ ପ୍ରତିଶତ ରୋଗ ନିରୂପଣ ହେବାର ଅତି କମ୍ ଦିନ ଭିତରେ ମୃତ୍ୟୁମୁଖରେ ପଡ଼ନ୍ତି ।

**-ଡା. ପ୍ରଫୁଲ୍ଲ କୁମାର ଦାସ**
କନ୍‌ସଲଟାଣ୍ଟ ରେଡିଓଲୋଜିଷ୍ଟ, ଏମ୍‌ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ, ମୋ:୯୪୩୭୦୨୩୪୪୩



# ୨ ଡେପୁଟି ସେକ୍ରେଟାରିଙ୍କୁ ଯୁଗ୍ମ ସଚିବ ପାହ୍ୟାକୁ ପଦୋନ୍ନତି

ଭୁବନେଶ୍ୱର,୩।୨(ବ୍ୟୁରୋ)

ରାଜ୍ୟ ସରକାର ୨ଜଣ ଡେପୁଟି ସେକ୍ରେଟାରିଙ୍କୁ ଯୁଗ୍ମ ସଚିବ ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି। ଏ ନେଇ ଗୁରୁବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଡେପୁଟି ସେକ୍ରେଟାରି ବ୍ରଜ କିଶୋର ଗିରି ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଡେପୁଟି ସେକ୍ରେଟାରି ପ୍ରଶାନ୍ତ କିଶୋର ଆଚାର୍ଯ୍ୟଙ୍କୁ ଯୁଗ୍ମ ସଚିବ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ପଦୋନ୍ନତି ପରେ ଗିରିଙ୍କୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ବିଭାଗର ଯୁଗ୍ମ ସଚିବ ଭାବେ ବଦଳି କରାଯାଇଥିବା ବେଳେ ଆଚାର୍ଯ୍ୟଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗକୁ ବଦଳି କରାଯାଇଛି। ସେହିପରି ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗର ଗୋଟିଏ ଖାଲି ଡେପୁଟି ସେକ୍ରେଟାରି ପଦବୀକୁ ଅସ୍ଥାୟୀ ଭାବେ ସମବାୟ ବିଭାଗକୁ ସ୍ଥାନାନ୍ତର କରାଯାଇଛି। ସେହି ପଦବୀରେ ଦିଲୀପ କୁମାର ମହାନ୍ତିଙ୍କୁ ଡେପୁଟି ସେକ୍ରେଟାରି ଭାବେ ତାଙ୍କ ଅବସର ସମୟ ୨୦୨୨ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ନିଯୁକ୍ତି ଦିଆଯାଇଛି।

# ଦିବ୍ୟାଙ୍ଗଙ୍କୁ ଧକ୍କାଦେଲା ଟ୍ରକ୍, ଘଟଣାସ୍ଥଳରେ ମୃତ୍ୟୁ

ସୁନାବେଡ଼ା, ସେମିଳିଗୁଡ଼ା,୩।୨ (ସ୍ୱ.ପ୍ର.)

ସୁନାବେଡ଼ା ଥାନା ଅଧୀନ ସେମିଳିଗୁଡ଼ା ବଜାରର ଟ୍ରାଫିକ୍ ଛକ ନିକଟରେ ଏକ ଟ୍ରକ୍ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଦିବ୍ୟାଙ୍ଗଙ୍କ ମୃତ୍ୟୁ ହୋଇଯାଇଛି। ସେ ହେଲେ ତେଲେଙ୍ଗା ସାହି ଅଞ୍ଚଳର ଜି.ନାଗେଶ୍ୱର ରାଓ(୪୮)। ପୋଲିସ ଟ୍ରକ୍ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନାନୁଯାୟୀ, ଗୁରୁବାର ଅପରାହ୍ଣ ୨ଟାରେ ଜି.ନାଗେଶ୍ୱର ରାଓ କୌଣସି କାମରେ ଘରୁ ବାହାରି ଚାଲି ଚାଲି ଯାଉଥିଲେ। ଟ୍ରାଫିକ୍ ଛକ ନିକଟରେ ଏକ ୧୨ଚକିଆ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ନାଗେଶ୍ୱରଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ସୁନାବେଡ଼ା ଥାନା ଏଏସ୍ଆଇ ବାଳକୃଷ୍ଣ ରଥ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ଲାଗି ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ପଠାଇଥିଲେ। ପୋଲିସ ଟ୍ରକ୍ ଜବତକରି ସୁନାବେଡ଼ା ଥାନାରେ ୧୬/୨୨ରେ ଏକ ମାମଲା ରୁଜୁ କରିଛି। ଡ୍ରାଇଭରକୁ ଅଟକ ରଖି ପଚରାଉଚରା ଚାଲିଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

# ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

No. RDM-LAA-MBJ-0048-2021-28352/R&DM Dated: 18 Sep. 2021

No. XXI-126: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ଶାଖା କେନାଲ, ପିଙ୍ଗୁଳି ମାଇନର, କରଞ୍ଜପଡ଼ା ମାଇନର ଏବଂ ବଇଁଚା ମାଇନର ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା: କରଞ୍ଜପଡ଼ା, ଥାନା: ମୋରଡ଼ା ନଂ. ୧୨୬, ତହସିଲ: ରାସଗୋବିନ୍ଦପୁର, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୩୮.୬୭ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ଵାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ଶାଖା କେନାଲ ପିଙ୍ଗୁଳି ମାଇନର, କରଞ୍ଜପଡ଼ା ମାଇନର ଏବଂ ବଇଁଚା ମାଇନର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ଜାମ୍ବିରା କେନାଲ ଡିଭିଜନ, ମୋରଡ଼ା, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ ଜିଲ୍ଲାପାଳ, ବାରିପଦା, ମୟୂରଭଞ୍ଜ।
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ରାସଗୋବିନ୍ଦପୁର | କରଞ୍ଜପଡ଼ା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୧୬୪.୦୦ | ଏ.୩୮.୬୭ | ଏଥିସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୧.୨୦ ସଂରକ୍ଷିତ ସରକାରୀ ଓ ଦେବସ୍ଥଳୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./– ଅଭୟ କୁମାର ନାୟକ**
**ଅତିରିକ୍ତ ଶାସନ ସଚିବ**

### ଭୂମି ଅନୁସୂଚୀ

ଭୂ-ଅର୍ଜନ ମାମଲା ସଂଖ୍ୟା – ୬୦/୨୦୧୮
ଏ.୩୮.୬୭ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ଶାଖା କେନାଲ, ପିଙ୍ଗୁଳି ମାଇନର, କରଞ୍ଜପଡ଼ା ମାଇନର ଏବଂ ବଇଁଚା ମାଇନର ନିମନ୍ତେ ମୌଜା: କରଞ୍ଜପଡ଼ା, ଥାନା: ମୋରଡ଼ା ନଂ. – ୧୨୬, ତହସିଲ: ରାସଗୋବିନ୍ଦପୁର, ଜିଲ୍ଲା: ମୟୂରଭଞ୍ଜ**

| ଖାତା ନଂ. ଏବଂ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | ୧୬୧ | ୦.୬୪ | ୦.୧୦ | ଡାହି ଦୁଇ | ଅର୍ଜୁନ ମାଝୀ, ଲକ୍ଷଣ ମାଝୀ, ପିଥ ମାଝୀ, ପି.– ପଞ୍ଚୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୫ | ୮୮୬ | ୧.୦୮ | ୦.୧୦ | ଶାରଦ ତିନି | ଶ୍ରୀଭୁତେଶ୍ୱର ମହାଦେବ ବିଜେ ନିଜଗାଁ ମାର୍ଫତ ସମସ୍ତ ଗ୍ରାମବାସୀ ପକ୍ଷେ ଶ୍ରୀଈଶ୍ୱର ଚନ୍ଦ୍ର ମହାନ୍ତି, ପି.– ଶ୍ରୀଧର ମହାନ୍ତି, ଜା: କରଣ, ବା: ନିଜଗାଁ |
| ୭ | ୫୦ | ୧.୩୦ | ୦.୪୨ | ଡାହି ଦୁଇ | ଉଦୟ ମାଝୀ, ପି.– ବଡ଼ ଲକ୍ଷ୍ମଣ ମାଝୀ, ଲକ୍ଷ୍ମଣ ମାଝୀ, ପି.– ଫାଗୁ ମାଝୀ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| ୮ | ୮୪୯ | ୦.୧୦ | ୦.୦୬ | ଶାରଦ ଦୁଇ | ଅଞ୍ଜନା ପଟ୍ଟନାୟକ, ସ୍ୱା.– ଅନୀଲ କୁମାର ପଟ୍ଟନାୟକ, ଜା: କରଣ, ବା: ନିଜଗାଁ |
| | ୮୯୯ | ୦.୦୮ | ୦.୦୨ | ଶାରଦ ତିନି | |
| ୯ | ୫୮ | ୦.୪୬ | ୦.୨୧ | ଡାହି ଦୁଇ | କମଳା ମାଝୀ, ମଙ୍ଗଳା ମାଝୀ, ପି.– ଭୁଣ୍ଡା ମାଝୀ, କାଦେ ମାଝୀ, ପି.– ସାନକନ୍ଦା ମାଝୀ, ଗୁହିନ ମାଝୀ, ପି.– ରୁପେଇ ମାଝୀ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| ୧୧ | ୨୩ | ୨.୬୮ | ୦.୭୪ | ଡାହି ଦୁଇ | କନ୍ଦା ମାଝୀ, ସୁରାଇ ମାଝୀ, ପି.– ଭୁଲା ମାଝୀ, ଫୁଦାନ ମାଝୀ, ପି.– ବାନୁ ମାଝୀ, ରେଣ୍ଟା ମାଝୀ, ପି.– ରାଜନ ମାଝୀ, ଜା: ସାନ୍ତାଳ, ବା: ଶାଳଡିହା |
| ୧୫ | ୨୯୮ | ୩.୩୦ | ୦.୭୪ | ଡାହି ଦୁଇ | କାହ୍ନୁ ମାଝୀ, ଲକ୍ଷଣ ମାଝୀ, ପି.– ଭୁଆ ମାଝୀ, ଲୁଷ୍ବୁ ମାଝୀ, ପି.– ପୁଥୁ ମାଝୀ, ପୁଥୁ ମାଝୀ, ଜିତା ମାଝୀ, ପି.– ହଗା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୨୯୯ | ୨.୦୫ | ୦.୪୧ | ଡାହି ଦୁଇ | |
| | ୩୦୪ | ୧.୫୨ | ୦.୪୦ | ଡାହି ଦୁଇ | |
| | ୩୦୫ | ୧.୦୭ | ୦.୧୮ | ଡାହି ଦୁଇ | |
| | ୩୦୭ | ୩.୬୮ | ୦.୪୮ | ଡାହି ଦୁଇ | |
| | ୩୦୮ | ୪.୬୭ | ୦.୬୦ | ଡାହି ଦୁଇ | |
| ୧୬ | ୪୯୪ | ୦.୩୦ | ୦.୦୭ | ଡାହି ଦୁଇ | କିଶୁନ ମାଝୀ, ଧୁମା ମାଝୀ, ପି.– ଶ୍ରୀରାମ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୮୯୬ | ୦.୪୨ | ୦.୦୩ | ଶାରଦ ତିନି | |
| | ୧୧୯୬ | ୦.୭୬ | ୦.୧୮ | ଶାରଦ ଦୁଇ | |
| | ୧୨୦୧ | ୦.୬୮ | ୦.୦୧ | ଶାରଦ ଦୁଇ | |
| ୧୮ | ୧୨୦ | ୧.୧୭ | ୦.୨୫ | ଡାହି ଦୁଇ | କିଶୁନ ମାଝୀ, ପି.– ଜହ୍ନୁ ମାଝୀ, ଦୁର୍ଗା ମାଝୀ, ପି.– ବିକ୍ରମ ମାଝୀ, ଫୁଲମଣୀ ମାଝୀ, ସ୍ୱା.– ବିକ୍ରମ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୧୮୧ | ୧.୯୦ | ୦.୩୮ | ଡାହି ଦୁଇ | |
| ୨୦ | ୧୬୨ | ୦.୯୪ | ୦.୨୨ | ଡାହି ଦୁଇ | କୁନ୍ଦି ମାଝୀ, ପକ ମାଝୀ, ବାସି ମାଝୀ, ପି.– ପଟିଆ ମାଝୀ, ହୁଡିଙ୍ଗି ମାଝୀ, ଡୁକୁଲ ମାଝୀ, ସୁକୁଲ ମାଝୀ, ପି.– ଥରପ ମାଝୀ, ସୁରେନ୍ଦ୍ର ମାଝୀ, ପି.– ସାଙ୍ଗେଇ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୨୫୬ | ୧.୩୭ | ୦.୦୧ | ଡାହି ଦୁଇ | |
| | ୨୫୬/ ୧୩୪୩ | ୧.୧୨ | ୦.୧୬ | ଡାହି ଦୁଇ | |
| ୨୩ | ୧୨୦୪ | ୦.୬୪ | ୦.୧୩ | ଶାରଦ ଦୁଇ | ଗୟାମଣି ପାତ୍ର, ପି.– ବଇଦୀ ପାତ୍ର, ଜା: ପାଟରା, ବା: ଭୁରୁଡୁବଣି |
| ୨୭ | ୮୩୯ | ୦.୩୧ | ୦.୧୨ | ଶାରଦ ଦୁଇ | ଗଣେଶ୍ୱର ଭୂୟାଁ, କହ୍ନେଇ ଭୂୟାଁ, ପି.– ନାକଫୁଡ଼ି ଭୂୟାଁ, ଜା: ରାଜୁ, ବା: ନିଜଗାଁ |
| | ୮୪୩ | ୦.୧୫ | ୦.୧୧ | ଶାରଦ ଦୁଇ | |
| | ୮୫୧ | ୦.୨୧ | ୦.୦୮ | ଶାରଦ ଦୁଇ | |
| ୩୦ | ୨୮ | ୩.୯୦ | ୦.୨୮ | ଶାରଦ ଦୁଇ | ଗୁରୁଭା ମାଝୀ, ଆଇତୁ ମାଝୀ, ଲକ୍ଷଣା ମାଝୀ, କାମ ମାଝୀ, ପି.– ଭୁରୁଙ୍ଗା ମାଝୀ, ଚାନ୍ଦରାଏ ମାଝୀ, ପି.– ସୁନା ମାଝୀ, ଜା: ସାନ୍ତାଳ, ବା: ଠକରାପାଳ |
| ୩୧ | ୪୨ | ୨.୧୦ | ୧.୯୧ | ଡାହି ଦୁଇ | ଗୁହିନ ମାଝୀ, ପି.– ରୁପାଇ ମାଝୀ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| | ୫୭ | ୦.୮୮ | ୦.୨୮ | ଡାହି ଦୁଇ | |
| ୩୩ | ୮୯୫ | ୦.୭୪ | ୦.୨୨ | ଶାରଦ ତିନି | ଚକ୍ରଧର ସେନାପତି, ପି.– ଭାଗବତ ସେନାପତି, ଜା: ପାଟରା, ବା: ନିଜଗାଁ |
| ୩୪ | ୨୯୧ | ୪.୫୦ | ୨.୮୦ | ଡାହି ଦୁଇ | ଚନ୍ଦ୍ର ମୋହନ ମାଝୀ, ପି.– ଧନାଇ ମାଝୀ, ସୁରାଇ ମାଝୀ, ଲୁନ୍ଦରା ମାଝୀ, ପି.– ରାମାଇ ମାଝୀ, ଜା: ସାନ୍ତାଳ, ବା: ଠକରାପାଳ |
| ୩୬ | ୨୯୦ | ୪.୫୦ | ୧.୩୨ | ଡାହି ଦୁଇ | ଚରପେ ମାଝୀ, ପି.– ଧନୁ ମାଝୀ, ଗୁହିଆ ମାଝୀ, ମାଙ୍ଗତ ମାଝୀ, ଗୟ ମାଝୀ, ପି.– ଚୈତନ ମାଝୀ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| ୫୦ | ୮୫୯ | ୦.୧୭ | ୦.୦୬ | ଶାରଦ ଦୁଇ | ଯତିନ୍ଦ୍ର ବାରିକ, ପି.– ହରି ବାରିକ, ଜା: ଭଣ୍ଡାରୀ, ବା: ନିଜଗାଁ |
| ୫୨ | ୧୭୦ | ୨.୯୬ | ୦.୨୬ | ଡାହି ଦୁଇ | ଯଦୁନାଥ ଦତ୍ତ, ଶାମ ଦତ୍ତ, ରାମଚନ୍ଦ୍ର ଦତ୍ତ, ପି.– ଦିନୁ ଦତ୍ତ, ଯୁଯେଷ୍ଟି ଦତ୍ତ, ପି.– ପଦୁ ଦତ୍ତ, ଜା: ରାଜୁ, ବା: ନିଜଗାଁ |
| | ୯୭୪ | ୧.୦୨ | ୦.୪୨ | ଶାରଦ ତିନି | |
| ୫୫ | ୯୬୯ | ୦.୫୦ | ୦.୧୨ | ଶାରଦ ତିନି | ଯୁଧିଷ୍ଠିର ଦତ୍ତ, ପି.– ପଦ୍ମଲୋଚନ ଦତ୍ତ, ସମନାଥ ଦତ୍ତ, ରାମଚନ୍ଦ୍ର ଦତ୍ତ, ପି.– ଦୀନବନ୍ଧୁ ଦତ୍ତ, ଜା: ରାଜୁ ବା: ନିଜଗାଁ |
| | ୯୭୬ | ୦.୪୦ | ୦.୦୪ | ଶାରଦ ତିନି | |
| ୫୭ | ୪୩ | ୧.୪୮ | ୦.୨୬ | ଡାହି ଦୁଇ | ଜେକା ମାଝୀ, ପି.– ଦାଡମା ମାଝୀ, କେଲେ ମାଝୀ, ପି.– ବୁଢ଼ଣ ମାଝୀ, ଜା: ସାନ୍ତାଳ, ବା: ଭୋଲାଗଡ଼ିଆ |
| ୬୦ | ୧୩୪ | ୧.୦୪ | ୦.୧୭ | ଡାହି ଦୁଇ | ଠିମୁ ମାଝୀ, ପି.– ମରା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୨୨୧ | ୦.୫୦ | ୦.୦୧ | ଡାହି ଦୁଇ | |
| ୬୫ | ୧୧୯ | ୧.୭୬ | ୦.୨୯ | ଡାହି ଦୁଇ | ଡିଣୀ ମାଝୀ, ବୁବୁ ମାଝୀ, ପି.– ବାର୍ଷା ମାଝୀ, ବାଙ୍ଗି ମାଝୀ, ସ୍ୱା.– ପୀଥ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୧୩୩ | ୦.୮୦ | ୦.୨୭ | ଡାହି ଦୁଇ | |
| ୭୫ | ୯୫୪ | ୦.୧୭ | ୦.୦୨ | ଶାରଦ ଦୁଇ | ଧନୁ ମାଝୀ, ପି.– ଲେଦା ମାଝୀ, ରାଇସନ ମାଝୀ, ପି.– କୁଝାଇ ମାଝୀ, ଘନ ମାଝୀ, ପି.– ଚରଣ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୭୯ | ୪୦୩ | ୧.୧୩ | ୦.୩୬ | ଡାହି ଦୁଇ | ନରେନ୍ଦ୍ର ମହାନ୍ତି, ଦେବେନ୍ଦ୍ର ମହାନ୍ତି, ପି.– କୁବେର ଚରଣ ମହାନ୍ତି, ବୁଧି ମହାନ୍ତି, ସୁରେନ୍ଦ୍ର ମହାନ୍ତି, ଶ୍ରୀଧର ମହାନ୍ତି, ଈଶ୍ୱର ଚନ୍ଦ୍ର ମହାନ୍ତି, ପି.– ଦୀନବନ୍ଧୁ ମହାନ୍ତି, ଜା: କରଣ, ବା: ନିଜଗାଁ |
| ୮୦ | ୨୧ | ୦.୬୮ | ୦.୨୮ | ଡାହି ଦୁଇ | ନାଙ୍ଗି ମାଝୀ, ପି.– ତଳ ମାଝୀ, ଜା: ସାନ୍ତାଳ, ବା: ଉଦାଳିପାଳ |
| ୯୩ | ୮୬୦ | ୦.୦୮ | ୦.୦୬ | ଶାରଦ ଦୁଇ | ପାଟ ପରିଡ଼ା, ସ୍ୱା.– ନିରଞ୍ଜନ ପରିଡ଼ା, ଜଙ୍ଗେଶ୍ୱର ପରିଡ଼ା, ଜନାର୍ଦ୍ଦନ ପରିଡ଼ା, ପି.– ସନ୍ୟାସି ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୯୬ | ୮୪୨ | ୦.୧୪ | ୦.୦୮ | ଶାରଦ ଦୁଇ | ପ୍ରାଣକୃଷ୍ଣ ମହାନ୍ତି, ପି.– ବଂଶୀଧର ମହାନ୍ତି, ଜା: କରଣ, ବା: ନିଜଗାଁ |
| | ୮୫୦ | ୦.୦୨ | ୦.୦୨ | ଶାରଦ ଦୁଇ | |
| ୧୦୨ | ୧୧୮ | ୧.୬୬ | ୦.୪୧ | ଡାହି ଦୁଇ | ବସନ୍ତ ଦାସ, ଅନନ୍ତ କୁମାର ଦାସ, ପି.– ଶ୍ରୀବତ୍ସ ଦାସ, ଶ୍ରୀକାନ୍ତ ଦାସ, ଜତିନ୍ଦ୍ର ଦାସ, ପି.– ପ୍ରତାପ ଦାସ, ଆସାମଣି ଦାସ, ସ୍ୱା.– ଶ୍ରୀବତ୍ସ ଦାସ, ଜା: କରଣ, ବା: ନିଜଗାଁ |
| | ୧୨୪ | ୧.୦୭ | ୦.୦୭ | ଡାହି ଦୁଇ | |
| | ୧୫୦ | ୧.୧୫ | ୦.୧୬ | ଡାହି ଦୁଇ | |
| | ୧୬୦ | ୧.୩୪ | ୦.୧୦ | ଡାହି ଦୁଇ | |
| ୧୦୪ | ୧୭ | ୨.୧୨ | ୦.୮୧ | ଡାହି ଦୁଇ | ବାଘରାଏ ମାଝୀ, ପି.– ହାମାୟ ମାଝୀ, କାଳିଆ ମାଝୀ, ପି.– ବୁଢ଼ାଣ ମାଝୀ, ଜା: ସାନ୍ତାଳ, ବା: ଉଦାଳିପାଳ |
| ୧୦୫ | ୧୩୬ | ୧.୯୮ | ୦.୨୮ | ଡାହି ଦୁଇ | ବାଲୁନ ମାଝୀ, ପି.– ନେତା ମାଝୀ, ଜା: ସାନ୍ତାଳ, ବା: କୁଚିଆଶୁଳ |
| ୧୦୬ | ୧୫୯ | ୦.୪୬ | ୦.୨୨ | ଡାହି ଦୁଇ | ବାଲୁନ ମାଝୀ, ପି.– ସାନ ଅନନ୍ତା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୨୫୮ | ୦.୩୬ | ୦.୩୬ | ଡାହି ଦୁଇ | |
| ୧୦୯ | ୮୪୪ | ୦.୦୯ | ୦.୦୧ | ଶାରଦ ଦୁଇ | ବିଶାକର ମହାନ୍ତି, ରତ୍ନାକର ମହାନ୍ତି, ପି.– ପର୍ଶୁରାମ ମହାନ୍ତି, ଜା: କରଣ, ବା: ନିଜଗାଁ |
| ୧୧୦ | ୧୬ | ୦.୪୮ | ୦.୧୨ | ଡାହି ଦୁଇ | ବୁଢ଼ା ମାଝୀ, ପି.– ଧନୁ ମାଝୀ, ଜା: ସାନ୍ତାଳ, ବା: ଖଣ୍ଡିଖାଳ |
| ୧୧୧ | ୬୦ | ୧.୧୬ | ୦.୧୮ | ଡାହି ଦୁଇ | ବୁଢ଼ା ମାଝୀ, ପି.– ଗେଲା ମାଝୀ, ଜା: ସାନ୍ତାଳ, ବା: ଭୋଲାଗଡ଼ିଆ |
| ୧୧୨ | ୯୧ | ୦.୨୧ | ୦.୦୬ | ଡାହି ଦୁଇ | ବୁଢ଼ା ମାଝୀ, ସୁରାଇ ମାଝୀ, ପନା ମାଝୀ, ପି.– ଖେଲା ମାଝୀ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| ୧୧୯ | ୧୧୧୮ | ୧.୫୨ | ୦.୦୨ | ଶାରଦ ଦୁଇ | ବୈଦ୍ୟନାଥ ଦାସ, ପି.– ସାଧୁ ଚରଣ ଦାସ, ଜା: ସୁଣ୍ଢି, ବା: ଚମ୍ପାଖୁଣ୍ଟା |
| ୧୨୦ | ୧୯୬ | ୦.୮୮ | ୦.୦୮ | ଡାହି ଦୁଇ | ଭଟ ମାଝୀ, ପି.– କାନ୍ଦଣା ମାଝୀ, ବଡ଼ ଲକ୍ଷ୍ମଣ ମାଝୀ, ଗୋବିନ୍ଦ ମାଝୀ, କାଦୁ ମାଝୀ, ପି.– ହଗା ମାଝୀ, ଦୁଲୁଗୁ ମାଝୀ, ଡୁମଣୀ ମାଝୀ, ପି.– ଠୁମ୍ପୁ ମାଝୀ, ବାଟୁ ମାଝୀ, ପି.– କନ୍ଦା ମାଝୀ, ଲକ୍ଷ୍ମଣ ମାଝୀ, କରଣ ମାଝୀ, ପି.– ପିଲୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୨୨୫ | ୧.୨୬ | ୦.୨୨ | ଡାହି ଦୁଇ | |
| | ୨୩୦ | ୩.୮୭ | ୦.୨୪ | ଡାହି ଦୁଇ | |
| ୧୨୧ | ୨୫୯ | ୦.୬୬ | ୦.୧୪ | ଡାହି ଦୁଇ | ଭାଗବତ ସେନାପତି, ପି.– ରାମ ସେନାପତି, ଜା: ପାଟରା, ବା: ନିଜଗାଁ |
| ୧୨୩ | ୧୨୦୨ | ୦.୮୨ | ୦.୧୪ | ଶାରଦ ଦୁଇ | ଭୀମସେନ ସେଠୀ, ରାମଚନ୍ଦ୍ର ସେଠୀ, ପି.– ହରି ସେଠୀ, ଜା: ଧୋବା, ବା: ନିଜଗାଁ |
| ୧୨୫ | ୧୧୯୯ | ୦.୩୬ | ୦.୦୩ | ଶାରଦ ଦୁଇ | ଭୁଟୁ ମାଝୀ, ଛାଆଲ ମାଝୀ, ପି.– ସିଦ୍ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୨୬ | ୧୩୧ | ୧.୮୨ | ୦.୩୭ | ଡାହି ଦୁଇ | ଭୁଟୁ ମାଝୀ, ଛାଲ ମାଝୀ, ପି.– ସିଦ ମାଝୀ, ସାନ ମଦନ ମାଝୀ, ଗୋବିନ୍ଦ ମାଝୀ, ପି.– କୃପା ମାଝୀ, ଦାସ ମାଝୀ, ଲସକୁ ମାଝୀ, ମାନ ସିଂ ମାଝୀ, ପି.– ଚୁନୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୧୪୯ | ୩.୫୧ | ୦.୬୨ | ଡାହି ଦୁଇ | |
| | ୨୪୯ | ୧.୪୬ | ୦.୭୨ | ଡାହି ଦୁଇ | |
| | ୨୫୦ | ୧.୩୬ | ୦.୯୦ | ଡାହି ଦୁଇ | |
| | ୧୧୯୭ | ୦.୦୮ | ୦.୦୧ | ଶାରଦ ଦୁଇ | |
| ୧୨୭ | ୮୯ | ୧.୮୧ | ୦.୦୨ | ଡାହି ଦୁଇ | ଭୋଟା ମାଝୀ, ଜଗା ମାଝୀ, ପି.– ଟୁଣିଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୨୮ | ୧୩୭ | ୦.୨୫ | ୦.୧୦ | ଡାହି ଦୁଇ | ମଙ୍ଗଳା ମାଝୀ, ପି.– ମେନା ମାଝୀ, ତୋଫା ମାଝୀ, ପି.– ନବୀନ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୩୨୨ | ୨.୦୨ | ୦.୦୧ | ଡାହି ଦୁଇ | |
| ୧୩୨ | ୯୪୯ | ୦.୪୦ | ୦.୨୨ | ଶାରଦ ତିନି | ମଦନ ମାଝୀ, ଲସ ମାଝୀ, ପି.– କ୍ରିପା ମାଝୀ, ଦାସ ମାଝୀ, ଲୁସ୍କୁ ମାଝୀ, ମାନସିଂ ମାଝୀ, ପି.– ଚୁନୁ ମାଝୀ, ରାମ ମାଝୀ, ପି.– ଗୋବିନ୍ଦ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୩୩ | ୯୫୦ | ୦.୫୧ | ୦.୨୦ | ଶାରଦ ତିନି | ସାନ ମଦନ ମାଝୀ, ଗୋବିନ୍ଦ ମାଝୀ, ପି.– କୃପା ମାଝୀ, ଦାସ ମାଝୀ, ଲୁସ୍କୁ ମାଝୀ, ମାନସିଂ ମାଝୀ, ପି.– ଚୁନୁକୁ ମାଝୀ, ରାମ ମାଝୀ, ପି.– ଗୋବିନ୍ଦ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୪୦ | ୯୦ | ୧.୨୦ | ୦.୪୨ | ଡାହି ଦୁଇ | ମାତୀଡି ମାଝୀ, ରାଣୀ ମାଝୀ, ରାଗ ମାଝୀ, ବାରୀ ମାଝୀ, ମାନକ ମାଝୀ, ପି.– ରେଣ୍ଟା ମାଝୀ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| ୧୪୨ | ୮୮୭ | ୦.୧୬ | ୦.୧୦ | ଶାରଦ ତିନି | ମାଧବାନନ୍ଦ ଦାସ, ପି.– କାହ୍ନୁ ଚରଣ ଦାସ, ଜା: ମଣ୍ଡଳ, ବା: ଚମ୍ପାଖୁଣ୍ଟା |
| ୧୫୩ | ୫୧ | ୨.୫୨ | ୦.୭୦ | ଡାହି ଦୁଇ | ରହେମତ ମାଝୀ, ସ୍ୱା.– ପାଲୁ ମାଝୀ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ, ଖାତା ରୟତ ନିଅଂଶ ମୃତପକ୍ଷେ ଜବର ଦଖଲ ବା: ଚରପେ ମାଝୀ, ପି.– ଧନୁ ମାଝୀ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| ୧୫୬ | ୧୨୦୦ | ୦.୨୬ | ୦.୧୮ | ଶାରଦ ଦୁଇ | ରାମ ମାଝୀ, ପି.– ଗୋବିନ୍ଦ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୫୮ | ୧୨୩ | ୧.୧୨ | ୦.୧୨ | ଡାହି ଦୁଇ | ରାମ ମାଝୀ, ପି.– ସାନ ଗୋବିନ୍ଦ ମାଝୀ, ସାନ ମଦନ ମାଝୀ, ଗୋବିନ୍ଦ ମାଝୀ, ପି.– କୁରୁପା ମାଝୀ, ଲୁସ୍କୁ ମାଝୀ, ଦାସ ମାଝୀ, ମାନସିଂ ମାଝୀ, ପି.– ଚୁନୁ ମାଝୀ, ଦୁର୍ଗା ମାରଣ୍ଡି, ପି.– ଛୋଟା ମାରଣ୍ଡି, ବେଲ ମାଝୀ, ସ୍ୱା.– କନ୍ଦା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୬୦ | ୪୦୭ | ୧.୯୪ | ୦.୫୪ | ଡାହି ଦୁଇ | ରାମ ଦାସ ମାଝୀ, ସୁନା ମାଝୀ, ମୁକୁଲ ମାଝୀ, ପି.– ତୁରୁପା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୯୫୨ | ୦.୮୫ | ୦.୧୫ | ଶାରଦ ତିନି | |
| | ୪୦୭/ ୧୩୭୫ | ୦.୪୨ | ୦.୦୬ | ଡାହି ଦୁଇ | |
| ୧୬୧ | ୨୨ | ୦.୯୦ | ୦.୪୮ | ଡାହି ଦୁଇ | ରାମ ଦାସ ମାଝୀ, ରଘୁଆ ମାଝୀ, ଚୈତନ୍ୟ ମାଝୀ, ବାଜିନାଥ ମାଝୀ, ପି.– ଚରପେ ମାଝୀ, ବୁଡା ମାଝୀ, ପି.– ଗୋପାଳ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୪୬ | ୧.୨୬ | ୦.୧୫ | ଡାହି ଦୁଇ | |
| ୧୬୨ | ୨୫୧ | ୩.୪୫ | ୦.୬୮ | ଡାହି ଦୁଇ | ରାମଦାସ ମାଝୀ, ରାଘୁଆ ମାଝୀ, ଚୈତନ ମାଝୀ, ବାଜିନାଥ ମାଝୀ, ପି.– ଚରପେ ମାଝୀ, ବୁଦ୍ଧିଆ ମାଝୀ, ପି.– ସାଗରାମ ମାଝୀ, ବୁଢ଼ଣ ମାଝୀ, ପି.– ଗୋପାଳ ମାଝୀ, କମଲା ମାଝୀ, ପି.– ଭୁଣ୍ଡା ମାଝୀ, କନ୍ଦା ମାଝୀ, ପି.– କାନ୍ଦେ ମାଝୀ, ଗୁହିନ ମାଝୀ, ପି.– ରୁପାଇ ମାଝୀ, ଜିବା ମାଝୀ, ପି.–– ଦାତ ମାଝୀ, ଡୁମାନ ମାଝୀ, ଝଙ୍ଗା ମାଝୀ, ମଦନ ମାଝୀ, ପି.– ଦେବ ମାଝୀ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| ୧୬୫ | ୧୨୨ | ୦.୮୦ | ୦.୧୩ | ଡାହି ଦୁଇ | ଗୁହିଆ ମାଝୀ, ପିଥ ମାଝୀ, ପି.– ବଡ଼ ପଞ୍ଚୁଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୧୩୮ | ୦.୭୮ | ୦.୦୩ | ଡାହି ଦୁଇ | |
| | ୯୭୩ | ୦.୧୦ | ୦.୦୪ | ଆଖୁ | |
| ୧୬୭ | ୧୬୯ | ୧.୫୮ | ୦.୦୮ | ଡାହି ଦୁଇ | ରେଣ୍ଟା ମାଝୀ, ଦୁଲା ମାଝୀ, ପି.– ଶିବ ମାଝୀ, ଡୁମାନ ମାଝୀ, ପି.– କନ୍ଦା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୭୩ | ୬୩ | ୧.୮୨ | ୦.୫୨ | ଡାହି ଦୁଇ | ଲକ୍ଷ୍ମଣ ମାଝୀ, ପି.– ମାକାନ ମାଝୀ, ସାଲଖାନ ମାଝୀ, ପାଲୁ ମାଝୀ, ପି.– ଫାଗୁ ମାଝୀ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| ୧୮୫ | ୨୫୭ | ୦.୩୬ | ୦.୧୩ | ଡାହି ଦୁଇ | ସନାଦି ମାଝୀ, ସ୍ୱା.– ସିଦ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ, ବେଲ ମାଝୀ, ସ୍ୱା.– ବିଶୁ ମାଝୀ, ଜା: ସାନ୍ତାଳ, ବା: କସାଫଳ, ଥାନା: ବାଲିଆପାଳ, ଜି: ବାଲେଶ୍ୱର |
| | ୪୦୯ | ୦.୭୨ | ୦.୨୩ | ଡାହି ଦୁଇ | |
| ୧୮୬ | ୩୦୧ | ୨.୩୨ | ୦.୬୩ | ଡାହି ଦୁଇ | ସମବାରି ମାଝୀ, ସ୍ୱା.– ରାମଜିତ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୩୦୨ | ୩.୧୬ | ୦.୫୨ | ଡାହି ଦୁଇ | |
| | ୩୦୬ | ୨.୪୨ | ୦.୪୮ | ଡାହି ଦୁଇ | |
| ୧୯୨ | ୧୨୭/ ୧୩୪୫ | ୦.୦୭ | ୦.୦୫ | ରାସ୍ତା | ସୀତାରାମ ମାଝୀ, ପି.– ମଝିଆ ଡମାନ ମାଝୀ, ସୁବୁଧା ମାଝୀ, ହୁଡିଙ୍ଗ ମାଝୀ, ଅନନ୍ତ ମାଝୀ, ପି.– ସୀତାରାମ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୧୨୭/ ୧୩୪୬ | ୦.୦୪ | ୦.୦୧ | ରାସ୍ତା | |
| ୧୯୮ | ୪୧୦ | ୦.୨୮ | ୦.୦୭ | ଡାହି ଦୁଇ | ଶ୍ରୀନିବାସ ସେଠୀ, ବାଇନ ସେଠୀ, ପି.– କୃଷ୍ଣ ସେଠୀ, ଜା: ଧୋବା, ବା: ନିଜଗାଁ |
| ୧୯୯ | ୧୨୧ | ୦.୬୮ | ୦.୧୫ | ଡାହି ଦୁଇ | ସୁକୁଲ ମାଝୀ, ବାଲୁନ ମାଝୀ, ଧନୁ ମାଝୀ, ପି.– ଲୁସା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୨୨୬ | ୦.୮୨ | ୦.୨୦ | ଡାହି ଦୁଇ | |
| ୨୦୩ | ୧୫ | ୧.୬୦ | ୦.୦୯ | ଡାହି ଦୁଇ | ସୁପାଇ ମାଝୀ, ରାମଜିତ ମାଝୀ, ପି.– ଧନୁ ମାଝୀ, ଧନୁ ମାଝୀ, ପି.– ସୁନା ମାଝୀ, ମାହା ମାଝୀ, ପି.– ସୁପାଇ ମାଝୀ, ସୁପାଇ ମାଝୀ, ଗଙ୍ଗାଧର ମାଝୀ, ପି.– ମୋଚିଆ ମାଝୀ, ସୁରାଇ ମାଝୀ, ପି.– ସୁପାଇ ମାଝୀ, ଜା: ସାନ୍ତାଳ, ବା: ଠକରପାଳ |
| | ୧୫/ ୧୩୫୦ | ୦.୧୮ | ୦.୧୮ | ଡାହି ଦୁଇ | |
| ୨୦୪ | ୫୯ | ୨.୧୭ | ୦.୪୦ | ଡାହି ଦୁଇ | ସୁନ୍ଦୁରା ମାଝୀ, ପି.– ଭୁଲା ମାଝୀ, ଜଟା ମାଝୀ, ପି.– ଦାଡମା ମାଝୀ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| ୨୦୫ | ୧୫୬ | ୧.୧୭ | ୦.୦୬ | ଡାହି ଦୁଇ | ସୁବର୍ଣ୍ଣମଣି ମହାନ୍ତି, ପି.– ଆଦିକନ୍ଦ ମହାନ୍ତି, ହାରାମଣୀ ମହାନ୍ତି, ସ୍ୱା.– ଆଦିକନ୍ଦ ମହାନ୍ତି, କିସ୍ମତ ତିନି ଅଣା ଛଅ ପାହି, ସ୍ୱା.:, ଜା: କରଣ, ବା: ନିଜଗାଁ, ମୁକୁନ ମହାନ୍ତି, ପି.– ଜଗବନ୍ଧୁ ମହାନ୍ତି, କିସ୍ମତ ବାରଅଣା ଛଅପାହି, ପି.– ଜା: କରଣ, ବା: ନିଜଗାଁ |
| | ୨୨୦ | ୦.୩୫ | ୦.୦୭ | ଡାହି ଦୁଇ | |
| | ୪୦୪ | ୦.୫୪ | ୦.୦୪ | ଡାହି ଦୁଇ | |
| ୨୦୭ | ୩୧୮ | ୨.୪୫ | ୦.୪୩ | ଡାହି ଦୁଇ | ସୁଲୁ ମାଝୀ, ହପନା ମାଝୀ, ବାରିଆଳି ମାଝୀ, ପିରୁ ମାଝୀ, ପି.– ବିଶ୍ୱନାଥ ମାଝୀ, ଧୀରେଇ ମାଝୀ, ଝାଲକା ମାଝୀ, କାଳିଆ ମାଝୀ, ପିଥ ମାଝୀ, ପି.– ସୁନ୍ଦର ମାଝୀ, ବିରାମ ମାଝୀ, ପି.– ଘୁଡୁରା ମାଝୀ, ଧୀରେଇ ମାଝୀ, ପି.– ହୁଗୁଇ ମାଝୀ, ଜା: ସାନ୍ତାଳ, ବା: କୋଚିଆଶୁଳ |
| ୨୧୪ | ୨୯୭ | ୭.୨୫ | ୧.୫୮ | ଡାହି ଦୁଇ | ହରେନ୍ଦ୍ର ନାରାୟଣ ମହାନ୍ତି, ପି.– ଶ୍ରୀଧର ମହାନ୍ତି, ଜା: କରଣ, ବା: ନିଜଗାଁ |
| ୨୧୯ | ୧୯୭ | ୧.୬୫ | ୦.୧୬ | ଡାହି ଦୁଇ | ହୁରି ମାଝୀ, ଫାଗୁ ମାଝୀ, ପି.– ଲୁଝାର ମାଝୀ, ଜୟରାମ ମାଝୀ, ସୁକୁଲ ମାଝୀ, ପି.– ନାଗା ମାଝୀ, ଓକିଲ ମାଝୀ, ପି.– ଦୁଲା ମାଜୀ, ଜନ୍ମେଜୟ ମାଝୀ, ପି.– ରାମ ମାଝୀ, ସୀତା ମାଝୀ, ସ୍ୱା.– ଦୁଲା ମାଝୀ, ସଖି ମାଝୀ, ଭାଗ ମାଝୀ, ପି.– ଦୁଲା ମାଝୀ, ତେଲ ମାଝୀ, ପି.– ଦୁଲା ମାଝୀ, ଲକ୍ଷ୍ମଣ ମାଝୀ, ପି.– ମହିଷା ମାଝୀ, କାଳି ଚରଣ ମାଝୀ, ପି.– ଫାଗୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୨୨୭ | ୧.୯୨ | ୦.୧୬ | ଡାହି ଦୁଇ | |
| | ୨୨୯ | ୧.୨୪ | ୦.୨୧ | ଡାହି ଦୁଇ | |
| ୨୧୯/୭ | ୧୧୯୫/ ୧୪୩୮ | ୦.୩୯ | ୦.୦୨ | ପତିତ | ସନ୍ତୋଷ ତରେଇ, ଭାଗିରଥୀ ତରେଇ, ରତିକାନ୍ତ ତରେଇ, ସନାତନ ତରେଇ, ପି.– ସୁରେନ୍ଦ୍ର ତରେଇ, ଜା: କୈବର୍ତ୍ତ, ବା: ଭେଡ଼ିସାହି |
| ୨୧୯/୮ | ୧୧୯୫/ ୧୪୩୯ | ୦.୩୧ | ୦.୧୦ | ପତିତ | ଯୋଗେନ୍ଦ୍ର ତରେଇ, ରବୀନ୍ଦ୍ର ତରେଇ, ପି.– ବିଶି କେଶନ ତରେଇ, ଜା: କୈବର୍ତ୍ତ, ବା: ଭେଡିସାହି |
| ୨୧୯/୨୩ | ୮୯୪ | ୦.୨୨ | ୦.୧୦ | ଶାରଦ ତିନି | ମନୋରଞ୍ଜନ ବାରିକ, ଚିତ୍ତରଞ୍ଜନ ବାରିକ, ବିଶ୍ୱରଞ୍ଜନ ବାରିକ, ପି.– ଗିରିଶ ଚନ୍ଦ୍ର ବାରିକ, ଜା: ଭଣ୍ଡାରୀ, ବା: ନିଜଗାଁ |
| ୨୧୯/୨୬ | ୮୬୧ | ୦.୧୧ | ୦.୦୬ | ଶାରଦ ଦୁଇ | ବରେନ୍ଦ୍ର ମହାନ୍ତି, ପି.– ଶ୍ରୀଧର ମହାନ୍ତି, ଜା: କରଣ, ବା: ନିଜଗାଁ |
| | ୮୬୧/ ୧୪୧୫ | ୦.୦୭ | ୦.୦୪ | ଶାରଦ ଦୁଇ | |
| ୨୧୯/୪୩ | ୯୬୮ | ୦.୨୧ | ୦.୦୨ | ଶାରଦ ତିନି | ଶୁଶାନ୍ତ ଦତ୍ତ, ପି.– ଯୁଧିଷ୍ଠିର ଦତ୍ତ, ଜା: ରାଜୁ, ବା: କରଞ୍ଜପଡ଼ା |
| ୨୧୯/୪୭ | ୧୨୦୩/ ୧୪୭୩ | ୦.୧୫ | ୦.୦୮ | ଶାରଦ ଦୁଇ | ମଦନ ମୋହନ ତରେଇ, ପି.– ଝାଡେଶ୍ୱର ତରେଇ, ଜା: କୈବର୍ତ୍ତ, ବା: ଭେଡିସାହି |
| ୨୧୯/୫୧ | ୮୬୩ | ୦.୦୮ | ୦.୦୪ | ଶାରଦ ତିନି | ଗିରିଶ୍ଚନ୍ଦ୍ର ବାରିକ, ପି.– ଶ୍ରୀଧର ବାରିକ, ଜା: ନାପିତ, ବା: ନିଜଗାଁ |
| | ୮୬୪ | ୦.୦୪ | ୦.୦୧ | ଶାରଦ ତିନି | |
| ୨୧୯/୫୪ | ୨୫୨ | ୧.୮୦ | ୧.୨୨ | ଡାହି ଦୁଇ | ଶୁଶାନ୍ତ ଦତ୍ତ, ପ୍ରଶାନ୍ତ ଦତ୍ତ, ଜୟନ୍ତ ଦତ୍ତ, ପି.– ଯୁଧିଷ୍ଠିର ଦତ୍ତ, ଜା: ରାଜୁ, ବା: ନିଜଗାଁ |
| | ୨୫୩ | ୦.୨୮ | ୦.୦୬ | ଡାହି ଦୁଇ | |
| ୨୧୯/୬୧ | ୮୬୨/ ୧୪୮୦ | ୦.୦୪ | ୦.୦୪ | ଶାରଦ ଦୁଇ | ମନୋରଞ୍ଜନ ବାରିକ, ପି.– ଗିରିଶ ଚନ୍ଦ୍ର ବାରିକ, ଜା: ଭଣ୍ଡାରି, ବା: ନିଜଗାଁ |
| ୨୧୯/୭୦ | ୧୪୨/ ୧୪୮୩ | ୧.୩୮ | ୦.୦୬ | ଡାହି ଦୁଇ | ବାନେଶ୍ୱର ସିଂ, କାର୍ତ୍ତିକ ସିଂ, ପି.– ଶିବୁନାଲ ସିଂ, ଜା: ଭୂମିଜ, ବା: କୋଚିଆଶୁଳ |
| ୨୧୯/୯୩ | ୩୧୯ | ୨.୦୭ | ୦.୧୦ | ଡାହି ଦୁଇ | ଶହୀଦ ସ୍ମୃତି ମହାବିଦ୍ୟାଳୟ ମାଣିଦା ମାରଫତ – ସମ୍ପାଦକ |
| ୨୧୯/୯୮ | ୯୫୩/ ୧୪୯୬ | ୦.୫୮ | ୦.୨୮ | ଶାରଦ ତିନି | ପିରୁ ଟୁଡୁ, ପି.– କିଶୁନ ଟୁଡୁ, ଜା: ସାନ୍ତାଳ, ବା: ନିଜଗାଁ |
| ୨୧୯/୧୧୬ | ୪୯୮ | ୧.୦୦ | ୦.୦୨ | ଡାହି ଦୁଇ | ବେଣୁଧର ମହାନ୍ତି, ପି.– ଉଦୟ ନାଥ ମହାନ୍ତି, ଜା: କରଣ, ବା: ନିଜଗାଁ |
| ୨୧୯/୧୨୦ | ୮୪୫/ ୧୫୧୩ | ୦.୮୩ | ୦.୦୨ | ଶାରଦ ଦୁଇ | ଭାସ୍କର ସେଠୀ, ରଣଜିତ ସେଠୀ, ମକର କେତନ ସେଠୀ, ଶଙ୍କର୍ଷଣ ସେଠୀ, ବିଜୟ କୁମାର ସେଠୀ, ଜୟନ୍ତ କୁମାର ସେଠୀ, ସଞ୍ଜୟ କୁମାର ସେଠୀ, ପି.– ଭୀମସେନ ସେଠୀ, ଜା: ଧୋବା, ବା: ନିଜଗାଁ |
| ୨୧୯/୧୨୫ | ୮୬୧/ ୧୪୧୬ | ୦.୦୯ | ୦.୦୩ | ଶାରଦ ଦୁଇ | ସଞ୍ଜୀବ କୁମାର ବାରିକ, ପି.– ନବଘନ ବାରିକ, ଜା: ଭଣ୍ଡାରୀ, ବା: ନିଜଗାଁ |
| ୨୧୯/୧୪୫ | ୪୭ | ୦.୪୩ | ୦.୧୪ | ଡାହି ଦୁଇ | ଭୀମସେନ ମୁର୍ମୁ, ପି.– ସାଲଖୁ ମୁର୍ମୁ, ଜା: ସାନ୍ତାଳ, ବା: ତୋଟାପଡ଼ା |
| | ୪୮/ ୧୫୩୧ | ୦.୨୭ | ୦.୧୦ | ଡାହି ଦୁଇ | |
| ୨୧୯/୧୪୬ | ୪୮ | ୦.୧୮ | ୦.୦୮ | ଡାହି ଦୁଇ | ଶଚିନ୍ଦ୍ର ମୁର୍ମୁ, ଦାସ ମାତ ମୁର୍ମୁ, ପି.– ମକର ମୁର୍ମୁ, ତୁଳସୀ ମୁର୍ମୁ, ସ୍ୱା.– ମକର ମୁର୍ମୁ, ଜା: ସାନ୍ତାଳ, ବା: ଲଙ୍ଗଳେଶ୍ୱର, ଥା: ସିଙ୍ଗଲା, ଜି.: ବାଲେଶ୍ୱର |
| | ୪୯ | ୦.୫୨ | ୦.୫୨ | ଡାହି ଦୁଇ | |
| ୨୧୯/୧୬୦ | ୮୪୫ | ୦.୧୭ | ୦.୦୨ | ଶାରଦ ଦୁଇ | ଜୟନ୍ତ କୁମାର ମହାନ୍ତି, ପି.– ମୁରଲୀଧର ମହାନ୍ତି, ଜା: କରଣ, ବା: ନିଜଗାଁ |
| ୨୧୯/୧୬୨ | ୧୮୦ | ୦.୮୦ | ୦.୨୪ | ଡାହି ଦୁଇ | ଭବେନ୍ଦ୍ର ମହାନ୍ତି, ରବିନ୍ଦ୍ର ମହାନ୍ତି, ବ୍ରଜେନ୍ଦ୍ର ମହାନ୍ତି, ପି.– ସୁରେନ୍ଦ୍ର ମହାନ୍ତି, ଜା: କରଣ, ବା: ନିଜଗାଁ |
| ୨୧୯/୧୯୦ | ୩୨୦ | ୦.୪୧ | ୦.୨୮ | ଡାହି ଦୁଇ | ଯୁଗୁ ସରେନ, ପି.– କିସୁନିଆ ସରେନ, ଜା: ସାନ୍ତାଳ, ବା: କୋଚିଆସୁଳ |
| ୨୧୯/୧୯୩ | ୮୯୭ | ୦.୪୮ | ୦.୦୭ | ଶାରଦ ତିନି | ଦୁର୍ଯ୍ୟୋଧନ ପରିଡ଼ା, ପି.– ଜନାର୍ଦ୍ଦନ ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୨୧୯/୧୯୫ | ୮୪୧ | ୦.୫୮ | ୦.୩୪ | ଶାରଦ ଦୁଇ | ଦୁଃଶାସନ ପରିଡ଼ା, ପି.– ଜନାର୍ଦ୍ଦନ ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ |
| | ୮୫୦/ ୭୪୮୬ | ୦.୧୪ | ୦.୦୯ | ଶାରଦ ଦୁଇ | |
| ୨୧୯/୧୯୬ | ୮୯୩ | ୦.୨୪ | ୦.୧୪ | ଶାରଦ ତିନି | ବିଶ୍ୱରଞ୍ଜନ ବାରିକ, ପି.– ଗିରିଶ ଚନ୍ଦ୍ର ବାରିକ, ଜା: ଭଣ୍ଡାରି, ବା: ବାରିପଦା ଟାଉନ ବାର୍ଡ଼ ନଂ. ୧୧, ଡିପାସାହି, ଥା: ବାରିପଦାଟାଉନ |
| ୨୧୯/୨୦୮ | ୧୨୦୩/ ୧୫୮୦ | ୦.୧୬ | ୦.୦୯ | ଶାରଦ ଦୁଇ | ଗଣେଶ ଦଳେଇ, ପି.– ଅଙ୍କୁର ଦଳେଇ, ଜା: କୈବର୍ତ୍ତ, ବା: ଭେଡିସାହି |
| ୨୧୯/୨୦୯ | ୫୪ | ୨.୦୩ | ୦.୧୪ | ଡାହି ଦୁଇ | ଯତ୍ରୀନ୍ଦ୍ର ହାଁସଦା, ପି.– ମାତାଳ ହାଁସଦ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| ୨୨୩/୪ | ୩୨୦/ ୧୩୩୩ | ୦.୦୪ | ୦.୦୩ | ଦେବସ୍ଥଳୀ | ଶ୍ରୀ ମହାପାର୍ବତୀ ଠାକୁରାଣୀ ବିଜେ ନିଜଗାଁ ମାର୍ଫତ ବା: ହରିଶ ଚନ୍ଦ୍ର ଦଳେଇ, ପି.– ରଘୁନାଥ ଦଳେଇ, ଜା: ଦଣ୍ଡଛତ୍ର ମାଝୀ, ବା: ନିଜଗାଁ |
| ୩୮ | ୮୬୨ | ୦.୦୧ | ୦.୦୧ | ଶାରଦ ଦୁଇ | ଚିନ୍ତାମଣି ବାରିକ, ଗୋବିନ୍ଦ ବାରିକ, କାଙ୍ଗାଳି ବାରିକ, ପଚି ବାରିକ, କଟି ବାରିକ, ଟୁଣି ବାରିକ, ପି.– କାଳି ଚରଣ ବାରିକ, ଜା: ଭଣ୍ଡାରୀ, ବା: ନିଜଗାଁ |
| ୨୧୯/୧୭୫ | ୮୫୮ | ୦.୧୫ | ୦.୦୧ | ଶାରଦ ଦୁଇ | ମାଳତୀ ବାରିକ, ମଣ୍ଟୁ ବାରିକ, ମଦନ ମୋହନ ବାରିକ, ମଧୁସୂଦନ ବାରିକ, ପି.– ଯତିନ୍ଦ୍ର ବାରିକ, ଜା: ଭଣ୍ଡାରୀ, ବା: ନିଜଗାଁ |
| ୨୧୯/୨୪୫ | ୧୨୦୩ | ୦.୧୫ | ୦.୦୮ | ଶାରଦ ଦୁଇ | ପଞ୍ଚାନନ ତରେଇ, କମଳ ଲୋଚନ ତରେଇ, ବୈଲୋଚନ ତରେଇ, ପି.– ବେଣୁଧର ତରେଇ, ଜା: କୈବର୍ତ୍ତ, ବା: ନିଜଗାଁ |
| **ସମପରିମାଣ ଗୋଚର ପ୍ରତିବଦଳି** | | | | | |
| ୬୫ | ୧୩୩ | | ୦.୧୦ | ଡାହି ଦୁଇ | ଡିଣୀ ମାଝୀ, ବୁବୁ ମାଝୀ, ପି.– ବାର୍ଷା ମାଝୀ, ବାଙ୍ଗି ମାଝୀ, ସ୍ୱା.– ପୀଥ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୦୫ | ୧୩୬ | | ୦.୬୦ | ଡାହି ଦୁଇ | ବାଲୁନ ମାଝୀ, ପି.– ନେତା ମାଝୀ, ଜା: ସାନ୍ତାଳ, ବା: କୁଚିଆଶୁଳ |
| ୧୨୮ | ୧୩୭ | | ୦.୧୫ | ଡାହି ଦୁଇ | ମଙ୍ଗଳା ମାଝୀ, ପି.– ମେନା ମାଝୀ, ତୋଫା ମାଝୀ, ପି.– ନବୀନ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୬୫ | ୧୩୮ | | ୦.୩୨ | ଡାହି ଦୁଇ | ଗୁହିଆ ମାଝୀ, ପିଥ ମାଝୀ, ପି.– ବଡ଼ ପଞ୍ଚୁଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| **ଦେବସ୍ଥଳୀ ପ୍ରତିବଦଳ** | | | | | |
| ୨୧୯/୧୯୦ | ୩୨୦ | | ୦.୦୩ | ଡାହି ଦୁଇ | ଯୁଗୁ ସରେନ, ପି.– କିସୁନିଆ ସରେନ, ଜା: ସାନ୍ତାଳ, ବା: କୋଚିଆସୁଳ |
| ମୋଟ | ୧୪୯ ପ୍ଲଟକୁ | ଏ.୧୬୪.୦୦ ଡେ.ମି. | ଏ.୩୮.୬୭ ଡେ.ମି. | | |

**Sd./- AMIN**, Bahalda Zone
**Sd./- Revenue Inspector**
**Sd./- Zone Officer, L.A. Collector**, S.I.P., Bahalda Zone
**Sd./- Spl. Land Acquisition Officer**, SIP, Baripada

OIPR-24001/14/0251/2122

# ଅଲିମ୍ପିକ୍ସରେ ନୂଆ ଖେଳ ବ୍ରେକିଂ






**୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ଡେବ୍ୟୁ କରିବାକୁ ଯାଉଛି ନୂଆ ଖେଳ ବ୍ରେକିଂ (ବ୍ରେକ୍ ଡ୍ୟାନ୍ସ)। ଏଥିରେ ନୃତ୍ୟ ସହିତ ମାର୍ଶାଲ ଆର୍ଟ, ଜିମ୍ନାଷ୍ଟିକ୍ସ ଓ ଅନ୍ୟ କେତେକ କୌଶଳର ସମ୍ମିଶ୍ରଣ ରହିଛି। ଆମେରିକାରୁ ଆରମ୍ଭ ହୋଇଥିବା 'ବ୍ରେକିଂ ସ୍ପୋର୍ଟ୍ସ' ଏବେ ୟୁରୋପିଆନ ଦେଶ ସମେତ ସମଗ୍ର ବିଶ୍ୱରେ ଲୋକପ୍ରିୟ ହେବାରେ ଲାଗିଛି। ଭାରତରେ ଏହି କ୍ରୀଡ଼ାର ମଙ୍ଗ ଧରିଛନ୍ତି ଓଡ଼ିଶାର ବିଶ୍ୱଜିତ ମହାନ୍ତି। ଦେଶରେ ଏହି ଖେଳର ସ୍ଥିତି, ଭବିଷ୍ୟତ ଲକ୍ଷ୍ୟ ଏବଂ ଅଲିମ୍ପିକ୍ସ ଆଶା ସମ୍ପର୍କରେ ବିଶ୍ୱଜିତଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍କାର...**

–ପ୍ରସ୍ତୁତି: ତପନ ସ୍ୱାଇଁ

ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସର ୩୩ତମ ସଂସ୍କରଣ ୨୦୨୪ରେ ଫ୍ରାନ୍ସର ପ୍ୟାରିସରେ ଅନୁଷ୍ଠିତ ହେବ। ଏହା ଜୁଲାଇ ୨୬ରୁ ଆରମ୍ଭ ହୋଇ ଅଗଷ୍ଟ ୧୧ ପର୍ଯ୍ୟନ୍ତ ଚାଲିବ। ଆଗାମୀ ଅଲିମ୍ପିକ୍ସରେ ୩୨ଟି କ୍ରୀଡ଼ାର ୩୨୯ଟି ଇଭେଣ୍ଟ ଆୟୋଜନ ହେବ। ଏଥିରେ ଅଲିମ୍ପିକ୍ସର ୨୮ଟି 'କୋର' ସ୍ପୋର୍ଟ୍ସ ରହିବ। ୨୦୧୭ ସେପ୍ଟେମ୍ବରରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି)ର ୧୩୧ତମ ଅଧିବେସନରେ ୨୦୧୬ ପ୍ରୋଗ୍ରାମରେ ସାମିଲ ଥିବା ୨୮ଟି କ୍ରୀଡ଼ାକୁ ଅନୁମୋଦନ ମିଳିଥିଲା ଏବଂ ପ୍ୟାରିସ ଅର୍ଗାନାଇଜିଂ କମିଟିକୁ ଆଉ ୫ଟି କ୍ରୀଡ଼ାକୁ ଯୋଗ କରିବା ପାଇଁ ପ୍ରସ୍ତାବ ଦେବାକୁ ପରାମର୍ଶ ଦିଆଯାଇଥିଲା। ପ୍ୟାରିସ ଅର୍ଗାନାଇଜିଂ କମିଟି କହିଥିଲା ଯେ, ୨୦୨୪ ଗେମ୍ସରେ ପ୍ରଫେଶନାଲ ଭିଡିଓ ଗେମିଂକୁ ପ୍ରଥମଥରପାଇଁ ପ୍ରବେଶ କରାଇବାକୁ ଆଇଓସି ଏବଂ ପ୍ରଫେଶନାଲ ଇ-ସ୍ପୋର୍ଟ୍ସ ଅର୍ଗାନାଇଜେଶନ ସହିତ ଆଲୋଚନା ଚାଲିଛି। ମାତ୍ର ୨୦୧୮ ଜୁଲାଇରେ ଆଇଓସି ସ୍ପଷ୍ଟ କରିଥିଲା ଯେ, ୨୦୨୪ ଗେମ୍ସ ପାଇଁ ଇ-ସ୍ପୋର୍ଟ୍ସକୁ ବିଚାରକୁ ନିଆଯିବନାହିଁ। ୨୦୧୯ ଫେବୃୟାରୀ ୨୧ରେ ଅର୍ଗାନାଇଜିଂ କମିଟି ପକ୍ଷରୁ ପ୍ରକାଶ କରାଯାଇଥିଲା ଯେ ୨୦୨୦ ଅଲିମ୍ପିକ୍ସରେ ଇଚ୍ଛାଧୀନ ସ୍ପୋର୍ଟ୍ସଭାବେ ଡେବ୍ୟୁ କରିଥିବା ସ୍କେଟ୍‌ବୋର୍ଡିଂ, ୱାଲ୍ କ୍ଲାଇମ୍ବିଂ,ସର୍ଫିଙ୍ଗ୍ ଏବଂ ନୂଆ ଖେଳଭାବେ ବ୍ରେକିଂ (ବ୍ରେକ୍‌ଡ୍ୟାନ୍ସ)କୁ ସାମିଲ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ୨୦୧୯ ଜୁନ୍ ୨୪ରେ ସୁଇଜରଲାଣ୍ଡର ଲାଉସାନେଠାରେ ଅନୁଷ୍ଠିତ ଆଇଓସିର ୧୩୪ତମ ଅଧିବେସନରେ ଏହି ୪ କ୍ରୀଡ଼ାକୁ ଅନୁମୋଦନ ମିଳିଥିଲା। ଫଳରେ ୨୦୨୪ ଅଲିମ୍ପିକ୍ସ ୩୨ କ୍ରୀଡ଼ାବିଶିଷ୍ଟ ହେବା ସ୍ପଷ୍ଟ ହୋଇ ଯାଇଥିଲା।

ଆଇଓସିର ଅନୁମୋଦନ ପରେ ବ୍ରେକିଂ କ୍ରୀଡ଼ାର ଅଲିମ୍ପିକ୍ସ ଡେବ୍ୟୁ ସ୍ପଷ୍ଟ ହୋଇ ଯାଇଥିଲା। ଫଳରେ ବିଶ୍ୱର ବିଭିନ୍ନ ସ୍ଥାନରେ ଥିବା ଏହି କ୍ରୀଡ଼ାର ଫେଡେରେଶନଗୁଡ଼ିକ ସକ୍ରିୟ ହୋଇ ପଡ଼ିଥିଲେ। ଏଥିରେ ଭାରତ ମଧ୍ୟ ସାମିଲ ଥିଲା। ସବୁଠାରୁ ଖୁସିର କଥା ହେଉଛି ଭାରତୀୟ ଫେଡେରେଶନର ମୁଖ୍ୟ ହେଉଛନ୍ତି ଜଣେ ଓଡ଼ିଆ। ସେ ହେଲେ ଭୁବନେଶ୍ୱରର ବିଶ୍ୱଜିତ ମହାନ୍ତି। ଅତୀତରେ ଅନେକ କ୍ରୀଡ଼ା ଆସୋସିଏଶନ ସହ ସମ୍ପୃକ୍ତଥିବା ବିଶ୍ୱଜିତ ଏବେ ସବୁକୁ ଛାଡ଼ି ଦେଶରେ କିପରି ବ୍ରେକିଂ କ୍ରୀଡ଼ାର ପ୍ରଚାର ଓ ପ୍ରସାର ହୋଇପାରିବ ଏବଂ ଭାରତ କିପରି ଅଲିମ୍ପିକ୍ସ ପଦକ ଦାବିଦାର ହେବ ସେହି ଲକ୍ଷ୍ୟରେ କାର୍ଯ୍ୟ କରୁଛନ୍ତି। ଅଲ୍‌ଇଣ୍ଡିଆ ଡ୍ୟାନ୍ସ ସ୍ପୋର୍ଟ୍ସ ଫେଡେରେଶନର ସେ ସମ୍ପାଦକ ଅଛନ୍ତି। କୋଭିଡ୍-୧୯ ମହାମାରୀ ଜନିତ କଟକଣା ଯୋଗୁ ଯଦିଓ ଭାରତୀୟ ଫେଡେରେଶନ ଲକ୍ଷ୍ୟ ଦିଗରେ ଆଶାନୁରୂପ ଆଗେଇ ପାରିନାହିଁ ତେବେ ଆଗାମୀ ଦିନରେ ନିଶ୍ଚିତ ଅଧିକରୁ ଅଧିକ ଭାରତୀୟ କ୍ରୀଡ଼ାବିତ୍ ଏହି ଖେଳରେ ନାଁ କରିବେ ବୋଲି ସେ ବେଶ୍ ଆଶାବାଦୀ।

## ଓଡ଼ିଶାରେ ଆସୋସିଏଶନ ଖୁବ୍‌ଶୀଘ୍ର: ବିଶ୍ୱଜିତ


ବିଶ୍ୱଜିତ୍ ମହାନ୍ତି

**ପ୍ରଃ** ବ୍ରେକିଂ କ୍ରୀଡ଼ା କହିଲେ କେବଳ ବ୍ରେକ୍ ଡ୍ୟାନ୍ସକୁ ବୁଝାଏ ନା ଆଉକିଛି ?

**ଉଃ** ଏହି କ୍ରୀଡ଼ା ପ୍ରଥମେ ୧୯୬୦-୭୦ ଦଶକରେ ଆମେରିକାରେ ଆରମ୍ଭ ହୋଇଥିଲା। ଆମେରିକାନ୍ ଏବଂ ଆମେରିକାନ୍-ଆଫ୍ରିକାନ୍‌ମାନେ ସେତେବେଳେ ଷ୍ଟ୍ରିଟ୍ ଡ୍ୟାନ୍ସ କରୁଥିଲେ। ଅତୀତରେ ଏହା ଡ୍ୟାନ୍ସର ହିପ୍-ହପ୍ ଷ୍ଟାଇଲ୍‌ଭାବେ ପରିଚିତ ଥିଲା। ଏବେ ଏଥିରେ ଜିମ୍ନାଷ୍ଟିକ୍ସ, ମାର୍ଶାଲ ଆର୍ଟ ଏବଂ ଅନ୍ୟ କେତେକ କୌଶଳର ସମ୍ମିଶ୍ରଣ ଘଟିଛି। ଏହା ୟୁରୋପୀୟ ଏବଂ ଆଫ୍ରୋ ଏସିଆନ ଦେଶରେ ବିଶେଷ ଲୋକପ୍ରିୟ।

**ପ୍ରଃ** ଏହା ୨୦୨୪ ଅଲିମ୍ପିକ୍ସରେ ସାମିଲ ହେବାକୁ ଯାଉଛି। ପୂର୍ବରୁ ଅନ୍ୟ କୌଣସି କ୍ରୀଡ଼ାରେ ସାମିଲ ହୋଇଥିଲା କି ?

**ଉଃ** ୨୦୨୦ ଅଲିମ୍ପିକ୍ସ ସମୟରେ ଅନ୍ତର୍ଜାତୀୟ ଅଲିମ୍ପିକ୍ ସଂଘ ଯୁବବର୍ଗଙ୍କୁ ଆକର୍ଷିତ କରିବା ପାଇଁ କିଛି ନୂଆ ଖେଳର ଉପଯୋଗ କରିବାକୁ ନିଷ୍ପତ୍ତି ନେଲେ। ଇ-ସ୍ପୋର୍ଟ୍ସ, ମାଉଣ୍ଟେନରିଂ, ବ୍ରେକିଂ ଆଦି ଡିମାଣ୍ଡରେ ଥିବା କିଛି କ୍ରୀଡ଼ାକୁ ସେମାନେ ପସନ୍ଦ କଲେ। ଯୁବବର୍ଗଙ୍କୁ ଆଖିଆଗରେ ରଖି ଏପରି ନିଷ୍ପତ୍ତି ନିଆଯାଇଥିଲା। ଫଳରେ ୟୁଥ୍ ଅଲିମ୍ପିକ୍ସରେ ଏହାକୁ ପ୍ରଥମେ ପରୀକ୍ଷା କରାଯାଇଥିଲା। ଏଥିରୁ ବହୁତ ଭଲ ରେସ୍‌ପନ୍ସ ମିଳିଥିଲା। ଯୁବ ବର୍ଗଙ୍କୁ ଏହା ଆକର୍ଷିତ କଲା। ଏହାର ପ୍ୟାରେଣ୍ଟ ବଡି ହେଉଛି ୱାର୍ଲ୍ଡ ଡ୍ୟାନ୍ସ ସ୍ପୋର୍ଟ୍ସ ଫେଡେରେଶନ। ତା'ର ଏକ ସଂଘ ହେଉଛି ଅଲ୍‌ଇଣ୍ଡିଆ ଡ୍ୟାନ୍ସ ସ୍ପୋର୍ଟ୍ସ ଫେଡେରେଶନ। ପୂର୍ବରୁ ଆମ ଫେଡେରେଶନରେ ସାଲ୍‌ସା ଡ୍ୟାନ୍ସ, ଲାଟିନ ଡ୍ୟାନ୍ସ, ଷ୍ଟାଣ୍ଡାର୍ଡ ଡ୍ୟାନ୍ସ, ରକ୍ ଆଣ୍ଡ ରୋଲ୍‌ଥିଲା, ମାତ୍ର ବ୍ରେକିଂ ନ ଥିଲା। ମାତ୍ର ଏହି କ୍ରୀଡ଼ା ଅଲିମ୍ପିକ୍ସରେ ସାମିଲ ହେବାଦ୍ୱାରା ସମସ୍ତେ ସ୍ୱାଭାବିକଭାବେ ସକ୍ରିୟ ହୋଇପଡ଼ିଲୁ।

**ପ୍ରଃ** ବ୍ରେକିଂ ଏକ ନୂଆ ଖେଳଭାବେ ଅଲିମ୍ପିକ୍ସରେ ସାମିଲ ହେବାକୁ ଯାଉଛି। ଏହାର ଗୁରୁଦାୟିତ୍ୱ ଜଣେ ଓଡ଼ିଆଙ୍କ ଉପରେ। କିପରି ଅନୁଭବ ରହିଛି।

**ଉଃ** ବହୁତ ଗର୍ବ ଅନୁଭବ କରୁଛି। ଏହା ହେଉଛି ପ୍ରଥମ ଅଲିମ୍ପିକ୍ ସ୍ୱୀକୃତିପ୍ରାପ୍ତ କ୍ରୀଡ଼ାର ଜାତୀୟ ଫେଡେରେଶନ, ଯାହାକି ଓଡ଼ିଶାରେ ଅଛି। ହେଡ୍ ଅଫିସ ଏଠାରେ କରାଇବା ପାଇଁ ମୁଁ ବହୁତ ଲଢ଼େଇ କରିଛି। ଅନ୍ୟ ସମସ୍ତଙ୍କୁ ବୁଝାଇ ମୁଁ ଏହାର ମୁଖ୍ୟ କାର୍ଯ୍ୟାଳୟ ୪ ବର୍ଷ ପାଇଁ ଓଡ଼ିଶା ଆଣିବାକୁ ସକ୍ଷମ ହୋଇଛି। ଏହାର ସଭାପତି ଅଛନ୍ତି ଦିଲ୍ଲୀର ଅରବିନ୍ଦ କୁମାର। ସେ ଦୁବାଇରେ ବ୍ୟବସାୟ କରନ୍ତି। ମୁଁ ପୂର୍ବରୁ ବିଭିନ୍ନ କ୍ରୀଡ଼ା ଆସୋସିଏଶନ ସହିତ ସମ୍ପୃକ୍ତ ଥିଲି। ମାତ୍ର ଏକ ଦୁର୍ଘଟଣା ଏବଂ ଅସୁସ୍ଥତା ଜନିତ ସମସ୍ୟା ଯୋଗୁ ଅନ୍ୟ ସମସ୍ତ ଆସୋସିଏଶନରୁ ଓହରି ଆସି ନୂଆ ସ୍ପୋର୍ଟ୍ସ ଫେଡେରେଶନ କଲି। ଅଲିମ୍ପିକ୍ସ କ୍ରୀଡ଼ା ହୋଇଥିବାରୁ ଏବେ ଏହା ଇଣ୍ଡୋଏସିଆନ ଗେମ୍, ୟୁନିଭର୍ସିଟି ଗେମ୍ସ, ୱାର୍ଲ୍ଡ ଗେମ୍ ସବୁଥିରେ ସାମିଲ ହୋଇଯାଇଛି।

**ପ୍ରଃ** ଏହି ଖେଳ କିପରି ହୁଏ। ମ୍ୟୁଜିକ ଅନୁସାରେ ଖେଳାଳି କଳାକୌଶଳ ପ୍ରଦର୍ଶନ କରନ୍ତି ନା ଆଉ କିଛି ?

**ଉଃ** ଏହା ଏକ ପାୱାର ଗେମ୍। ଏଥିପାଇଁ ବହୁତ ଏନର୍ଜି ଆବଶ୍ୟକ। ଏହାକୁ ବ୍ୟାଟ୍‌ଲ ବା ୱାର ଗେମ୍ କୁହନ୍ତି। ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ୱାନ୍ ଟୁ ୱାନ୍ ବ୍ୟାଟଲ ହୋଇଥାଏ। ସ୍ଥଳ ବିଶେଷରେ କରାଟେ ଭଳି ଉଭୟଙ୍କ ମଧ୍ୟରେ ଫାଇଟ୍ ହୋଇଥାଏ। ମ୍ୟୁଜିକ ସହିତ ଉଭୟ ନିଜର କଳାକୌଶଳ ପ୍ରଦର୍ଶନ କରିଥାନ୍ତି। ଏଥିପାଇଁ ପର୍ଯ୍ୟାପ୍ତ ପରିମାଣରେ ଶକ୍ତି ଓ ଷ୍ଟାମିନା ଆବଶ୍ୟକ।

**ପ୍ରଃ** ଦେଶରେ ଏହାର ପ୍ରଚାର ଓ ପ୍ରସାର ପାଇଁ ଆପଣଙ୍କୁ ଆଗକୁ ଆଉ କ'ଣ କରିବାକୁ ପଡ଼ିବ ବୋଲି ଭାବିଛନ୍ତି।

**ଉଃ** ଭାରତୀୟ ପ୍ରତିଯୋଗୀଙ୍କ ପାଇଁ ମୁଖ୍ୟତଃ କୋଚିଂ ଆବଶ୍ୟକ। ଏଥିପାଇଁ ବାହାରୁ କୋଚ୍ ଆଣିବା ଯୋଜନା ରହିଛି। ବିଭିନ୍ନ ରାଜ୍ୟରେ ଆସୋସିଏଶନ ଅଛି। ଆମେ କୋଚ୍ ପଠାଇ ସେଠାରେ ପ୍ରଶିକ୍ଷଣର ବ୍ୟବସ୍ଥା କରିବୁ। ଧୀରେଧୀରେ ଏହା ଆଗକୁ ବଢ଼ିବ। ପରେ ସ୍କୁଲ, ବିଶ୍ୱବିଦ୍ୟାଳୟ, ଜିଲା ସ୍ତରରେ ପ୍ରତିଯୋଗିତା କରାଇବାକୁ ଯୋଜନା ରହିଛି। ବହୁତ କାର୍ଯ୍ୟ ବାକିଅଛି। ସହାୟତାର ହାତ ବଢ଼ାଇବା ପାଇଁ ବିଭିନ୍ନ କର୍ପୋରେଟ ହାଉସ୍‌କୁ ଆମେ ଅନୁରୋଧ କରିଛୁ। ବଡ଼ ବଡ଼ କମ୍ପାନୀ ଏବଂ ସରକାରଙ୍କୁ ଆମେ ଆଗାମୀ ଦିନରେ ଅନୁରୋଧ କରିବୁ। ଭାରତରେ ପାଖାପାଖି ୧୫୦୦ ବ୍ରେକର ଅଛନ୍ତି। ମାତ୍ର କୋଚ୍ ସଂଖ୍ୟା ୧୫ ଭିତରେ ସୀମିତ। ବିଦେଶରେ ଫ୍ରାନ୍ସ, ଆମେରିକା, ରୁଷିଆ, ୟୁକ୍ରେନରେ ଭଲ କୋଚ୍ ଅଛନ୍ତି। ସେମାନଙ୍କୁ ଆଣିବାର ଯୋଜନା ରହିଛି। ସବୁ ରାଜ୍ୟକୁ ନ ଯାଇ ପିଲାଙ୍କୁ ଶିଖାଇବା ସମ୍ଭବ ହେବନି। ତେଣୁ ଦିଲ୍ଲୀ କିମ୍ବା ମୁମ୍ବାଇ ଆଦି ସ୍ଥାନରେ ୪-୫ ଦିନପାଇଁ ୱାର୍କଶପ୍ କରିବୁ। ସେଠାକୁ ସବୁ ରାଜ୍ୟ ଆସୋସିଏଶନର ପିଲାଙ୍କୁ ଡାକିବୁ। ଅଲିମ୍ପିକ୍ସ କ୍ରୀଡ଼ା ହେବାପରେ କୋଚ୍ ମାନଙ୍କ ଚାହିଦା ବଢ଼ି ଯାଇଛି। ବିଶ୍ୱରେ କୋଚ୍ ସଂଖ୍ୟା ସୀମିତ ଥିବାରୁ ୬ ମାସ ପୂର୍ବରୁ ବୁକ୍ କଲେ ଯାଇ ଆମପାଇଁ ବିଦେଶୀ କୋଚ୍ ଉପଲବ୍ଧ ହୋଇପାରିବେ।

**ପ୍ରଃ** ୱାର୍ଲ୍ଡ ଡ୍ୟାନ୍ସ ସ୍ପୋର୍ଟ୍ସ ଫେଡେରେଶନ ସମ୍ପର୍କରେ କିଛି କୁହନ୍ତୁ। ଏଥିରେ କେତୋଟି ଦେଶର ଆସୋସିଏଶନ ସାମିଲ ଅଛନ୍ତି। ଓଡ଼ିଶାରେ ଏହାର ହେଡ୍‌କ୍ୱାର୍ଟର ରହିଛି। ରାଜ୍ୟ ଶାଖା ପାଇଁ କିଛି ଯୋଜନା ଅଛି କି।

**ଉଃ** ୱାର୍ଲ୍ଡ ଫେଡେରେଶନ ଅଧୀନରେ ୯୬ଟି ଦେଶ ଅଛି। ଏହାର ମୁଖ୍ୟ କାର୍ଯ୍ୟାଳୟ ସୁଇଜରଲାଣ୍ଡ। ପୂର୍ବରୁ ଏହି କ୍ରୀଡ଼ା ଇଣ୍ଡୋଏସିଆନ ଗେମ୍ସରେ ରହିଛି। ଏସିଆନ ଗେମ୍ସରେ ମଧ୍ୟ ଥିଲା। ଭାରତର ଜାତୀୟ ଫେଡେରେଶନ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରରେ ରହିଛି। ପୂର୍ବରୁ ଡ୍ୟାନ୍ସ ବ୍ୟାକ୍‌ଗ୍ରାଉଣ୍ଡ ଥିବା ବ୍ୟକ୍ତିଙ୍କୁ ରାଜ୍ୟ ଆସୋସିଏଶନରେ ଅଗ୍ରାଧିକାର ଦିଆଯିବ। ପୂର୍ବରୁ ଅନ୍ୟ ଖେଳରେ ସମ୍ପୃକ୍ତ ଥିବା କେତେକ ବ୍ୟକ୍ତି ଏଥିପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି। ଖୁବ୍‌ଶୀଘ୍ର ରାଜ୍ୟ ଆସୋସିଏଶନ ଗଠନ ହେବ।

**ପ୍ରଃ** ଏହି କ୍ରୀଡ଼ା ପାଇଁ କେଉଁ ରାଜ୍ୟରୁ ଭଲ ପ୍ରତିଭା ଆସୁଛନ୍ତି।

**ଉଃ** ବର୍ତ୍ତମାନ ମହାରାଷ୍ଟ୍ର, ଗୋଆ, ଦିଲ୍ଲୀ, ବେଙ୍ଗଲ, କେରଳ, ନର୍ଥଇଷ୍ଟରେ ଭଲ ପିଲା ଅଛନ୍ତି।

ଓଡ଼ିଶାର କେହି ବିଶେଷ ପ୍ରତିଭା ଆପଣଙ୍କ ନଜରକୁ ଆସିଛନ୍ତି କି।

ଓଡ଼ିଶାରେ ୨-୩ ଜଣ ପ୍ରତିଭା ନଜରକୁ ଆସିଛନ୍ତି। ନିକଟରେ ହୋଇଥିବା ଜାତୀୟ ପ୍ରତିଯୋଗିତାରେ ଯାଜପୁର, ବ୍ରହ୍ମପୁର ଓ ପୁରୀରୁ ୩ ଜଣ ଭାଗ ନେଇ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଆଗାମୀ ଦିନରେ ୱାର୍କଶପ୍ ହେଲେ ସେମାନଙ୍କୁ ଡକାଯିବ।

**ପ୍ରଃ** ରାଜ୍ୟ ହେଉ କିମ୍ବା ଦେଶରୁ ଯେଉଁ ପ୍ରତିଭାଙ୍କୁ ଆପଣ ଚୟନ କରିବେ ସେମାନଙ୍କ ଟ୍ରେନିଂ ପାଇଁ କ'ଣ ଲକ୍ଷ୍ୟ ରଖିଛନ୍ତି।

**ଉଃ** ଆମେ ମୁମ୍ବାଇରେ ପିଲାମାନଙ୍କୁ ଟ୍ରେନିଂ ଦେବାକୁ ଲକ୍ଷ୍ୟ ରଖିଛୁ। ସେ ସ୍ଥାନଟି ସମସ୍ତଙ୍କ ପାଇଁ ସୁହାଇବ ବୋଲି ଆମେ ଆଶା କରୁଛୁ। ରାଜ୍ୟରୁ ଅଧିକ ପିଲା ଯେପରି ଏ କ୍ରୀଡ଼ାପ୍ରତି ଆକୃଷ୍ଟ ହେବେ ସେଥିପ୍ରତି ଧ୍ୟାନଦେବୁ।

**ପ୍ରଃ** ଏହାର ଜାତୀୟ ପ୍ରତିଯୋଗିତା କେବେ ଅନୁଷ୍ଠିତ ହୋଇଥିଲା। ଏଥିପ୍ରତି ଆମ ଦେଶର ପିଲାଙ୍କର କିପରି ଆଗ୍ରହ ରହିଥିଲା।

**ଉଃ** ପ୍ରଥମ ନ୍ୟାଶନାଲ ମୁମ୍ବାଇର ଅନ୍ଧେରୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଗତବର୍ଷ ଅକ୍ଟୋବର ୩୧ରେ ହୋଇଥିଲା। ଏଥିରେ ୧୫୭ ଏଣ୍ଟ୍ରି ମିଳିଥିଲା, ଯାହାକି ଆମକୁ ବହୁତ ଖୁସି କରିଥିଲା। ଦ୍ୱିତୀୟଟି କୋଲକାତାରେ ହେବାର ଥିଲା, ମାତ୍ର କରୋନା କଟକଣା ଯୋଗୁ ହୋଇ ପାରିନି।

**ପ୍ରଃ** ଅଲିମ୍ପିକ୍ସକୁ ନେଇ ଆପଣ କେତେ ଆଶାବାଦୀ ଅଛନ୍ତି। ଏଥିପାଇଁ କ'ଣ କରାଯିବା ଜରୁରୀ ଭାବୁଛନ୍ତି।

**ଉଃ** ୟୁଥ୍ ଅଲିମ୍ପିକରେ ପିଲାମାନେ ଯେପରି ପ୍ରଦର୍ଶନ କରିଥିଲେ ଆମପିଲା ସେହି ସ୍ତରର ପ୍ରଦର୍ଶନ ପାଇଁ ପ୍ରସ୍ତୁତ। ମାତ୍ର ୟୁଥ୍ ଅଲିମ୍ପିକ୍ସ ପରେ ବିଭିନ୍ନ ଦେଶ ପ୍ରଶିକ୍ଷଣ ବଢ଼ାଇ ପିଲାମାନଙ୍କ ଟେକ୍ନିକରେ ସୁଧାର ଆଣିଛନ୍ତି। ୬ ମାସତଳେ ଯାହା ଥିଲା ତାହା ଏବେ ନାହିଁ। ଆମକୁ ସେହି ଅନୁସାରେ ଅଭ୍ୟାସ କରିବାକୁ ହେବ। ଭାରତୀୟ ପିଲାମାନଙ୍କଠାରେ ଆତ୍ମବିଶ୍ୱାସର ଅଭାବ ରହିଛି। ସେମାନଙ୍କୁ ମୋଟିଭେଟ୍ କରିବାକୁ ହେବ। ସେମାନଙ୍କ ମନରେ ଥିବା ଭୟକୁ ଦୂରେଇଦେବାକୁ ହେବ। ତା' ହେଲେ ଯାଇ ଆମପିଲାମାନେ ବିଦେଶୀ ପ୍ରତିଯୋଗୀଙ୍କୁ ଟକ୍କର ଦେଇପାରିବେ। ମାନସିକ ସ୍ତରରେ ସେମାନଙ୍କୁ ଦୃଢ଼ କରିବାକୁ ହେବ। ନିୟମିତ ଟ୍ରେନିଂ ଦେବାକୁ ପଡ଼ିବ। ଲଗାତର ଟୁର୍ନାମେଣ୍ଟରେ ଭାଗନେବାକୁ ସୁଯୋଗ ସୃଷ୍ଟି କରିବାକୁ ହେବ।

**ପ୍ରଃ** ଓଡ଼ିଶା ସରକାର ପ୍ରାୟତଃ ସମସ୍ତ କ୍ରୀଡ଼ାକୁ ପ୍ରୋତ୍ସାହନ ଦେଉଛନ୍ତି। ଆପଣଙ୍କର କ'ଣ ଆଶା ରହିବ।

**ଉଃ** ଚଳିତବର୍ଷ ଦିଲ୍ଲୀରେ ଜାତୀୟ ପ୍ରତିଯୋଗିତା ହେବ। ଆଗାମୀ ଦିନରେ ଆମେ ଓଡ଼ିଶାରେ ପ୍ରଥମେ ରାଜ୍ୟ ପ୍ରତିଯୋଗିତା ଏବଂ ପରେ ଜାତୀୟ ପ୍ରତିଯୋଗିତା ଆୟୋଜନ କରିବୁ। ଆମେ ରାଜ୍ୟ ଆସୋସିଏଶନ ଗଠନ କରିବାପରେ ପ୍ରଥମେ କର୍ମଶାଳା କରିବୁ। ବିଭିନ୍ନ ଜିଲାକୁ ଅନୁବନ୍ଧିତ କରିବୁ। ଆମ ପିଲାଙ୍କୁ ଟ୍ରେନିଂ ଦେବୁ। ରାଜ୍ୟ ଚାମ୍ପିୟନଶିପ୍ ପରେ ଯାଇ ଜାତୀୟ ପ୍ରତିଯୋଗିତା ଆୟୋଜନକୁ ଗୁରୁତ୍ୱ ଦେବୁ। ରାଜ୍ୟ ସରକାରଙ୍କୁ ଏ ଖେଳ ସମ୍ପର୍କରେ ଅବଗତ କରାଇବୁ। ଆଶା କରୁଛୁ ଏଥିରୁ ସକାରାତ୍ମକ ଫଳ ମିଳିବ।

---

# ଗୁରୁତ୍ୱପୂର୍ଣ୍ଣ ସିରିଜ

**ଭାରତ ବିପକ୍ଷରେ ଦିନିକିଆ ଓ ଟି୨୦ ସିରିଜ ଖେଳିବା ପାଇଁ ୱେଷ୍ଟଇଣ୍ଡିଜ କ୍ରିକେଟ ଦଳ ବୁଧବାର ଭାରତରେ ପହଞ୍ଚିଛି। ନେତୃତ୍ୱ ପ୍ରସଙ୍ଗକୁ ନେଇ ଘରୋଇ ଦଳର ପ୍ରଦର୍ଶନ ପ୍ରଭାବିତ ହୋଇଥିବାବେଳେ ଏକାଧିକ ଖେଳାଳି କୋଭିଡ୍-୧୯ରେ ସଂକ୍ରମିତ ହେବା ଭାରତର ଚିନ୍ତାକୁ ବଢ଼ାଇ ଦେଇଛି..**


ନିର୍ମଳ କୁମାର ମିଶ୍ର


ରୋହିତ ଶର୍ମା


କିରନ୍ ପୋଲାର୍ଡ

ଏକ ଖରାପ ସମୟ ମଧ୍ୟରେ ଗତି କରୁଛି ଭାରତୀୟ କ୍ରିକେଟ। ଅଧିନାୟକ ପଦବୀ ପାଇଁ ସୃଷ୍ଟି ହୋଇଥିବା ସମସ୍ୟା ଟିମ୍ ଇଣ୍ଡିଆ ପ୍ରଦର୍ଶନକୁ ପ୍ରଭାବିତ କରିଛି। ଯେଉଁଥିପାଇଁ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ଟିମ୍ ଇଣ୍ଡିଆ ପାଇଁ ବେଶ୍ ମହଙ୍ଗା ପଡିଛି। ଦଳର ମନୋବଳ ହ୍ରାସ ପାଇଛି। ଏପରି ଏକ ସମୟରେ ୱେଷ୍ଟଇଣ୍ଡିଜ ଦଳ ଭାରତ ଗସ୍ତରେ ଆସୁଛି। ଏବେ ଏକାଧିକ ଖେଳାଳି କରୋନାରେ ସଂକ୍ରମିତ ହେବା ଭାରତର ଚିନ୍ତା ବଢ଼ାଇ ଦେଇଛି। ଅଭିଜ୍ଞ ଓପନର ଶିଖର ଧାୱନ, ପ୍ରତିଭାସମ୍ପନ୍ନ ଋତୁରାଜ ଗାଏକ୍ୱାଡ ଓ ମିଡିଲ ଅର୍ଡର ବ୍ୟାଟର ଶ୍ରେୟାସ ଆୟାର କୋଭିଡ୍-୧୯ ପଜିଟିଭ୍ ହୋଇଥିବାରୁ ଆଗାମୀ ଟି୨୦ ସିରିଜରେ ଖେଳି ପାରିବେ ନାହିଁ। ଆଗାମୀ ସରିଜରେ ଘରୋଇ ଦଳ ସହିତ କାରିବିୟନ ଦଳ ୩ଟି ଲେଖାଏ ଏକଦିବସୀୟ ଏବଂ ଟି୨୦ ମ୍ୟାଚ ଖେଳିବାର କାର୍ଯ୍ୟସୂଚୀ ରହିଛି। ଆଗାମୀ ସିରିଜକୁ ଦୁଇଟି ଭେନ୍ୟୁରେ ସୀମିତ ରଖିଛି ବିସିସିଆଇ। କେବଳ ଅହମଦାବାଦ ଏବଂ କୋଲକାତାରେ ଏହି ସିରିଜ ଦୁଇଟି ଖେଳାଯିବ। ଏକଦିବସୀୟ ମ୍ୟାଚ ଗୁଡ଼ିକ ଯଥାକ୍ରମେ ଫେବୃୟାରୀ ୬, ୯ ଏବଂ ୧୧ ତାରିଖରେ ଖେଳାଯିବାକୁ ଥିବା ବେଳେ ଟି୨୦ ମ୍ୟାଚ ଫେବୃୟାରୀ ୧୬, ୧୮ ଏବଂ ୨୦ ତାରିଖରେ ଅନୁଷ୍ଠିତ ହେବ। ପୂର୍ବରୁ ବିସିସିଆଇ ଟୁର ଆଣ୍ଡ ଫିକ୍ସର କମିଟି ମ୍ୟାଚ ଗୁଡ଼ିକ ଅହମଦାବାଦ, ଜୟପୁର, କୋଲକାତା, କଟକ, ବିଶାଖାପାଟଣା ଏବଂ ଥିରୁଭାନନ୍ତପୁରମ ଠାରେ ଖେଳାଯିବା ପାଇଁ ସ୍ଥିର କରିଥିଲା। କୋଭିଡ୍-୧୯ ସ୍ଥିତିକୁ ଦୃଷ୍ଟିରେ ରଖି କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇଛି।

ସୀମିତ ଓଭର ଅଧିନାୟକ ରୋହିତ ଶର୍ମା ଆହତ ହେବାଯୋଗୁ ଲୋକେଶ ରାହୁଲଙ୍କୁ ଏକଦିବସୀୟ ଏବଂ ଟି୨୦ ସିରିଜ ପାଇଁ ଅଧିନାୟକ କରାଯାଇଥିଲା। ମାତ୍ର ରାହୁଲ ଜଣେ ଅଧିନାୟକ ଭାବେ ଦକ୍ଷିଣ ଆଫ୍ରିକା ଗସ୍ତରେ ଅସଫଳ ହୋଇଥିଲେ। ଏହି ଚାପ ତାଙ୍କର ବ୍ୟାଟିଂ ଦକ୍ଷତାକୁ ମଧ୍ୟ ବେଶ୍ ପ୍ରଭାବିତ କରିଥିଲା। ଅନ୍ୟପକ୍ଷରେ ଶ୍ରେୟାସ ଆୟାରଙ୍କ ପରି ଖେଳାଳି ଅତି ନିମ୍ନମାନର ବ୍ୟାଟିଂ କରିଥିଲେ। ତାଙ୍କ ଯୋଗୁ ସୂର୍ଯ୍ୟକୁମାର ଯାଦବଙ୍କ ପରି ଆକ୍ରମଣାତ୍ମକ ଖେଳାଳିଙ୍କୁ ବାହାରେ ବସିବାକୁ ହୋଇଥିଲା। ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ସୂର୍ଯ୍ୟକୁମାର ଯାଦବ ଦୀର୍ଘ ସମୟ ଧରି ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଆଇପିଏଲ୍ ମ୍ୟାଚ ଖେଳି ଆସୁଛନ୍ତି। ତେଣୁ ଆଗାମୀ ସିରିଜରେ ସୂର୍ଯ୍ୟକୁମାର ଖେଳିବା ସମ୍ଭାବନା ଅଧିକ। ରାହୁଲ ଦ୍ରାବିଡଙ୍କ ପରି ଜଣେ ଦକ୍ଷ କୋଚ ମଧ୍ୟ ଭାରତର ଖରାପ ପ୍ରଦର୍ଶନ ପାଇଁ ଚିନ୍ତାରେ ଅଛନ୍ତି।

କିରନ୍ ପୋଲାର୍ଡଙ୍କ ନେତୃତ୍ୱରେ ଏକ ଶକ୍ତିଶାଳୀ କାରିବିୟନ ଦଳ ଭାରତ ଗସ୍ତରେ ଆସିଛି। ଦଳରେ ଅନେକ ଯୁବ ଏବଂ ଅଭିଜ୍ଞ ଖେଳାଳି ସ୍ଥାନ ପାଇଛନ୍ତି। ଡାରେନ୍ ବ୍ରାଭୋ ସୋଲେମାନ ପାୱେଲ, ଫାବିଆନ୍ ଆଲେନ, ନିକୋଲାସ୍ ପୁରନ, ଜାସନ ହୋଲଡର, ସାଇ ହୋପ, ସେଲଡ୍ରନ କଟ୍ରେଲ, କାଏଲ୍ ମେୟର୍ସ, ଆଲ୍‌ଜାରି ଯୋଶେଫ, ଡି.ଏନ୍.ସ୍ମିଥ, ବ୍ରେଣ୍ଡନ କିଙ୍ଗ୍, ଜାସନ୍ ହୋଲଡର ସ୍ଥାନ ପାଇଛନ୍ତି।

୧୯୪୮ ମସିହାରୁ ଉଭୟ ଦେଶ ପରସ୍ପର ସହିତ ମ୍ୟାଚ ଖେଳୁଥିବା ବେଳେ ଏ ପର୍ଯ୍ୟନ୍ତ ୩ଟି ଫର୍ମାଟ୍‌ରେ ୨୪୮ଟି ମ୍ୟାଚ ଖେଳିଛନ୍ତି। ଉଭୟ ଦେଶ ମଧ୍ୟରେ ୧୯୭୫ରୁ ୨୦୨୦ ମଧ୍ୟରେ ହୋଇଥିବା ୧୩୩ଟି ଏକଦିବସୀୟ ମ୍ୟାଚ ମଧ୍ୟରୁ ଟିମ୍ ଇଣ୍ଡିଆ ୬୪ଟିରେ ବିଜୟୀ ହୋଇଛି ଓ ୱେଷ୍ଟଇଣ୍ଡିଜ ୬୩ଟି ଜିତିଛି। ୨ଟି ମ୍ୟାଚ ଟାଇ ରହିଛି ଓ ୪ଟି ମ୍ୟାଚରୁ କୌଣସି ଫଳାଫଳ ମିଳିନାହିଁ। ୧୯୮୩ ବିଶ୍ୱକପ୍ ଫାଇନାଲ ପୂର୍ବରୁ ୱେଷ୍ଟଇଣ୍ଡିଜର ପଲା ଭାରି ରହିଥିଲା। ମାତ୍ର ବିଶ୍ୱକପ୍ ବିଜୟ ପରେ ହାରଜିତ ସମୀକରଣରେ ଟିମ୍ ଇଣ୍ଡିଆ ସମକକ୍ଷ ହୋଇପାରିଛି। ଏକଦିବସୀୟ ମ୍ୟାଚରେ ଟିମ୍ ଇଣ୍ଡିଆର ସର୍ବାଧିକ ସ୍କୋର ଇନ୍ଦୋର ଠାରେ ୪୧୮ ଏବଂ ସର୍ବନିମ୍ନ ସ୍କୋର ଅହମଦାବାଦଠାରେ ୧୦୦ ରହିଛି। ସେହିପରି ଭାରତ ବିପକ୍ଷରେ ୱେଷ୍ଟଇଣ୍ଡିଜର ସର୍ବାଧିକ ସ୍କୋର ୩୩୩ ଜାମସେଦ୍‌ପୁରଠାରେ ରହିଥିବା ବେଳେ ଥିରୁଭାନନ୍ତପୁରମ୍‌ଠାରେ ସର୍ବନିମ୍ନ ସ୍କୋର ୧୦୪ ରନ୍ ରହିଛି। ଉଭୟ ଦେଶ ମଧ୍ୟରେ ୧୭ ଟି୨୦ ମ୍ୟାଚ ଖେଳାଯାଇଛି। ୧୦ଟି ମ୍ୟାଚରେ ଟିମ ଇଣ୍ଡିଆ ଓ ୬ ମ୍ୟାଚରେ ୱେଷ୍ଟଇଣ୍ଡିଜ ବିଜୟୀ ହୋଇଛି। ଗୋଟିଏ ମ୍ୟାଚରୁ କୌଣସି ଫଳାଫଳ ମିଳିପାରି ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଫେବୃୟାରୀ ୪/୨୦୨୨ Sambalpur, Friday, February 4/ 2022

# ବାରବାଟୀରେ ଏଲିଟ୍ ଗ୍ରୁପ୍ ମ୍ୟାଚ



ନୂଆଦିଲ୍ଲୀ, ୩।୨ (ପି.ଟି.)

ରଣଜୀ ଟ୍ରଫିର ପ୍ରଥମ ପର୍ଯ୍ୟାୟ ଫେବୃୟାରୀ ୧୦ରୁ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ପରେ ଏହାର ଦ୍ୱିତୀୟ ପର୍ଯ୍ୟାୟ ମେ' ୩୦ରୁ ଜୁନ୍ ୨୬ ପର୍ଯ୍ୟନ୍ତ ଖେଳାଯିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ରାଜ୍ୟ ୟୁନିଟଗୁଡ଼ିକୁ ଗୁରୁବାର ଜଣାଇ ଦେଇଛନ୍ତି। ପ୍ରତିଯୋଗିତାର ଏଲିଟ୍ ଗ୍ରୁପ ମ୍ୟାଚଗୁଡ଼ିକ କଟକ, ରାଜକୋଟ, ଚେନ୍ନାଇ, ଅହମଦାବାଦ, ତ୍ରିଭେନ୍ଦ୍ରମ, ଦିଲ୍ଲୀ, ହରିୟାଣା ଓ ଗୁଆହାଟୀରେ ଆୟୋଜନ ହେବ। ପ୍ଲେଟ ଲିଗ୍ ମ୍ୟାଚଗୁଡ଼ିକ କୋଲକାତାରେ ଅନୁଷ୍ଠିତ ହେବ। ଫଳରେ ବାରବାଟୀ ଷ୍ଟାଡିୟମରେ ଏଲିଟ୍ ଗ୍ରୁପ୍ ମ୍ୟାଚ ଖେଳାଯିବା ସ୍ପଷ୍ଟ ହୋଇଯାଇଛି। ୮ ଏଲିଟ୍ ଗ୍ରୁପ୍‌ର ଶୀର୍ଷ ସ୍ଥାନୀୟ ୭ଟି ଦଳ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବେ। ଲୋ ର୍‍ୟାଙ୍କରେ ଥିବା ଅବଶିଷ୍ଟ ଗୋଟିଏ ଦଳ ପ୍ଲେ ଗ୍ରୁପ୍‌ର ଶୀର୍ଷ ଦଳ ସହ ଏକମାତ୍ର ପ୍ରି-କ୍ୱାର୍ଟର ଫାଇନାଲ ଖେଳିବ। ଏଲିଟ୍ ଗ୍ରୁପ୍‌ଗୁଡ଼ିକରେ ୪ଟି ଲେଖାଏ ଏବଂ ପ୍ଲେଟ ଗ୍ରୁପ୍‌ରେ ୬ ଦଳ ଭାଗନେବେ। ସମସ୍ତ ଦଳ ନିରପେକ୍ଷ ଭେନ୍ୟୁରେ ମ୍ୟାଚ ଖେଳିବେ। ଏଲିଟ୍-ବି'ରେ ସ୍ଥାନ ପାଇଥିବା ବେଙ୍ଗଲ, ବରୋଦା, ହାଇଦ୍ରାବାଦ ଓ ଚଣ୍ଡିଗଡ଼ ବାରବାଟୀ ଷ୍ଟାଡିୟମରେ ମ୍ୟାଚ ଖେଳିବେ।

୬୨ ଦିନ ମଧ୍ୟରେ ଟୁର୍ନାମେଣ୍ଟରେ ୬୪ଟି ଗେମ୍ ଖେଳାଯିବ। ପ୍ରଥମ ପର୍ଯ୍ୟାୟରେ ୫୭ଟି ମ୍ୟାଚ ଅନୁଷ୍ଠିତ ହେବ। ଦ୍ୱିତୀୟ ପର୍ଯ୍ୟାୟରେ ଫାଇନାଲ, ୨ ସେମିଫାଇନାଲ ଓ ୪ କ୍ୱାର୍ଟର ଫାଇନାଲକୁ ମିଶାଇ ୭ଟି ନକ୍‌ଆଉଟ ମ୍ୟାଚ ଖେଳାଯିବ। ଗ୍ରୁପିଂ ଅନୁସାରେ ପ୍ରଥମ ପର୍ଯ୍ୟାୟରୁ ବିଦାୟ ନେଉଥିବା ଦଳଗୁଡ଼ିକ କେବଳ ୩ଟି ଲେଖାଏ ମ୍ୟାଚ ଖେଳିବା ସୁଯୋଗ ପାଇବେ। ତେବେ ମ୍ୟାଚ ଫି' ବୃଦ୍ଧି କରାଯାଇଥିବାରୁ ଏଥିରେ ଖେଳାଳିମାନେ ପ୍ରଭାବିତ ହେବେନାହିଁ ବୋଲି ଶାହାଙ୍କ ପତ୍ରରୁ ସ୍ପଷ୍ଟ ହୋଇଛି।

### ରଣଜୀ ଟ୍ରଫି ଗ୍ରୁପିଙ୍ଗ୍ସ

ଏଲିଟ୍-ଏ (ରାଜକୋଟ): ଗୁଜରାଟ, ମଧ୍ୟପ୍ରଦେଶ, କେରଳ ଓ ମେଘାଳୟ
ଏଲିଟ୍-ବି (କଟକ): ବେଙ୍ଗଲ, ବରୋଦା, ହାଇଦ୍ରାବାଦ ଓ ଚଣ୍ଡିଗଡ଼
ଏଲିଟ୍-ସି (ଚେନ୍ନାଇ): କର୍ଣ୍ଣାଟକ, ରେଲୱେ, ଜମ୍ମୁ-କଶ୍ମୀର ଓ ପଣ୍ଡିଚେରୀ
ଏଲିଟ୍-ଡି (ଅହମଦାବାଦ): ସୌରାଷ୍ଟ୍ର, ମୁମ୍ବାଇ, ଓଡ଼ିଶା ଓ ଗୋଆ
ଏଲିଟ୍-ଇ (ତ୍ରିଭେନ୍ଦ୍ରମ): ଆନ୍ଧ୍ର ପ୍ରଦେଶ, ରାଜସ୍ଥାନ, ସର୍ଭିସେସ ଓ ଉତ୍ତରାଖଣ୍ଡ
ଏଲିଟ୍-ଏଫ୍ (ଦିଲ୍ଲୀ): ପଞ୍ଜାବ, ହିମାଚଳ ପ୍ରଦେଶ, ହରିୟାଣା ଓ ତ୍ରିପୁରା
ଏଲିଟ୍-ଜି (ହରିୟାଣା): ବିଦର୍ଭ, ଉତ୍ତର ପ୍ରଦେଶ, ମହାରାଷ୍ଟ୍ର ଓ ଆସାମ
ଏଲିଟ୍-ଏଚ୍ (ଗୁଆହାଟୀ): ଦିଲ୍ଲୀ, ତାମିଲନାଡୁ, ଝାଡ଼ଖଣ୍ଡ ଓ ଛତିଶଗଡ଼
ପ୍ଲେଟ୍ ଗ୍ରୁପ୍ (କୋଲକାତା): ବିହାର, ନାଗାଲାଣ୍ଡ, ମଣିପୁର, ମିଜୋରାମ, ସିକିମ ଓ ଅରୁଣାଚଳ ପ୍ରଦେଶ



କ୍ୟାମ୍ପ ଚାଲିଥିବା ବେଳେ ଖେଳାଳିଙ୍କ ସହ ଆଲୋଚନାରତ ଓଡ଼ିଶା ରଣଜୀ ଦଳର ମୁଖ୍ୟ କୋଚ୍ ୱାସିମ୍ ଜାଫର।

## ଓଡ଼ିଶା ରଣଜୀ ଦଳର କ୍ୟାମ୍ପ ଆରମ୍ଭ

**ଭୁବନେଶ୍ୱର, ୩।୨ (କ୍ରୀଡ଼ା ପ୍ରତିନିଧି):** ଦୀର୍ଘ ୨ ବର୍ଷ ବ୍ୟବଧାନରେ ରଣଜୀ ଟ୍ରଫି ଆରମ୍ଭ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସବୁଜ ସଙ୍କେତ ଦେଇ ସାରିଛି। ଫଳରେ ରଣଜୀ ଟ୍ରଫି ଦଳଗୁଡ଼ିକର କ୍ୟାମ୍ପ ପ୍ରାୟତଃ ଆରମ୍ଭ ହୋଇଯାଇଛି। ଏହି କ୍ରମରେ ଓଡ଼ିଶା କ୍ରିକେଟ ଦଳର କ୍ୟାମ୍ପ ବୁଧବାରଠାରୁ କଟକର ବାରବାଟୀ ଷ୍ଟାଡିୟମରେ ଆରମ୍ଭ ହୋଇଛି। ସିନିୟର ଦଳର ମୁଖ୍ୟ କୋଚ୍ ୱାସିମ୍ ଜାଫରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ୟାମ୍ପ ଦ୍ୱିତୀୟ ଦିବସରେ ପହଞ୍ଚିଛି। କ୍ୟାମ୍ପରେ କୋଭିଡ୍-୧୯ ଗାଇଡ୍‌ଲାଇନ ପାଳନ କରାଯାଉଥିବା ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସୂତ୍ରରୁ ପ୍ରକାଶ।

## ଟପ୍ସ କୋର୍ ଗ୍ରୁପ୍‌ରେ ସାନିଆ, ବୋପାନ୍ନା

**ନୂଆଦିଲ୍ଲୀ, ୩।୨ (ପି.ଟି.):** ଭାରତୀୟ ଟେନିସ ଷ୍ଟାର ସାନିଆ ମିର୍ଜା, ରୋହନ ବୋପାନ୍ନା, ଅଙ୍କିତା ରାଇନା ଓ ରାମକୁମାର ରମାନାଥନ ପ୍ରମୁଖଙ୍କୁ ଗୁରୁବାର କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ଟାର୍ଗେଟ ଅଲିମ୍ପିକ ପୋଡିୟମ ଫିନିଶ (ଟପ୍ସ) ଆଥଲେଟ କୋର୍ ଗ୍ରୁପ୍‌ରେ ସାମିଲ କରାଯାଇଛି। ଚଳିତବର୍ଷ ପରବର୍ତ୍ତୀ ଭାଗରେ ହେବାକୁଥିବା ହାଙ୍ଗଝୋ ଏସିଆନ ଗେମ୍ସ ପର୍ଯ୍ୟନ୍ତ ସେମାନେ ଟପ୍ସରେ ରହିବେ। ସର୍ବଭାରତୀୟ ଟେନିସ ଆସୋସିଏଶନ (ଅ।ଇ ଟ।)ର ଅନୁରୋଧ କ୍ରମେ କ୍ରୀଡ଼ା ମନ୍ତ୍ରଣାଳୟର ମିଶନ ଅଲିମ୍ପିକ ସେଲ୍ (ଏମ୍‌ଓସି)ର ଏକ ବୈଠକରେ ଉପରୋକ୍ତ ୪ଜଣ ଟେନିସ ଖେଳାଳିଙ୍କୁ ଟପ୍ସରେ ନିଆଯାଇଛି। ବୈଠକରେ ସ୍ୱଳ୍ପ ବୟସ୍କା ତୀରନ୍ଦାଜ ମଞ୍ଜରୀ ଏଲୋନ୍‌ଙ୍କୁ ୩.୬୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏଥିରେ ସେ ଏକ ରିକର୍ଭ ଧନୁ ସେଟ୍ କ୍ରୟ କରିବେ। ମଞ୍ଜରୀ ଗତବର୍ଷ ପୋଲାଣ୍ଡର ରୋକ୍ଲାଠାରେ ଅନୁଷ୍ଠିତ ୱାର୍ଲ୍ଡ ଆର୍ଚେରୀ ୟୁଥ୍ ଚାମ୍ପିୟନଶିପ୍ ୨୦୨୧ରେ ଏକ ବ୍ରୋଞ୍ଜ ଜିତିଥିଲେ। ଏମ୍‌ଓସି ଆହୁରି ମଧ୍ୟ ପାରା ପିସ୍ତଲ ଶୁଟର ସିଂହରାଜ ଆଧାନାଙ୍କୁ ୪.୩୧ ଲକ୍ଷ ଟଙ୍କା ମଞ୍ଜୁର କରିଛି। ଆଧାନା ଟୋକିଓ ପାରାଲିମ୍ପିକ୍ ଗେମ୍ସରେ ଏକ ରୌପ୍ୟ ଓ ଏକ ବ୍ରୋଞ୍ଜ୍ ଜିତିଥିଲେ। ସେ ଫେବୃୟାରୀ ୧୦ରୁ ମାର୍ଚ୍ଚ ୨୫ ପର୍ଯ୍ୟନ୍ତ କାର୍ନି ସିଂ ଶୁଟିଂ ରେଞ୍ଜରେ ଟ୍ରେନିଂ ନେବେ। ମଞ୍ଜୁର ଅର୍ଥରୁ ସେ ୨୫ଏମ୍ ଓ ୫୦ ଏମ୍ ଇଭେଣ୍ଟ ଲାଗି ବନ୍ଧୁକ ଓ ଗୁଳି କିଣିବା ଲାଗି ୨.୨୬ ଲକ୍ଷ ଟଙ୍କା ବ୍ୟୟ କରିବେ। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ପକ୍ଷରୁ କୁହାଯାଇଛି ଯେ, ତୁଗଲକବାଦ ରେଞ୍ଜ୍‌ରେ ମନୀଷ ନରୱାଲଙ୍କ ସହିତ କାର୍ଯ୍ୟ କରୁଥିବା କୋଚ୍ ଜେପି ନଟିୟାଲଙ୍କୁ ଅଧିକ ୧୦ ଦିନ ଅବସ୍ଥାନ କରିବାକୁ କୁହାଯାଇଛି। ସେ ସିଂହରାଜ ଆଧାନାଙ୍କୁ ସହାୟତା କରିବେ। ସେହିପରି ସ୍କିଟ୍ ଶୁଟର ଗୁରଜୋତ୍ ସିଂଙ୍କୁ ୨.୬୮ ଲକ୍ଷ ଏବଂ ସ୍ୱଳ୍ପ ବୟସ୍କ ଏୟାର ରାଇଫଲ ଶୁଟର ରୁଦ୍ରାଂଶ ପାଟିଲଙ୍କୁ ସରଞ୍ଜାମ କ୍ରୟ ଲାଗି ୧.୦୩ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି।



ସାନିଆ ମିର୍ଜା ଓ ରୋହନ ବୋପାନ୍ନା।



ପ୍ରୋ କବାଡ଼ି ଲିଗ୍‌ରେ ଗୁରୁବାର ଜୟପୁର ପିଙ୍କ ପାନ୍ଥର୍ସ ଓ ଦବଙ୍ଗ ଦିଲ୍ଲୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ଇଂଲଣ୍ଡ କ୍ରିକେଟ ଟିମ୍ ନିର୍ଦ୍ଦେଶକ ପଦବୀ ଛାଡ଼ିଲେ ଜାଇଲ୍ସ

ଲଣ୍ଡନ, ୩।୨ (ଏପି)

ଅଷ୍ଟ୍ରେଲିଆରେ ଆଶେସ ସିରିଜରେ ଶୋଚନୀୟ ପରାଜୟ ପରେ ଆଶଲେ ଜାଇଲ୍ସ ଇଂଲଣ୍ଡ ପୁରୁଷ କ୍ରିକେଟ ଦଳର ନିର୍ଦ୍ଦେଶକ ପଦ ତ୍ୟାଗ କରିଛନ୍ତି। ଜାଇଲ୍ସ ୩ବର୍ଷ ହେଲା ଏହି ପଦବୀ ଥିଲେ। ତାଙ୍କ ସ୍ଥାନରେ ପୂର୍ବତନ ଟେଷ୍ଟ ଅଧିନାୟକ ଆଣ୍ଡ୍ର୍ୟୁ ଷ୍ଟ୍ରସ୍ କାମଚଳା ଦାୟିତ୍ୱ ଗ୍ରହଣ କରିବେ। ଆଶେସ ସିରିଜରେ ଇଂଲଣ୍ଡ ୪-୦ରେ ପରାଜିତ ହୋଇଥିଲା। ଏହା ନୈରାଶ୍ୟଜନକ ବୋଲି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ମୁଖ୍ୟ କାର୍ଯ୍ୟନିର୍ବାହୀ ଟମ୍ ହାରିସନ ପ୍ରକାଶ କରିଥିଲେ। ଜାଇଲ୍ସଙ୍କ ଅଧୀନରେ ଇଂଲଣ୍ଡ ପ୍ରଥମ ଥର ୫୦ଓଭର କ୍ରିକେଟ ବିଶ୍ୱକପ୍ ଜିତିଥିଲେ ମଧ୍ୟ ଟେଷ୍ଟ ଫର୍ମାଟରେ ଅଗ୍ରଗତି କରିପାରିନାହିଁ। ଇଂଲଣ୍ଡର ପୂର୍ବତନ ଟେଷ୍ଟ ସ୍ପିନର ଜାଇଲ୍ସ କହିଛନ୍ତି, ସେ ବର୍ତ୍ତମାନ କିଛି ସମୟ ତାଙ୍କ ପରିବାର ସହ ବିତାଇବାକୁ ଚାହୁଁଛନ୍ତି। ତା'ପରେ ସେ ତାଙ୍କର ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ନିଷ୍ପତ୍ତି ନେବେ।



ଗୋଆର ଫାଟୋର୍ଡା ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ଏକ ଇଣ୍ଡିଆନ ସୁପର ଲିଗ୍ ମ୍ୟାଚ୍‌ରେ ବଲ୍ ପାଇଁ ସଂଘର୍ଷ କରୁଛନ୍ତି ମୁମ୍ବାଇ ସିଟି ଏଫ୍‌ସିର ବିକ୍ରମ ପ୍ରତାପ ସିଂ (ବାମ) ଓ ଏଟିକେ ମୋହନ ବାଗାନର ହୁଗୋ ବୋମୋସ।

## ଲାଭର କପ୍ ଖେଳିବେ ଫେଡରର, ନାଡାଲ

**ଲଣ୍ଡନ, ୩।୨ (ଏପି):** ସେପ୍ଟେମ୍ବରରେ ହେବାକୁଥିବା ଲାଭର କପ୍ ଟେନିସ ପ୍ରତିଯୋଗିତାର ପରବର୍ତ୍ତୀ ସଂସ୍କରଣରେ ଦୁଇ ଟେନିସ ଷ୍ଟାର ରୋଜର ଫେଡରର ଓ ରାଫାଲ ନାଡାଲ ଖେଳିବା ଲାଗି ଯୋଜନା ରଖିଛନ୍ତି। ଆଣ୍ଠୁରେ ଆଘାତଜନିତ କାରଣରୁ ଗତବର୍ଷ ଜୁଲାଇରୁ ଟେନିସରୁ ଦୂରେଇ ରହିଥିବା ଫେଡରର ଏକଥା କହିଛନ୍ତି। ନାଡାଲ ନିକଟରେ ଅଷ୍ଟ୍ରେଲିଆନ ଓପନରେ ରେକର୍ଡ ୨୧ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ଲଣ୍ଡନରେ ସେପ୍ଟେମ୍ବର ୨୩ରୁ ୨୫ ପର୍ଯ୍ୟନ୍ତ ହେବାକୁଥିବା ଲାଭର କପ୍‌ରେ ସେ ଓ ନାଡାଲ ଟିମ୍ ୟୁରୋପରେ ପ୍ରତିନିଧିତ୍ୱ କରିବେ। ଫେଡରରଙ୍କ ମ୍ୟାନେଜମେଣ୍ଟ କମ୍ପାନୀ ହେଉଛି ଏହି ପ୍ରତିଯୋଗିତାର ଆୟୋଜକ। ସେ କହିଛନ୍ତି, ଲାଭର କପ୍‌ରେ ପୁଣି ଏକାଠି ଡବଲ୍ସ ଖେଳିବା ଲାଗି ନାଡାଲ ଗତବର୍ଷ ତାଙ୍କୁ ପ୍ରସ୍ତାବ ଦେଇଥିଲେ। ସେମାନଙ୍କ ଯୋଡ଼ି ୨୦୧୭ରେ ଅନୁଷ୍ଠିତ ପ୍ରଥମ ଲାଭର କପ୍‌ରେ ଏକ ଡବଲ୍ସ ମ୍ୟାଚ ଜିତିଥିଲା। ୨୦୨୧ରେ ଫେଡରର କିମ୍ବା ନାଡାଲ ଲାଭର କପ୍‌ରେ ଭାଗ ନେଇ ନ ଥିଲେ। ସେପ୍ଟେମ୍ବରରେ ଏହି ପ୍ରତିଯୋଗିତାର ୫ମ ସଂସ୍କରଣ ହେବ।

## ଭାରତ କ୍ରମାଗତ ୪ର୍ଥ ଥର ଫାଇନାଲରେ

**ଓସ୍‌ବୋର୍ନ, ୩।୨ (ପି.ଟି.):** ଆଇସିସି ୧୯ ବର୍ଷରୁ କମ୍ ଦିନିକିଆ କ୍ରିକେଟ ବିଶ୍ୱକପ୍ ଫାଇନାଲ ଶନିବାର ଆଣ୍ଟିଗୁଆସ୍ଥିତ ସାର୍ ଭିଭିଆନ ରିଚାର୍ଡ୍ସ ଷ୍ଟାଡିୟମରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ହେବ। ବୁଧବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଅଧିନାୟକ ୟାଶ ଧୂଲଙ୍କ ଆକର୍ଷଣୀୟ ଶତକ ସହାୟତାରେ ଭାରତ ୯୬ ରନରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ପୂର୍ବରୁ ପ୍ରଥମ ସେମିଫାଇନାଲରେ ଇଂଲଣ୍ଡ ୧୫ରନରେ ଆଫଗାନିସ୍ତାନକୁ ହରାଇ ଦେଇଥିଲା। ବୁଧବାର ମ୍ୟାଚରେ ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଧୂଲ ୧୧୦ ବଲ୍‌ରୁ ୧୧୦ ରନ କରିଥିବା ବେଳେ ଉପଅଧିନାୟକ ଶେକ୍ ରଶିଦ (୧୦୮ ବଲ୍‌ରୁ ୯୪ରନ) ୨୦୪ ରନର ଭାଗୀଦାରି କରିଥିଲେ। ଯାହାଫଳରେ ଭାରତ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ବିନିମୟରେ ୨୯୦ ରନ ସ୍କୋର କରିପାରିଥିଲା। ପରେ ଭାରତୀୟ ବୋଲରମାନଙ୍କ ଶୃଙ୍ଖଳିତ ବୋଲିଂ ଯୋଗୁ ଅଷ୍ଟ୍ରେଲିଆ ୪୧.୫ ଓଭରରେ ୧୯୪ରନ ସ୍କୋରରେ ଅଲଆଉଟ ହୋଇଯାଇଥିଲା। ଦଳର ଟପ ସ୍କୋରର ଲାଚନାନ ଶ' ୫୧ ରନ କରିଥିଲେ। ପ୍ରଥମ ପାୱାର ପ୍ଲେରେ ହାଙ୍ଗରଗେକର (୦/୨୬) ଓ ରବି କୁମାର (୨/୩୭) ପ୍ରଭାବୀ ବୋଲିଂ କରିଥିଲେ। ପରେ ସ୍ପିନର ନିଶାନ୍ତ ସିନ୍ଧୁ (୨/୨୫), ଭିକିଓଷ୍ଟୱାଲ (୩/୪୨) ଓ କୁଶାଲ ଟାମ୍ବେ (୧/୩୨) ମିଡଲ ଓଭରଗୁଡ଼ିକରେ ପ୍ରାଧାନ୍ୟ ବିସ୍ତାର କରି ବିପକ୍ଷ ଦଳର ବ୍ୟାଟରମାନଙ୍କୁ ଅଡୁଆରେ ପକାଇଥିଲେ। ଟୁର୍ନାମେଣ୍ଟ ଇତିହାସରେ ବିରାଟ କୋହଲି (୨୦୦୮) ଓ ଉନ୍ମୁକ୍ତ ଚାନ୍ଦ (୨୦୧୨)ଙ୍କ ପରେ ଧୂଲ ତୃତୀୟ ଭାରତୀୟ ଭାବେ ଶତକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି।

**୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍**

### ସଂକ୍ଷିପ୍ତ ସ୍କୋର

**୧୯ ବର୍ଷରୁ କମ୍ ଭାରତ ଇନିଂସ:** ୫୦ ଓଭରରେ ୨୯୦/୫ (ୟାଶ ଧୂଲ୍-୧୧୦, ଶେକ୍ ରଶିଦ-୯୪; ଜ୍ୟାକ୍ ନିସ୍‌ବେଟ୍-୨/୪୧, ୱିଲିୟମ ସାଲ୍‌ଜମ୍ୟାନ-୨/୫୭)।

**୧୯ ବର୍ଷରୁ କମ୍ ଅଷ୍ଟ୍ରେଲିଆ ଇନିଂସ:** ୪୧.୫ ଓଭରରେ ୧୯୪/ଅଲଆଉଟ (ଲାଚନାନ ଶ'-୫୧, କୋରେ ମିଲର-୩୮, କ୍ୟାମ୍ପବେଲ କେଲାୱେ-୩୦ ; ଭିକି ଓଷ୍ଟୱାଲ-୩/୪୨, ନିଶାନ୍ତ ସିନ୍ଧୁ-୨/୨୫, ରବି କୁମାର-୨/୩୭)।



ଦ୍ୱିଶତକୀୟ ଭାଗୀଦାରି ଅବସରରେ ଭାରତୀୟ ବ୍ୟାଟର ୟାଶ ଧୂଲ ଓ ଶେକ୍ ରଶିଦ।

## ବେଜିଂ ୱିଣ୍ଟର ଅଲିମ୍ପିକ୍ସ ଆଜିଠାରୁ

ବେଜିଂ, ୩।୨(ଏପି)

ୱିଣ୍ଟର ଅଲିମ୍ପିକ୍ସ ୨୦୨୨ ଶୁକ୍ରବାରଠାରୁ ଆରମ୍ଭ ହେବ। ଏହା ଫେବୃୟାରୀ ୨୦ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୯୧ଟି ଦେଶର ୨,୮୭୧ ଆଥଲେଟ (୧,୫୮୧ ପୁରୁଷ ଓ ୧,୨୯୦ ମହିଳା) ଅଂଶଗ୍ରହଣ କରୁଛନ୍ତି। ଏଥିରେ ୭ଟି କ୍ରୀଡ଼ା (୧୫ ବିଭାଗ)ର ୧୦୯ଟି ଇଭେଣ୍ଟ ଅନୁଷ୍ଠିତ ହେବ। ବେଜିଂ ନ୍ୟାଶନାଲ ଷ୍ଟାଡିୟମରେ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍ ୱିଣ୍ଟର ଅଲିମ୍ପିକ୍ସର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଇଭେଣ୍ଟର ଆୟୋଜନ ନେଇ କୋଭିଡ୍ ମହାମାରୀ ବଡ଼ ସମସ୍ୟା ରହିଥିଲା। ଏହାଛଡ଼ା ଚାଇନାର ମାନବାଧିକାର ରେଡର୍କ ଭଲ ନ ଥିବାରୁ ପ୍ରତିବାଦ ସ୍ୱରୂପ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ) ନେତୃତ୍ୱରେ କେତେକ ପାଶ୍ଚାତ୍ୟ ରାଷ୍ଟ୍ର କୂଟନୈତିକ ବର୍ଜନ କରିଛନ୍ତି। ଅର୍ଥାତ୍ ଗେମ୍ସର ଉଦ୍‌ଘାଟନୀ ଅବା ଉଦ୍‌ଯାପନୀ ଉତ୍ସବରେ ଏହି ସବୁଦେଶଗୁଡ଼ିକର କୌଣସି ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେବେ ନାହିଁ। କିନ୍ତୁ ଆଥ୍‌ଲେଟମାନେ ଅଂଶଗ୍ରହଣ କରିବେ। ୱିଣ୍ଟର ଅଲିମ୍ପିକ୍ସ ବେଳେ ଅଂଶଗ୍ରହଣକାରୀମାନଙ୍କୁ କରୋନା ସଂକ୍ରମଣରୁ ରକ୍ଷା କରିବା ଆୟୋଜକ ଦେଶ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହେବ। ଯଦି କେହି କରୋନା ପଜିଟିଭ ଚିହ୍ନଟ ହୁଅନ୍ତି ତାଙ୍କୁ ଆଇସୋଲେଶନରେ ରହିବାକୁ ପଡ଼ିବ। ତେବେ ଏହି ସମୟକୁ କିପରି ବିତାଇବାକୁ ପଡ଼ିବ ତାହା ସ୍ପଷ୍ଟ କରାଯାଇ ନାହିଁ। ଗୁରୁବାର ବେଲଜିୟମର ଜଣେ ସ୍କେଲିଟନ ରେସର ସୋସିଆଲ ମିଡିଆରେ ତାଙ୍କ ତିକ୍ତ ଅନୁଭୂତି ବର୍ଣ୍ଣନା କରିଛନ୍ତି। ସାଇବର ସିକ୍ୟୁରିଟି ଦୃଷ୍ଟିରୁ ବହୁ ଦେଶ ସେମାନଙ୍କ ଆଥ୍‌ଲେଟମାନଙ୍କୁ ସେଲଫୋନ୍ ଓ ଲାପ୍‌ଟପ୍ ସେମାନଙ୍କ ଘରେ ଛାଡ଼ିଯିବାକୁ ପରାମର୍ଶ ଦେଇଛନ୍ତି। ସପ୍ତାହେ ପୂର୍ବରୁ ଆମେରିକାର ଏଫ୍‌ବିଆଇ(ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ) ମୁଖ୍ୟ କହିଥିଲେ, ଚାଇନା ସରକାର ପୂର୍ବାପେକ୍ଷା ହ୍ୟାକିଂ ଅପରେଶନକୁ ଜୋର୍‌ଦାର କରିଛନ୍ତି।

### ସମସ୍ତେ କୋଭିଡ୍ ମୁକ୍ତ

ୱିଣ୍ଟର ଅଲିମ୍ପିକ୍ସରେ ଭାଗ ନେବାକୁ ଯାଇଥିବା ଭାରତୀୟ ଦଳର ସମସ୍ତ ସଦସ୍ୟ କୋଭିଡ୍ ମୁକ୍ତ ବୋଲି ଭାରତୀୟ ଅଲିମ୍ପିକ ଆସୋସିଏଶନ(ଆଇଓଏ) ତରଫରୁ ସ୍ପଷ୍ଟ କରି ଦିଆଯାଇଛି। ଦିନକ ପୂର୍ବେ ଦଳର ମ୍ୟାନେଜର ମହମ୍ମଦ ଆବାସ ୱାନିଙ୍କ କୋଭିଡ୍ ଟେଷ୍ଟ ଫଳାଫଳ ପଜିଟିଭ ଆସିଥିଲା। ମାତ୍ର ଗତ ୨୪ ଘଣ୍ଟାରେ ଦୁଇଥର ରିଟେଷ୍ଟ ପରେ ସେ ନେଗେଟିଭ ଥିବା ଜଣାପଡ଼ିଛି। ବୁଧବାର ବେଜିଂ ବିମାନବନ୍ଦରରେ ପହଞ୍ଚିବା ପରେ ୱାନିଙ୍କର କୋଭିଡ୍ ଟେଷ୍ଟ ହୋଇଥିଲା। ୱିଣ୍ଟର ଅଲିମ୍ପିକ୍ସ ପାଇଁ ଭାରତ ୬ ଜଣିଆ ଦଳ ପଠାଇଛି। ଜମ୍ମୁ କଶ୍ମୀରର ଅରିଫ ଖାନ୍ ଏକମାତ୍ର ଆଥଲେଟ ଭାବେ ଏଥର ଯୋଗ୍ୟତା ଅର୍ଜନ କରିଛନ୍ତି। ସେ ସ୍ଲାଲମ ଓ ଜିଆଣ୍ଟ ସ୍ଲାଲମ ଇଭେଣ୍ଟରେ ଭାଗ ନେବେ। ଭାରତୀୟ ଦଳରେ ସ୍ଥାନ ପାଇଥିବା ଅନ୍ୟମାନଙ୍କ ମଧ୍ୟରେ କୋଚ୍ ଲୁଦାର ଚାନ୍ଦ୍ ଠାକୁର, ଟେକ୍ନିସିଆନ ପୂରଣ ଚାନ୍ଦ ଓ ଟିମ୍ ଅଫିସିଆଲ ରୂପ ଚାନ୍ଦ ନେଗି ରହିଛନ୍ତି।

### ଯୋଗ ଦେବେନି ଭାରତୀୟ କୂଟନୀତିଜ୍ଞ

ବେଜିଂ ୱିଣ୍ଟର ଅଲିମ୍ପିକ୍ସକୁ କୂଟନୈତିକ ବାସନ୍ଦ କରିବା ଲାଗି ଭାରତ ନିଷ୍ପତ୍ତି ନେଇଛି। ଦେଶର ବହିଃବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ ଏକ ଖବରଦାତା ସମ୍ମିଳନୀରେ ଏହା ଘୋଷଣା କରିଛନ୍ତି। ଫଳସ୍ୱରୂପ ବେଜିଂରେ ଭାରତର ବରିଷ୍ଠ କୂଟନୈତିଜ୍ଞ ଇଭେଣ୍ଟର ଉଭୟ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବରେ ଯୋଗଦେବେ ନାହିଁ। ୱିଣ୍ଟର ଅଲିମ୍ପିକ୍ସ ୨୦୨୨ ପାଇଁ ଚାଇନା ଗଲୱାନର ଜଣେ ପିଏଲ୍‌ଏ ସୈନିକଙ୍କୁ ମଶାଲଧାରୀ କରିଛି, ଯିଏକି ୨୦୨୦ ଜୁନ୍‌ରେ ଭାରତୀୟ ସେନା ଉପରେ ଆକ୍ରମଣ କରିବା ଲାଗି ଉଦ୍ୟମ କରୁଥିବା ବେଳେ ଭାରତୀୟ ସେନା ନିଜ ଅକ୍ତିଆରକୁ ନେଇଯାଇଥିଲା। ଏହି ସୈନିକଙ୍କୁ ମଶାଲଧାରୀ କରାଯିବା ପରିତାପର ବିଷୟ। ଏହାଦ୍ୱାରା ଚାଇନା ଅଲିମ୍ପିକ୍ସ ଭଳି ଇଭେଣ୍ଟକୁ ରାଜନୈତିକୀକରଣ କରୁଛି ବୋଲି ବହିଃବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ବାଗ୍‌ଚୀ କହିଛନ୍ତି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ DHARITRI
ସମ୍ବଲପୁର, ଶୁକ୍ରବାର, ୪ ଫେବୃୟାରୀ, ୨୦୨୨



## +୨ ପରୀକ୍ଷା ବାତିଲ କରିବାକୁ ଦାବିପତ୍ର

ଟିଟିଲାଗଡ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ ଡିଏଭି ମହାବିଦ୍ୟାଳୟ ଛାତ୍ର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଉଚ୍ଚ ମାଧ୍ୟମିକ ପରୀକ୍ଷା ବାତିଲ କରିବାକୁ ଦାବି କରିଛି। ଏଥିସହ ଶିକ୍ଷାବର୍ଷ ୨୦୨୧ ଅନୁଯାୟୀ ମୂଲ୍ୟାଙ୍କନ କରିବା ଦାବିରେ କମିଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଟିଟିଲାଗଡ ଉପଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ପ୍ରଦାନ କରାଯାଇଛି। ଛାତ୍ର କ୍ରିୟାନୁଷ୍ଠାନ କମିଟି ସଭାପତି ହିତେଶ ମିଶ୍ର, ସାଧାରଣ ସମ୍ପାଦକ ପ୍ରଦୀପ ନାରାୟଣ ଦାସଙ୍କ ନେତୃତ୍ୱରେ ଛାତ୍ରମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତା ଅବରୋଧ କରିଥିଲେ। ଆନ୍ଦୋଳନକାରୀ ଛାତ୍ରମାନେ ଉପଜିଲାପାଳଙ୍କୁ ଦାବିପତ୍ର ଦେବା ପରେ ରାସ୍ତା ଅବରୋଧ ଉଠିଥିଲା। ସଂଘ କର୍ମକର୍ତ୍ତା ମିନିସ ସାହୁ, ରୋହନ ବିଶି, ମଞ୍ଜିତ ସିଂ ବରିହା, ଅଂଶୁମାନ ବିଶି ପ୍ରମୁଖଙ୍କ ସହ ଅନ୍ୟ ଛାତ୍ରମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଇଷ୍ଟକୋଷ୍ଟ ରେଲୱେ ମଜଦୁର୍ ୟୁନିୟନ ମୁନିଗୁଡ଼ା ଶାଖା ଗଠିତ

ଟିଟିଲାଗଡ,୩।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ ରେଲୱେ ମଜଦୁର ୟୁନିୟନ ଅନ୍ତର୍ଗତ ସଂଘର ମୁନିଗୁଡ଼ା ଶାଖା ଗୁରୁବାର ଗଠିତ ହୋଇଛି। କାର୍ଯ୍ୟକ୍ରମକୁ ଟିଟିଲାଗଡ ଷ୍ଟେଶନ ମାଷ୍ଟର ତଥା ସଂଘର ସମ୍ବଲପୁର ମଣ୍ଡଳ ଯୁଗ୍ମ ସମ୍ପାଦକ ଜଗଦୀଶ ଚନ୍ଦ୍ର ନାୟକ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଇକୋ ରେଲୱେ ମଜଦୁର ସଂଘ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ, ସମ୍ମାନିତ ଅତିଥି ଏସଏମଆର ବଲାଙ୍ଗୀର ସୁରେଶ ଚନ୍ଦ୍ର ଦାସ, ମୁଖ୍ୟବକ୍ତା ଭାବେ ସଂଘର ଜୋନାଲ କୋଷାଧ୍ୟକ୍ଷ ତ୍ରିଲୋଚନ ସାହୁ ଯୋଗ ଦେଇଥିଲେ। ସମ୍ବଲପୁର ଡିଭିଜନ ଅନ୍ତର୍ଗତ ସମସ୍ତ ରେଳ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମାଧାନ ଉପରେ ଅତିଥିମାନେ ମତ ଦେଇଥିଲେ। ମଣ୍ଡଳ ତଥା ଜୋନସ୍ତରୀୟ ଅତିଥିଙ୍କ ତତ୍ତ୍ୱାବଧାନରେ ସଂଘର ମୁନିଗୁଡ଼ା ଶାଖା ଗଠନ କରାଯାଇଥିଲା। ସଭାପତି ଭାବେ ଜାମି ପ୍ରସାଦ, ଉପସଭାପତି ପି.କାମେଶ୍ୱର୍ ରାଓ, ସମ୍ପାଦକ ଗୋବିନ୍ଦ କୁମାର, କାର୍ଯ୍ୟକାରୀ ସମ୍ପାଦକ ରଶ୍ମି ବେହେରା ଏବଂ କୋଷାଧ୍ୟକ୍ଷ ଭାବେ ଆର.କେ.ପଟ୍ଟନାୟକଙ୍କୁ ମନୋନୀତ କରାଯାଇଥିଲା।

### ଅଜଣା ଯୁବକଙ୍କୁ ଉଦ୍ଧାର କରିବାକୁ ଦାବି



କର୍ଲାମୁଣ୍ଡା,୩।୨(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରଠାରେ ଦୀର୍ଘ ୧୦ ଦିନ ହେଲା ଜଣେ ଅପରିଚିତ ଯୁବକ ବୁଲୁଥିବା ଦେଖିବାକୁ ମିଳିଛି। ଏହି ଯୁବକଙ୍କୁ ପରିଚୟ ପଚାରିବାରୁ ନିଜ ନାମ ପ୍ରଶାନ୍ତ ପଧାନ, ପିତାଙ୍କ ନାମ ହାଡୁ ପଧାନ ଘର ବିନିକା ଓ ଜିଲା ସୋନପୁର ବୋଲି କହୁଛି। ତେବେ ଯୁବକଙ୍କ ମାନସିକ ସ୍ଥିତି ଠିକ ନ ଥିବାରୁ ପରିଚୟ ସ୍ପଷ୍ଟ ହୋଇପାରୁନି। ସ୍ଥାନୀୟ ଅଞ୍ଚଳରେ ଯିଏ ଯାହା ଦେଲେ ଖାଇ ଦୁର୍ଗା ମଣ୍ଡପଠାରେ ରହୁଥିବା ଜଣାପଡ଼ିଛି। ଏହି ଯୁବକଙ୍କୁ ଉଦ୍ଧାର କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ବିଜେଡିର ମିଶ୍ରଣ ପର୍ବ

ବୋଡେନ,୩।୨(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ବ୍ଲକ ଡମଝରଠାରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମିଶ୍ରଣ ପର୍ବରେ କଂଗ୍ରେସ ଓ ଭାଜପାର ଶତାଧିକ କର୍ମୀମାନେ ଯୋଗଦେଇଛନ୍ତି। ଶ୍ୟାମସୁନ୍ଦର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ମନୋଜ ମିଶ୍ର, ଜିଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ, ବ୍ଲକ ସଭାପତି ଲୋକନାଥ ଛତ୍ରିଆ, ଆଇନଜୀବୀ ଯୋଗେନ୍ଦ୍ର ମାଝି, ୧୦ ନଂ. ଜୋନ ଜିଲା ପରିଷଦ ବିଜେଡି ପ୍ରାର୍ଥିନୀ ଡଲି ମାଝି, ସନ୍ଦିପ ଦଣ୍ଡସେନା, ନୁର ମହମ୍ମଦ, ଇମରାନ ମହମ୍ମଦ, ଅଭିଲାସ ଗୁଆଲ ପ୍ରମୁଖ ଯୋଗଦେଇଥିଲେ।

### ବାଲ୍ୟବିବାହ ବନ୍ଦ କଲା ଚାଇଲ୍ଡ ଲାଇନ

ଟିଟିଲାଗଡ,୩।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଅନ୍ତର୍ଗତ ପରାଶରା ଓ ସୁର୍ଡା ପଞ୍ଚାୟତରେ ତିନି ନାବାଳିକାଙ୍କ ବିବାହକୁ ବନ୍ଦ କଲା ପ୍ରଶାସନ। ପରାଶରା ପଞ୍ଚାୟତର ନାବାଳିକାଙ୍କ ବିବାହ ଆସନ୍ତା ୧୮ତାରିଖରେ ନୂଆପଡ଼ା ଜିଲାରେ ସ୍ଥିରୀକୃତ ହୋଇଥିଲା। ଚାଇଲ୍ଡ ଲାଇନର ସଦସ୍ୟ ଶିବାନନ୍ଦ ବେହେରା, ସିଡିପିଓ ମୀନାକ୍ଷି ରାଜ ଖବର ପାଇ ଗ୍ରାମରେ ପହଞ୍ଚି ନାବାଳିକାଙ୍କ ମାତାପିତା ଓ ପରିବାର ସଦସ୍ୟଙ୍କୁ ବୁଝାଶୁଝା କରିଥିଲେ। ବାଲ୍ୟ ବିବାହ କଲେ ଆଇନ ଅନୁଯାୟୀ ହେବାକୁ ଥିବା ଦଣ୍ଡବିଧାନ ସମ୍ପର୍କରେ ଅବଗତ କରିଥିଲେ। ସେହିପରି ସୁର୍ଡା ପଞ୍ଚାୟତ ଅନ୍ତର୍ଗତ ଏକ ଗ୍ରାମର ଜଣେ ନାବାଳକ ଓ ନାବାଳିକା ପ୍ରେମ ବିବାହ କରିବାକୁ ଯାଉଥିଲେ। ଚାଇଲ୍ଡ ଲାଇନ ସଦସ୍ୟ ଓ ସିଡିପିଓ ଉଭୟଙ୍କ ସହ ତାଙ୍କ ପରିବାର ସଦସ୍ୟଙ୍କୁ ଉପଯୁକ୍ତ ବୟସ ନ ହେବା ଯାଏ ବୟସ୍କ ହେବା ବିବାହ ନ କରିବାକୁ ବୁଝାଇଥିଲେ। ଚାଇଲ୍ଡ ଲାଇନ ସଦସ୍ୟ ବେହେରା, ସିଡିପିଓ ରାଜ, ସୁପରଭାଇଜର ଚଞ୍ଚଳା ମାଝି, ଅଙ୍ଗନୱାଡ଼ି କର୍ମୀ ଉର୍ମିଳା ମାଝି, ନବ କୁମାରୀ ବନଛୋର୍, ଆଶାକର୍ମୀ ଗୌରୀ ଗହୀର,ସବିତା କର, ଜିଆରଏସ ଶକ୍ତି ମୁଗ୍ରି ତଥା ଗ୍ରାମର ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଉଭୟ ପରିବାର ସଦସ୍ୟ ଲିଖିତ ପ୍ରତିଶ୍ରୁତି ଦେଇଥିଲେ।

# ଅଧ୍ୟକ୍ଷ ପଦ ଉପରେ ନଜର

ସଇଁତଲା,୩।୨(ଡି.ଏନ.ଏ.)

## ସଇଁତଲା ପଞ୍ଚାୟତ ସମିତି



- ୨୫ବର୍ଷ ଧରି କଂଗ୍ରେସ ଦଖଲରେ ଅଛି ପଞ୍ଚାୟତ ସମିତି
- ସମିତି ସଭ୍ୟଭାବେ ଲଢୁଛନ୍ତି ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ରଙ୍କ ସ୍ତ୍ରୀ, ପୁଅ
- ବିଜେଡି ନେତୃବର୍ଗଙ୍କ ଦୃଢ଼ୋକ୍ତି, ଏଥର ଅଧ୍ୟକ୍ଷ ପଦରେ ବସିବେ ଦଳୀୟ ସମର୍ଥିତ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ବଲାଙ୍ଗୀର ଜିଲା ସଇଁତଲା ବ୍ଲକରେ ରାଜନୈତିକ ଗତିବିଧି ବଢ଼ିବାରେ ଲାଗିଛି। କୋଭିଡ୍ କଟକଣା ଅନୁଯାୟୀ ପ୍ରାର୍ଥୀମାନେ ସମର୍ଥକଙ୍କୁ ନେଇ ଘରକୁ ଘର ଯାଇ ଲୋକଙ୍କୁ ଭେଟୁଛନ୍ତି। ବ୍ୟାନର, ପୋଷ୍ଟର ଓ ମାଇକ ପ୍ରଚାରକୁ ବାରଣ କରାଯାଇ ଥିବାରୁ ପୁସିଂ କାର୍ଡ ଦେଇ କାମ ଚଳାଉଛନ୍ତି। ମୋବାଇଲ ହ୍ୱାଟ୍ସ ଅପ, ଫେସବୁକ ଓ ଡିଜିଟାଲି ଯାହା ସମ୍ଭବ ସେଥିରେ ମଧ୍ୟ ପ୍ରଚାର ଅଭିଯାନ ଆଗକୁ ବଢୁଛି। ଏସବୁ ଭିତରେ ସଇଁତଲା ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ଗତ ୨୨ବର୍ଷ ଧରି ରାଜ୍ୟରେ ବିଜେଡି କ୍ଷମତାରେ ଥିଲେ ହେଁ ଥରଟିଏ ବି ପଞ୍ଚାୟତ ସମିତି ଦଖଲ କରିପାରିନାହିଁ। ଭାଜପାର ବି ସମାନ ଅବସ୍ଥା। କଂଗ୍ରେସ ଦଖଲରେ ରହି ଆସିଛି ସଇଁତଲା ପଞ୍ଚାୟତ ସମିତି। ଏଥର ଉକ୍ତ ପଦକୁ ବଜାୟ ରଖିବା କଂଗ୍ରେସ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ଅପରପକ୍ଷରେ ଚଳିତ ଥର ଏଠାରେ ବିଜେଡି ତା'ର ସମର୍ଥିତ ବ୍ୟକ୍ତିଙ୍କୁ ଅଧ୍ୟକ୍ଷ ପଦରେ ବସାଇବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛି। ଭାଜପା ବି ଏହି ପ୍ରତିଦ୍ୱନ୍ଦ୍ୱିତାରୁ ବାଦ୍ ପଡିନାହିଁ।

**ସଇଁତଲା ପଞ୍ଚାୟତ ସମିତି ନିର୍ବାଚିତ ଅଧ୍ୟକ୍ଷ**

| ବର୍ଷ | ଅଧ୍ୟକ୍ଷଙ୍କ ନାମ |
|---|---|
| ୧୯୯୭–୨୦୦୨ | ପଦ୍ମାବତୀ ମେହେର |
| ୨୦୦୨–୦୭ | ମୋନିକା ସିଂ ଭୋଇ |
| ୨୦୦୭–୧୨ | ମୋନିକା ସିଂ ଭୋଇ |
| ୨୦୧୨–୧୭ | ମୋନିକା ସିଂ ଭୋଇ |
| ୨୦୧୭–୨୨ | ଅହଲ୍ୟା ମଲ୍ଲିକ |

୨୨ ପଞ୍ଚାୟତକୁ ନେଇ ସଇଁତଲା ପଞ୍ଚାୟତ ସମିତି ଗଠିତ। ଚଳିତ ଥର ୯୯ଜଣ ସରପଞ୍ଚ, ୮୨ ସମିତି ସଭ୍ୟ ଓ ୪୨୧ଜଣ ୱାର୍ଡସଭ୍ୟ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଆମ୍ବପାଲି ପଞ୍ଚାୟତର ସମିତି ସଭ୍ୟଭାବେ ବିଭୀଷଣ ମାଝି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏଠାରେ ୨୪ତାରିଖ ମତଦାନ ହେବ। ଚଳିତଥର ଅଧ୍ୟକ୍ଷ ପଦବୀ ସାଧାରଣ ବର୍ଗ ପାଇଁ ଉଦ୍ଦିଷ୍ଟ ରହିଛି। ଗତ ୨୫ବର୍ଷ ଧରି କଂଗ୍ରେସ ସମର୍ଥିତଙ୍କ କବ୍‌ଜାରେ ପଞ୍ଚାୟତ ସମିତି ରହିଛି। କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇଙ୍କ ଗୋଟିଚାଳନା ଆଗରେ ପ୍ରତ୍ୟେକ ଥର ବିଜେଡି ଓ ଭାଜପା ହାର ମାନିଛନ୍ତି। ଚଳିତ ଥର ଏହି ଧାରାକୁ ବଜାୟ ରଖିବା ପାଇଁ ସୁରେନ୍ଦ୍ରଙ୍କ ପତ୍ନୀ ମୋନିକା ସିଂ ଭୋଇ ସଇଁତଲା ଓ ବିବିନା ଗ୍ରାମପଞ୍ଚାୟତରୁ ସମିତି ସଭ୍ୟ ପ୍ରାର୍ଥୀଭାବେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ପୂର୍ବରୁ ମୋନିକା ବି ଅଧ୍ୟକ୍ଷ ପଦବୀରେ ରହିସାରିଛନ୍ତି। ଖାଲି ସେତିକି ନୁହେଁ, ସୁରେନ୍ଦ୍ରଙ୍କ ପୁଅ ସିମରନ ସିଂ ଭୋଇ ମଧ୍ୟ ଡେଙ୍ଗ ଗ୍ରାମପଞ୍ଚାୟତରୁ ସମିତି ସଭ୍ୟ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସମିତି ଅଧ୍ୟକ୍ଷ ପଦକୁ ଆଖି ଆଗରେ ରଖି ମୋନିକା ଓ ତାଙ୍କ ପୁଅ ସିମରନ ପ୍ରଚାରକୁ ଜୋରଦାର କରିଛନ୍ତି। କଂଗ୍ରେସ ଦଳର ପ୍ରଚାର ମଙ୍ଗ ସୁରେନ୍ଦ୍ର ସିଂ ଭୋଇ ଧରିଛନ୍ତି। ସେହିପରି ଭାଜପା ମହେନ୍ଦ୍ର ଠାକୁରଙ୍କ ନେତୃତ୍ୱରେ ଏଠାରେ ନିର୍ବାଚନ ଲଢୁଛି। ୨୦୧୭ରେ ସଇଁତଲା ବ୍ଲକ ଅଧୀନରେ ଥିବା ତିନିଟି ଯାକ ଜିଲା ପରିଷଦ ଜୋନ୍‌ରେ ଭାଜପା ପ୍ରାର୍ଥୀମାନେ ବିଜୟୀ ହୋଇଥିଲେ ହେଁ ସମିତି ଅଧ୍ୟକ୍ଷ ପଦ ହାତେଇ ପାରି ନ ଥିଲା। ତେଣୁ ପୁରୁଣା ତ୍ରୁଟିକୁ ସୁଧାରି ଚଳିତ ଥର ଦଳ ଜିଲା ପରିଷଦ ସହ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ମିଳିବ ବୋଲି ଠାକୁର କହିଛନ୍ତି। ଅନ୍ୟପକ୍ଷରେ ବଲାଙ୍ଗୀର ଜିଲା ଦାୟିତ୍ୱରେ ଥିବା ମନ୍ତ୍ରୀ ସୁଶାନ୍ତ ସିଂ ଓ ଟିଟିଲାଗଡ଼ ବିଧାୟିକା ତଥା ମନ୍ତ୍ରୀ ଟୁକୁନୀ ସାହୁ ସଇଁତଲା ପଞ୍ଚାୟତ ସମିତି ଅଧ୍ୟକ୍ଷଭାବେ ଏଥର ଜଣେ ବିଜେଡି ସମର୍ଥିତ ବସିବେ ବୋଲି ପୂର୍ବରୁ ବିଭିନ୍ନ ସଭାରେ ଦୃଢ଼ୋକ୍ତି ପ୍ରକାଶ କରି ଆସିଛନ୍ତି। ଟିଟିଲାଗଡ ନିର୍ବାଚନମଣ୍ଡଳୀ ଅଧୀନରେ ଆସୁଥିବାରୁ ସଇଁତଲା ପଞ୍ଚାୟତ ସମିତି ଦଖଲ ମନ୍ତ୍ରୀ ସାହୁଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି।

# କୋଭିଡ୍ କଟକଣା ବଦଳାଇଛି ପ୍ରଚାର ଶୈଳୀ


ମୁକେଶ ମହାଲିଙ୍ଗ


ବିଭୂତି ଭୂଷଣ ମିଶ୍ର


ଦିଲୀପ କୁମାର ବେହେରା

ଲୋଇସିଂହା, ୩।୨(ଡି.ଏନ.ଏ.)

## ଲୋଇସିଂହାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ

- ଡୋର କ୍ୟାମ୍ପେନ, ଡିଜିଟାଲ ପ୍ରଚାରକୁ ଦିଆଯାଉଛି ଗୁରୁତ୍ୱ

କୋଭିଡ୍‌ର ତୃତୀୟ ଲହର ମଧ୍ୟରେ ହେଉଛି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ। ନିର୍ବାଚନ କମିଶନଙ୍କ କଟକଣା ମଧ୍ୟରେ ଚାଲିଛି ପ୍ରଚାର। ଏଥିପାଇଁ ରାଜ୍ୟର ଅନ୍ୟ ଅଞ୍ଚଳ ପରି ବଲାଙ୍ଗୀର ଜିଲା ଲୋଇସିଂହା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବି ବଦଳିଛି ପ୍ରାର୍ଥୀଙ୍କ ପ୍ରଚାର ଶୈଳୀ। ୱାର୍ଡସଭ୍ୟଙ୍କଠାରୁ ଆରମ୍ଭ କରି ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ପ୍ରାର୍ଥୀମାନେ ଘରକୁ ଘର ବୁଲି ଭୋଟଭିକ୍ଷା କରୁଛନ୍ତି। ଏପରି କି ଦଳୀୟ ଚିହ୍ନରେ ଲଢ଼ା ଯାଉଥିବା ଜିଲା ପରିଷଦ ନିର୍ବାଚନରେ ବି ମାଇକ ପ୍ରଚାର ଶୁଣିବାକୁ ମିଳୁନାହିଁ। ଗାଡ଼ି ମୋଟର ମାଧ୍ୟମରେ ଦଳୀୟ ଶୋଭାଯାତ୍ରା କରି ପ୍ରାର୍ଥୀମାନେ ନିଜ ପତିଆରା ପ୍ରଦର୍ଶନ କରିପାରୁ ନାହାନ୍ତି। ସଭାରେ ରାଜନୈତିକ ନେତାଙ୍କର ପରସ୍ପର ଆକ୍ଷେପ, ପ୍ରତିଆକ୍ଷେପ ଶୁଣିବାକୁ ମିଳୁନାହିଁ। ବଡ ଧରଣର କର୍ମୀ ସମ୍ମିଳନୀରେ ବାଧକ ସାଜୁଛି କୋଭିଡ୍ କଟକଣା। ଆସନ୍ତା ୧୮ ତାରିଖରେ ଲୋଇସିଂହା ବ୍ଲକର ୨୦ ପଞ୍ଚାୟତ ଏବଂ ୩୩ ଏବଂ ୩୪ ନଂ ଜୋନ୍‌ରେ ନିର୍ବାଚନ ଅନୁଷ୍ଠିତ ହେବ । ଏଥିପାଇଁ ଡିଜିଟାଲ ପ୍ରଚାରକୁ ଆପଣାଇ ପ୍ରାର୍ଥୀମାନେ ଫେସବୁକ୍, ହ୍ୱାଟ୍‌ସଆପ ମାଧ୍ୟମରେ ପ୍ରଚାର ଅଭିଯାନକୁ ଆଗକୁ ବଢ଼ାଉଛନ୍ତି। ଏ ସମ୍ପର୍କରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ କହିଛନ୍ତି ଯେ, କୋଭିଡ୍ କଟକଣାକୁ ଆଖି ଆଗରେ ରଖି ଭାଜପା ପ୍ରାର୍ଥୀ ଓ ସ୍ଥାନୀୟ ନେତୃବର୍ଗ କେନ୍ଦ୍ର ସରକାରଙ୍କ ଜନାଭିମୁଖୀ କାର୍ଯ୍ୟ ଏବଂ ତାଙ୍କ ବିଧାୟକତ୍ୱ ସମୟରେ ହେଉଥିବା ଉନ୍ନତିମୂଳକ କାମ ବିଷୟରେ ଲୋକଙ୍କୁ ବୁଝାଉଛନ୍ତି। ଘରକୁ ଘର ଯାଇ ସିଧାସଳଖ ସମ୍ପର୍କ ସୃଷ୍ଟି କରୁଛନ୍ତି। ଏଥିସହିତ ଡିଜିଟାଲ ପ୍ଲାଟଫର୍ମକୁ ବି ପୂର୍ଣ୍ଣଭାବରେ ଉପଯୋଗ କରାଯାଉଛି ବୋଲି ସେ କହିଛନ୍ତି। ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା କହିଛନ୍ତି ସବୁ ଦିଗର ବିଫଳ କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡି ସରକାର ଲୋକଙ୍କ ସାମନା କରିବାକୁ ସାହସ ନାହିଁ। ଏସବୁକୁ ନେଇ କଂଗ୍ରେସ ଜିଲା ପରିଷଦ ପ୍ରାର୍ଥୀ ଓ ସମର୍ଥିତ ସରପଞ୍ଚ ଏବଂ ସମିତି ସଭ୍ୟ ପ୍ରାର୍ଥୀମାନେ ଲୋକଙ୍କ ଘରକୁ ଘର ଯାଇ ବୁଝାଉଛନ୍ତି। ହ୍ୱାଟସ୍‌ଆପ, ଫେସବୁକ୍ ପରି ଡିଜିଟାଲ ପ୍ଲାଟଫର୍ମକୁ ବି ଦଳ ପ୍ରଚାର କାର୍ଯ୍ୟରେ ଲଗାଉଛି ବୋଲି ସେ କହିଛନ୍ତି। ଜିଲା ବିଜେଡି ଆଇଟି ସେଲ୍ ଅଧ୍ୟକ୍ଷ ବିଭୂତି ଭୂଷଣ ମିଶ୍ର କହିଛନ୍ତି, ଦଳ ଡୋର କ୍ୟାମ୍ପେନ ସହ ଡିଜିଟାଲ ପ୍ଲାଟଫର୍ମକୁ ସର୍ବାଧିକ ଗୁରୁତ୍ୱ ଦେଉଛି। ତେବେ ସବୁକ୍ଷେତ୍ରରେ ଲୋକଙ୍କ ସହ ଜଡିତ ରହିଥିବାରୁ ଦଳୀୟ ପ୍ରାର୍ଥୀଙ୍କୁ ଭଲ ରେସପନ୍ସ ମିଳୁଛି। କୋଭିଡ୍ କଟକଣା ମଧ୍ୟରେ ଶୃଙ୍ଖଳିତଭାବେ ଦଳ ପ୍ରଚାର ଅଭିଯାନକୁ ଆଗକୁ ବଢ଼ାଉଛି।

# ରାଜ୍ୟ, କେନ୍ଦ୍ର ସରକାରଙ୍କୁ କଲେ ଟାର୍ଗେଟ

ବଲାଙ୍ଗୀର ଅଫିସ, ୩।୨

କେନ୍ଦ୍ର ଏବଂ ରାଜ୍ୟ ସରକାର ଜନତାଙ୍କ ସମର୍ଥନରେ ନିର୍ବାଚିତ ହୋଇଥିଲେ ମଧ୍ୟ ନିର୍ବାଚନରେ ଜନସ୍ୱାର୍ଥ ଭୁଲି କେବଳ ଦଳୀୟ ସ୍ୱାର୍ଥରେ କାମ କରୁଛନ୍ତି। ଏହାକୁ ବିଧାୟକ ନରସିଂହ ମିଶ୍ର କଡା ସମାଲୋଚନା କରିଛନ୍ତି। ଦେଓଗାଁ ବ୍ଲକ ଅନ୍ତର୍ଗତ ଜିଲା ପରିଷଦ ଜୋନ୍ ନମ୍ବର ୧୩ ଅଞ୍ଚଳରେ ନିର୍ବାଚନୀ ପ୍ରଚାରରେ ବେଳେ ବିଧାୟକ ମିଶ୍ର ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତାକୁ ଲୋକଙ୍କ ସମ୍ମୁଖରେ ଉପସ୍ଥାପିତ କରୁଥିବା ଦେଖାଯାଇଛି। ଚାଷୀ ତାର ଅମଳର ଉଚିତ ମୂଲ୍ୟ ପାଉ ନାହିଁ, ସ୍କୁଲରେ ଶିକ୍ଷକ ଅଭାବ, ଶିକ୍ଷକଙ୍କୁ ଉପଯୁକ୍ତ ଦରମା ଅଭାବ, ପାଠ ପଢି ସାରିଲେ ଚାକିରି ଅଭାବ, ଇନ୍ଦିରା ଆବାସ ତଥା ବିଭିନ୍ନ ଭତ୍ତା ପ୍ରଦାନରେ ପ୍ରବଳ ଦୁର୍ନୀତି, ଆଦିବାସୀ ଓ ପଛୁଆ ବର୍ଗଙ୍କୁ ରାଜନୀତି ସଂରକ୍ଷଣରୁ ବାଦ ଦେବା ଭଳି ପ୍ରସଙ୍ଗକୁ ନେଇ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ। ଉଭୟ ଜନବିରୋଧୀ ସରକାରଙ୍କୁ ଉଚିତ ଜବାବ ଦେବା ପାଇଁ ଏଥର ଜିଲା ପରିଷଦ ନିର୍ବାଚନରେ ଜୋନ ନମ୍ବର ୧୩ରେ କଂଗ୍ରେସ ପ୍ରାର୍ଥିନୀ ମୁକ୍ତାଦେଈ ତାଣ୍ଡିଙ୍କୁ ଭୋଟ ଦେଇ ଜୟଯୁକ୍ତ କରିବାକୁ ବିଧାୟକ ମିଶ୍ର ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଅତ୍ୟାବଶ୍ୟକ ସାମଗ୍ରୀ ପେଟ୍ରୋଲ, ଡିଜେଲ, ଖାଇବା ତେଲ, ଡାଲି, ରନ୍ଧନ ଗ୍ୟାସର ଦରଦାମ ବୃଦ୍ଧି ଆକାଶ ଛୁଆଁ ହୋଇଛି। ଜନସାଧାରଣଙ୍କ ଲଗାତାର ବିରୋଧ ସତ୍ତ୍ୱେ ଏହି ଉଭୟ ସରକାର ଦରଦାମ ନିୟନ୍ତ୍ରଣ କରିବା ପରିବର୍ତ୍ତେ ସରକାରୀ ଖଜଣା ଭରିବା ପାଇଁ ଟ୍ୟାକ୍ସ ବୃଦ୍ଧି କରି ଗରିବ ଜନତାଙ୍କୁ ଶୋଷଣ କରୁଛନ୍ତି ବୋଲି କହିଥିଲେ। କଂଗ୍ରେସ ଦଳର କାର୍ଯ୍ୟବିଧି ତଥା ନରସିଂହ ମିଶ୍ର ନେତୃତ୍ୱରେ ପ୍ରଭାବିତ ହୋଇ ଅଞ୍ଚଳର ଜଣାଶୁଣା ନେତ୍ରୀ ପାର୍ବତୀ ସାହୁ ନିଜ ସହଯୋଗୀମାନଙ୍କ ସହ ଗୁରୁବାର କଂଗ୍ରେସ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ମିଶ୍ର ଓ ଦେଓଗାଁ ଜିଲା ପରିଷଦ ପ୍ରାର୍ଥିନୀ ତାଣ୍ଡିଙ୍କ ସହ ପ୍ରଦେଶ କଂଗ୍ରେସ କାର୍ଯ୍ୟକାରିଣୀ ସଦସ୍ୟ ଉମାଶଙ୍କର ପଣ୍ଡା, ସେବାଦଳ ମୁଖ୍ୟ ଅସିତ ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ତାଣ୍ଡି, ପପୁ ପାତ୍ର, କୁନା ସାହୁ ଉପସ୍ଥିତ ଥିଲେ ।


ବିଧାୟକ ନରସିଂହ ମିଶ୍ର ଦେଓଗାଁ ବ୍ଲକ୍‌ରେ ନିର୍ବାଚନ ପ୍ରଚାର କରୁଛନ୍ତି।

## ଦେଓଗାଁ ବ୍ଲକରେ ନରସିଂହଙ୍କ ନିର୍ବାଚନ ପ୍ରଚାର

# ଭାଜପା ଜିଲା ପରିଷଦ ପ୍ରାର୍ଥୀଙ୍କ ପ୍ରଚାର

କୋକସରା,୩।୨(ଡି.ଏନ.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ଏବେ ଗାଁଠୁ ସହର ଉଠୁଛି ପଡୁଛି। ଏହାରି ମଧ୍ୟରେ ଦଳୀୟ ପ୍ରାର୍ଥୀମାନେ ନିର୍ବାଚନ ପ୍ରଚାରକୁ ଜୋରଦାର କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର କଳାହାଣ୍ଡି ଜିଲା କୋକସରା ବ୍ଲକ ୨ନଂ. ଜୋନ ଜିଲା ପରିଷଦ ପ୍ରାର୍ଥୀ ଭାଜପାର ଜନାର୍ଦ୍ଦନ ପଣ୍ଡା ସମର୍ଥକଙ୍କ ଗହଣରେ ପ୍ରଚାର ଜୋରଦାର କରିଛନ୍ତି। ମାଝିଗୁଡାରେ ଭାଜପା ପ୍ରାର୍ଥୀଙ୍କୁ ବିଭିନ୍ନ ବର୍ଗର ଲୋକେ ସ୍ୱାଗତ ଜଣାଇଥିଲେ। ମାଝିଗୁଡ଼ା ହେଉଛି ଧର୍ମଗଡ ନିର୍ବାଚନ ମଣ୍ଡଳୀ ବିଜେଡି ବିଧାୟକ ମୌଷଧି ବାଗଙ୍କ ଗାଁ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଓ ବିଜେଡି ସରକାରଙ୍କ ବିଫଳତାକୁ ନେଇ ସମ୍ବଲପୁରୀ ଗୀତ ମାଧ୍ୟମରେ ସେ ପ୍ରଚାର ଓ ଭୋଟ ମାଗୁଥିବା ଦେଖିବାକୁ ମିଳିଛି। ତାଙ୍କ ସହ ଭାଜପାର ସମର୍ଥକ ତ୍ରିନାଥ ଶବର, ଦୁର୍ଗା ପ୍ରଧାନୀ, ପ୍ରମୋଦ ପଣ୍ଡା, ନରେନ୍ଦ୍ର ପ୍ରଧାନୀ, ଲକ୍ଷ୍ମୀ ନାରାୟନ ପ୍ରଧାନୀ, ଦୈତାରି ବାରିକଙ୍କ ସମେତ ମାଝିଗୁଡା ଗ୍ରାମବାସୀ ଉପସ୍ଥିତ ରହିଥିଲେ।

# ଲଙ୍ଗଳ ଧରି ସରପଞ୍ଚ ପ୍ରାର୍ଥୀଙ୍କ ପ୍ରଚାର

କୋକସରା,୩।୨(ଡି.ଏନ.ଏ.)

ସମିତି ସଭ୍ୟ, ସରପଞ୍ଚଙ୍କୁ ନିର୍ବାଚନି ଚିହ୍ନ ମିଳିବା ପରେ ଜୋର ଧରିଛି ପଞ୍ଚାୟତ ରାଜନୀତି। ନିର୍ବାଚନ ମଇଦାନରେ ଥିବା ପ୍ରାର୍ଥୀମାନେ ମଧ୍ୟ କୌତୁକିଆ ଢଙ୍ଗରେ ନିଜର ଚିହ୍ନ ଧରି ପ୍ରଚାର କରୁଥିବା ଦେଖିବାକୁ ମିଳୁଛି। କିଏ ହାତରେ ଜିଅନ୍ତା ମାଛ ଧରି ଭୋଟ ମାଗୁଛି ତ କିଏ ଖୋଲା ବହି ଧରି ଭୋଟ ମାଗୁଛନ୍ତି। କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତରେ ସରପଞ୍ଚ ପାଇଁ ୬ଜଣ ପ୍ରାର୍ଥୀ ନିର୍ବାଚନ ମଇଦାରେ ଲଢୁଥିବା ବେଳେ ଲଙ୍ଗଳ ଚିହ୍ନ ମିଳିଥିବା ଯୁବପ୍ରାର୍ଥୀ ଭଗବାନ ପଟ୍ଟନାୟକ (ଲାଲା) ଏକ ନିଆରା ଢଙ୍ଗରେ ପ୍ରଚାର ମଇଦାନରେ ଦେଖା ଦେଇଛନ୍ତି। ସେ ଏକ ଲଙ୍ଗଳକୁ କାନ୍ଧରେ ବୋହି ପ୍ରଚାର କରୁଥିବା ଦେଖିବାକୁ ମିଳୁଛି। ଯାହାକୁ ନେଇ ଭୋଟର ଓ ଲୋକଙ୍କ ମଧ୍ୟରେ କୌତୁହଳ ଦେଖିବାକୁ ମିଳିଛି।

# ସିଭିଲ କୋର୍ଟରୁ ୪୮ ଏସି କପର ୱେୟାର ଚୋରି

ବଲାଙ୍ଗୀର ଅଫିସ, ୩।୨

## ୱାଚ୍‌ମ୍ୟାନ୍ ସମେତ ୨ ଗିରଫ

ବଲାଙ୍ଗୀର ସିଭିଲ କୋର୍ଟ ଭିତରେ ଲାଗିଥିବା ୪୮ଟି ଏସିର କପର ୱେୟାର ଚୋରି କରିଥିବା ଅଭିଯୋଗରେ କୋର୍ଟ ୱାଚ୍‌ମ୍ୟାନ୍‌ଙ୍କ ସମେତ ୨ ଜଣଙ୍କୁ ଟାଉନ୍ ଥାନା ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗୁରୁବାର କୋର୍ଟରେ ଏସି ୱେର ଚୋରି ଘଟଣା ଜଣାପଡିବା ପରେ ଟାଉନ୍ ଥାନା ପୋଲିସର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ଘଟଣାରେ ପୋଲିସ ପ୍ରଥମେ କୋର୍ଟ ୱାଚ୍‌ମ୍ୟାନ୍ ଭୀମସେନ ଓରଫ୍ ଭୀମ ବାରିକ (୩୨)ଙ୍କୁ ପଚରାଉଚରା କରିବା ପରେ ସେ ନିଜେ ୪୮ଟି ଏସିର କପର ୱେର କାଟିଥିବା ବିଭିନ୍ନ ଲୋକଙ୍କୁ ବିକ୍ରି କରିଥିବା ସ୍ୱୀକାର କରିଥିଲା। ୱାଚ୍‌ମ୍ୟାନଙ୍କ ସୂଚନା ମୁତାବକ ପୋଲିସ ବେହେରାପାଲିର ଅମିତ ମାହାଣା (୩୭)ଙ୍କ ଘରେ ଚଢ଼ାଉ କରି ତାଙ୍କଠାରୁ ପ୍ରାୟ ୧୫ କେଜି ଓଜନର କପର ୱେର ଜବତ କରିଥିଲେ। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ୱାଚ୍‌ମ୍ୟାନ୍ ଭୀମ ବାରିକ ଓ ଅମିତ ମାହାଣାଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଘଟଣାର ତଦନ୍ତ ଜାରି ରହିଥିବା ଏସଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି।

# ଫୁଟବଲ: ଲୁଟକିବନ୍ଧ ଚାମ୍ପିୟନ

ଦେଓଗାଁ, ୩।୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ରାମଚନ୍ଦ୍ରପୁର ପଲ୍ଲୀଶ୍ରୀ ହାଇସ୍କୁଲ ଖେଳପଡିଆଠାରେ ଚାଲିଥିବା ସପ୍ତମ ବୀରବଜରଙ୍ଗବଲି ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଘସିଏନ ଓ ଲୁଟକିବନ୍ଧ ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ ଲୁଟକିବନ୍ଧ ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ସମ୍ମାନିତ ଅତିଥି ଭାବେ ସଂକିର୍ତ୍ତନ ବାଗ, ଶମ୍ଭୁ ଭୂଏ, ଗୌର ଚନ୍ଦନ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ ।

# ମାର୍ଚ୍ଚରେ ହେବ ଚାଷୀ ସମାବେଶ

ଦେଓଗାଁ, ୩।୨(ଡି.ଏନ.ଏ)

## ଟିଟିଲାଗଡ଼ ପୁନଃ ଚାଲୁ ପ୍ରସଙ୍ଗ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ସାଗରପାଲିସ୍ଥିତ ବିଜୟାନନ୍ଦ ଟିଟିଲାଗଡ଼ ପୁନଃ ଚାଲୁ କରିବା ଦାବିରେ ଆନ୍ଦୋଳନ ଚାଲିଛି। ହେଲେ ଏଥିପ୍ରତି ସ୍ଥାନୀୟ ପ୍ରଶାସନ କିମ୍ବା ରାଜ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ଏଥିପାଇଁ ଆନ୍ଦୋଳନକାରୀ ମାର୍ଚ୍ଚ ୨୮ରେ ଏକ ବିରାଟ ଚାଷୀ ସମାବେଶ ଆୟୋଜନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଗୁରୁବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦିଆଯାଇଛି। ଏଥିରେ କୁହାଯାଇଛି ଯେ, ଏହି ଟିଟିଲାଗଡ଼ ବନ୍ଦ ପଡ଼ିବା ପରେ ବଲାଙ୍ଗୀର ସମେତ କଳାହାଣ୍ଡି, ବଲାଙ୍ଗୀର, ନୂଆପଡା, ବୌଦ୍ଧ, ସୁବର୍ଣ୍ଣପୁର ଜିଲାର ଅର୍ଥନୈତିକ ଅଭିବୃଦ୍ଧି ଉପରେ ପ୍ରଭାବ ପଡିଛି। ଦୀର୍ଘ ଆଠ ବର୍ଷ ହେଲା ଟିଟିଲାଗଡ଼ ପୁନଃ ଚାଲୁକୁ ନେଇ ରାଜ୍ୟ ସରକାର ନିର୍ବାଚନ ସମୟରେ ଅଞ୍ଚଳବାସୀଙ୍କୁ ଭୁଆଁ ବୁଲାଉଥିବା ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଆସନ୍ତା ମାର୍ଚ୍ଚ ଶେଷସୁଦ୍ଧା ସରକାର ଟିଟିଲାଗଡ଼ ପୁନଃ ଚାଲୁ ଦିଗରେ କୌଣସି ପଦକ୍ଷେପ ନ ନେଲେ ବିରାଟ ଚାଷୀ ମହାସମାବେଶ ସହ ଓଡ଼ିଶା ବନ୍ଦ ଡାକରା ଦିଆଯିବ ବୋଲି ପଶ୍ଚିମ ଓଡ଼ିଶା ସେବା ସଂଘ ସଭାପତି ରାଜେଶ ବର୍ଗର୍ତ୍ତି ସୂଚନା ଦେଇଛନ୍ତି । ଖବରଦାତା ସମ୍ମିଳନୀରେ ଆଦିବାସୀ ମହାସଂଘ ସଭାପତି ଦ୍ୱିଜ ଦଳପତି, ଓଡ଼ିଶା କୃଷିଭିତ୍ତିକ ଶିଳ୍ପ କାର୍ଯ୍ୟକ୍ଷମ ଆନ୍ଦୋଳନର ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆ ସଭାପତି କପିଳ କୁମ୍ଭାର, ପିବିଆଇ ରାଜ୍ୟ କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ମହାରଣା, ଟିଟିଲାଗଡ଼ କର୍ମଚାରୀ ସଂଘ ସଭାପତି ଅକ୍ଷ ପୁଟା, ସାମାଜିକ କର୍ମୀ ମୟ ସାହୁ, ନୀଳମଣି ଦୀପ, ଅଜିତ ରଣା ଉପସ୍ଥିତ ଥିଲେ ।

# ଇଲେଭେନ ଷ୍ଟାର କପ୍ କ୍ରିକେଟ: ଖଜି ଚାମ୍ପିୟନ

ନୂଆପଡ଼ା ଅଫିସ,୩।୨

ନୂଆପଡା ଜିଲା କୋମନା ବ୍ଲକ ସିଆଲଲଟି ପଞ୍ଚାୟତ କରଙ୍ଗାଭଟା ଗ୍ରାମର କରନସିଂ ଦେଓ ଓ ସନ୍ଧୁ ରାଉତ ଖେଳ ପଡିଆରେ ଅନୁଷ୍ଠିତ ଇଲେଭେନ ଷ୍ଟାର ଜେଏମ୍‌ଡି କପ୍ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ୫ ଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟରେ ଜିଲା ତଥା ଜିଲା ବାହାରୁ ମୋଟ ୧୬ଟି ଦଳ ଭାଗ ନେଇଥିଲେ। ଖଜି ଓ ଝିଲମିଲା ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଖଜି ଦଳ ଚାମ୍ପିୟନ ହୋଇଛି। ଝିଲମିଲା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟରେ ୬୦ ରନ ସଂଗ୍ରହ କରିଥିଲା। ଜବାବରେ ଖଜି ୧୦ ଓଭରରେ ୬ ଉଇକେଟ ହରାଇ ୬୧ରନ କରି ବିଜୟୀ ହୋଇଥିଲା। ଚାମ୍ପିୟନ ଖଜି ଦଳକୁ ନଗଦ ୧୫ ହଜାର ସହ ଟ୍ରଫି ଓ ରନର୍ସ ଅପ ଝିଲମିଲାକୁ ନଗଦ ୧୦ ହଜାର ସହ ଟ୍ରଫି ମୁଖ୍ୟଅତିଥି ପ୍ରଦାନ କରିଥିଲେ। ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ବିଧାୟକଙ୍କ ପୁତ୍ର ଜୟ ଢୋଲକିଆ, ସରପଞ୍ଚ ପ୍ରାର୍ଥୀ କାଳିଆ ପ୍ରଧାନ, ଶିକ୍ଷକ ଗଜେନ୍ଦ୍ର ମଟାରି, ଚନ୍ଦୁ ନାଏକ, ହାଡୁ ପ୍ରଧାନ, ଶଙ୍କର ସାହୁ, ମନବୋଧ ଜଗତ, ତିଳକ ରାମ ନାଗ, ଯାଦରାମ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଛବି ନାଏକ, ଚିତ୍ରସେନ ରାଉତ ଖେଳ ପରିଚାଳନା କରିଥିବା ବେଳେ ଉପେନ୍ଦ୍ର ମଟାରି ଧାରାବିବରଣୀ ଶୁଣାଇଥିଲେ।

# ଛାତ୍ରୀଛାତ୍ର ଜିଲା ପ୍ରଶାସନର ଦ୍ୱାରସ୍ଥ

ନୂଆପଡ଼ା ଅଫିସ,୩।୨

- ଯୁକ୍ତ ୨ ପରୀକ୍ଷା ବାତିଲ ଦାବିରେ ଧାରଣା
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର



ନଗର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଛନ୍ତି।

ଯୁକ୍ତ ୨ ବୋର୍ଡ ପରୀକ୍ଷା ତାରିଖ ଘୋଷଣା ହେବା ପରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଗୁରୁବାର ନୂଆପଡାସ୍ଥିତ ନ୍ୟାଶନାଲ କଲେଜ ଓ ଭୋକେସେନାଲ କଲେଜର ଯକ୍ତ ୨ ଛାତ୍ରୀଛାତ୍ରମାନେ ଶ୍ରେଣୀଗୃହ ପରୀକ୍ଷାକୁ ବାତିଲ କରିବା ସହ କେବଳ ଟର୍ମ ପରୀକ୍ଷାର ମାର୍କ ବିଶେଷରେ ପରୀକ୍ଷା ଫଳ ବାହାର କରିବା ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ନୂଆପଡା ମିନିଷ୍ଟାଡିୟମଠାରୁ ଏକ ଶୋଭାଯାତ୍ରାରେ ବାହାରି ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ନଗର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କୁ ପ୍ରଦାନ କରିଥିଲେ । ସୂଚନା ଥାଉକି ବର୍ଷସାରା କରୋନା କଟକଣା ଯୋଗୁ ଶ୍ରେଣୀ ପାଠପଢା ବନ୍ଦ ରହିଥିବା ବେଳେ କୌଣସି ବିଭାଗ ଯଥା କଳା, ବିଜ୍ଞାନ, ବାଣିଜ୍ୟରେ ପାଠ୍ୟ ଖସଡା ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଏହା ବ୍ୟତିତ ଅନଲାଇନରେ ହେଉଥିବା ପାଠପଢାରେ ବିଭିନ୍ନ କାରଣରୁ ସବୁ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିପାରୁନାହାନ୍ତି। ପିଲା ପାଠପଢି ନ ଥିବା ବେଳେ ବର୍ତ୍ତମାନ ସମୟରେ କିଭଳି ଭାବେ ବିଭାଗ ସିଧାସଳଖ ଅଫଲାଇନ ବା ଶ୍ରେଣୀଗୃହରେ ପରୀକ୍ଷା କରାଇବାକୁ ନିଷ୍ପତ୍ତି ନେଇଛି ବୋଲି ଛାତ୍ରୀଛାତ୍ରମାନେ ପ୍ରଶ୍ନ କରି ଏହି ଶିକ୍ଷା ପଦ୍ଧତିକୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଫଲାଇନ ବା ଶ୍ରେଣୀଗୃହ ପରୀକ୍ଷାକୁ ବାତିଲ କରିବା ପାଇଁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ଆନ୍ଦୋଳନରେ ପବିତ୍ର ଭୋଇ, ହାକିମ ସାହୁ, ହେମନ୍ତ ବାରିକ, ଦିଶା ପଟେଲ, କ୍ଷତ୍ରୁ କେତକି, ରୂପେଶ ଅହିର ଛାତ୍ରୀଛାତ୍ର ପ୍ରମୁଖ ସାମିଲ ହୋଇଥିଲେ ।

## ଅବକାରୀ ଚଢାଉ, ଜଣେ ଗିରଫ

ପଦ୍ମପୁର(ଡିଏନଏ): ବରଗଡ଼ ଜିଲା ବୁଡେନ ଥାନା ଅଧୀନ ଗୁଠୁର୍ଲାରେ ମଦ ରନ୍ଧା ଯାଉଥିବା ବେଳେ ଗୁରୁବାର ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ଚଢାଉ ବେଳେ ରାଜେନ୍ଦ୍ର କନ୍ଧାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ତାଙ୍କଠାରୁ ୩୦ ଲିଟର ରନ୍ଧାମଦ, ୪ଟି ଡ୍ରମ, ୧ସେଟ ମଦରନ୍ଧା ସାମଗ୍ରୀ ଜବତ ହୋଇଛି। ସେହିପରି ୪୦୦କେଜି ମହୁଲ ପୋଚକୁ ନଷ୍ଟ କରାଯାଇଛି। ସେହିପରି ପଦ୍ମପୁର ଥାନା ଲୋହାରପାଲି ପତ୍ରା ଜଙ୍ଗଲରେ ଚଢାଉ କରାଯାଇଛି। ଖବର ପାଇ ମଦ ରନ୍ଧାଳି ସେଠାରୁ ଫେରାର ହୋଇଯାଇଛନ୍ତି। ଅବକାରୀ କର୍ମଚାରୀ ୩୦୦କେଜି ମହୁଲ ପୋଚ ନଷ୍ଟ କରିବା ସହ ମଦ ରନ୍ଧା ସାମଗ୍ରୀକୁ ଜବତ କରିଛନ୍ତି।

### ସଂକ୍ଷେପରେ

## ଅଜଣା ଯୁବକଙ୍କୁ ଉଦ୍ଧାର କରିବାକୁ ଦାବି



କର୍ଲାମୁଣ୍ଡା,୩।୨(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରଠାରେ ଦୀର୍ଘ ୧୦ ଦିନ ହେଲା ଜଣେ ଅପରିଚିତ ଯୁବକ ବୁଲୁଥିବା ଦେଖିବାକୁ ମିଳିଛି। ଏହି ଯୁବକଙ୍କୁ ପରିଚୟ ପଚାରିବାରୁ ନିଜ ନାମ ପ୍ରଶାନ୍ତ ପଧାନ, ପିତାଙ୍କ ନାମ ହାଡୁ ପଧାନ ଘର ବିନିକା ଓ ଜିଲା ସୋନପୁର ବୋଲି କହୁଛି। ତେବେ ଯୁବକଙ୍କ ମାନସିକ ସ୍ଥିତି ଠିକ ନ ଥିବାରୁ ପରିଚୟ ସ୍ପଷ୍ଟ ହୋଇପାରୁନି। ସ୍ଥାନୀୟ ଅଞ୍ଚଳରେ ଯିଏ ଯାହା ଦେଲେ ଖାଇ ଦୁର୍ଗା ମଣ୍ଡପଠାରେ ରହୁଥିବା ଜଣାପଡ଼ିଛି। ଏହି ଯୁବକଙ୍କୁ ଉଦ୍ଧାର କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସିଭିଲ କୋର୍ଟରୁ ୪୮ ଏସି କପର ଓ୍ୱାୟାର ଚୋରି

### ୱାଚ୍‌ମ୍ୟାନ୍ ସମେତ ୨ ଗିରଫ

ବଲାଙ୍ଗୀର ଅଫିସ, ୩।୨: ବଲାଙ୍ଗୀର ସିଭିଲ କୋର୍ଟ ଭିତରେ ଲାଗିଥିବା ୪୮ଟି ଏସିର କପର ୱେୟାର ଚୋରି କରିଥିବା ଅଭିଯୋଗରେ କୋର୍ଟ ୱାଚ୍‌ମ୍ୟାନ୍‌ଙ୍କ ସମେତ ୨ ଜଣଙ୍କୁ ଟାଉନ୍ ଥାନା ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗୁରୁବାର କୋର୍ଟରେ ଏସି ୱେର ଚୋରି ଘଟଣା ଜଣାପଡିବା ପରେ ଟାଉନ୍ ଥାନା ପୋଲିସର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ଘଟଣାରେ ପୋଲିସ ପ୍ରଥମେ କୋର୍ଟ ୱାଚ୍‌ମ୍ୟାନ୍ ଭୀମସେନ ଓରଫ୍ ଭୀମ ବାରିକ (୩୨)ଙ୍କୁ ପଚରାଉଚରା କରିବା ପରେ ସେ ନିଜେ ୪୮ଟି ଏସିର କପର ୱେର କାଟିଥିବା ବିଭିନ୍ନ ଲୋକଙ୍କୁ ବିକ୍ରି କରିଥିବା ସ୍ୱୀକାର କରିଥିଲା। ୱାଚ୍‌ମ୍ୟାନଙ୍କ ସୂଚନା ମୁତାବକ ପୋଲିସ ବେହେରାପାଲିର ଅମିତ ମାହାଣା (୩୭)ଙ୍କ ଘରେ ଚଢ଼ାଉ କରି ତାଙ୍କଠାରୁ ପ୍ରାୟ ୧୫ କେଜି ଓଜନର କପର ୱେର ଜବତ କରିଥିଲେ। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ୱାଚ୍‌ମ୍ୟାନ୍ ଭୀମ ବାରିକ ଓ ଅମିତ ମାହାଣାଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଘଟଣାର ତଦନ୍ତ ଜାରି ରହିଥିବା ଏସଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି।

## ବାଲ୍ୟବିବାହ ବନ୍ଦ କଲା ଚାଇଲ୍ଡ ଲାଇନ

ଟିଟିଲାଗଡ,୩।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଅନ୍ତର୍ଗତ ପରାଶରା ଓ ସୂର୍ଡା ପଞ୍ଚାୟତରେ ତିନି ନାବାଳିକାଙ୍କ ବିବାହକୁ ବନ୍ଦ କଲା ପ୍ରଶାସନ। ପରାଶରା ପଞ୍ଚାୟତର ନାବାଳିକାଙ୍କ ବିବାହ ଆସନ୍ତା ୧୮ତାରିଖରେ ନୂଆପଡ଼ା ଜିଲାରେ ସ୍ଥିରୀକୃତ ହୋଇଥିଲା। ଚାଇଲ୍ଡ ଲାଇନର ସଦସ୍ୟ ଶିବାନନ୍ଦ ବେହେରା, ସିଡିପିଓ ମୀନାକ୍ଷି ରାଜ ଖବର ପାଇ ଗ୍ରାମରେ ପହଞ୍ଚି ନାବାଳିକାଙ୍କ ମାତାପିତା ଓ ପରିବାର ସଦସ୍ୟଙ୍କୁ ବୁଝାଶୁଝା କରିଥିଲେ। ବାଲ୍ୟ ବିବାହ କଲେ ଆଇନ ଅନୁଯାୟୀ ହେବାକୁ ଥିବା ଦଣ୍ଡବିଧାନ ସମ୍ପର୍କରେ ଅବଗତ କରିଥିଲେ। ସେହିପରି ସୂର୍ଡା ପଞ୍ଚାୟତ ଅନ୍ତର୍ଗତ ଏକ ଗ୍ରାମର ଜଣେ ନାବାଳକ ଓ ନାବାଳିକା ପ୍ରେମ ବିବାହ କରିବାକୁ ଯାଉଥିଲେ। ଚାଇଲ୍ଡ ଲାଇନ ସଦସ୍ୟ ଓ ସିଡିପିଓ ଉଭୟଙ୍କ ସହ ତାଙ୍କ ପରିବାର ସଦସ୍ୟଙ୍କୁ ଉପଯୁକ୍ତ ବୟସ ନ ହେବା ଯାଏ ବୟସ୍କ ହେବା ବିବାହ ନ କରିବାକୁ ବୁଝାଇଥିଲେ। ଚାଇଲ୍ଡ ଲାଇନ ସଦସ୍ୟ ବେହେରା, ସିଡିପିଓ ରାଜ, ସୁପରଭାଇଜର ଚଞ୍ଚଳା ମାଝି, ଅଙ୍ଗନୱାଡ଼ି କର୍ମୀ ଉର୍ମିଳା ମାଝି, ନବ କୁମାରୀ ବନଛୋର୍, ଆଶାକର୍ମୀ ଗୌରୀ ଗହୀର,ସବିତା କର, ଜିଆରଏସ ଶକ୍ତି ମୁଗ୍ରି ତଥା ଗ୍ରାମର ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଉଭୟ ପରିବାର ସଦସ୍ୟ ଲିଖିତ ପ୍ରତିଶ୍ରୁତି ଦେଇଥିଲେ।

# ବିଜେଡି–ଭାଜପା ଟକ୍କର

### ବୌଦ୍ଧରେ ପଞ୍ଚାୟତ ନିର୍ବାଚନୀ ଉଷ୍ମତା



ବୌଦ୍ଧ,୩।୨(ସ୍ୱ.ପ୍ର.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବୌଦ୍ଧ ଜିଲାରେ ନିର୍ବାଚନୀ ଉଷ୍ମତା ଜୋର ଧରିଲାଣି । ପ୍ରାର୍ଥୀମାନେ ପ୍ରଚାର ଅଭିଯାନରେ ସାମିଲ ହୋଇ ନିଜ ସପକ୍ଷରେ ଭୋଟ ହାତେଇବା ପାଇଁ ଲାଗି ପଡିଛନ୍ତି । ତେବେ ଜିଲାରେ ପଞ୍ଚାୟତ ନିର୍ବାଚନକୁ ସମୀକ୍ଷା କଲେ ଆଜି ପର୍ଯ୍ୟନ୍ତ ବିଜେଡି ଜିଲା ପରିଷଦ ଅଧ୍ୟକ୍ଷ ଆସନ ହାତେଇବାରେ ସଫଳ ହୋଇଛି । ଜିଲାରେ ବିରୋଧୀ ଦଳକୁ ଗୋଟିଏ କିମ୍ବା ଦୁଇଟି ଆସନରେ ସନ୍ତୁଷ୍ଟ ହେବାକୁ ପଡିଛି। ପୂର୍ବରୁ ପ୍ରତ୍ୟେକ ଆସନରେ କଂଗ୍ରେସ ପ୍ରାର୍ଥୀମାନେ ଶାସକ ଦଳକୁ କଡା ଟକ୍କର ଦେଇ ଆସିଛନ୍ତି। କିନ୍ତୁ କିଛି ଦିନ ହେବ ଜିଲାରେ ଜାତୀୟ ଦଳ କଂଗ୍ରେସ ସଙ୍କଟ ଗତିରେ ଗତି କରୁଛି । ଜିଲାରେ ଭାଜପା ସଂଗଠନ ଦିନକୁ ଦିନ ମଜଭୂତ ହେବାରେ ଲାଗିଛି। ଜିଲାରେ ୯ ଗୋଟି ଜିଲା ପରିଷଦ ଆସନ ମଧ୍ୟରୁ ଗତ ପଞ୍ଚାୟତ ନିର୍ବାଚନରେ ବିଜେଡିର ଗଡ଼ କୁହାଯାଉଥିବା ୬ ଓ ୭ ନମ୍ବର ଜୋନକୁ ଭାଜପା ଛଡାଇବାରେ ସଫଳ ହୋଇଥିଲା। ସେହିପରି ୯ ନମ୍ବର ଜୋନରେ ସିପିଆଇ ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ୬ ଗୋଟି ଆସନରେ ଶାସକ ବିଜେଡିକୁ ସନ୍ତୁଷ୍ଟ ହେବାକୁ ପଡିଥିଲା। ଏଥର ୯ ଗୋଟି ଜିଲା ପରିଷଦ ଆସନରେ ବିଜେଡି ଓ ଭାଜପା ମଧ୍ୟରେ ସିଧା ଟକ୍କର ହେବାକୁ ଯାଉଥିବା ବେଳେ କଂଗ୍ରେସ ପ୍ରାର୍ଥୀ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଏପଟେ ଜିଲାସ୍ତରର ନେତାମାନେ ଗାଁଗୁଡିକରେ ଡେରା ପକାଇବା ସହ ପ୍ରଚାର ଜୋର କରିଛନ୍ତି। ଭୋଟରଙ୍କୁ ନିଜ ସପକ୍ଷରେ ଆଣିବାକୁ ନେତାମାନେ ଭିନ୍ନ ଭିନ୍ନ ରଣନୀତି ଆପଣାଉ ଥିବା ସହ ଗାଁଗୁଡିକରେ ଟିଭି, ମାଇକ୍ ସେଟ ଆଦି ବଣ୍ଟନ କରୁଥିବା ଦେଖିବାକୁ ମିଳିଛି।

ଚଳିତ ଜିଲା ପରିଷଦ ନିର୍ବାଚନରେ ବିଜେଡି ବିରୋଧୀଙ୍କୁ ମୂଳପୋଛ ଲକ୍ଷ୍ୟ ରଖି ନିଜର ରଣ କୌଶଳ ଆରମ୍ଭ କରିଛି । ଦଳ ପକ୍ଷରୁ ଦଳୀୟ ସମର୍ଥିତ ସରପଞ୍ଚ,ସମିତି ସଭ୍ୟ ପ୍ରାର୍ଥୀଙ୍କ ସହିତ ଜିଲାପରିଷଦ ପ୍ରାର୍ଥୀଙ୍କ ମଧ୍ୟରେ ତାଳମେଳ ରଖି ନିର୍ବାଚନ ପ୍ରଚାର ଚାଲିଥିବା ଜଣାପଡିଛି। ପ୍ରତ୍ୟେକ ଜୋନ ପାଇଁ ବିଜେଡିର ଜଣେ ଜଣେ ସ୍ଥାନୀୟ ନେତାଙ୍କୁ ପର୍ଯ୍ୟବେକ୍ଷକ ଭାବରେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିସହିତ ଉଭୟ କନ୍ଧମାଳ ଓ ବୌଦ୍ଧ ନିର୍ବାଚନମଣ୍ଡଳୀର ସମସ୍ତ ଜୋନ ଓ ଦଳୀୟ ନେତାଙ୍କ ମଧ୍ୟରେ ସମନ୍ୱୟ ରକ୍ଷାର ଦାୟିତ୍ୱ ଦଳୀୟ ପର୍ଯ୍ୟବେକ୍ଷକ ନେଇଛନ୍ତି। କିଛି ଜୋନରେ ଦଳୀୟ ଅସନ୍ତୋଷ ପ୍ରାର୍ଥୀମାନଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରୁଥିଲେ ମଧ୍ୟ ଏଥର ପଞ୍ଚାୟତ ନିର୍ବାଚନ ନେଇ ବିଜେଡି ବହୁ ଆଗରୁ ପ୍ରସ୍ତୁତି ଆରମ୍ଭ କରି ଦେଇଥିଲା। ତେଣୁ ସମସ୍ତ ଆସନରେ ଦଳୀୟ ପ୍ରାର୍ଥୀମାନେ ବିଜୟୀ ହେବେ ବୋଲି ନେତାଙ୍କ ମନରେ ଦୃଢ ବିଶ୍ୱାସ ରହିଛି। ଅପରପକ୍ଷରେ ଗତ ପଞ୍ଚାୟତ ନିର୍ବାଚନରେ ୨ଟି ଜିଲା ପରିଷଦ ଆସନ ଦଖଲ କରି ବିଜେଡିରେ କମ୍ପନ ସୃଷ୍ଟି କରିଥିବା ଭାଜପା ପକ୍ଷରୁ ଶାସକ ଦଳକୁ କଡା ଟକ୍କର ଦେବାକୁ ସମସ୍ତ ରଣନୀତି ପ୍ରସ୍ତୁତ କରାଯାଉଛି। ଭାଜପା ପକ୍ଷରୁ ଏଥର କେତେଜଣ ଯୁବ ଚେହେରାଙ୍କୁ ଜିଲାପରିଷଦ ପ୍ରାର୍ଥୀ କରାଯାଇଥିବା ବେଳେ ପୁରୁଣା ଓ ଅଭିଜ୍ଞ ନେତାଙ୍କ ଉପରେ ମଧ୍ୟ ଭରସା କରାଯାଇଛି। ଭାଜପା ପ୍ରାର୍ଥୀମାନେ ଘର ଘର ବୁଲି ଭୋଟ ଭିକ୍ଷା କରିବାରେ ଲାଗିଛନ୍ତି । ଏଥିସହ କେନ୍ଦ୍ର ସରକାରଙ୍କ ସଫଳତାର ବାର୍ତ୍ତା ପହଞ୍ଚାଇବା ସହ ସେମାନଙ୍କୁ ୫ ବର୍ଷ ସୁଯୋଗ ଦେଇ ପରିବର୍ତ୍ତନ ଦେଖିବାକୁ ଭୋଟରଙ୍କ ମନରେ ବିଶ୍ୱାସ ଜନ୍ମାଇବାକୁ ଉଦ୍ୟମ କରୁଥିବା ଦେଖାଯାଉଛି। *ଭାଜପାର ଦୁଇ ବିଧାୟକ ପ୍ରାର୍ଥୀ କହ୍ନାଇଁ ଚରଣ ଡାଙ୍ଗ ଓ ସୁଶାନ୍ତ କୁମାର ପ୍ରଧାନ ଉଭୟ ନିର୍ବାଚନମଣ୍ଡଳୀରେ ନିର୍ବାଚନୀ ରଣନୀତି ପ୍ରସ୍ତୁତ କରୁଥିବା ବେଳେ ଜିଲା ସଭାପତି ବିପ୍ର ଚରଣ ମହାନ୍ତି ଉଭୟ ନେତାଙ୍କ ସହିତ ସମନ୍ୱୟ* ରକ୍ଷା କରି ଦଳୀୟ ପ୍ରାର୍ଥୀଙ୍କ ବିଜୟର ରାସ୍ତା ପ୍ରସ୍ତୁତି କରିବାରେ ଲାଗିଛନ୍ତି। ଗତ ନିର୍ବାଚନଠାରୁ ଭାଜପା ଅଧିକ ଆସନ ପାଇବା ସହ ଅଧ୍ୟକ୍ଷ ଆସନ ହାତେଇବ ବୋଲି ଦଳୀୟ ନେତାମାନେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ଦଳର ଜିଲା ସଭାପତି ନବ କୁମାର ମିଶ୍ର ଜଣେ ବରିଷ୍ଠ ଆଇନଜୀବୀ ଥିବା ବେଳେ ସେ ଜିଲାରେ କଂଗ୍ରେସ ଯେପରି ଭଲ ପ୍ରଦର୍ଶନ କରିବ ସେ ନେଇ ବିଭିନ୍ନ ରଣ କୌଶଳ ଆପଣାଇଛନ୍ତି। ତେବେ ଜିଲାରେ ପୁନର୍ବାର ଶାସକ ଦଳ ନିଜର ଗଡ଼ ରକ୍ଷା କରିପାରୁଛି କି ବିରୋଧ ହାତକୁ ଯାଉଛି ତାହାକୁ ନେଇ ନା ନା କଳ୍ପନା ଜଳ୍ପନା ପ୍ରକାଶ ପାଇଛି ।

## କୋଭିଡ୍ ଯୋଦ୍ଧାଙ୍କ ପରିବାରକୁ ମିଳିଲା ୫୦ ଲକ୍ଷ ଟଙ୍କାର ସହାୟତା



କୋଭିଡ୍ ଯୋଦ୍ଧାଙ୍କ ପରିବାରକୁ ଜିଲାପାଳ ସହାୟତା ରାଶି ପ୍ରଦାନ କରୁଛନ୍ତି ।

ବୌଦ୍ଧ,୩।୨(ସ୍ୱ.ପ୍ର.)

କରୋନାରେ ଆକ୍ରାନ୍ତ ହୋଇ ବୌଦ୍ଧ ଜିଲାରେ ବହୁ ଲୋକଙ୍କ ଅକାଳ ମୃତ୍ୟୁ ଘଟିଥିବା ବେଳେ ଡାକ୍ତର, ପୋଲିସ ଓ ସରକାରୀ ଅଧିକାରୀ ମଧ୍ୟ ଏଥିରୁ ବାଦ ପଡିନାହାନ୍ତି। କୋଭିଡରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ବୌଦ୍ଧ ବ୍ଲକର ଏକାଉଣ୍ଟସ ଅଧିକାରୀ ରୋମାଞ୍ଚ ସାହୁଙ୍କ ପରିବାରକୁ ରାଜ୍ୟ ସରକାର ସହାୟତା ରାଶି ଯୋଗାଇ ଦେଇଛନ୍ତି। ତାଙ୍କୁ କୋଭିଡ ଯୋଦ୍ଧା ଭାବେ ଘୋଷଣା କରାଯାଇ ଏହା ଦିଆଯାଇଛି । ସୂଚନା ମୁତାବକ, ପଞ୍ଚାୟତିରାଜ ବିଭାଗ ଜରିଆରେ ଯୋଗାଇ ଦିଆଯାଇଥିବା ୫୦ ଲକ୍ଷ ଟଙ୍କାର ଏହି ସହାୟତା ରାଶିକୁ ଜିଲାପାଳ ଲଲାଟେନ୍ଦୁ ମିଶ୍ର ସ୍ୱର୍ଗତ ସାହୁଙ୍କ ପତ୍ନୀ ଶୈଳେନ୍ଦ୍ରୀ ସାହୁଙ୍କୁ ଗୁରୁବାର ପ୍ରଦାନ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଏହି ସହାୟତା ରାଶି ପ୍ରଦାନ ସମୟରେ ବୌଦ୍ଧ ବିଡିଓ ଦେବୀ ପ୍ରସାଦ ଦାଶ, ଡେପୁଟି କଲେକ୍ଟର ଅବନିକାନ୍ତ ସାହୁ ଓ ସ୍ୱର୍ଗତ ସାହୁଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ।



ବରଗଡ଼ ବ୍ଲକ ଜମୁର୍ଡ଼ାରେ ପୋଲିସର ଫ୍ଲାଗମାର୍ଚ୍ଚ।

# ମତଦାନ ପୂର୍ବରୁ ଫ୍ଲାଗ୍‌ମାର୍ଚ୍ଚ

- ୪୧୧୧ଜଣଙ୍କୁ ବ୍ୟକ୍ତିଗତ ମୁଚାଲିକା ନୋଟିସ
- ଧରପଗଡ଼ରେ ବିପୁଳ ପରିମାଣର ମଦ ଜବତ

ବରଗଡ଼ ଅଫିସ୍,୩।୨

ତ୍ରିସ୍ତରୀୟ ପଞ୍ଚାୟତ ଭୋଟକୁ ନେଇ ବରଗଡ଼ ଜିଲାରେ ନିର୍ବାଚନୀ ଉଷ୍ମତା ବଢ଼ିବାରେ ଲାଗିଛି। ଏପରିକି ଜିଲାର ସୋହେଲା, ଭଟଲି ଭଳି କେତେକାଞ୍ଚଳରେ ପ୍ରଚାର ଗାଡ଼ିରୁ ଜିଲା ପରିଷଦ ପ୍ରାର୍ଥୀଙ୍କ ଦଳୀୟ ପତାକା କାଢ଼ିବା, ସରପଞ୍ଚ ପ୍ରାର୍ଥିନୀଙ୍କ ସ୍ୱାମୀଙ୍କୁ ବନ୍ଧୁକ ମୁନରେ ଧମକ ଦେବା ଭଳି ଅଭିଯୋଗ ତଥା ପ୍ରାକ୍ ନିର୍ବାଚନୀ ହିଂସାର ସୂତ୍ରପାତ ହୋଇଛି। ଅନ୍ୟପଟେ ନିର୍ବାଚନକୁ ଅବାଧ, ନିରପେକ୍ଷ ଏବଂ ଶୃଙ୍ଖଳିତ ଭାବେ ସମାପନ କରିବାକୁ ଜିଲା ପୋଲିସ ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଛି । ଆସନ୍ତା ୧୬ତାରିଖରୁ ଜିଲାରେ ପ୍ରଥମ ପର୍ଯ୍ୟାୟ ମତଦାନ ଆରମ୍ଭ ହେଉଥିବାବେଳେ ଗୁରୁବାର ଜିଲାର ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଥିଲା ।

ବରଗଡ଼ ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶକ୍ରମେ ବରଗଡ଼ ଏସ୍‌ଡ଼ିପିଓ ଦିପକ କୁମାର ଗୋଚ୍ଛାୟତ ଏବଂ ପଦ୍ମପୁର ଏସ୍‌ଡ଼ିପିଓ ବିଭୁତି ଭୂଷଣ ଭୋଇଙ୍କ ତତ୍ତ୍ୱାବଧାନରେ ଫ୍ଲାଗମାର୍ଚ୍ଚ ହୋଇଥିଲା। ବରଗଡ଼ ଟାଉନ ଥାନା ଅନ୍ତର୍ଗତ ଜମୁର୍ଡ଼ା ଏବଂ ତୋରା ପଞ୍ଚାୟତରେ ଆଇଆଇସି ସଦାନନ୍ଦ ପୂଜାହାରୀଙ୍କ ନେତୃତ୍ୱରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ସେହିପରି ବିଜେପୁର ଥାନା ଲାଉମୁଣ୍ଡା, ଚୁହିଲାମାଲ, ବେନିଆଁପାଲି, ବୁଢ଼ାପାଲି, ବୈରଖପାଲି ପଞ୍ଚାୟତରେ ମଧ୍ୟ ଫ୍ଲାଗମାର୍ଚ୍ଚ ହୋଇଥିଲା। ପଞ୍ଚାୟତ ଭୋଟକୁ ଦୃଷ୍ଟିରେ ରଖି ଗତ ମାସ ୧୧ତାରିଖରୁ ଏପର୍ଯ୍ୟନ୍ତ ୧୪୨ଟି ଅବକାରୀ ମାମଲା ରୁଜୁ ହୋଇଛି। ୧୪୨ଜଣଙ୍କ ବିରୋଧରେ ପୋଲିସ ସିଆରପିସି ଧାରା–୪୧ରେ ନୋଟିସ ଜାରି କରିବା ସହିତ ୬୮୨ ଲିଟର ପାଉଚ ମଦ, ୨୭୬ ଲିଟର ଦେଶୀମଦ ଏବଂ ୬୮ ଲିଟର ବିଦେଶୀ ମଦ ଜବତ ହୋଇଛି। ଏହାସହିତ ନିର୍ବାଚନ ସମୟରେ ଗଣ୍ଡଗୋଳ କରିବା ଆଶଙ୍କାରେ ଜିଲାର ୪୦୩୧ଜଣଙ୍କୁ ସିଆରପିସି ଧାରା ୧୦୭ ଏବଂ ୮୦ଜଣଙ୍କୁ ସିଆରପିସି ଧାରା ୧୧୦ରେ ବ୍ୟକ୍ତିଗତ ମୁଚାଲିକା ପାଇଁ ନୋଟିସ ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।

## ୟୁନିକନ ଇଲେଭେନ ଓ ଲୁସି ପାୱାର ହିଟର ଦଳ ବିଜୟୀ

ବାଉଁଶୁଣୀ,୩।୨(ଡି.ଏନ.ଏ.)

ବୌଦ୍ଧ ଜିଲା ବାଉଁଶୁଣୀ ହାଇସ୍କୁଲ ଖେଳପଡିଆ ଠାରେ ଆୟୋଜିତ ବାଉଁଶୁଣୀ କ୍ରିକେଟ ଲିଗ୍‌ର ସପ୍ତମ ଦିନ ଖେଳ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମାଜିକ କର୍ମୀ ଉମାଶଙ୍କର ପାଢୀ ମୁଖ୍ୟଅତିଥି ଓ ପ୍ରଶାନ୍ତ ମେହେର, ହେମକାନ୍ତ ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସପ୍ତମ ଦିନର ପ୍ରଥମ ମ୍ୟାଚ ୟୁନିକନ ଇଲେଭେନ ଓ ବ୍ଲାଷ୍ଟର ଇଲେଭେନ ମଧ୍ୟରେ ହୋଇଥିଲା। ପ୍ରଥମେ ବ୍ଲାଷ୍ଟର ଇଲେଭେନ ଦଳ ବ୍ୟାଟିଂ କରି ୧୦ ଓଭରରେ ୯ ଉଇକେଟ ହରାଇ ୮୨ରନ କରିଥିଲେ । ଜବାବରେ ୟୁନିକନ ଇଲେଭେନ ଦଳ ୮ ଓଭରରେ ୪ ଉଇକେଟ ହରାଇ ୮୩ ରନ କରି ବିଜୟୀ ହୋଇଥିଲେ । ଦ୍ୱିତୀୟ ମ୍ୟାଚ ୟଙ୍ଗଷ୍ଟାର ଇଲେଭେନ ଓ ଲୁସି ପାୱାର ହିଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ୟଙ୍ଗଷ୍ଟାର ଇଲେଭେନ ଦଳ ବ୍ୟାଟିଂ କରି ୧୦ ଓଭରରେ ୭ ଉଇକେଟ ହରାଇ ୭୪ ରନ କରିଥିଲେ। ଜବାବରେ ଲୁସି ପାୱାର ହିଟର ୮ ଓଭରରେ ୪ ଉଇକେଟ ହରାଇ ୭୫ ରନ କରି ବିଜୟୀ ହୋଇଥିଲେ। ଗିରିଶ ମେହେର, ସୁବ୍ରତ ସାହୁ, ଅବିନାଶ ମିଶ୍ର, ଖେଳ ପରିଚାଳନା କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ସୋନୁ ମହାରଣା ଓ ରୋହିତ ମେହେରଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଇଥିଲା।

## ଚଢ଼ାଉ ସତ୍ତ୍ୱେ ବାହାର ଜିଲାରୁ ଆସୁଛି ଧାନ



ଜବତ ହୋଇଥିବା ଧାନ ବୋଝେଇ ଟ୍ରକ।

### ପୁଣି ଏକ ଧାନ ବୋଝେଇ ଟ୍ରକ୍ ଜବତ

ସୋନପୁର,୩।୨(ନି.ପ୍ର.)

ବ୍ୟବସାୟୀଙ୍କ ଜରିଆରେ ବାହାରୁ ଧାନ ସୁବର୍ଣ୍ଣପୁର ଜିଲାକୁ ଆସୁଛି। ଅଣ୍ଡରରେଟ୍‌ରେ କିଣା ଯାଇଥିବା ଏହି ଧାନ ବିଭିନ୍ନ ମଣ୍ଡି ଜରିଆରେ ସରକାରୀ ଦରରେ ବିକ୍ରି ହେଉଛି। ମାତ୍ର ପଞ୍ଜିକୃତ ହୋଇଥିବା ଜିଲାର ଚାଷୀ ଧାନି ବିକ୍ରି କରିବାରେ ସମସ୍ୟା ଭୋଗୁଛନ୍ତି। ଧାନ କଳାବଜାରୀ ଓ ବେଆଇନ ଚାଲାଣକୁ ରୋକିବା ପାଇଁ ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ଚଢାଉ ଜୋରଦାର କରିଛି। ବର୍ତ୍ତମାନ ସୁଦ୍ଧା ୧୫ଟି ଧାନ ବୋଝେଇ ଟ୍ରକ୍, ଟ୍ରାକ୍ଟର ଜବତ ହୋଇ ସାରିଲାଣି। କିନ୍ତୁ ଅସାଧୁ ଧାନ ବ୍ୟବସାୟୀଙ୍କ ଉପରେ ଏହାର ପ୍ରଭାବ ପଡୁନି। ବୁଧବାର ରାତିରେ ସହକାରୀ ଯୋଗାଣ ଅଧିକାରୀ ତ୍ରିନାଥ ଭୋଇ ସୋନପୁର ବ୍ଲକ କଳାପଥର ଗାଁ ନିକଟରେ ଓଡି୭ଏଚ–୨୯୭୧ ନମ୍ବର ବିଶିଷ୍ଟ ଧାନ ବୋଝେଇ ଟ୍ରକ୍‌କୁ ଅଟକାଇ ତନଖି କରିଥିଲେ। ଏହି ଟ୍ରକ୍‌ରେ ନୟାଗଡ ଜିଲାରୁ ୨୭୨.୧୭ କୁଇଣ୍ଟାଲ ଧାନ କୌଣସି ଏକ ସ୍ଥାନକୁ ବିକ୍ରି ଉଦ୍ଦେଶ୍ୟରେ ଚାଲାଣ ହେଉଥିଲା। ଚଢାଉ ସମୟରେ ଟ୍ରକ୍‌ର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସୋନପୁର ତହସିଲଦାର ନବୀନ କିଶୋର ପାଢୀଙ୍କ ଉପସ୍ଥିତିରେ ସୋନପୁର ଯୋଗାଣ ନିରୀକ୍ଷକ ଦେବାଶିଷ ତ୍ରିପାଠୀ ଏହି ଧାନ ବୋଝେଇ ଟ୍ରକକୁ ଜବତ କରିଛନ୍ତି। ଜବତ ଧାନ ଓ ଟ୍ରକ୍‌କୁ କ୍ରିଷ୍ଣା ରାଇସ ମିଲରେ ଜିମା ଦିଆଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଧାରା ୭ ଅନୁଯାୟୀ ଯୋଗାଣ ବିଭାଗ ମାମଲା ରୁଜୁ କରିଥିବା ଭାରପ୍ରାପ୍ତ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## କୃଷକ ସଙ୍ଗଠନର ପଞ୍ଚାୟତ କମିଟି ଗଠନ

ପଦ୍ମପୁର, ୩।୨(ଡି.ଏନ.ଏ.)

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଚାଣ୍ଟିପାଲି ପଞ୍ଚାୟତ ଚାଷୀଙ୍କୁ ନେଇ ବୁଧବାର ରାଜ ବୋଡାସମ୍ବର କୃଷକ ସଙ୍ଗଠନର ବ୍ଲକ ସଭାପତି ଅରବିନ୍ଦ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ବସିଥିଲା। ଏହି ସଭାରେ ରାଜ ବୋଡାସମ୍ବର କୃଷକ ସଙ୍ଗଠନର ପଞ୍ଚାୟତସ୍ତରୀୟ କମିଟି ଗଠନ କରାଯାଇଥିଲା। ସବୁ ପରିସ୍ଥିତିରେ ଛିଡା ହୋଇ ଚାଷୀମାନଙ୍କ ହକ୍ ଲାଗି ଲଢେଇରେ ସମସ୍ତେ ମିଶି ଲଢ଼ିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ସମସ୍ତଙ୍କ ମତାମତ ନେଇ ଏକ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ଦୁଷ୍ମନ୍ତ ସାହୁ ସଭାପତି, ସୁରେଶ ସାହୁ ଉପ ସଭାପତି, ବେଣୁଧର ସାବତ ସମ୍ପାଦକ, ଧନଦେ ଦଣ୍ଡସନା ସହସମ୍ପାଦକ, ମିତ୍ରଭାନୁ ସାହୁ କୋଷାଧ୍ୟକ୍ଷ ଏବଂ ଏକ ୨୧ଜଣିଆ କମିଟି ଗଠନ କରାଯାଇ ସଂଗଠନ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ଚାଷୀମାନଙ୍କ ପାଇଁ ରାଜ ବୋଡାସମ୍ବର କୃଷକ ସଙ୍ଗଠନ, ଗାଇସିଲେଟ ବ୍ଲକରେ ଏକଜୁଟ ହୋଇ କାମ କରିବା ପାଇଁ ଆଲୋଚନା କରାଯାଇଥିଲା। ଏହି ବୈଠକରେ ରାଜ ବୋଡାସମ୍ବର କୃଷକ ସଙ୍ଗଠନ ଗାଇସିଲେଟ ବ୍ଲକ ସଭାପତି ଅରବିନ୍ଦ ଚନ୍ଦ୍ର ପଣ୍ଡା, ଉପସଭାପତି ସରୋଜ ସାହୁ, ଉପଦେଷ୍ଟା କମିଟି ସଦସ୍ୟ ଛବିଳ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରିକେଟ: ବାଜେନମୁଣ୍ଡା ଚାମ୍ପିୟନ

ପଦ୍ମପୁର, ୩।୨(ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ କେଉଁଟେନବାହାଲିରେ ଚାଲିଥିବା ୭ମ କୁଦାବୁଢ଼ା କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ବୁଧବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ବାଜେନମୁଣ୍ଡା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ଓଭରରେ ୫ଉଇକେଟ ହରାଇ ୧୦୧ରନ ସଂଗ୍ରହ କରିଥିଲା। ଜବାବରେ ଗଡ଼ଭାଟି ଦଳ ୮ଓଭରରେ ୭ଉଇକେଟ ହରାଇ ୮୦ରନ୍ କରି ପରାଜିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଏବଂ କୁମରମଣି ନାଏକ, ଚୈତନ୍ୟ ମହାଲିଙ୍ଗ, ବଳରାମ ବରିହା, ଆନନ୍ଦ ବେହେରା, ଜନକ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ନଗଦ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରିଥିଲେ।

## ପଞ୍ଚାୟତସ୍ତରୀୟ କ୍ରିକେଟ: ଚମ୍ପାମାଲ ଚାମ୍ପିୟନ

ଅମରପାଲି,୩।୨(ଡି.ଏନ.ଏ.)



ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତ ବୁଠିପଦରରେ ଚାଲିଥିବା ପଞ୍ଚାୟତସ୍ତରୀୟ ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ କମିରାକୁ ହରାଇ ଚମ୍ପାମାଲ ଚାମ୍ପିୟନ ହୋଇଛି। ଗୁରୁବାର ଅନୁଷ୍ଠିତ ଫାଇନାଲ ମ୍ୟାଚ ତିନୋଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ କମିରା ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ଓଭରରେ ସମସ୍ତ ଉଇକେଟ ହରାଇ ୧୦୮ରନ କରିଥିଲା। ଜବାବରେ ଚମ୍ପାମାଳ ଦଳ ୧୦.୪ ଓଭରରେ ୧୦୯ ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ କମିରା ନିର୍ଦ୍ଧାରିତ ୬ ଓଭରରେ ୫୧ରନ କରିଥିଲା। ଜବାବରେ ଚମ୍ପାମାଳ ନିର୍ଦ୍ଧାରିତ ଓଭରରେ ୪୭ ରନ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏ ମ୍ୟାଚ ଜିଣିବାରୁ ସୁପର ଓଭର ଖେଳା ଯାଇଥିଲା। ଏଥିରେ ଚମ୍ପାମାଳ ୧୨ରନ କରିଥିବା ବେଳେ କମିରା ୮ରନ କରିଥିଲା। ଫଳରେ ଚମ୍ପାମାଳ ୨–୧ରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଚମ୍ପାମାଳର ଅରବିନ୍ଦ ପାଢୀ ମ୍ୟାନ ଅଫ ଦି ମ୍ୟାଚ ଓ ଶ୍ରେଷ୍ଠ ବୋଲର, ବିବେକା ପଣ୍ଡା ଶ୍ରେଷ୍ଠ ବ୍ୟାଟସମ୍ୟାନ, କମିରାର କାଳିଆଙ୍କୁ ମ୍ୟାନ ଅଫ ଦି ସିରିଜଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଚମ୍ପାମାଳ ଦଳକୁ ନଗଦ ୧୨ହଜାର ଓ ରନର୍ସ ଅପ୍ କମିରାକୁ ୮ହଜାର ଟଙ୍କା ସହିତ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା।